

ଭୋଟର ଅଧିକାର ଯାତ୍ରାରେ ରାହୁଲ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ସ୍କୁଲ ଖୋଲିବେ ମହାକୁମ୍ଭ ଭାଇରାଲ ଗାର୍ଲ |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 | Published Simultaneously from Bhubaneswar, Angul & Berhampur. | www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୪୦ | Vol. 22 No-140 | 20 AUGUST 2025 WEDNESDAY, BHUBANESWAR | ବୁଧବାର, ୨୦ ଅଗଷ୍ଟ ୨୦୨୫ | ପୃଷ୍ଠା-୮ | ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ପ୍ରକାଶ ପାଇଲା ନିଟ୍-ପିଜି ରେଜଲ୍ଟ

ନୂଆଦିଲ୍ଲୀ,୧୯।୮: ମଙ୍ଗଳବାର ପ୍ରକାଶ ପାଇଛି ନିଟ୍-ପିଜି ରେଜଲ୍ଟ। ଏନବିଇଏମ୍ଏସ୍ ପକ୍ଷରୁ ଏହି ରେଜଲ୍ଟ ପ୍ରକାଶିତ ହୋଇଛି। ଗତ ୩ ତାରିଖରେ ସାରା ଦେଶରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା।

### ବଜ୍ରାଘାତରେ ୨ ମୃତ

କୋଲାବିରା,୧୯।୮(ଭାସ୍କର ନ୍ୟୁଜ): ମଙ୍ଗଳବାର କୋଲାବିରା ବ୍ଲକ କାଲିବାହାଲ ଗାଁରେ ବଜ୍ରାଘାତରେ ୨ଜଣଙ୍କର ମୃତ୍ୟୁ ଘଟିଛି। ପ୍ରବଳ ବର୍ଷା ଯୋଗୁ ଗଛତଳେ ଆଶ୍ରୟ ନେଇଥିବାବେଳେ ବଜ୍ରାଘାତ ହୋଇଥିଲା।

### ୧୧ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ

ଜଳେଶ୍ୱର,୧୯।୮(ଭାସ୍କର ନ୍ୟୁଜ): ଜଳେଶ୍ୱର ରେଳଷ୍ଟେସନ ନିକଟରେ ବ୍ରାଉନସୁଗର ବିକ୍ରିପାଇଁ ଡିଲ୍ କରୁଥିବାବେଳେ ଜଣେ ଯୁବକଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ତାଙ୍କ ନିକଟରୁ ୧୧୨ ଗ୍ରାମ ଅର୍ଥାତ୍ ୧୧ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରାଯାଇଛି।

### ବୃଦ୍ଧଙ୍କୁ ଟାଣିନେଲା କୁମ୍ଭୀର

ଆଳି,୧୯।୮(ଭାସ୍କର ନ୍ୟୁଜ): ମଙ୍ଗଳବାର ଆଳି ମାଳତୀପାଟଣା ଗାଁ ନିକଟ ବ୍ରାହ୍ମଣୀନଦୀ ପାଖରେ ଗାଇ ଚରାଉଥିବାବେଳେ ଜଣେ ବୃଦ୍ଧଙ୍କୁ କୁମ୍ଭୀର ଟାଣି ନେଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି।


### ସମବାୟ ବ୍ୟାଙ୍କ ମ୍ୟାନେଜର ଗିରଫ

ସୋହେଲା,୧୯।୮(ଭାସ୍କର ନ୍ୟୁଜ): ଯୌନ ନିର୍ଯାତନା ଅଭିଯୋଗରେ ସୋହେଲା ସମବାୟ ବ୍ୟାଙ୍କ ମ୍ୟାନେଜର ପ୍ରଭଞ୍ଜନ ମାଝୀଙ୍କୁ ପୋଲିସ ଗିରଫ କରିଛି। ଗିରଫ ପରେ ତାଙ୍କୁ ଚାକିରିରୁ ନିଲମ୍ବିତ କରାଯାଇଛି।

ସେନ୍ସେକ୍ସ: ୮୧,୬୪୪.୩୯
ସର୍ବାଧିକ: ୩୦.୨ ଡିଗ୍ରୀ
ସର୍ବନିମ୍ନ: ୨୭.୪ ଡିଗ୍ରୀ

**୧୯।୮।୨୦୨୫ ର ମତାମତ**

ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଏନଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବା ଉଚିତ୍ କି?




**ଆଜିର ପ୍ରସଙ୍ଗ**

ରାଜ୍ୟରୁ ବାଂଲାଦେଶୀ ଚିହ୍ନଟ କରି ସେମାନଙ୍କୁ ଦେଶାନ୍ତର କରିବା ଠିକ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅଚ୍ଛିତ ଅନିର୍ବାଣ



ନବୀନବାବୁଙ୍କ ଦିହ ଖରାପକୁ
ନ ଛାଡ଼ଇ ରାଜନୀତି,
ଯିଏ ଯାହା ପାରେ କହୁଛି, ଲେଖୁଛି
ବଡ଼ ଆଚମ୍ବିତ ସ୍ଥିତି !
ଛାଡ଼ି ଲାଭ ଛାଡ଼ି କ୍ଷତି,
ଚାଟୁକାର ସବୁ ଦେଖାଉ ଅଛନ୍ତି
କାହା ସହ କାହା ପ୍ରୀତି !!

## ଭୁବନେଶ୍ୱର ବାଇପାସ୍‌କୁ କେନ୍ଦ୍ର କ୍ୟାବିନେଟ୍‌ର ମୋହର

# ନିର୍ମାଣ ହେବ ୬ ଲେନ୍ ରିଂ ରୋଡ୍

- ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ଯୋଜନାର ଅଂଶ
- ମୋଟ ବ୍ୟୟ ଅଟକଳ ୮୩୦୮ କୋଟି
- ନିର୍ମାଣ ହେବ ୧୧୦.୮୭୫ କିମି ରିଂ ରୋଡ୍
- ଭାରିଯାନ, ଟ୍ରାଫିକ୍ ବ୍ୟବସ୍ଥାରେ ଆସିବ ସୁଧାର
- ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଓଡ଼ିଶା ସରକାର



ନୂଆଦିଲ୍ଲୀ/ଭୁବନେଶ୍ୱର,୧୯।୮ (ବ୍ୟୁରୋ): ଭୁବନେଶ୍ୱର-କଟକରେ ହେବ ୬ ଲେନ୍ ବିଶିଷ୍ଟ ରିଂ ରୋଡ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ୍ କମିଟି ଓଡ଼ିଶାରେ ଏକ ୬ ଲେନ୍ ପ୍ରବେଶ ନିୟନ୍ତ୍ରିତ ଭୁବନେଶ୍ୱର ରିଂ ରୋଡ ନିର୍ମାଣକୁ ଅନୁମୋଦନ ପ୍ରଦାନ କରିଛି। ଏହି ପ୍ରକଳ୍ପକୁ ହାଇବ୍ରିଡ୍ ଆନ୍ୟୁଇଟି ଟେଣ୍ଡର ବ୍ୟବହାର କରି ୮୩୦୭.୭୪ କୋଟି ଟଙ୍କାର ମୋଟ ପୁଞ୍ଜି ବ୍ୟୟରେ ବିକଶିତ କରାଯିବ। ମୋଟ ୮୩୦୮ କୋଟି ଟଙ୍କାର ପୁଞ୍ଜି ବ୍ୟୟରେ ଏହାକୁ ବିକଶିତ କରାଯିବ। ୧୧୦.୮୭୫ କିମି ବିଶିଷ୍ଟ ଏହି ରିଂ ରୋଡ ନିର୍ମାଣ କରାଯିବ। ଏହି ପ୍ରସ୍ତାବକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି ଦେଇଥିବାବେଳେ ଏ ନେଇ ସୂଚନା ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ପ୍ରକଳ୍ପର ସଂରଚନା ତିନୋଟି ପ୍ରମୁଖ ଜାତୀୟ ରାଜପଥ ଏନ୍ଏଚ୍-୫୫, ଏନଏଚ୍-୫୭ ଏବଂ ଏନଏଚ-୬୫୫ ଏବଂ ଗୋଟିଏ ରାଜ୍ୟ ରାଜପଥ ଏସ୍ଏଚ୍-୬୫ ସହିତ ଏହାକୁ ସଂଯୋଗ କରାଯିବ, ଯାହା ସମଗ୍ର ଓଡ଼ିଶାରେ ପ୍ରମୁଖ ଅର୍ଥନୈତିକ, ସାମାଜିକ ଏବଂ ଲଜିଷ୍ଟିକ ହବ୍ ସହିତ ନିର୍ବିଘ୍ନ ସଂଯୋଗୀକରଣକୁ ସୁନିଶ୍ଚିତ କରିବ। ଏହା ସହିତ ଉନ୍ନତ କରିଡର, ୧୦ଟି ଅର୍ଥନୈତିକ ନୋଡ୍, ୪ଟି ସାମାଜିକ ନୋଡ୍ ଏବଂ ୫ଟି ଲଜିଷ୍ଟିକ୍ ନୋଡ ସହିତ ସଂଯୋଗ କରି ମଲ୍ଟିନୋଡାଲ ସମନ୍ୱୟକୁ ଉନ୍ନତ କରିବ। ଏହା ଗୋଟିଏ ପ୍ରମୁଖ ରେଳ ଷ୍ଟେସନ, ଗୋଟିଏ ବିମାନବନ୍ଦର, ଗୋଟିଏ ପ୍ରସ୍ତାବିତ ମଲ୍ଟି ମୋଡାଲ ଲଜିଷ୍ଟିକ୍ସ ପାର୍କ ଏବଂ ଦୁଇଟି ପ୍ରମୁଖ ବନ୍ଦର ସହିତ ମଧ୍ୟ ସଂଯୋଗ ରହିବ। ଯାହାଦ୍ୱାରା ସମଗ୍ର ଅଞ୍ଚଳରେ ସାମଗ୍ରୀ ଏବଂ ଯାତ୍ରୀମାନଙ୍କର ଦ୍ରୁତଗତିରେ ପରିବହନ ସୁବିଧା ହୋଇପାରିବ। ଏହି ପ୍ରକଳ୍ପ ସଂପୂର୍ଣ୍ଣ ହେବାପରେ ବାଇପାସ ପ୍ରମୁଖ ଧାର୍ମିକ ଏବଂ ଆର୍ଥିକ କେନ୍ଦ୍ରଗୁଡ଼ିକ ମଧ୍ୟରେ ସଂଯୋଗକୁ ଆହୁରି ସୁଦୃଢ କରି ଆଞ୍ଚଳିକ, ଅର୍ଥନୈତିକ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ମଧ୍ୟ ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଯାହା ବାଣିଜ୍ୟ ଏବଂ ଶିଳ୍ପର ବିକାଶ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ। ତେବେ ପୂର୍ବରୁ ଥିବା ଜାତୀୟ ରାଜପଥରେ ରାମେଶ୍ୱରରୁ ଟାଙ୍ଗୀ ପର୍ଯ୍ୟନ୍ତ ରାସ୍ତାରେ ଅଧିକ ଯାତାୟତ ଯୋଗୁ ଯଥେଷ୍ଟ ଭିଡ ହେଉଛି। ବିଶେଷକରି ଏହା ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକର ଉଚ୍ଚ ସହରାଞ୍ଚଳ ଦେଇ ଗତି କରୁଥିବାରୁ ଏହି ସମସ୍ୟାଗୁଡ଼ିକୁ ଦୂର କରିବା ପାଇଁ ଏବେ ଏହି ପ୍ରକଳ୍ପକୁ ୬ ଲେନ୍ ବିଶିଷ୍ଟ ପ୍ରବେଶ-ନିୟନ୍ତ୍ରିତ ଗ୍ରୀନ୍‌ଫିଲ୍ଡ ହାଇୱେ ଭାବେ ଯୋଜନା କରାଯାଇଛି। କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧାରୁ ଭାରି ବାଣିଜ୍ୟିକ ଯାତାୟତକୁ ଦୂରେଇ ଦେଇ ଏହା ଓଡ଼ିଶା ଏବଂ ଅନ୍ୟ ପୂର୍ବ ରାଜ୍ୟଗୁଡ଼ିକୁ ଯଥେଷ୍ଟ ଲାଭ ଦେବ ବୋଲି ଆଶା କରାଯାଉଛି। ଯାହା ମାଲପରିବହନ ଦକ୍ଷତା ବୃଦ୍ଧି କରିବ, ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ କରିବ ଏବଂ ଏହି ଅଞ୍ଚଳରେ ସାମାଜିକ ଓ ଆର୍ଥିକ ଅଭିବୃଦ୍ଧିକୁ ମଧ୍ୟ ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପକୁ ମଞ୍ଜୁରି ଦିଆଯାଇଥିବାରୁ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଜଷ୍ଟିସ ବି.ସୁଦର୍ଶନ ରେଡ୍ଡୀ


# ଇଣ୍ଡିମେଣ୍ଟ ଉପରାଷ୍ଟ୍ରପତି ପ୍ରାର୍ଥୀ




ନୂଆଦିଲ୍ଲୀ,୧୯।୮: ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ମଙ୍ଗଳବାର ଇଣ୍ଡିମେଣ୍ଟ ତା'ର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବି.ସୁଦର୍ଶନ ରେଡ୍ଡୀଙ୍କୁ ଇଣ୍ଡିମେଣ୍ଟ ଉପରାଷ୍ଟ୍ରପତି ପ୍ରାର୍ଥୀଭାବେ ମନୋନୀତ କରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ତାଙ୍କ ନାମ ଘୋଷଣା କରିଛନ୍ତି। ଗତ ରବିବାର ମହାରାଷ୍ଟ୍ର ରାଜ୍ୟପାଳ ସି.ପି.ରାଧାକ୍ରିଷ୍ଣନଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀଭାବେ ଘୋଷଣା କରିସାରିଛି ଏନଡିଏ। ତେବେ ଏଥର ଉପରାଷ୍ଟ୍ରପତି ନିର୍ବାଚନ ବେଶ୍ ରୋଚକ ହେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକ ମହଲରେ ଚର୍ଚ୍ଚା ଜୋର ଧରିଛି। ଜଷ୍ଟିସ ବି.ସୁଦର୍ଶନ ରେଡ୍ଡୀ ୧୯୪୬ ମସିହା ଜୁଲାଇ ୮ ତାରିଖରେ ଆନ୍ଧ୍ରର ରଙ୍ଗାରେଡ୍ଡି ଜିଲ୍ଲାର ଆକୁଲା ମାୟାଲାରାମ ଗାଁରେ ଜନ୍ମଗ୍ରହଣ କରିଥିଲେ। ୧୯୭୧ ମସିହାରେ ସେ ଓସମାନିଆ ବିଶ୍ୱବିଦ୍ୟାଳୟରୁ ଆଇନ ପାଠପଢ଼ା ସମାପ୍ତ କରିଥିଲେ। ୧୯୮୮ ମସିହା ଅଗଷ୍ଟ ୮ ତାରିଖରେ ଶ୍ରୀ ରେଡ୍ଡୀ ଆନ୍ଧ୍ରପ୍ରଦେଶ ହାଇକୋର୍ଟରେ ସରକାରୀ ଓକିଲ ଭାବେ ନିଯୁକ୍ତି ପାଇଥିଲେ। ପରେ ସେ କେନ୍ଦ୍ର ସରକାରଙ୍କ ପାଇଁ ଅତିରିକ୍ତ ସ୍ଥାୟୀ ପରିଷଦ ଭାବରେ କାର୍ଯ୍ୟ କରିଥିଲେ। ୧୯୯୧ ମସିହାରେ ଶ୍ରୀ ରେଡ୍ଡୀ ଆନ୍ଧ୍ର ହାଇକୋର୍ଟରେ ବିଚାରପତି ଭାବେ ନିଜର କ୍ୟାରିଅର ● ପୃଷ୍ଠା ୫ ଦେଖନ୍ତୁ

## କିଏ ହେବେ ବିଜେପିର ପରବର୍ତ୍ତୀ ରାଷ୍ଟ୍ରୀୟ ଅଧ୍ୟକ୍ଷ

# ଦୌଡ଼ରେ ୫ ରାଜନେତା



ମନୋଜ ସିହ୍ନା



ବିନୋଦ ସୋନକର

ନୂଆଦିଲ୍ଲୀ,୧୯।୮: ବିଜେପିର ପରବର୍ତ୍ତୀ ରାଷ୍ଟ୍ରୀୟ ଅଧ୍ୟକ୍ଷ କିଏ ହେବେ ତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। କିନ୍ତୁ ଭାରତୀୟ ଜନତାପାର୍ଟି ଏ ନେଇ ମୁହଁ ଖୋଲୁ ନଥିବାବେଳେ ଏହି ଦୌଡ଼ରେ ୫ ନେତା ଥିବା ସୂଚନା ମିଳିଛି। ଗତ ରବିବାର ବିଜେପି ଦକ୍ଷିଣ ଭାରତର ତାମିଲନାଡୁର ଜଣେ ବରିଷ୍ଠ ଓବିସି ନେତା ସି.ପି.ରାଧାକ୍ରିଷ୍ଣନଙ୍କୁ ଉପରାଷ୍ଟ୍ରପତି ପଦପାଇଁ ପ୍ରାର୍ଥୀ କରିଥିବାବେଳେ ତାଙ୍କୁ ଏନଡିଏର ସହଯୋଗୀ ଦଳମାନେ ସମର୍ଥନ କରିଛନ୍ତି। ତେବେ ବିଜେପି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଚୟନରେ ଆଞ୍ଚଳିକ ସନ୍ତୁଳନକୁ ଗୁରୁତ୍ୱ ଦିଆଯିବ। ବର୍ତ୍ତମାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଉତ୍ତର ଭାରତର। ତେଣୁ ଆଲୋଚନା ଚାଲିଛି ଯେ ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ମଧ୍ୟ ଉତ୍ତର ଭାରତରୁ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାକୁ ନେଇ କଳ୍ପନା ଜଳ୍ପନା ଲାଗି ରହିଥିବାବେଳେ ଶେଷ ମୁହୂର୍ତ୍ତରେ ଅପ୍ରତ୍ୟାଶିତ ନିଷ୍ପତ୍ତି ନିଆଯାଇପାରେ ବୋଲି ମଧ୍ୟ କୁହାଯାଉଛି। ରାଜନୈତିକ ସମୀକ୍ଷକମାନେ କହିଛନ୍ତି ଯେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୂର୍ବ ଭାରତରୁ ଆସିଛନ୍ତି। ଉପରାଷ୍ଟ୍ରପତି ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ଦକ୍ଷିଣ ଭାରତର ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମ ଭାରତରୁ ଆସିଛନ୍ତି। ମୋଦୀ ଜଣେ ଓବିସି ଓ ଉପରାଷ୍ଟ୍ରପତି ପ୍ରାର୍ଥୀ ଓବିସି ସମ୍ପ୍ରଦାୟରୁ ଆସିଥିବାରୁ ନୂତନ ରାଷ୍ଟ୍ରୀୟ ସଭାପତି ସାଧାରଣ ବର୍ଗ କିମ୍ବା ଦଳିତ ସମ୍ପ୍ରଦାୟରୁ ହୋଇପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ଜୋର ଧରିଛି। ନୂତନ ରାଷ୍ଟ୍ରୀୟ ଅଧ୍ୟକ୍ଷ ପଦବୀପାଇଁ ଯେଉଁ ନାମଗୁଡ଼ିକ ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛି, ସେମାନେ ହେଲେ ମନୋହରଲାଲ ଖଟ୍ଟର, ଭୂପେନ୍ଦ୍ର ଯାଦବ, ବିନୋଦ କୁମାର ସୋନକର, ମନୋଜ ସିହ୍ନା ଏବଂ କେଶବ ପ୍ରସାଦ ମୌର୍ଯ୍ୟ। ଏମାନେ ସମସ୍ତେ ଉତ୍ତର ଭାରତରୁ ଆସିଛନ୍ତି। କିନ୍ତୁ ● ପୃଷ୍ଠା ୫ ଦେଖନ୍ତୁ

## ପ୍ରବଳ ବର୍ଷାରେ ମୁମ୍ବାଇ ବେହାଲ

# ଭାସୁଛି ମାୟାନଗରୀ

**ଟ୍ରାକ୍‌ରେ ପାଣି, ରେଳ ଚଳାଚଳ ବ୍ୟାହତ**

**୪୦୦ ବିମାନ ଉଡାଣରେ ବିଳମ୍ବ**

**ଅତି ପ୍ରବଳ ବର୍ଷା ନେଇ ରେଡ ୱାର୍ଣ୍ଣିଂ**

ମୁମ୍ବାଇ,୧୯।୮: ପ୍ରବଳ ବର୍ଷାରେ ମାୟାନଗରୀ ମୁମ୍ବାଇ ବେହାଲ। ସୋମବାର ବିଳମ୍ବିତ ରାତିରୁ ଲାଗି ରହିଛି ପ୍ରବଳ ବର୍ଷା। ଯୁଆଡ଼େ ଦେଖିବ ଖାଲି ପାଣି ଆଉ ପାଣି। ରାସ୍ତାରେ ପାଣି, ଘରେ ପାଣି। ମୁମ୍ବାଇର ସବୁ ରାସ୍ତାଗୁଡ଼ିକ ପାଣିରେ ବୁଡ଼ି ରହିଛି। ବିଭିନ୍ନ ସ୍ଥାନରେ ଯାନବାହନ ଫସି ରହିଛି। ମୂଷଳ ଧାରାରେ ବର୍ଷା ମଧ୍ୟରେ ମୁମ୍ବାଇବାସୀଙ୍କ ଉପରେ ସଂକଟ ବଢିବାରେ ଲାଗିଛି। ଅନ୍ୟପଟେ ଭାରତୀୟ ପାଣିପାଗ ବିଭାଗ ପୁଣି ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଦେବା ସହ ରେଡ ୱାର୍ଣ୍ଣିଂ ଜାରି କରିଛି। ମଙ୍ଗଳବାର ପ୍ରବଳ ବର୍ଷା ଯୋଗୁ ସମସ୍ତ ସରକାରୀ କାର୍ଯ୍ୟାଳୟ ଓ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନକୁ ବନ୍ଦ ରଖାଯାଇଛି। ମୁମ୍ବାଇର ସମସ୍ତ ଘରୋଇ କମ୍ପାନୀଗୁଡ଼ିକୁ ଘରୁ କାମ କରିବାକୁ ପରାମର୍ଶ ଦିଆଯାଇଛି। ଅନାବଶ୍ୟକ ଯାତ୍ରା ଏଡାଇବାକୁ କୁହାଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ମୁମ୍ବାଇର ଦ୍ୱୀପ ସହର, ପୂର୍ବ ଏବଂ ପଶ୍ଚିମ ଉପନଗରରେ ଯଥାକ୍ରମେ ୧୮୬.୪୩ ମିଲିମିଟର, ୨୦୮.୭୮ ମିଲିମିଟର ଏବଂ ୨୩୮.୧୯ ● ପୃଷ୍ଠା ୫ ଦେଖନ୍ତୁ




### ଅଧା ବାଟରେ ଫସିଲା ମନୋରେଲ୍

ମୁମ୍ବାଇ,୧୯।୮: ମୁମ୍ବାଇରେ ଲାଗି ରହିଛି ପ୍ରବଳ ବର୍ଷା। ଇତିମଧ୍ୟରେ ପ୍ରବଳ ବର୍ଷା ଯୋଗୁ ମହୀଶୂର କଲୋନୀ ଷ୍ଟେସନ ନିକଟରେ ଫସିଲା ମନୋରେଲ୍। ବିଦ୍ୟୁତ ବିଭ୍ରାଟ ଯୋଗୁ ଏହା ଫସିଥିବା ସୂଚନା ମିଳିଛି। ଏଥିରେ ୧୦୦ରୁ ୧୨୦ ଯାତ୍ରୀ ରହିଛନ୍ତି। ଉଦ୍ଧାର କାର୍ଯ୍ୟରେ ଅଗ୍ନିଶମବାହିନୀ ନିୟୋଜିତ ରହିଛନ୍ତି। ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ଅବପାତ ଛତିଶଗଡ଼ ମୁହାଁ

# ୧୧ ଜିଲ୍ଲାରେ ପ୍ରବଳ ବର୍ଷିବ



ଭୁବନେଶ୍ୱର,୧୯।୮(ଭାସ୍କର ନ୍ୟୁଜ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ମଙ୍ଗଳବାର ମଧ୍ୟାହ୍ନରେ ଦକ୍ଷିଣ ଓଡ଼ିଶା- ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବା ପରେ ଏବେ ଛତିଶଗଡ଼ମୁହାଁ ହୋଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ଆସନ୍ତା ୨୨ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ସମ୍ଭାବନା ଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ବୁଧବାର ୧୧ ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେଣୁ ଏହିସବୁ ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର ଓ ମୟୂରଭଞ୍ଜରେ ● ପୃଷ୍ଠା ୫ ଦେଖନ୍ତୁ

## ବିଜେପିକୁ ଘାରିଛି ସଂଗଠନ ଓ ସରକାର ଚିନ୍ତା

# ଗୋଟିଏ ପଟେ ସମୀକ୍ଷା, ଅନ୍ୟପଟେ ସଂଗଠନ ସଜଡ଼ା






ଭୁବନେଶ୍ୱର,୧୯।୮(ଭାସ୍କର ନ୍ୟୁଜ): ବିଜେପି ସରକାରରେ ସଂଗଠନ ଓ ସରକାର ମଧ୍ୟରେ ସମନ୍ୱୟ ରକ୍ଷାପାଇଁ ଜୋରଦାର କସରତ ଆରମ୍ଭ ହୋଇଛି। ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ଘନଘଡ଼ ସମୀକ୍ଷା କରୁଥିବାବେଳେ ସଂଗଠନ ନେଇ ନିଷ୍ପତ୍ତି ନେବାକୁ ୩୦ ଦିନରେ ୩ଥର ଦିଲ୍ଲୀ ଯାତ୍ରା କରି ସାରିଲେଣି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ଗୋଟିଏପଟେ ମୁଖ୍ୟମନ୍ତ୍ରୀ ବିଭିନ୍ନ ବିଭାଗର ସମୀକ୍ଷା କରୁଥିବାବେଳେ ବିଜେପି ସଭାପତି ଶ୍ରୀ ସାମଲ ସଂଗଠନ ସଜାଡ଼ିବା କାମରେ ଲାଗିଛନ୍ତି। ବିଭାଗମାନେ କେତେ କାମ କରିଛନ୍ତି, ଆଉ କେତେ ବାକି ଅଛି ସେସବୁର ମୁଖ୍ୟମନ୍ତ୍ରୀ ସମୀକ୍ଷା କରୁଛନ୍ତି। ଗତ ୧୨ ତାରିଖରେ ଆଇନଶୃଙ୍ଖଳା ପରିସ୍ଥିତି, ୧୬ ତାରିଖରେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ୧୮ ତାରିଖରେ ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ଶେଷ କରିଛନ୍ତି ମୁଖ୍ୟମନ୍ତ୍ରୀ। ସମୀକ୍ଷା ବୈଠକରେ ଶାସନତନ୍ତ୍ରକୁ ଆହୁରି କ୍ରିୟାଶୀଳ କରିବା ସହ କାଲି ପଡ଼ିଥିବା ପଦବୀ ପୂରଣ ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଛନ୍ତି। ଅନ୍ୟପଟେ ସଂଗଠନର ପୁନର୍ବିନ୍ୟାସ ପାଇଁ ସଭାପତି ମନମୋହନ ସାମଲ ଘନଘନ ଦିଲ୍ଲୀ ଗସ୍ତ କରୁଛନ୍ତି। ଜୁଲାଇ ୨୨ରୁ ଅଗଷ୍ଟ ୧୯ ମଧ୍ୟରେ ସେ ୩ଥର ଦିଲ୍ଲୀ ଯାତ୍ରା କରିଛନ୍ତି। ସୋମବାର ଦିଲ୍ଲୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟି ଶ୍ରୀ ସାମଲ ରାଜ୍ୟ ସଂଗଠନ ନେଇ ଆଲୋଚନା କରିଥିବା ସୂଚନା ମିଳିଛି। ଦିଲ୍ଲୀରୁ ଫେରିବା ପରେ କୋର୍ କମିଟି ବୈଠକ ବସି ସଂଗଠନ ଓ ବୋର୍ଡ ନିଗମ ତାଲିକା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରେ ବୋଲି କୁହାଯାଉଛି। ଆଇନଶୃଙ୍ଖଳା ଠାରୁ ଆରମ୍ଭ କରି ବିଭିନ୍ନ ପ୍ରସଙ୍ଗରେ ସରକାର ବ୍ୟାକ୍‌ଫୁଟ୍‌ରେ ଅଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ବିଭାଗୱାରୀ ସମୀକ୍ଷା କରି ନିଷ୍ପତ୍ତି ନେଉଥିବାବେଳେ ମନମୋହନ ସଂଗଠନ ସମନ୍ୱୟକୁ ଟ୍ରାକ୍‌କୁ ଆଣୁଥିବା କୁହାଯାଉଛି।

## ଟଳିଗଲା ବଡ଼ ଅଘଟଣ

# ଭୁଶୁଡ଼ିଲା ମଞ୍ଚ, ଅଳ୍ପକେ ବର୍ତ୍ତିଲେ ରାଜ୍ୟପାଳ



ଭଦ୍ରକ,୧୯।୮(ଭାସ୍କର ନ୍ୟୁଜ): ରାଜ୍ୟପାଳଙ୍କ ସଭାରେ ଅଘଟଣ। ମଞ୍ଚରୁ ଓହ୍ଲାଇଲେ ରାଜ୍ୟପାଳ, ଭୁଶୁଡ଼ି ପଡ଼ିଲା ମଞ୍ଚ। ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ ପାଟି ମଞ୍ଚରୁ ଓହ୍ଲାଇବାର କିଛି ସମୟ ପରେ ମଞ୍ଚର ପଛପଟ ହଠାତ୍ ଭୁଶୁଡ଼ି ପଡ଼ିଥିଲା। ପ୍ରବଳ ବର୍ଷାପାଇଁ ମଞ୍ଚଟି ଭୁଶୁଡ଼ିଥିବା କୁହାଯାଉଛି। ସୂଚନାଯୋଗ୍ୟ ଯେ ରାଜ୍ୟପାଳ ଡକ୍ଟର କମ୍ଭମ ପାଟି ଭଦ୍ରକ ଜିଲ୍ଲାକୁ ଦୁଇଦିନିଆ ଗସ୍ତରେ ଆସିଛନ୍ତି। ମଙ୍ଗଳବାର ସେ କାଦବରାଙ୍ଗଠାରେ ମହିଳା ଉତ୍ପାଦକ ଗୋଷ୍ଠୀ ଓ ଇଣ୍ଡଷ୍ଟ୍ରିଆଲ ପାର୍କ ପରିଦର୍ଶନ କରିଥିଲେ। ପରେ ଆୟୋଜିତ ସଭାରେ ଯୋଗ ଦେଇଥିଲେ। ଏହି ସଭାରେ ରାଜ୍ୟପାଳଙ୍କ ସହ ଭଦ୍ରକ ଜିଲ୍ଲାପାଳ, ଭଦ୍ରକ ବିଧାୟକ, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ପୂର୍ବାଞ୍ଚଳ ଡିଆଇଜି ମଧ୍ୟ ଉପସ୍ଥିତ ଥିଲେ। ସଭା ଚାଲିଥିବାବେଳେ ପ୍ରବଳ ବର୍ଷା ଲାଗି ରହିଥିଲା। ତେବେ କିଛି ସମୟ ପରେ ରାଜ୍ୟପାଳ ଓ ଅତିଥିମାନେ ମଞ୍ଚରୁ ଓହ୍ଲାଇ ମହିଳା ମହାସଂଘର କାର୍ଯ୍ୟାଳୟରେ ବସି ବିଭିନ୍ନ ବିଷୟରେ ଆଲୋଚନା କରୁଥିଲେ। ମଞ୍ଚରୁ ଓହ୍ଲାଇବାର କିଛି ମିନିଟ୍ ମଧ୍ୟରେ ମଞ୍ଚର ପଛପାଖ ବିକଟାଳ ଶବ୍ଦ କରି ଭାଙ୍ଗି ଯାଇଥିଲା। ତେବେ ରାଜ୍ୟପାଳ ମଞ୍ଚରୁ ଓହ୍ଲାଇ ଆସିଥିବାରୁ ବଡ଼ ଅଘଟଣ ଟଳି ଯାଇଥିବା କୁହାଯାଉଛି। ଏହା ଭଦ୍ରକ ସହରରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର






ସାରସକଣା (ଭାସ୍କର ନ୍ୟୁଜ): ଏହି ବ୍ଲକ ଅନ୍ତର୍ଗତ ଈଶ୍ୱର ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟ, ଖେର୍ଷା ଠାରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧିନ ରାଷ୍ଟ୍ରୀୟ ବିଜ୍ଞାନ ସଂଗ୍ରହାଳୟ ପରିଷଦ ଆନୁକୂଲ୍ୟରେ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ତରଫରୁ ଖାଦ୍ୟ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ଭ୍ରାମ୍ୟମାଣ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଅଠର ତାରିଖ ଠାରୁ କୋଡିଏ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ତ୍ରିଦିବସୀୟ ଭ୍ରାମ୍ୟମାଣ ପ୍ରଦର୍ଶନୀକୁ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଜଗନ୍ନାଥ ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଶିକ୍ଷୟିତ୍ରୀ ନୀଳିମା ସାହୁ ଓ ଶିକ୍ଷକ ନନ୍ଦ କିଶୋର ପ୍ରଧାନଙ୍କ ନେତୃତ୍ୱରେ ସଭାକାର୍ଯ୍ୟ ହୋଇ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ତରଫରୁ ଆସିଥିବା ମନ୍ମଥ ଜେନା, ବିକାଶ କୁମାର ମୁଦୁଲି ଓ ବିନ୍ଦୁସାଗର ଲେଙ୍କାଙ୍କୁ ସ୍ୱାଗତ କରାଯାଇଥିଲା । ବିଦ୍ୟାଳୟର କୋଡିଏ ଜଣ ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ ପରିଦର୍ଶନରେ ଆସିଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରଦର୍ଶନୀ ସମ୍ପର୍କରେ ସୁନ୍ଦର ଭାବେ ବୁଝାଇଥିଲେ । ଏହି ପ୍ରଦର୍ଶନୀ ଆଉ ଦୁଇଦିନ ଚାଲିବାକୁ ଥିବାରୁ ନିକଟସ୍ଥ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରଦର୍ଶନୀକୁ ଆସି ବିଭିନ୍ନ ପ୍ରକଳ୍ପ ବୁଲି ପାରିବେ ବୋଲି ପ୍ରଧାନଶିକ୍ଷକ ମତ ପ୍ରକାଶ କରିଛନ୍ତି । କାର୍ଯ୍ୟକ୍ରମରେ ବିଜ୍ଞାନ ଭିତ୍ତିକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି । ଜିଲ୍ଲା ଶିକ୍ଷା ଅଧିକାରୀ ବିଦ୍ୟାଳୟକୁ ଏହି ଉପାଦେୟ କାର୍ଯ୍ୟକ୍ରମ ପାଇଁ ମନୋନୀତ କରିଥିବାରୁ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ କୃତଜ୍ଞତା ପ୍ରକାଶ କରିଛନ୍ତି ।

## ଜିଲ୍ଲାସ୍ତରୀୟ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ

କେନ୍ଦ୍ରାପଡ଼ା (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ବାରୁଅସ୍ଥିତ ଜିଲ୍ଲା ତଥା ରାଜ୍ୟର ଅନ୍ୟତମ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଆନୁକୂଲ୍ୟରେ ଏବଂ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଚିର ସବୁଜ ଅକ୍ଷୟ ମହାନ୍ତି କକ୍ଷରେ ଜିଲ୍ଲାସ୍ତରୀୟ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତ ନିର୍ଦ୍ଦେଶକ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ ମହୋତ୍ସବରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ ମୁଖ୍ୟ ଅତିଥି, ସଙ୍ଗୀତ ଗୁରୁ ପ୍ରମୋଦ କୁମାର ଦାସ ମୁଖ୍ୟ ବକ୍ତା, ଆତ୍ମାର ଉପ ପ୍ରକଳ୍ପ ନିର୍ଦ୍ଦେଶକ ନିରଞ୍ଜନ ରାଉତ , ଓଡ଼ିଶୀ ନୃତ୍ୟ ଗୁରୁ ପ୍ରକାନ୍ତ କୁମାର ମହାରଣା, ବରିଷ୍ଠ ସହାୟକ ପ୍ରୀତି ରଞ୍ଜନ ପ୍ରଧାନ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ସାଂପ୍ରତିକ ପରିସ୍ଥିତିରେ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟର ଆବଶ୍ୟକତା ଏବଂ ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ । ଓଡ଼ିଆ କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସମର୍ପିତ ଭାବେ କାର୍ଯ୍ୟରତ ଭାବଗ୍ରାହୀ କଳା ନିକେତନର ଏହି କାର୍ଯ୍ୟକ୍ରମର ପୃଷ୍ଠଭୂମି ସମ୍ପର୍କରେ ଅନୁଷ୍ଠାନର ସମ୍ପାଦକ ଗୀତିକାର ବିମଳ ପ୍ରସାଦ ପରିଡା ଆଲୋକପାତ କରିବା ସହିତ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ନିରୁପମା ଜେନା ସ୍ୱାଗତ ସଙ୍ଗୀତ କ୍ରମରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଫଟୋ ଚିତ୍ର ସମେତ ଲୋକ କବି ଭାବଗ୍ରାହୀ ପରିଡା, କବି ପତ୍ନୀ ସରୋଜିନୀ ପରିଡା, ଚିର ସବୁଜ ଅକ୍ଷୟ ମହାନ୍ତି ଏବଂ ଭଜନ ସମ୍ରାଟ ଭିକାରୀ ବଳଙ୍କ ପ୍ରତିମୂର୍ତ୍ତୀରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ । ନୃତ୍ୟ ଗୁରୁ ଭାନୁପ୍ରିୟା ଖଟୁଆ, ଲୋପିତା ପଲାଇ, ରୂପାଲି ସୂତାର, ପ୍ରତୀକ୍ଷା ନାୟକ ଓ ସାଥି କଳାକାରମାନେ ଶାସ୍ତ୍ରୀୟ ଓଡ଼ିଶୀ ନୃତ୍ୟ କ୍ରମରେ ମଙ୍ଗଳାଚରଣ, ଅଭିନୟ, ବଟୁ ଇତ୍ୟାଦି ପ୍ରଦର୍ଶନ କରିଥିଲେ । ଗୁରୁ ପ୍ରମୋଦ କୁମାର ଦାସ, ରଞ୍ଜନ ବରାଳ, ନିରୁପମା ଜେନା, ନୃସିଂହ ଚରଣ ନନ୍ଦ, ଉପେନ୍ଦ୍ର କୁମାର ପାଢୀ, ବିମଳ ପରିଡା, ବଳରାମ ମଲିକ, ଅଜୟ ଜେନା ପ୍ରମୁଖ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ କ୍ରମରେ ଓଡ଼ିଶୀ, ଛାନ୍ଦ,ଚମ୍ପୂ ଏବଂ ଭଜନ ପରିବେଷଣ କରିଥିଲେ । ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା, ସୁଶ୍ରୀ ସଙ୍ଗୀତା ଜେନା, ପ୍ରସାରଣ ସହାୟକ ଗୌରବ କୁମାର ଦାସ, ଅର୍ଚ୍ଚନା ପରିଡା, ରୂପାଲି ସୂତାର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ । ସ୍ଥାନୀୟ ସ୍କୁଲ ପିଲାଙ୍କ ମଧ୍ୟରେ ଭଜନ, ନୃତ୍ୟ ଏବଂ ଚିତ୍ରକଳାରେ ପ୍ରତିଯୋଗିତା କରାଯାଇ କୃତି କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ କୃଷି ବିଭାଗର ଅଧିକାରୀମାନେ ରେଡ଼ିଓ ଭାବଗ୍ରାହୀ ଏବଂ ସରୋଜିନୀ ଷ୍ଟୁଡ଼ିଓ ପରିଦର୍ଶନ କରି ସନ୍ତୋଷ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କବି ଗଗନ ବିହାରୀ ଜେନା, ସମାଜସେବୀ ବିକ୍ରମ କେଶରୀ ସାମଲ, କବୀ ବିଷ୍ଣୁପ୍ରିୟା ସାମଲ, ଅଶୋକ ସାହୁ, ସତୀର୍ଥର ସଭାପତି ଅମର ପ୍ରସାଦ ରାଉତ, ଭାଗବତ ଷଡ଼ଙ୍ଗୀ, ଫଗୁ ଚରଣ ସ୍ୱାଇଁ, ଗ୍ରାମ୍ୟ ଉନ୍ନୟନ ସାଂସ୍କୃତିକ ଯୁବ ସଂଗଠନର ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ, ନାଟ୍ୟକାର ଭୀମସେନ ପ୍ରଧାନ, ଶିକ୍ଷାବିତ୍ ନୃସିଂହ ଚରଣ ତ୍ରିପାଠୀ, ଶିବରାଜ ରାଉତ, ପ୍ରଫେସର ପ୍ରଶାନ୍ତ କୁମାର ସାମଲ, ମାଧବ କୁମାର ମଲିକ, ବିଜୟ କୁମାର ପରିଡା, ବିଶାଳ ପରିଡା, ଚୈତନ୍ୟ ରାଉତ, ଅଚ୍ୟୁତାନନ୍ଦ ପରିଡା, ପଣ୍ଡିତ ପଦ୍ମନାଭ ଦାଶ, ଉତ୍ତମ ସାହୁ, ଅମର ବିଶ୍ୱାଳ, ବଂଶୀଧର ମହାନ୍ତି, ବାସନ୍ତୀ ମହାପାତ୍ର, ମାନସ ପରିଡା, ସ୍ୱର୍ଣ୍ଣକାନ୍ତ ପରିଡା, ଉତ୍ତମ ସ୍ୱାଇଁ ପ୍ରମୁଖ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ଓଡ଼ିଶୀ ସଙ୍ଗୀତ ଓ ନୃତ୍ୟର ମଧୁର ମୂର୍ଚ୍ଛନାରେ ଦର୍ଶକମାନେ ପୁଲକିତ ହୋଇଥିଲେ । ପ୍ରବଚକ ବିକ୍ରମ କେଶରୀ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ଟାଟୋ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉଚ୍ଛେଦ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର



କରଞ୍ଜିଆ (ଭାସ୍କର ନ୍ୟୁଜ): କରଞ୍ଜିଆ ବ୍ଲକ ଅନ୍ତର୍ଗତ ଟାଟୋ ଠାରେ ଆଠଟି ପଞ୍ଚାୟତ ର ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାକୁ ଆଜକୁ ୬୦ ବର୍ଷ ପୂର୍ବେ ତତ୍କାଳୀନ ସରକାର ସେଠାରେ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନା କରିଥିଲେ । ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ଆବଶ୍ୟକୀୟ ଜାଗା ସେହି ଅଂଚଳର କେତେକ ବଦାନ୍ୟ ବ୍ୟକ୍ତି ଜମି ପ୍ରଦାନ କରିଥିଲେ ଓ ଦେଇଥିବା ଜମି ପ୍ରତିବଦଳରେ ଅନ୍ୟ ମୌଜାରେ ସରକାରଙ୍କ ଠାରୁ ଜମି ବଦଳ ନେଇଥିଲେ । ସେଇ ବଦାନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରୁ ଟାଟ ମୌଜାର ସ୍ୱର୍ଗତ ଭିକାରୀ ଦାସ ଦାନ କରିଥିବା ଜାଗା ବଦଳରେ ସରକାର ତାଙ୍କୁ ବାରାପାଣପୋଷି ଗ୍ରାମରେ ଜାଗା ପ୍ରତି ବଦଳ ଦେଇଥିଲେ ଓ ତାଙ୍କ ପୁଅ ପୁଲୋକିତ ଦାସଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚାକିରୀ ଦେଇଥିଲେ । ହେଲେ ପରବର୍ତ୍ତୀ ସମୟରେ ଭିକାରୀ ଦାସଙ୍କ ଉତ୍ତରାଧିକାରୀ ଦେବେନ୍ଦ୍ର ଦାସ ପୂର୍ବରୁ ହୋଇଥିବା ଚୁକ୍ତିନାମାକୁ ନ ମାନି କରଞ୍ଜିଆ ଦୌରାଜଜ୍‌ଙ୍କ କୋର୍ଟରେ ପିଟିସନ ଦାଖଲ କଲେ ଉକ୍ତ ପିଟିସନକୁ ବିଚାର କରି ମାନନୀୟ ଅଦାଲତ ଆବେଦନକାରୀ ଦେବେନ୍ଦ୍ର ଦାସଙ୍କ ସପୋର୍ଟରେ ରାୟଦେଇ ଜମି ହସ୍ତାନ୍ତର ପାଇଁ ସରକାରଙ୍କୁ ନିର୍ଦ୍ଦେଶ କରିଛନ୍ତି । ଏହି ଆଦେଶ ଅଞ୍ଚଳବାସୀଙ୍କୁ ଆଶଙ୍କାରେ ପକାଇଛି । ସୂଚନା ଥାଉକି ଆବେଦନ କାରୀ ଦେବେନ୍ଦ୍ର ଦାସ ଓ ତାଙ୍କ ପରିବାର କ୍ଷତି ପୂରଣ ନେଇ ସାରିବା ପରେ ମଧ୍ୟ ଟାଟ ବଜାର ଆରଆଇଙ୍କ କାର୍ଯ୍ୟାଳୟରେ ନିକଟରେ ଏକ ସରକାରୀ ଜାଗାକୁ ବଳପୂର୍ବକ ବାଡି ବସି ଘର ଦୋକାନ କରି ସପରିବାର ରହିଁ ଆସୁଛନ୍ତି । ଏହି ଜାଗାକୁ ଉଚ୍ଛେଦ କରିବା ସହିତ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଜନସାଧାରଣଙ୍କ ସେବାରେ ନିୟୋଜିତ କରାଇବାକୁ ଦାବି କରିଛନ୍ତି ।

## ଗଣେଶ ପୂଜା ଓ ଭସାଣ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

କଣାସ (ଭାସ୍କର ନ୍ୟୁଜ): କଣାସ ବଜାର ଓ ଆଖପାଖ ଗ୍ରାମରେ ପ୍ରତିବର୍ଷ ପାଳନ କରାଯାଉଥିବା ଗଜାନନ ପୂଜା ଓ ଭଷାଣୀ ଉତ୍ସବ କିପରି ସରସ ସୁନ୍ଦର ହେବ ଓ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ ସେଥିପାଇଁ ଦୋକନ୍ଦା ଗ୍ରାମର ସମାଜସେବୀ ତପନ ସୁନ୍ଦରାୟଙ୍କ ଉଦ୍ୟମରେ ଗତକାଲି ଦୋକନ୍ଦା ଗ୍ରାମପଞ୍ଚାୟତ କାର୍ଯ୍ୟ ସଭାଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସୁକାନ୍ତ କିଶୋର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନୂତନ ଭାବେ କଣାସ ଥାନାରେ ଯୋଗଦେଇ ଥିବା ଆଇଆଇସି ପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ଦୋକନ୍ଦା ସରପଞ୍ଚ ଈଶ୍ୱର ହରିଚନ୍ଦନ, ସିରେଇ ସରପଞ୍ଚଙ୍କ ପ୍ରତିନିଧି ଦେବଦତ୍ତ ପରିଡା, ବରିଷ୍ଠ ସାମ୍ବାଦିକ ବିଭୂତି ଭୂଷଣ ତ୍ରିପାଠୀ, ସମିରକେଶରୀ ବଳିୟାରସିଂହ, ଶ୍ରୀକାନ୍ତ ପଟ୍ଟଯୋଶୀ ଏବଂ କଣାସ କୁଶ୍ୱେରୀ ବଜାର, କଣାସ ଗ୍ରାମ, କଣାସ ବସ୍‌ଷ୍ଟାଣ୍ଡ, କଣାସ ଗୋଲାବଜାର, ବାଲିପାଟଣା, ନୂଆଦୋକନ୍ଦା, କଦଳୀଦଣ୍ଡା, ଭାଟପଡା, ପୋତାଘର, ଚନ୍ଦପଡା, ବାଲିଘାଇଛକ, ବ୍ଲକ ଛକ, ଜଳିଆପଡା, ଗାଣ୍ଡାପଡା, ବିଶ୍ୱାଳିପଡା ଏବଂ ଡିମିରିଗ୍ରାମରେ ଅନୁଷ୍ଠିତ ହେଉଥିବା ୨୦ଟି ସ୍ଥାନର ମଣ୍ଡପର ସଭାପତି ଓ ସଂପାଦକମାନେ ଯୋଗ ଦେଇଥିଲେ । କଣାସ ଥାନା ଆଇଆଇସି ଶ୍ରୀନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ପୁରୀ ଜିଲ୍ଲାରେ କଣାସରେ କିପରି ଗଜାନନଙ୍କ ଭଷାଣୀ ଉତ୍ସବ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବ ତାହାପରେ ବିଭିନ୍ନ ସୂଚନା ଦେଇଥିଲେ । ପ୍ରତ୍ୟେକ ପୂଜା କମିଟିର କର୍ମକର୍ତ୍ତାମାନେ ପୋଲିସକୁ ପୂର୍ଣ୍ଣ ସହଯୋଗ କରିବା ପାଇଁ ଶ୍ରୀନାୟକ ଅନୁରୋଧ କରିଥିଲେ । ଆସନ୍ତା ୨ତାରିଖ ମଙ୍ଗଳବାର ଦିନ ଭସାଣି ଉତ୍ସବ ଅନୁଷ୍ଠିତ ହେବାପାଇଁ ସଭାରେ ସ୍ଥିର କରାଯାଇଥିଲା । ମଝିରେ ଆଉ ଏକ ବୈଠକ ତହସିଲଦାର,ବିଡିଓ, ବିଦ୍ୟୁତ୍ ବିଭାଗ ଅଧିକାରୀ, ଥାନା ଅଧିକାରୀ ଏବଂ ପୂଜା ପରିଚାଳନା କମିଟି ମଧ୍ୟରେ ବୈଠକ ହେବା ପାଇଁ ସ୍ଥିର କରାଯାଇଥିଲା ।



## ନିୟମ ଉଲ୍ଲଘଂନକାରୀ ଗାଡ଼ି ବିରୋଧରେ କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର(ଭାସ୍କର ନ୍ୟୁଜ): ସଡକ ସୁରକ୍ଷା ନିୟମ ଉଲ୍ଲଘଂନ କରିବା ଘଟଣାରେ ରାଜ୍ୟ ପରିବହନ ପ୍ରାଧିକରଣ(ଏସ୍‌ଟିଏ) କମିଶନରଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଆଂଚଳିକ ପରିବହନ କାର୍ଯ୍ୟାଳୟ(ଆର୍‌ଟିଓ) ପକ୍ଷରୁ ଯାଞ୍ଚ କରାଯାଇ ୨୩ଟି ଏବଂ ବଡବିଲ ଏଆରଟିଓ ଙ୍କ ଅଧିନରେ ୬ ଟି ଗାଡିର ଫିଟନେସ ପ୍ରମାଣପତ୍ର ରଦ୍ଦ କରାଯାଇଛି । ମାଲବାହୀ ଗାଡିରେ ରେଟ୍ରୋ ରିଫ୍ଲେକ୍ଟିଭ ଟେପ୍ (ଆରଆର୍‌ଟି) ଲଗାଯାଇ ନଥିବାରୁ ନିୟମ ଉଲ୍ଲଘଂନକାରୀ ୨୯ଟି ଗାଡିର ଫିଟ୍‌ନେସ ପ୍ରମାଣପତ୍ର ରଦ୍ଦ କରି ଦିଆଯାଇଛି । ଆଗକୁ ଯଦି ଗାଡି ମାଲିକମାନେ ଏ ଦିଗରେ ସଚେତନ ନହେବେ ତେବେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରଟିଓ ଇଂ ଗୋପାଳ କୃଷ୍ଣ ଦାସ ଚେତାବନୀ ଦେଇଛନ୍ତି । ଏହି ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଅଗଷ୍ଟ ୧୪ ରାତି ୯ ରୁ ୧୨ ଓ ଅଗଷ୍ଟ ୧୫ ତାରିଖ ଭୋର ୪ ରୁ ସକାଳ ୬ ଯାଏ କରାଯାଇଥିଲା । ଆର୍‌ଟିଓ ମାନଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର

**୨୯ଟି ଗାଡିର ଫିଟ୍‌ନେସ୍ ପ୍ରମାଣପତ୍ର ରଦ୍ଦ**

ଏନଫୋର୍ସମେଣ୍ଟ ଟିମ୍ ବିଭିନ୍ନ ରାଜପଥରେ ଉଭୟ ମାଲବାହୀ ଓ ଯାତ୍ରୀବାହୀ ଗାଡିଗୁଡିକୁ ଯାଞ୍ଚ କରିଥିଲେ । ଯେଉଁ ଗାଡି ବି ଏହି ନିୟମ ଉଲ୍ଲଘଂନ କରିଥିଲେ ସେମାନଙ୍କ ଫିଟନେସ୍ ରଦ୍ଦ କରାଯାଇଛି । ଫିଟନେସ ପ୍ରମାଣପତ୍ର ରଦ୍ଦ ହୋଇଥିବା ଗାଡିଗୁଡିକ ମଧ୍ୟରୁ ଅନେକ ଆଦୌ ରେଟ୍ରୋ ରିଫ୍ଲେକ୍ଟିଭ ଟେପ୍ ଲଗାଇ ନଥିଲେ ଏବଂ କିଛି ଏହାକୁ ଠିକ୍ ଭାବରେ ଲଗାଇନଥିଲେ । ସେହି ଗାଡି ଗୁଡିକ ପୁଣି ଫିଟନେସ ପାଇବାକୁ ନିୟମ ଅନୁଯାୟୀ ଟେପ୍ ଲଗାଇ ଆବେଦନ କରିବାକୁ କୁହାଯାଇଛି । ମୋଟର ଯାନ ଆଇନ ଅନୁଯାୟୀ, ସମସ୍ତ ବାଣିଜ୍ୟିକ ଯାନ ଗାଡିରେ ରେଟ୍ରୋ ରିଫ୍ଲେକ୍ଟିଭ ଟେପ୍ ଲଗାଇବା ବାଧ୍ୟତାମୂଳକ । ଗାଡିର ପଛ ପଟେ ନାଲି, ଉଭୟ ପାର୍ଶ୍ୱରେ ହଳଦିଆ ଏବଂ ଆଗରେ ଧଳା ଟେପ୍ ଲଗାଇବା ପାଇଁ କଡାକଡି ନିୟମ ରହିଛି । ଯେମିତି ଅନ୍ୟ ସଡକ ବ୍ୟବହାରକାରୀ ଗାଡିକୁ ଅନ୍ଧାର କିମ୍ବା କମ୍ ଆଲୁଅରେ ଦେଖିପାରନ୍ତି । ଯାହା ଦୁର୍ଘଟଣାକୁ ହ୍ରାସ କରିବାରେ ସହାୟକ ହୋଇଥାଏ । ବିଶେଷ କରି ଜାତୀୟ ରାଜପଥରେ ରାତି ଓ ଭୋର ସମୟରେ ଭାରୀଯାନ ଚଳାଉଥିବା ଚାଳକଙ୍କ ପାଇଁ ଅନ୍ୟ ଗାଡିର ସ୍ଥିତିକୁ ଜାଣିବାରେ ସହାୟକ ହୋଇଥାଏ ।

## ଆଣ୍ଟି-ର୍ୟାଗିଂ ସପ୍ତାହ ଉଦ୍‌ଯାପିତ

ବାରିପଦା(ଭାସ୍କର ନ୍ୟୁଜ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ରେ ୧୨ ଅଗଷ୍ଟରୁ ୧୮ ଅଗଷ୍ଟ ପର୍ଯ୍ୟନ୍ତ ପାଳନ ହେଉଥିବା ଆଣ୍ଟି-ର୍ୟାଗିଂ ସପ୍ତାହ ଉଦ୍‌ଯାପିତ ହୋଇଯାଇଛି । ଏଥିରେ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଆଭାଷୀ ମାଧ୍ୟମରେ ଯୋଗଦାନ କରି ନିଜ ବକ୍ତବ୍ୟରେ ଶୃଙ୍ଖଳା ଆଚରଣ କରିବା ପାଇଁ ପରାମର୍ଶ ଦେଇଥିଲେ ଓ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ର୍ୟାଗିଂମୁକ୍ତ ସୌହାର୍ଦ୍ଦପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ନିମନ୍ତେ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ । ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାରିପଦା ପି.ଆର.ଏମ୍. ମେଡିକାଲ୍ କଲେଜର ପ୍ରଫେସର ଡା. ଇନ୍ଦ୍ରାଣୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ର୍ୟାଗିଂ ଉପରେ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶିତ ବିଭିନ୍ନ ଆଇନଗତ ଦିଗ ଉପରେ ଏକ ସାରଗର୍ଭକ ଭାଷଣ ଦେବା ସହ ୨୦୨୫ ମସିହାର ବିଭିନ୍ନ ର୍ୟାଗିଂ କେସ୍ ଗୁଡ଼ିକର ବର୍ଣ୍ଣନା କରିଥିଲେ । ବାରିପଦାର ବରିଷ୍ଠ ଅଧିବକ୍ତା ଶ୍ରୀ ବିଭୁପ୍ରସାଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ର୍ୟାଗିଂର ବିଭିନ୍ନ ପ୍ରକାର ଓ ଏଥିନିମନ୍ତେ ଥିବା ବିଭିନ୍ନ ଦଣ୍ଡବିଧାନ ଉପରେ ତର୍ଜମା କରିଥିଲେ । ପ୍ରଫେସର ବାରିକ ନିଜ ବକ୍ତବ୍ୟରେ ବିଶ୍ୱବିଦ୍ୟାଳୟରେ ର୍ୟାଗିଂ ପ୍ରତି ଶୁନ୍ୟ-ସହନଶୀଳତା ଅବଲମ୍ବନ କରାଯାଉଅଛି ଏବଂ ଭବିଷ୍ୟତରେ ମଧ୍ୟ ଏହା କରାଯିବ ବୋଲି ଦୃଢ଼ୋକ୍ତି କରିଥିଲେ । ବିଶ୍ୱବିଦ୍ୟାଳୟ ର୍ୟାଗିଂ ସ୍କ୍ୱାଡ୍‌ର ସଦସ୍ୟ ପ୍ରଫେସର ସୁକାନ୍ତ କୁମାର ନାୟକ ର୍ୟାଗିଂ ସ୍କ୍ୱାଡ୍‌ର କାର୍ଯ୍ୟକଳାପ ଉପରେ ଏକ ବିବରଣୀ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମର ଆବାହିକା ତଥା ପ୍ରାଣୀବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. କୁକୁ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆଣ୍ଟି-ର୍ୟାଗିଂ ବିଷୟରେ 'ଏମିତି ହେବନି କେବେ' ଶୀର୍ଷକ ଏକ ନାଟକ ପ୍ରଦର୍ଶିତ କରାଯାଇଥିଲା । ଆଣ୍ଟି-ର୍ୟାଗିଂ ସପ୍ତାହ ପାଳନ ଅବସରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ତର୍କ, ପ୍ରବନ୍ଧ ଓ ପୋଷ୍ଟର ପ୍ରତିଯୋଗିତାମାନ କରାଯାଇଥିଲା ଓ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ୧୨ ଅଗଷ୍ଟ ୨୦୨୫ରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ ଅଧ୍ୟକ୍ଷତା କରିଥିଲେ । କୁଳସଚିବ ସୁଶ୍ରୀ ସୁମିତା ସିଂହ, ହଷ୍ଟେଲର ୱାର୍ଡେନ ପ୍ରଫେସର ରାଜେଶ କୁମାର ସିଂ, ଆଣ୍ଟି-ର୍ୟାଗିଂ କମିଟିର ସଦସ୍ୟଗଣ: ପଦାର୍ଥ ବିଜ୍ଞାନ ପ୍ରଫେସର ଡ. ଇନ୍ଦ୍ରଜିତ ନାଏକ, ମୟୂରଭଞ୍ଜ ବାୟୋଲଜିକାଲ୍ ରିସର୍ଚ୍ଚର ଶ୍ରୀ ସମୀର କୁମାର ସାହୁ, କଳିଙ୍ଗ ଟିଭିର ବ୍ୟୁରୋ ମୁଖ୍ୟ ଶ୍ରୀ ସତ୍ୟଜିତ ସୋମ, ସହକାରୀ କୁଳସଚିବ ଶ୍ରୀ ସଞ୍ଜିବ କୁମାର ତନ୍ତୀ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ । ପ୍ରଫେସର ବାରିକ ଛାତ୍ରଛାତ୍ରୀମାନଙ୍କୁ ର୍ୟାଗିଂ ବିରୋଧୀ ୟୁଜିସି ନିୟମାବଳୀ ପାଳନ କରିବାକୁ ଏବଂ ଆବଶ୍ୟକ ହେଲେ ଯେକୌଣସି ସମସ୍ୟା ବିଷୟରେ ସ୍କ୍ୱାଡ୍ କିମ୍ବା କମିଟି ସଦସ୍ୟଙ୍କୁ ରିପୋର୍ଟ କରିବାକୁ ପରାମର୍ଶ ଦେଇଥିଲେ । ସେ ବରିଷ୍ଠ ଏବଂ କନିଷ୍ଠ ଛାତ୍ରମାନଙ୍କ ମଧ୍ୟରେ ସମନ୍ୱୟ ପାଇଁ ମଧ୍ୟ ଆହ୍ୱାନ କରିଥିଲେ, ପ୍ରତ୍ୟେକଙ୍କୁ ସେମାନଙ୍କର କ୍ୟାରିଅର ଅନୁସରଣ କରିବା ଏବଂ ଉନ୍ନତି କରିବା ପାଇଁ ଉତ୍ସାହିତ କରିଥିଲେ । ପ୍ରଫେସର ନାଏକ ସମାବେଶକୁ ସ୍ୱାଗତ କରିଥିଲେ ଏବଂ ଜିଲ୍ଲା ପ୍ରଶାସନ, ଗଣମାଧ୍ୟମ ପ୍ରତିନିଧି, ଏନଜିଓ, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ସଦସ୍ୟଙ୍କୁ ନେଇ ଆଣ୍ଟି-ର୍ୟାଗିଂ କମିଟି ଗଠନ ଏବଂ ଆଣ୍ଟି-ର୍ୟାଗିଂ ସ୍କ୍ୱାଡ ଭଳି ବିଶ୍ୱବିଦ୍ୟାଳୟ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଆଣ୍ଟି-ର୍ୟାଗିଂ ପଦକ୍ଷେପଗୁଡ଼ିକର ଏକ ସଂକ୍ଷିପ୍ତ ସମୀକ୍ଷା ପ୍ରଦାନ କରିଥିଲେ । ହଷ୍ଟେଲରେ ୱାର୍ଡେନ ହଷ୍ଟେଲରେ ଏକ ସହାନୁଭୂତିଶୀଳ ଏବଂ ସମ୍ମାନଜନକ ପରିବେଶ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଛାତ୍ରଛାତ୍ରୀମାନଙ୍କୁ କ୍ଷତିକାରକ ଅଭ୍ୟାସରୁ ନିବୃତ୍ତ ରହିବାକୁ ଅନୁରୋଧ କରିଥିଲେ । କୁଳସଚିବ ସୁଶ୍ରୀ ସୁମିତା ସିଂହ ୟୁଜିସି ନିୟମାବଳିରେ ଉଲ୍ଲେଖ ଥିବା ର୍ୟାଗିଂରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ନେଇ ବିଶ୍ୱବିଦ୍ୟାଳୟର ପ୍ରତିବଦ୍ଧ ବୋଲି କହିଥିଲେ । ସମୀର କୁମାର ସାହୁ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପାଠପଢ଼ାରେ ଧ୍ୟାନ ଦେବାକୁ ଏବଂ ର୍ୟାଗିଂ ବିରୋଧୀ କାର୍ଯ୍ୟକଳାପରୁ ନିବୃତ୍ତ ରହିବାକୁ ପରାମର୍ଶ ଦେଇଥିଲେ । ଏହିସମସ୍ତ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ ।




## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୬ ହଜାରରୁ ଉର୍ଦ୍ଧ୍ୱ ଆଶାୟୀ

- ଆବେଦନକାରୀଙ୍କ ଘର ସର୍ଭେ ଶେଷ
- ପ୍ରଥମ ଥର ଏଆଇର ବ୍ୟବହାର
- ୭ଶହରୁ ଉର୍ଦ୍ଧ୍ୱ ଆବେଦନକାରୀ ନିଜେ ସର୍ଭେ କରିଥିଲେ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ୧୫ଗୋଟି ପଂଚାୟତରେ ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ୬ହଜାରରୁ ଉର୍ଦ୍ଧ୍ୱ ଆଶାୟୀ ହିତାଧିକାରୀ ଏଥର ଆବେଦନ କରିଛନ୍ତି । ଏହି ଆଶାୟୀ ହିତାଧିକାରୀଙ୍କ ବିଭିନ୍ନ କାଗଜପତ୍ର ଯାଞ୍ଚ ଶେଷ ହୋଇଛି । ସମସ୍ତ ହିତାଧିକାରୀଙ୍କ ଘରକୁ ଘର ଯାଇ ପ୍ରଶାସନିକ ଅଧିକାରୀମାନେ ଯାଞ୍ଚ କରିଛନ୍ତି । ପ୍ରଥମ ଥର ଲାଗି ଏହି ସର୍ଭେ କାର୍ଯ୍ୟରେ ଏ ଆଇ (ଆର୍ଟିଫିସିଆଲ ଇଣ୍ଟେଲଜେନ୍ସି )ର ବ୍ୟବହାର କରାଯାଇଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ପ୍ରଥମ ଥର ପାଇଁ ନିଜେ ୭ଶହ ରୁ ଉର୍ଦ୍ଧ୍ୱ ହିତାଧିକାରୀ ନିଜ ଘର ସମ୍ପର୍କରେ ଯାଞ୍ଚ କରି ଏହାର ସ୍ୱତନ୍ତ୍ର ୱେବସାଇଟି ତଥ୍ୟ ଅପଲୋଡ଼୍ କରିଛନ୍ତି । ଆସନ୍ତା ସେପ୍ଟେମ୍ବରରେ କେଉଁମାନେ ଏହି ଯୋଜନାରେ ଘର ପାଇବେ ଏବଂ କେଉଁମାନେ ବାଦ ପଡିବେ ତାହାର ତାଲିକା ପ୍ରକାଶ ପାଇବ ବୋଲି ଜଣାପଡିଛି । ଗରିବ ତଥା ଅସହାୟଙ୍କୁ ଛାତ ଘର ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରାଯାଇଛି । ଏହି ଯୋଜନାରେ ବିଭିନ୍ନ ପର୍ଯ୍ୟାୟରେ ହିତାଧିକାରୀଙ୍କ ତାଲିକା ରାଜ୍ୟ ସରକାର ଠାରୁ ମଗାଯାଇଛି । ପ୍ରତି ପଂଚାୟତରୁ ତାଲିକା ଆସିବା ପରେ ତାହାକୁ କେନ୍ଦ୍ର ସରକାରଙ୍କୁ ପଠାଯାଏ । ଯେଉଁ ହିତାଧିକାରୀ ମାନେ ଏହି ଯୋଜନା ରେ ନିୟମାବଳି ଭଳି ଭିତରେ ଆସନ୍ତି ସେମାନଙ୍କ ନାମକୁ ରଖି ଅନ୍ୟ ମାନଙ୍କଙ୍କୁ ନାଁକୁ କାଟି ଦିଆଯାଏ । ଏବେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ଠାରୁ ରିପୋର୍ଟ ମାଗିବା ପରେ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ୬ହଜାର ୬ଶହ ୭୮ଜଣ ହିତାଧିକାରୀଙ୍କ ତାଲିକା ପଠାଯାଇଛି । ଏଥିରେ ଅସ୍ତରଙ୍ଗ ବ୍ଲକ ଅଧୀନ ବିଭିନ୍ନ ପଂଚାୟତ ଅନୁଯାୟୀ ଆଳଙ୍ଗପୁର ୩୦୨ଜଣ, ଆଳସାହି ୪୦୮ଜଣ, ଅସ୍ତରଙ୍ଗ ୩୮୬ଜଣ, ଛୁରିଆନା ୫୩୧ଜଣ, ଝାଡ଼ଲିଙ୍ଗ ୨୯୬ଜଣ, କେନ୍ଦ୍ରାପଟି ୭୨୫ଜଣ, କୋରଣା ୬୪୯ଜଣ, ମାଣ୍ଡୁକି ୪୦୧ଜଣ, ନଗର ୬୦୭ଜଣ, ନଈଗୁଆଁ ୫୦୭ଜଣ, ନୂଆଗଡ ୧୮୧ଜଣ, ପାଟଳଦା ୨୦୫ଜଣ, ସରିପୁର ୫୯୬ଜଣ, ଶିଶୁଅରେ ୪୪୪ଜଣ, ତାଳଦା ୪୪୦ଜଣ ହିତାଧିକାରୀ ଆବେଦନ କରିଥିବାବେଳେ ସେଥିରେ ୭ଶହ ୪୨ଜଣ ହିତାଧିକାରୀ ନିଜେ ସର୍ଭେ କରି ରିପୋର୍ଟ ଆବେଦନ କରିଛନ୍ତି । ଏହି ସମସ୍ତ ଆଶାୟୀ ଆବେଦନ କାରୀମାନେ ଆବେଦନ କରିବା ପରେ ସେମାନଙ୍କ ତଥ୍ୟ ଏଆଇ ଜରିଆରେ ଯାଞ୍ଚ କରାଯାଇଥିଲା । ଅର୍ଥାତ ଜଣେ ଆଶାୟୀ ପ୍ରାର୍ଥୀ ଯୋଜନା ପାଇବା ଲାଗି ଯେଉଁ ଫର୍ମ ରହିଛି ତାହାକୁ ପୂରଣ କରିବେ ବା ପୋର୍ଟାଲରେ ଥିବା ଫର୍ମକୁ ପୂରଣ କରିବେ । ଏହି ଫର୍ମରେ ବିଭିନ୍ନ ନିୟମାବଳି ରହିଛି । ଯେଉଁ ପ୍ରାର୍ଥୀଙ୍କର ଏହି ନିୟମାବଳି ଭିତରେ ଆସିବ ନାହିଁ ସେମାନଙ୍କୁ ଏଆଇ ଜରିଆରେ ସୂଚାଇ ଦିଆଯିବ । ଏହା ବାଦ ପ୍ରଶାସନ କର୍ମଚାରୀ ମଧ୍ୟ ପ୍ରତ୍ୟେକ ପ୍ରାର୍ଥୀଙ୍କ ଘରକୁ ଯାଇ ଯାଞ୍ଚ କରିଛନ୍ତି । ଚଳିତ ବର୍ଷ ନିଜେ ଆଶାୟୀ ପ୍ରାର୍ଥୀମାନେ ଆବେଦନ କରିବା ପରେ ନିଜ ଫର୍ମକୁ ନିଜେ ଯାଞ୍ଚ କରିବାର ବ୍ୟବସ୍ଥା କରାଯାଇଛି । ଅର୍ଥାତ ପ୍ରାର୍ଥୀ ଆବେଦନ କରିବା ପରେ ଯେଉଁ ନିୟମାବଳି ରହିଛି ସେଥିରେ ସେମାନେ ଆସୁଛନ୍ତି କି ନାହିଁ ତାହା ଯାଞ୍ଚ କରି ନିଜେ ଏକ ରିପୋର୍ଟ ପୋର୍ଟାଲରେ ଅପଲୋଡ଼୍ କରିପାରିବେ । ଏଭଳି କି ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରୁ ୭ଶହ୪୨ଜଣ ଆଶାୟୀ ହିତାଧିକାରୀ ଆବେଦନ କରିବା ପରେ ନିଜ ଆଡୁ ଯାଞ୍ଚ ରିପୋର୍ଟ ଦେଇଥିଲେ । ଏମାନଙ୍କ ଯାଞ୍ଚ ରିପୋର୍ଟକୁ ମଧ୍ୟ ପ୍ରଶାସନ ପକ୍ଷରୁ ପୁନଃ ଯାଞ୍ଚ କରାଯାଇ ଚୂଡାନ୍ତ ରିପୋର୍ଟ ଦିଆଯାଇଛି । ସେପ୍ଟେମ୍ବର ରେ କେତେ ହିତାଧିକାରୀ ଙ୍କୁ ଏହି ଯୋଜନାରେ ଆବାସ ମିଳିବ ତାହାର ତାଲିକା ପ୍ରକାଶ ପାଇବା ପରେ ନଭେମ୍ବର ମାସରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବଣ୍ଟନ ପ୍ରକ୍ରିୟା ପର୍ଯ୍ୟାୟ କ୍ରମେ ହିତାଧିକାରୀଙ୍କୁ ଦିଆଯିବ ବୋଲି ସୂଚନା ରହିଛି ।

## ପବିତ୍ର ମହାନ୍ତି ହେଲେ ୟୁଜେଏର ଜିଲ୍ଲା ସାଧାରଣ ସଂପାଦକ



ବ୍ୟାସନଗର(ଭାସ୍କର ନ୍ୟୁଜ): ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ଜିଲା ଶାଖା ସାଧାରଣ ସମ୍ପାଦକ ଭାବେ ପବିତ୍ର ରଂଜନ ମହାନ୍ତି ମନୋନୀତ ହୋଇଛନ୍ତି । ଉପସଭାପତି ଭାବେ ପ୍ରଦୀପ ଜେନାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ରାଜ୍ୟ ସଂଘର ନିଷ୍ପତି କ୍ରମେ ଶନିବାର ବ୍ୟାସନଗର ସ୍ଥିତ ହୋଟେଲ ବ୍ରାହ୍ମଣୀ ଠାରେ ଜିଲା ସଭାପତି ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ ସମ୍ପାଦକ ବିଶ୍ୱଜିତ ନାୟକ, ଜିଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ସମ୍ପାଦକ ଶୁଭାଶିଷ ରାଉତ, ପ୍ରିୟରଞ୍ଜନ କର, ଜାତୀୟ ପରିଷଦ ସଦସ୍ୟ ପ୍ରଦୀପ ଚାନ୍ଦ, ବିଦ୍ୟାଧର ବେହେରା, ଅସିତ ମହାନ୍ତ, ସେକ୍ ଜହୁର ପ୍ରମୁଖ ଉପସ୍ଥିତ ଥିଲେ । ଯାଜପୁର ଜିଲାରେ ଉତ୍କଳ ସାମ୍ବାଦିକ ସଂଘକୁ ଶକ୍ତିଶାଳି କରିବା ଦିଗରେ ସମସ୍ତେ ନିଷ୍ଠାପର ଭାବେ ଉଦ୍ୟମ କରିବାକୁ ଆହ୍ୱାନ ଦିଆଯାଇଥିଲା ।

## ଯୌନ ନିର୍ଯାତନା ଉପରେ ସଚେତନତା କାର୍ଯ୍ୟକ୍ରମ




ଫୁଲନଖରା(ଭାସ୍କର ନ୍ୟୁଜ): ନିଆଳି ରାସ୍ତାର କୁରାଙ୍ଗଶାସନ ଗ୍ରାମପଞ୍ଚାୟତର ନଛିପୁରଠାରେ ଗଢି ଉଠିଥିବା ଶୁଦ୍ଧାନନ୍ଦ ବୈଷୟିକ ଶିକ୍ଷା ପ୍ରତିଷ୍ଠାନରେ 'ସାଂପ୍ରତିକ ସମାଜରେ ନାରୀ ପ୍ରତି ଯୌନ ନିର୍ଯାତନାର ଶିକାର' ଉପରେ ଏକ କର୍ମଶାଳା/ସଚେତନତା କାର୍ଯ୍ୟକ୍ରମ କଟକ ସଦର ଆରକ୍ଷୀ/ ଉପଆୟୁକ୍ତଙ୍କ କାର୍ଯ୍ୟାଳୟ ତରଫରୁ ଆୟୋଜିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ମୁଖ୍ୟ ଅତିଥିଭାବେ କଟକସ୍ଥିତ ଡେପୁଟି କମିଶନର ଅଫ ପୋଲିସର ଅତିରିକ୍ତ ଡେପୁଟି କମିଶନର ଅଫ ପୋଲିସର ଦେବଦତ୍ତ କର ଏବଂ ତାଙ୍କ ସହ ଅତିରିକ୍ତ କମିଶନର ଅଫ ପୋଲିସ ଜଗନ୍ନାଥ ମଲ୍ଲିକ ତଥା କଟକ ସଦର ଜୋନର ଅତିରିକ୍ତ କମିଶନର ଶଶିଭୂଷଣ ରାଉତ ସଦର ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତିଙ୍କ ସମେତ ସାଇବର ଅପରାଧ ଇନ୍ସପେକ୍ଟର ରଶ୍ମିତା ଜେନା ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିଥିଲେ । ପ୍ରତିଷ୍ଠାନର ଅନ୍ୟୁନ ୫୦୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ଅନେକ ଅଧ୍ୟାପିକା,ଅଧ୍ୟାପକ କର୍ମଚାରୀ ଓ କର୍ମକର୍ତ୍ତାମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ସାଂପ୍ରତିକ ସମାଜରେ ଦୈନିକ ଉପୁଜୁଥିବା ନାରୀ ସମାଜ ଉପରେ ଥିବା ଶାରୀରିକ ଓ ମାନସିକ ନିର୍ଯାତନା ବାସ୍ତବିକ ସ୍ୱାଭାବିକ ସ୍ୱାଗତଯୋଗ୍ୟ ନୁହେଁ । ଯାହା ନାରୀଜାତିର ମର୍ଯ୍ୟାଦା ଓ ସମାନତାର ଅଧିକାରକୁ ସମ୍ପୂର୍ଣ୍ଣ ରୂପେ ଉଲ୍ଲଘଂନ କରୁଅଛି । ଉପସ୍ଥିତ ଅତିଥିବୃନ୍ଦ ପର୍ଯ୍ୟାୟକ୍ରମେ ଏହାର ନିରାକରଣ ନିମନ୍ତେ ବିହିତ ପଦକ୍ଷେପ ସମ୍ପର୍କରେ ଶ୍ରୋତାମାନଙ୍କୁ ସୁଚାରୁରୂପେ ବୁଝାଇଥିଲେ । ଶେଷରେ ପ୍ରତିଷ୍ଠାନର ମୁଖ୍ୟ ଇଂ(ଡଃ) ସୁନିଲ କୁମାର ପଟ୍ଟନାୟକ ଅତିଥିବୃନ୍ଦଙ୍କୁ ପ୍ରତିଷ୍ଠାନ ତରଫରୁ ସମ୍ମାନିତ କରିଥିଲେ । ଡଃ ଚିତ୍ତରଞ୍ଜନ ପଣ୍ଡା,ଅଧ୍ୟକ୍ଷ ଓ ଡଃ ସରିତା ନାୟକ, ଅଧ୍ୟକ୍ଷା ଉକ୍ତ କାର୍ଯ୍ୟକ୍ରମକୁ ଆୟୋଜନ କରାଇଥିଲେ ।

## ଜିଲ୍ଲାସ୍ତରୀୟ ବାର୍ଷିକ ଯୁବ ସଂଗଠନର ଇଜତିମା ଉଦ୍‌ଯାପିତ

ସୋର(ଭାସ୍କର ନ୍ୟୁଜ): ସୋର ଅହମଦୀୟା ମୁସଲିମ ମସଜିଦ ପରିସରରେ ଜିଲ୍ଲା ବାଲେଶ୍ୱରର ଜିଲ୍ଲା ସ୍ତରୀୟ ବାର୍ଷିକ ଯୁବ ସଂଗଠନର ଇଜତିମା ଉଦଯାପିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଅଖିଳ ଭାରତ ମଜଲିସ ଖୁଦଦାମୁଲ ଅହମଦିୟା ଯୁବ ସଂଗଠନର ସଭାପତି ଶମିମ ଅହମଦ ଗୌରୀ ସାହେବ । ମୁଖ୍ୟ ଅତିଥି ଭାବେ ଉପସଭାପତି ସିଦ୍ଦିକ ଖାନ୍ ସାହେବ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ବାଲେଶ୍ୱର ଯୁବ ସଂଗଠନର ସଭାପତି ଶେଖ୍ ମୁଖତାର ସାହେବ ଏବଂ ଜିଲ୍ଲା ଭଦ୍ରକ ଓ ଯାଜପୁରର ଯୁବ ସଂଗଠନର ସଭାପତି ଶେଖ୍ ସୁଲତାନ ସାହେବ ଯୋଗ ଦେଇଥିଲେ । ଏହା ବ୍ୟତୀତ ସମ୍ମାନିତ ଅତିଥି ରୂପେ ବାଲେଶ୍ୱର ଜିଲ୍ଲାର ଅମିର ମାନନୀୟ ଅବଦୁଲ ଜହୁର ଖାନ୍ ସାହେବ, ନିଗରାନ ତବଲିଗ ଓଡ଼ିଶା ମୌଲାନା ନଦ୍ୱେଦୁଲ ଫତାହ ସାହେବ ଦାଇ ଏ ଖୁସୁସି ଓଡ଼ିଶା,ମୌଲାନା ଶରିଫ ଖାନ୍ ସାହେବ ମିଶନାରୀ ଇନଚାର୍ଜ ଜିଲ୍ଲା ବାଲେଶ୍ୱର, ମୌଲାନା ମୀର ଅବଦୁଲ ହଫିଜ୍ ସାହେବ ମିଶନାରୀ ଇନଚାର୍ଜ ଜିଲ୍ଲା ଭଦ୍ରକ ଓ ଯାଜପୁର,ସୋର ଶହରର କାଏଦ ଶେଖ୍ ଅବଦୁଲ ଅଜିଜ ସାହେବ, ଉକ୍ତ ତିନି ଜିଲ୍ଲାର ମଜଲିସ ଅନସାରୁଲ୍ଲା ବୟସ୍କ ସଂଗଠନର ସଭାପତି ଅବଦୁଲ ଓଦୁଦ ଖାନ୍ ସାହେବ ଓ ଅନ୍ୟାନ୍ୟ ଅତିଥିମାନେ ମଞ୍ଚାସୀନ ଥିଲେ । ଉଚ୍ଚ ଶିକ୍ଷା ପ୍ରାପ୍ତ କରି ମାନବ ସମାଜର କଲ୍ୟାଣ ପାଇଁ ଅହମଦିୟା ବାଳକ ସଂଗଠନକୁ ଆଗେଇ ଆସିବା ପାଇଁ ଉପଦେଶ ଦେଇଥିଲେ ସଭାପତି ଶମିମ ଅହମଦ ଗୌରୀ ସାହେବ । ଦେଶର ସେବା କରିବା ପାଇଁ ଡାକ୍ତରମାନଙ୍କର ଆବଶ୍ୟକତା ରହିଛି । ଏହିଭଳି ଅନ୍ୟାନ୍ୟ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାନବ ସମାଜର ସେବା କରିବା ପାଇଁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ କୋରାନ ପାଠ, ନଜମ, ବକ୍ତୃତା, କୁଇଜ୍ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ କ୍ରୀଡା ପ୍ରତିଯୋଗିତାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ଉତ୍ତୀର୍ଣ୍ଣ ହୋଇଥିବା ଖୁଦାମ ଏବଂ ଅତଫାଲ ମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ତଥା ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।



ଦୁଇ ଦିନ ଧରି ଉକ୍ତ କାର୍ଯ୍ୟକ୍ରମରେ ଆସିଥିବା ଅତିଥି ବନ୍ଧୁଗଣଙ୍କୁ ଅତି ଉତ୍ତମ ଏବଂ ଉଚ୍ଚକୋଟୀର ଖାଦ୍ୟ,ପାନୀୟ ସହିତ ରହିବା ପାଇଁ ସୁବିଧା ଯୋଗାଇ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସମସ୍ତେ ସଫଳ କରିବା ପାଇଁ କମିଟିର ସମସ୍ତ ସଭ୍ୟ ଆଗେଇ ଆସିଥିଲେ । ପ୍ରଥମ ଦିନ ରାତି ୮ ରୁ ୯ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଯେଉଁଥିରେ ବାଳକ ଓ ଯୁବକମାନଙ୍କୁ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନ ପଚାରିବାକୁ ସୁଯୋଗ ଦିଆଯାଇଥିଲା ଏବଂ ମୌଲାନା ନଦ୍ୱେଦୁଲଫତାହ ସାହେବ୍ ନିଗରାନ ତବଲିଗ ଓଡ଼ିଶା ଏହି ପ୍ରଶ୍ନ ମାନଙ୍କର ଉତ୍ତର ଦେଇଥିଲେ । ସର୍ବଶେଷରେ ମାନନୀୟ ସିଦ୍ଦିକ ଖାନ୍ ସାହେବ କ୍ୟାରିୟର କାଉନସିଲିଙ୍ଗ ପ୍ଲାନିଙ୍ଗ ଉପରେ ବାଳକ ସଂଗଠନ ଓ ଯୁବକ ସଂଗଠନମାନଙ୍କୁ ଉପଦେଶ ଦେଇଥିଲେ । ଦୁଆ ସହିତ ଏହି ପ୍ରୋଗ୍ରାମକୁ ବିରାମ ଦିଆଯାଇଥିଲା ।



କଟକ(ଭାସ୍କର ନ୍ୟୁଜ୍): ଓଡିଶାରେ କ୍ରମାଗତ ଭାବେ ବାଂଲାଦେଶୀ ଅନୁପ୍ରବେଶକାରୀ ବଢୁଥିବା ଦର୍ଶାଇ ସେମାନଙ୍କୁ ତୁରନ୍ତ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ହାଇକୋଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି । ଆଇନଜୀବୀ ଶିବ ଶଙ୍କର ମହାନ୍ତିଙ୍କ ପକ୍ଷରୁ ରୁଜୁ ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଛି ରାଜ୍ୟରେ ଦିନକୁ ଦିନ ହୁ ହୁ ହୋଇ ବଢିଚାଲିଛି ବେଆଇନ ବାଲାଂଦେଶୀ ଅନୁପ୍ରବେଶକାରୀ । ଟାର୍ସ୍କଫୋର୍ସ ଗଠନ କରାଯାଇ ସେମାନଙ୍କ ଆଧାରକାର୍ଡ, ଭୋଟର କାର୍ଡ, ରାସନ୍‌କାର୍ଡ ଆଦି ଯାଂଚ କରାଯାଇ ତୁରନ୍ତ ସେମାନଙ୍କୁ ଚିହ୍ନଟ କରାଯିବାକୁ ଆବେଦନରେ କୁହାଯାଇଛି । ମାମଲାରେ ଦର୍ଶାଯାଇଛି ଯେ ବାଲଂ ଅପୁପ୍ରବେଶକାରୀ ବେଆଇନ ଭାବେ ଓଡିଶାରେ ପ୍ରବେଶ କରିବା ବସବାସ କରୁଛନ୍ତି । ଏଥିସହ ସେମାନେ ବେଆଇନ ଭାବେ ଆଧାରକାର୍ଡ, ଭୋଟର କାର୍ଡ, ରାସନ୍‌କାର୍ଡ ଆଦି ହାତେଇବା ସହ ସମସ୍ତ ସରକାରୀ ସୁବିଧା ସୁଯୋଗ ହାତେଇବାରେ ସଫଳ ହେଉଛନ୍ତି । ସରକାର ବାଂଲାଦେଶ ହାଇକମିଶନର୍‌ଙ୍କ ସହ ସମନ୍ୱୟ ରଖି ତୁରନ୍ତ ସେମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଅସ୍ଥାୟୀ ରହଣି କେନ୍ଦ୍ରରେ ରଖି ଯାଂଚ କରିବା ସହ ସେମାନଙ୍କ ଦେଶକୁ ପଠାଇବାର ବନ୍ଦୋବସ୍ତ କରନ୍ତୁ ବୋଲି ପ୍ରର୍ଥନା କରାଯାଇଛି ।

### କଟକରେ ଗଣେଶ ପୂଜା ପ୍ରସ୍ତୁତି ବୈଠକ

## ପୂଜା ମଣ୍ଡପରେ ଅଗ୍ନି ନିର୍ବାପକ ଯନ୍ତ୍ର ବାଧ୍ୟତାମୂଳକ



କଟକ(ଭାସ୍କର ନ୍ୟୁଜ୍): କମିସନ୍‌ରେଟ୍ ପୋଲିସ ପକ୍ଷରୁ ଗଣେଷ ପୂଜା ପ୍ରସ୍ତୁତି ବୈଠକରେ ପୂଜାରେ ଆଧୁନିକତା ପ୍ରଦର୍ଶନ ନକରି ଆଧାତ୍ମିକ ପରିବେଶ ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି । ବହୁ ପୂଜା ମଣ୍ଡପ ପୁରଣା ତାରରେ ବିଦ୍ୟୁତ୍ ସଂଯୋଗ କରୁଛନ୍ତି ଫଳରେ ଅଗ୍ନିକାଣ୍ଡ ଓ ବିଦ୍ୟୁତ୍‌ଜନିତ ଦୁର୍ଘଟଣା ଆଶଙ୍କା ରହୁଛି । ତେଣୁ ସବୁ ପୂଜା ମଣ୍ଡପରେ ଉନ୍ନତମାନର କିମ୍ବା ନୂଆ ତାର ବ୍ୟବହାର ଓ ଅଗ୍ନି ନିର୍ବାପକ ଯନ୍ତ୍ର ରହିବା ବାଧ୍ୟତାମୂଳକ ବୋଲି ଗଣେଶ ପୂଜା ପ୍ରସ୍ତୁତି ବୈଠକରେ ଡିସିପି ଖିଲାରି ରିଷିକେଶ ଦ୍ୟାନଦେଓ ଘୋଷଣା କରିଛନ୍ତି । ପୂର୍ବବର୍ଷ ଭଳି ଚଳିତ ଥର ସବୁ କମିଟି ପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭସାଣି ପାଇଁ ସ୍ଥାନୀୟ ଥାନାରୁ ଅନୁମତି ଆଣିବେ । କୌଣସି ପୂଜା ମଣ୍ଡପ ଗଣେଶଙ୍କ ପ୍ରତିମୂର୍ତ୍ତିକୁ କଦର୍ଯ୍ୟ କରି ଗଢ଼ିବେ ନାହିଁ । ପୌରାଣିକ ଦୃଶ୍ୟପଟକୁ ନେଇ ମୂର୍ତ୍ତି ଗଢ଼ାଯାଇପାରିବ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଶ୍ଳୀଳତା ରହିବ ନାହିଁ ଓ ରାତି ୧୦ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଆୟୋଜିତ ହେବ । ତେବେ ଭସାଣି ଶୋଭାଯାତ୍ରାରେ ବ୍ୟାଣ୍ଡ୍ କିମ୍ବା ସାଉଣ୍ଡ୍ ବକ୍ସରେ ଲିମିଟର ମେସିନ୍ ଲାଗିବା ବାଧ୍ୟତାମୂଳକ । ଯଦି କୌଣସି ସଂସ୍ଥା ଅମାନ୍ୟ କରନ୍ତି ତାହେଲେ ମାମଲା ରୁଜୁ ହେବ ବୋଲି ବୈଠକରେ ସ୍ପଷ୍ଟ କରିଦିଆଯାଇଛି । ବୈଠକରେ ପୁଲିସ କମିସନର ଏସ୍ ଦେବଦତ୍ତ ସିଂହ ଅଧ୍ୟକ୍ଷତା କରି ପୂଜାରେ ଆଧୁନିକତା ପ୍ରଦର୍ଶନ ନକରି ଆଧାତ୍ମିକ ପରିବେଶ ସୃଷ୍ଟି କରିବାକୁ ପରାମର୍ଶ ଦେଇଛନ୍ତି । କଟକର ଭାଇଚାରକୁ ବଜାୟ ରଖି ପୂଜା-ଭସାଣି ସାରିବାକୁ ସମସ୍ତେ ସଂକଳ୍ପ ନେବାକୁ କମିସନର ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମରେ କଟକ ମହାନଗର ପୂଜା କମିଟିର ସଂପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ବୈଠକ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ମେୟର ସୁବାସ ସିଂହ, ସିଏମ୍‌ସି କମିସନର କିରଣଦୀପ କୌର ସହୋତା, ବିଜେପିର ନୟନ କିଶୋର ମହାନ୍ତି, କଂଗ୍ରେସ ନେତା ସୁରେଶ ମହାପାତ୍ର, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ସାଧାରଣ ସଂପାଦକ ଭିକାରୀ ଦାସ, ପୂର୍ବାଂଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ସାଧାରଣ ସଂପାଦକ ପ୍ରଫୁଲ୍ଲ ସାହୁ, ସିପିଆଇ ନେତା ଅମରେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଥାଉକି ଗଣେଶ ପୂଜା ଆସନ୍ତା ୨୭ ତାରିଖରେ ହେବା ପରେ ସେହି ମାସ ଅର୍ଥାତ୍ ଅଗଷ୍ଟ ୩୧ ତାରିଖ ରବିବାର ପ୍ରଥମ ପର୍ଯ୍ୟାୟ ଭସାଣି ହେବ । ଏହାର ପର ଦୁଇ ରବିବାର ଅର୍ଥାତ୍ ସେପ୍ଟେମ୍ବର ୭ ଓ ୧୪ ତାରିଖରେ ଆଉ ଦୁଇ ପର୍ଯ୍ୟାୟରେ ଭସାଣି ସରିବ । ତେବେ ବୁଢ଼ା ଗଣେଶ ଭସାଣି ପାଇଁ ଏକ ସ୍ୱତନ୍ତ୍ର ତାରିଖ ସ୍ଥିର କରାଯିବ ।

## 'ସପୋର୍ଟ'ର ୨୫ ତମ ପ୍ରତିଷ୍ଠା ସମାରୋହ




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସପୋର୍ଟ'ର ୨୫ ତମ ପ୍ରତିଷ୍ଠା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ସନ୍ଧ୍ୟାରେ ବରିଷ୍ଠ ସାମ୍ବାଦିକ ତଥା 'ଓଡ଼ିଶା ଭାସ୍କର'ର ମୁଖ୍ୟ ସମ୍ପାଦକ ପ୍ରଦୋଷ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଇବର ସିକ୍ୟୁରିଟି ଶୀର୍ଷକ କର୍ମଶାଳା ଆୟୋଜିତ ହୋଇଥିଲା । ଏଥିରେ ବିଭାଗୀୟ ଏସିପି ଅକ୍ଷୟ କୁମାର ନାୟକ ସାଇବର ଅପରାଧର ବିଭିନ୍ନ ଦିଗ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, ଉପଦେଷ୍ଟା ସଞ୍ଜୟ ଲାଠ୍, ଉପସଭାପତି ସଞ୍ଜୀବ ସାହୁ, ରୋଟାରିଆନ୍ ତରୁଲତା ଦ୍ୱିବେଦୀ, ବିଜେପି ମୁଖପାତ୍ର ପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସମ୍ପାଦିକା ଅନୁପମା ଦାଶ ସ୍ୱାଗତ ଭାଷଣ ଦେଇଥିଲେ । ଦ୍ୱିତୀୟ ଦିବସରେ ସଭ୍ୟମାନଙ୍କ ଦ୍ୱାରା ବାଗ୍‌ଚୀ କରୁଣାଶ୍ରୟ କ୍ୟାନ୍ସର ହସ୍ପିଟାଲକୁ ନୂତନ ଶାଢ଼ୀ, ଧୋତି ଓ ଫଳ ଆଦି ଦାନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅନ୍ନପୂର୍ଣ୍ଣା ଦାସ, ବିଷ୍ଣୁପ୍ରିୟା ପୃଷ୍ଟି, ଝରଣା ମଲ୍ଲିକ୍, ନଳିନୀ ମିଶ୍ର, ଦୀପା ପଟ୍ଟନାୟକ, ଜୟନ୍ତ ଦାସ, ଧରଣୀଧର ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଓୟୋରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓୟୋରୁ ମିଳିଲା ଯୁବକଙ୍କ ଝୁଲନ୍ତା ମୃତଦେହ। ଫାର୍ମାସୀ ଛାତ୍ରଙ୍କ ମୃତ ଦେହ ଉଦ୍ଧାର ହୋଇଛି । ଭଗବାନପୁର ସ୍ଥିତ ସମୃଦ୍ଧି ରେସିଡେନ୍ସରେ ଘଟିଛି ଘଟଣା। ମୃତ ଯୁବକ ହେଲେ ସିପୁନ କୁମାର ମୁରୁଣି। ସିପୁନ ମହାବୀର ଫାର୍ମାସୀ କଲେଜର ଛାତ୍ର। କିଛି ଦିନ ହେବ କଲେଜ କି ଘରକୁ ଯାଉ ନଥିଲେ। ମାସେ ହେବ ଓୟୋରେ ରହୁଥିଲେ। ଅନଲାଇନ୍ ଗେମ୍ ମୃତ୍ୟୁର କାରଣ ହୋଇଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ତମାଣ୍ଡୋ ଥାନା ପୋଲିସ ମୃତଦେହ ଓ ମୋବାଇଲ ଜବତ୍ କରି ଚଳାଇଛି ତଦନ୍ତ। ସେପଟେ ପରିବାର ଲୋକେ କଲେଜ କର୍ତ୍ତୃପକ୍ଷଙ୍କ ନାଁରେ ଆଣିଛନ୍ତି ସାଙ୍ଘାତିକ ଅଭିଯୋଗ । ଗତ ମାସେ ହେବ କଲେଜ ନଯାଇ ଓୟୋ ହୋଟେଲରେ ରହୁଥିଲେ । ହେଲେ କଲେଜ ପକ୍ଷରୁ ପରିବାର ଲୋକଙ୍କୁ କୌଣସି ସୂଚନା ଦିଆଯାଇନଥିଲା । ଯେଉଁଥିପାଇଁ ତାଙ୍କ ପୁଅଙ୍କୁ ହତ୍ୟା କରାଯାଇ ଥିବା ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ପରିବାର ଲୋକେ ।

### ସଦ୍‌ଭାବନା ଦିବସ

## ରଙ୍ଗ ତୂଳୀରେ ଶାନ୍ତି, ଏକତା ଓ ଭାଇଚାରାର ସନ୍ଦେଶ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମଙ୍ଗଳବାର ଥିଲା ସଦ୍‌ଭାବନା ଦିବସ । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖକୁ ସଦ୍‌ଭାବନା ଦିବସ ରୂପେ ପାଳନ କରାଯାଇଥାଏ । ଦେଶର ଏକତା, ଶାନ୍ତ ଓ ସାମ୍ପ୍ରଦାୟିକ ସୌହାର୍ଦ୍ଦକୁ ଉତ୍ସାହିତ କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ । ଜାତୀୟତାର ଏହି ମହାନ୍ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ହୋଇ ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳର କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗ ତୂଳୀରେ ନିଖୁଣ୍ ରୂପେ 'ବିଭିନ୍ନତା ମଧ୍ୟରେ ଏକତା ହିଁ ଭାରତର ମୁଖ୍ୟ ପରିଚୟ' ଶୀର୍ଷକ ଚିତ୍ର ଆଙ୍କି ସାରା ବିଶ୍ୱକୁ ଦେଇଛନ୍ତି ଏକତା ଓ ଭାଇଚାରାର ବଳିଷ୍ଠ ସନ୍ଦେଶ । କଅଁଳ ବୟସରେ ଶାନ୍ତନୁଙ୍କ ଏଭଳି ଚିନ୍ତାଧାରାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ କରାଯାଇଛି ।

## ବିଜେବି କଲେଜରେ ରାଗିଂ ଅଭିଯୋଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେବି କଲେଜରେ ରାଗିଙ୍ଗ୍ ଅଭିଯୋଗ ହୋଇଛି। କ୍ୟାମ୍ପସରେ ଆୟୋଜିତ ରାଲିକୁ ନଯିବାରୁ +୩ ପ୍ରଥମ ବର୍ଷ ବାଣିଜ୍ୟ ଛାତ୍ର ଆୟୁଷ୍ମାନ ପତିଙ୍କୁ ବିଜେବି କଲେଜର ଛାତ୍ରଙ୍କ ସହ କିଛି ଅଣଛାତ୍ର ରାଗିଙ୍ଗ୍ କରିଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଆଣ୍ଟି ରାଗିଙ୍ଗ୍ କମିଟିରେ ଜଣେଇବା ପରେ କୌଣସି ସମାଧାନ ହେଉନାହିଁ । ଓଲଟା ରାଗିଙ୍ଗ୍ କରିଥିବା ଛାତ୍ରଙ୍କ ପାୱାର ଅଧିକ କହି ପରୋକ୍ଷରେ କମିଟି ଡ଼ରାଉଥିବା ଅଭିଯୋଗ କରିଛନ୍ତି ଛାତ୍ର। ଘଟଣା ନେଇ କଲେଜରେ ଆଣ୍ଟି ରାଗିଙ୍ଗ୍ କମିଟି ବୈଠକ ବସିଥିଲା। କ୍ୟାମ୍ପସରେ ପୋଲିସ ମଧ୍ୟ ପହଂଚିଥିଲା ହେଲେ କୌଣସି ସମାଧାନ ହୋଇନଥିବା ସୂଚନା ମିଳିଛି।

## ୪୫ ହଜାର ଶିଶୁ ବାଟିକା ପିଲାଙ୍କୁ ୟୁନିଫର୍ମ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ୪୫ ହଜାର ପ୍ରାଥମିକ ସ୍କୁଲ୍ ରେ ଶିଶୁ ବାଟିକା ଖୋଲା ଯାଇଥିବାବେଳେ ଏବେ ପିଲାଙ୍କୁ ୟୁନିଫର୍ମ, ଜୋତା, ମୋଜ, ଟ୍ରାକ ପ୍ୟାଣ୍ଟ। ୩ଲକ୍ଷ ୧୦,୮୪୯ ପିଲାଙ୍କୁ ୟୁନିଫର୍ମ ଦିଆଯିବ। ପ୍ରତି ପିଲା ପିଚା ୧୦୦୦ ଟଙ୍କା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଏନେଇ ନିଷ୍ପତି ନେଇଥିବାବେଳେ ପିଲାଙ୍କୁ ସ୍କୁଲ୍ ପ୍ରତି ଆକୃଷ୍ଟ କରିବା ପାଇଁ ଯୋଜନା କରାଯାଉଛି। ପିଲାମାନେ ଖୁସିରେ ସ୍କୁଲ୍ ଯିବେ ଓ ଅଭ୍ୟାସ ରେ ଏହା ପରିଣତ ହେଲେ ସ୍କୁଲ୍ ଚାଡ଼ିବା ପାଇଁ ମନ କରିବେ ନାହିଁ କି ଡ୍ରପ୍ ଆଉଟ୍ ବଢିବ ନାହିଁ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ।

## ନିର୍ବାଚନ କମିସନ ବିଜେଡିରୁ ସତ୍ୟପାଠ ଦାବି କରିନାହାନ୍ତି: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗତ ନିର୍ବାଚନରେ ପରିଲକ୍ଷିତ ହୋଇଥିବା କିଛି ଅସଙ୍ଗତିକୁ ନେଇ ବିଜୁ ଜନତା ଦଳ ନିର୍ବାଚନ କମିସନଙ୍କ ସମ୍ମୁଖରେ ଉଠାଇଥିବା ପ୍ରସଙ୍ଗରେ, ବିଜୁ ଜନତା ଦଳ ସତ୍ୟପାଠ ଦାଖଲ ନକରି କେବଳ ଉପର ଠାଉରିଆ ଭାବେ ଅଭିଯୋଗ କରିଛି ବୋଲି କିଛି ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବିଜୁ ଜନତା ଦଳ ପ୍ରତିକ୍ରିୟା ଦେଇ ଏହି ଖବରକୁ ଖଣ୍ଡନ କରିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ମିହିର ରାୟ ଓ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି ଗୋଟିଏ ଦାୟିତ୍ୱ ସମ୍ପନ୍ନ ରାଜନୈତିକ ଦଳ ଭାବେ ଗତ ନିର୍ବାଚନରେ ପରିଲକ୍ଷିତ ହୋଇଥିବା ଅସଙ୍ଗତିକୁ ନେଇ ଲିଖିତ ଭାବେ ନିର୍ବାଚନ କମିସନରଙ୍କ ଦୃଷ୍ଟି ଆକର୍ଷଣ କରିଛି । ନିର୍ବାଚନ କମିସନଙ୍କ ତରଫରୁ କୌଣସି ସମୟରେ ବିଜେଡିକୁ ସତ୍ୟପାଠ ମଗାଯାଇ ନାହିଁ, ତେଣୁ ଏହି ସତ୍ୟପାଠ ଦେବାର ଆବଶ୍ୟକତା ନାହିଁ । ଶ୍ରୀ ରାୟ କହିଥିଲେ, ରାଜ୍ୟର ବିଭିନ୍ନ ନିର୍ବାଚନ ମଣ୍ଡଳୀର ଫଳାଫଳକୁ ଅନୁଶୀଳନ କରିବା ପରେ, ଅନେକ ଅସଙ୍ଗତି ପରିଲକ୍ଷିତ ହୋଇଥିଲା । ଏହି ଅସଙ୍ଗତି ଗୁଡିକର ତଥ୍ୟ ଦେଇ ବିଜୁ ଜନତା ଦଳ ଲିଖିତ ଭାବେ ନିର୍ବାଚନ କମିସନଙ୍କୁ ୨୦୨୪ ମସିହା ଡିସେମ୍ବର ୧୯ ତାରିଖ ଦିନ ପତ୍ର ମାଧ୍ୟମରେ ଜଣାଇବା ସହ ଏହାର ସ୍ପଷ୍ଟୀକରଣ ଚାହିଁଥିଲା । ବିଜେଡି ପତ୍ରର ଉତ୍ତରରେ, ନିର୍ବାଚନ କମିସନଙ୍କ ତରଫରୁ ୧୦ ମାର୍ଚ୍ଚ ୨୦୨୫ରେ ଉତ୍ତର ଦିଆଯାଇଥିଲା । ଏହି ଉତ୍ତର ସନ୍ତୋଷଜନକ ହୋଇ ନଥିବାରୁ, ବିଜେଡି ତରଫରୁ ଏପ୍ରିଲ ମାସରେ ଆଉ ଏକ ଚିଠି ପ୍ରଦାନ କରାଯାଇଥିଲା । ଏହି ପତ୍ରର ଉତ୍ତରରେ ନିର୍ବାଚନ କମିସନ ଜୁଲାଇ ୧୪ ତାରିଖରେ ଉତ୍ତର ଦେଇଥିଲେ, ଯାହା ମଧ୍ୟ ବିଭିନ୍ନ ଦୃଷ୍ଟିରୁ ସନ୍ତୋଷଜନକ ନଥିଲା । ଏହାପରେ ନିର୍ବାଚନ କମିସନଙ୍କ ନିମନ୍ତ୍ରଣ କ୍ରମେ, ଆଜି ବିଜେଡିର ଏକ ବରିଷ୍ଠ ପ୍ରତିନିଧି ମଣ୍ଡଳୀ ଦିଲ୍ଲୀରେ ନିର୍ବାଚନ କମିସନଙ୍କୁ ଭେଟିଛନ୍ତି । ନିର୍ବାଚନ କମିସନ ଓ ବିଜେଡି ମଧ୍ୟରେ ଗତ ଡିସେମ୍ବର ମାସରୁ ନିୟମିତ ଭାବେ ବାର୍ତ୍ତାଳାପ ଚାଲିଥିବା ବେଳେ, କୌଣସି ସମୟରେ ବିଜେଡିକୁ ସତ୍ୟପାଠ କରିବା କଥା ନିର୍ବାଚନ କମିସନଙ୍କ ତରଫରୁ କୁହାଯାଇ ନାହିଁ । ନିର୍ବାଚନକୁ ଗଣତନ୍ତ୍ରର ମେରୁଦଣ୍ଡ ଭାବେ ବିଚାର କରାଯାଉ ଥିବାରୁ ସ୍ୱଚ୍ଛ ନିର୍ବାଚନ ପାଇଁ ସ୍ୱର ଉତ୍ତୋଳନ କରିବା ଅର୍ଥ ଗଣତନ୍ତ୍ରକୁ ମଜବୁତ କରିବା । ତେଣୁ, ନିର୍ବାଚନ କମିସନଙ୍କ ଚିଠିର ଉତ୍ତର ବିଜେଡି ଦେଉନାହିଁ ବା ସତ୍ୟପାଠ ଦାଖଲ କରିବା ପାଇଁ ବିଜେଡି ପଛଘୁଞ୍ଚା ଦେଉଛି ବୋଲି ଗଣମାଧ୍ୟମରେ କରାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଅମୂଳକ ଓ ଭିତ୍ତିହୀନ ।

## ଏସ୍‌ଆଇଆର ଦ୍ୱାରା ମତଦାତାଙ୍କ କ୍ଷେତ୍ରରେ ସ୍ୱଚ୍ଛତା ଆସିବ: ନିତ୍ୟାନନ୍ଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏସଆଇଆର ଲାଗୁ ନେଇ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଏସଆଇଆର ଦ୍ୱାରା ମତଦାତାଙ୍କ କ୍ଷେତ୍ରରେ ସ୍ୱଚ୍ଛତା ଆସିବ । ବିରୋଧୀ ତାଙ୍କ କଥା କହି ସରକାରଙ୍କୁ ଘେରିବେ । ଅଯୁକ୍ତିକର କଥା କହିବେ । ଯେଉଁଠି ହାରୁଛନ୍ତି ସେମାନେ କହୁଛନ୍ତି ମତଦାନରେ ଗଡବଡ ହୋଇଛି, ଜିତିଲେ ନୀରବ ରହୁଛନ୍ତି । ଲୋକ ପରିବର୍ତ୍ତନକୁ ସ୍ୱୀକାର କରୁଛନ୍ତି । ଏସଆଇଆଇ ଦ୍ୱାରା ସ୍ୱଚ୍ଛତାର ସହ ଆଗକୁ ନିର୍ବାଚନ ହେବ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି । ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହେଲେ ଏହାଦ୍ୱାରା ସ୍ୱଚ୍ଛତା ଆଉ ଏକ ପାଦ ଆଗକୁ ଯାଇପାରିବ ବୋଲି ମନ୍ତ୍ରୀ କହିଛନ୍ତି ।

## ଲିଭର ପ୍ରତିରୋପଣ କେନ୍ଦ୍ର ପରିଦର୍ଶନ କଲେ ବିଧାୟିକା



କଟକ(ଭାସ୍କର ନ୍ୟୁଜ): ମଙ୍ଗଳବାର ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋଷ ବନ୍ଦ ହୋଇପଡିଥିବା ଲିଭର ପ୍ରତିରୋପଣ କେନ୍ଦ୍ର ପରିଦର୍ଶନରେ ଯାଇ ଏସସିବି ସୁପରିଣ୍ଟେଣ୍ଡେଣ୍ଟଙ୍କ ଆଲୋଚନା କରିଥିଲେ । ବର୍ଷେ ପାଖାପାଖି ହେବ ଏହା ବନ୍ଦ ହୋଇ ପଡିବା ଅତ୍ୟନ୍ତ ଚିନ୍ତାର ବିଷୟ ବୋଲି ବିଧାୟିକା କହିଥିଲେ । ପୂର୍ବ ଭାରତର ଏକମାତ୍ର ମେଡିକାଲ ଯେଉଁଠାରେ ଯକୃତ ପ୍ରତିରୋପଣ ହେଉଥିଲା । ଦୁଇଟି ପ୍ରତିରୋପଣ ପରେ ଏହାକୁ ବନ୍ଦ କରାଗଲା । ଅନେକ ରୋଗୀ ହନ୍ତସନ୍ତ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି । ଆଗାମୀ ବିଧାନସଭାରେ ଏହି ପ୍ରସଙ୍ଗ ଉଠାଇବା ସହ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରି ତୁରନ୍ତ ଏହାର ସମାଧାନ କରାଯିବ ବୋଲି ବିଧାୟିକା ସୋଫିଆ କହିଛନ୍ତି । ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଗୌତମ ଶତପଥି ଏହା ଉପରେ ବିଧାୟିକାଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଜେ କାମେଶ୍ୱର ରାଓ, ଶୋନୁ ସ୍ୱାଇଁ, ଅବଦୁଲ ନାସିମ ପ୍ରମୁଖ ଉପସ୍ଥିତ ଥିଲେ ।

## ଗ୍ରୀନ ଏନର୍ଜି ଓ ସ୍ମାର୍ଟ ମିଟରକୁ ନେଇ ରିପୋର୍ଟ ମାଗିଲା ଷ୍ଟାଣ୍ଡିଂ କମିଟି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶକ୍ତି ବିଭାଗର ଗୃହ କମିଟି ବୈଠକରେ ଗ୍ରୀନ ଏନର୍ଜି ଓ ସ୍ମାର୍ଟ ମିଟରକୁ ନେଇ ଉଦବେଗ ପ୍ରକାଶ ପାଇଛି। ତାପଜ ବିଦ୍ୟୁତ ଅପେକ୍ଷା ଜଳ ବିଦ୍ୟୁତ, ସୌର ବିଦ୍ୟୁତ ଏବଂ ପବନ ବିଦ୍ୟୁତ ଉତ୍ପାଦନ ବୃଦ୍ଧି କରିବା ପାଇଁ ଶକ୍ତି ବିଭାଗକୁ ସୁପାରିଶ କରାଯାଇଛି। ଅଧିକ ତାପଜ ବିଦ୍ୟୁତ ଉତ୍ପାଦନ ଯୋଗୁଁ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଗ୍ରୀନ ଏନର୍ଜିକୁ ବୃଦ୍ଧି କରିବାକୁ କୁହାଯାଇଛି । ସବୁ ମେଡିକାଲ କଲେଜ ଓ ହସ୍ପିଟାଲରେ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଇବାକୁ ଶକ୍ତି ବିଭାଗକୁ ସୁପାରିଶ କରିଛି କମିଟି। ସେହିପରି ମୃତ ବ୍ୟକ୍ତିଙ୍କ ନାମରେ ବିଦ୍ୟୁତ ବିଲ ବକେୟା ଥିଲେ ଏବଂ ତାଙ୍କ ପର ପିଢ଼ି ଭିନ୍ନ ଭିନ୍ନ ଘର କରିଥିଲେ ସେମାନଙ୍କୁ ରିହାତି ଦିଆଯାଇ ବିଦ୍ୟୁତ ସଂଯୋଗ କରାଯିବ ବୋଲି ପରାମର୍ଶ ଦିଆଯାଇଛି। ଏହାସହ ଡ଼ିଫେକଟିଭ ସ୍ମାର୍ଟ ମିଟର ଓ ପାୱାର କଟ ନେଇ ବୈଠକରେ ଉଦବେଗ ପ୍ରକାଶ ପାଇଛି । ସେଥିପାଇଁ ଶକ୍ତି ବିଭଗର ଷ୍ଟାଣ୍ଡିଙ୍ଗ କମିଟି ଶକ୍ତି ବିଭାଗକୁ ରିପୋର୍ଟ ମାଗିଛି।

## ଗାନ୍ଧୀଙ୍କ ଦ୍ୱିତୀୟ ଓଡ଼ିଶା ଆଗମନର ଶତବାର୍ଷିକୀର ଉଦ୍‌ଘାଟିତ




କଟକ(ଭାସ୍କର ନ୍ୟୁଜ୍): ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ଦ୍ୱିତୀୟ ଓଡ଼ିଶା ଆଗମନର ଶତବାର୍ଷିକୀ ଉପଲକ୍ଷେ ଆଜି କଟକର ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ପରିସରରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ରାଷ୍ଟ୍ରୀୟ ଯୁବା ସଙ୍ଗଠନଙ୍କ ମିଳିତ ଉଦ୍ୟମରେ ଉଦଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୯୨୫ ମସିହାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନିମନ୍ତ୍ରଣରେ ଗାନ୍ଧୀଜୀଙ୍କ ଆଗମନ ଓଡ଼ିଶାର ସାମାଜିକ ଓ ଆର୍ଥିକ ଇତିହାସରେ ଏକ ମହତ୍ୱପୂର୍ଣ୍ଣ ଅଧ୍ୟାୟ। ସେ ସମୟରେ ମଧୁବାବୁଙ୍କ ଦ୍ୱାରା ପ୍ରତିଷ୍ଠିତ ଉତ୍କଳ ଟ୍ୟାନେରୀ ଋଣଭାରରେ ଆକ୍ରାନ୍ତ ହୋଇ ପଡ଼ିଥିଲା। ଉତ୍କଳ ଗୌରବଙ୍କ ନିମନ୍ତ୍ରଣ ରକ୍ଷା କରି ଗାନ୍ଧୀଜୀ ନିଜେ ଉତ୍କଳ ଟ୍ୟାନେରୀ ପରିଦର୍ଶନ କରି, ସେଥିରେ ଲୋକଙ୍କ ପରିଶ୍ରମ, ସ୍ୱଦେଶୀ ସଂକଳ୍ପ ଓ ଗୁଣମାନରେ ନିଷ୍ଠାକୁ ଦେଖି ଅତ୍ୟନ୍ତ ଅନୁପ୍ରାଣିତ ହୋଇଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ଏପରି କୁଟୀର ଶିଳ୍ପଗୁଡ଼ିକୁ ଋଣଭାରରୁ ମୁକ୍ତ କରି, ସମ୍ପୂର୍ଣ୍ଣ ପୁନରୁଦ୍ଧାର କରିବା ଆବଶ୍ୟକ, କାରଣ ଏହି ପ୍ରତିଷ୍ଠାନ ଦେଶବାସୀଙ୍କୁ ସ୍ୱାବଲମ୍ବନ ଓ ସ୍ୱାଭିମାନର ପଥରେ ନେଇଯାଇପାରିବେ। ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଭାପତି ମନୋରନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ଓ ଉତ୍କଳ ଗୌରବ ମଧୁସୂଦନଙ୍କ ସାକ୍ଷାତର ୧୦୦ ବର୍ଷ ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଗାନ୍ଧୀ-ମଧୁ ଲେଖକ ଦାସ ବେନହୁର, ମୁଖ୍ୟ ବକ୍ତା ଭାବେ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ତଥା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଶୈଳବାଳା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଜୀବନ ବଲ୍ଲଭ ଜେନା, ସମ୍ମାନିତ ବକ୍ତା ଭାବେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଙ୍ଗଠନ ସମ୍ପାଦକ ହରିହର ସେନ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ଗାନ୍ଧୀ ସ୍ମାରକ ନିଧିର କେନ୍ଦ୍ରୀୟ ଟ୍ରଷ୍ଟି ବିଶ୍ୱଜିତ୍ ସଭା ସଂଚାଳନ କରିଥିବା ବେଳେ ଉତ୍କଳ ସର୍ବୋଦୟ ମଣ୍ଡଳର ସଭାପତି ମିହିର ପ୍ରତାପ ଦାସ ସ୍ୱାଗତ ଭାଷଣ ଓ ରାଷ୍ଟ୍ରୀୟ ଯୁବା ସଂଗଠନର ସଂଯୋଜକ ମାନସ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶୈଳବାଳା ମହିଳା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ସହଯୋଗୀ ପ୍ରାଧ୍ୟାପକ ଡ଼. ଅନିରୁଦ୍ଧ କୁମାର ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ।


DSPL-214

ଟେଣ୍ଟ ହାଉସ୍ ମାଲିକ ଏବଂ କର୍ମଚାରୀଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅସ୍ଥାୟୀ ପୂଜା ପେଣ୍ଡାଲ ନିର୍ମାଣ ପୂର୍ବରୁ ଆୟୋଜକମାନଙ୍କଠାରୁ ସୁନିଶ୍ଚିତ କରାନ୍ତୁ ଯେ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟରୁ ଆବଶ୍ୟକୀୟ ଅନୁମତି ନିଆଯାଇଅଛି।
- ବିଦ୍ୟୁତ୍ ଲାଇନ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜା କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ଲାଇଟ୍, ପଙ୍ଖା, ଏସି, ସାଉଣ୍ଡ ସିଷ୍ଟମ୍ ଏବଂ ଅନ୍ୟାନ୍ୟ ବୈଦ୍ୟୁତିକ ଉପକରଣ ନିମନ୍ତେ ଉପଯୁକ୍ତ ୱାରିଙ୍ଗ୍ କରନ୍ତୁ।
- ଯଥା ସମ୍ଭବ ବିଦ୍ୟୁତ୍ ତାରରେ କୌଣସି ପ୍ରକାର ଜଏଣ୍ଟେ ରଖନ୍ତୁ ନାହିଁ ଏବଂ ଆବଶ୍ୟକ ସ୍ଥଳେ ବିଦ୍ୟୁତ୍ କୁପରିବାହୀ ଟେପ୍ ବ୍ୟବହାର କରନ୍ତୁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୬/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣ ବ୍ୟବହାର ସୁନିଶ୍ଚିତ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR 04066/13/0028/2526



“ଧନ, ଜନ, ଯୌବନରେ ତିଳେ ମାତ୍ର ଗର୍ବ କର ନାହିଁ। କାରଣ କାଳ ଏହାକୁ ହରଣ କରିନିଏ।”

-ଆଦି ଶଙ୍କରାଚାର୍ଯ୍ୟ



“ସମାନତା ଏକ କଳ୍ପନା ହୋଇପାରେ କିନ୍ତୁ ତଥାପି ତାକୁ ଏକ ଶାସକୀୟ ସିଦ୍ଧାନ୍ତ ରୂପେ ସ୍ୱୀକାର କରିବା ଉଚିତ୍ ।”

-ବି.ଆର୍ ଆମ୍ବେଦକର



### ବଢ଼ି ଚାଲିଛି ଦୁର୍ଘଟଣା ହାର

# ଜନସଚେତନତାର ଜରୁରି ଆବଶ୍ୟକତା

ଏଇ ନିକଟରେ ସାରା ରାଜ୍ୟରେ ସଡ଼କ ସୁରକ୍ଷା ମାସ ପାଳନ କରାଯାଇଛି। ଏହି ଅବସରରେ ବ୍ୟାପକ ସଚେତନତା ସୃଷ୍ଟି ସହ ଅମାନିଆ ଗାଡ଼ି ଚାଳକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମାତ୍ର ଗୋଟିଏ ପଟେ ସଡ଼କ ସୁରକ୍ଷା ମାସ ପାଳିତ ହୋଇସାରିଥିବାବେଳେ ଅନ୍ୟପଟେ ଦୁର୍ଘଟଣାର ହାର ଦ୍ରୁତ ଗତିରେ ବଢ଼ି ଚାଲିଛି। ଖୋଦ୍ ରାଜ୍ୟର ରାଜଧାନୀ ଭୁବନେଶ୍ୱର ଏ କ୍ଷେତ୍ରରେ ଆଗୁଆ ରହିବା ସହିତ ଏଠାରେ ମୃତ୍ୟୁ ସଂଖ୍ୟା ଉଦ୍‌ବେଗଜନକ ସ୍ତରରେ ପହଞ୍ଚିଛି। ଏହି ପୃଷ୍ଠଭୂମିରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ବରିଷ୍ଠ ମନ୍ତ୍ରୀ ତଥା କ୍ଷମତାସୀନ ବିଜେପିର ଜଣେ ଆଗଧାଡ଼ିର ନେତା ନୀତିନ୍ ଗଡ୍‌କରୀ ନିକଟରେ ଲୋକସଭାରେ ଦେଇଥିବା ଏକ ମନ୍ତବ୍ୟ ବିଶେଷ ପ୍ରଣିଧାନଯୋଗ୍ୟ ମନେହେଉଛି। ଦେଶରେ ସଡ଼କ ଦୁର୍ଘଟଣା ସଂଖ୍ୟା ଯେପରି ହୁ ହୁ ହୋଇ ବଢ଼ିଚାଲିଛି, ତାକୁ ରୋକିବାରେ ମନ୍ତ୍ରୀଙ୍କ ଅସହାୟତା ତାଙ୍କ ମନ୍ତବ୍ୟରୁ ସ୍ପଷ୍ଟ ବାରି ହୋଇପଡ଼ିଥିଲା। ଗୃହର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଏକ ପ୍ରଶ୍ନର ଉତ୍ତର ଦେବା ସମୟରେ ଗଡ୍‌କରୀ ସ୍ୱୀକାର କରିଥିଲେ ଯେ, ସଡ଼କ ଦୁର୍ଘଟଣା କ୍ଷେତ୍ରରେ ସାରା ବିଶ୍ୱରେ ଭାରତର ସ୍ଥିତି ସବୁଠାରୁ ଖରାପ। ଅନ୍ୟଅର୍ଥରେ ବିଶ୍ୱର ସର୍ବାଧିକ ସଡ଼କ ଦୁର୍ଘଟଣା ଭାରତରେ ହିଁ ହୋଇଥାଏ ଓ ଏଥିରେ ଭାରତ ରେକର୍ଡ ସୃଷ୍ଟି କରିଛି। ମନ୍ତ୍ରୀ କ୍ଷୋଭଭରା କଣ୍ଠରେ ଆହୁରି କହିଥିଲେ, “ସଡ଼କ ପରିବହନ ବିଭାଗର ମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରିବା ପରେ ଦୁର୍ଘଟଣା ସଂଖ୍ୟା ୫୦ ପ୍ରତିଶତ କମାଇବାକୁ ମୁଁ ପ୍ରତିଶ୍ରୁତି ଦେଇଥିଲି। ମାତ୍ର ସେହି ପ୍ରତିଶ୍ରୁତି ପାଳନରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବରଂ ଦିନକୁ ଦିନ ଅବସ୍ଥା ଆହୁରି ଖରାପ ହୋଇପଡୁଛି, ଦୁର୍ଘଟଣା ସଂଖ୍ୟା ବଢ଼ିବଢ଼ି ଚାଲିଛି। ବାସ୍ତବିକ୍ ଏହା ଅତ୍ୟନ୍ତ ଚିନ୍ତାଜନକ।” ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଗଡ୍‌କରୀ କିଛିବର୍ଷ ପୂର୍ବେ ପରିବାର ସହ ଯାଉଥିବା ବେଳେ କିପରି ବଡ଼ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ତାହା ସ୍ମରଣ କରିଥିଲେ। ସୁଇଡେନ୍ ଭଳି ଦେଶ ସଡ଼କ ଦୁର୍ଘଟଣା ହାର ଶୂନକୁ ଆଣିପାରିଛି, ଅର୍ଥାତ୍ ସେଠାରେ ଗୋଟିଏ ହେଲେ ଦୁର୍ଘଟଣା ଘଟୁନାହିଁ। ଆହୁରି ଅନେକ ଦେଶ ଦୁର୍ଘଟଣା ସଂଖ୍ୟା ହ୍ରାସ କରିଥିବା ବେଳେ ଆମ ଦେଶରେ ଏହି ସଂଖ୍ୟା ବୃଦ୍ଧି ପାଇବା ଲଜ୍ଜାକର ବୋଲି ସେ କହିଥିଲେ। କୌଣସି ବିଶ୍ୱ ସମ୍ମିଳନୀରେ ସଡ଼କ ଦୁର୍ଘଟଣା ପ୍ରସଙ୍ଗରେ ଆଲୋଚନା ହେଲେ ମୁଁ ନିଜ ମୁହଁ ଲୁଚାଇବାକୁ ଉଦ୍ୟମ କରେ ବୋଲି ଗଡ୍‌କରୀ ପ୍ରକାଶ କରିଥିଲେ। ଦୁର୍ଘଟଣା କମାଇବା ପାଇଁ ମନୁଷ୍ୟର ବ୍ୟବହାରରେ ପରିବର୍ତ୍ତନ, ସମାଜରେ ପରିବର୍ତ୍ତନ ଓ ଆଇନକୁ ସମ୍ମାନ ଦେବା ଏକାନ୍ତ ଜରୁରି ବୋଲି ସେ ମତ ରଖିଥିଲେ। ଆମ ଦେଶରେ ସଡ଼କ ଦୁର୍ଘଟଣା ବଢ଼ିବାର ବିଭିନ୍ନ କାରଣ ଦର୍ଶାଇ ଗଡ୍‌କରୀ କହିଥିଲେ ଯେ, ରାଜପଥ ପାର୍ଶ୍ୱରେ ଟ୍ରକ୍‌ଗୁଡ଼ିକର ତ୍ରୁଟିପୂର୍ଣ୍ଣ ପାର୍କିଂ ଓ ଶୃଙ୍ଖଳାର ଅଭାବ ଏଥିପାଇଁ ମୁଖ୍ୟତଃ ଦାୟୀ। ଅନେକ ଟ୍ରକ୍ ଲେନ୍ ନିୟମକୁ ଆଦୌ ପାଳନ କରୁନାହାନ୍ତି। ଏଥିସହିତ ଆନ୍ତର୍ଜାତୀୟ ମାନ ଅନୁଯାୟୀ ଟ୍ରକ୍‌ଗୁଡ଼ିକର ବଡି ଡିଜାଇନ୍ ପ୍ରସ୍ତୁତ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସେହିପରି ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ବସ୍‌ଗୁଡ଼ିକର ଝରକା ପାଖରେ ହାତୁଡ଼ିଟିଏ ରଖିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। କାରଣ ଦୁର୍ଘଟଣା ଘଟିବା ମାତ୍ରେ ଯାତ୍ରୀମାନେ ହାତୁଡ଼ି ଦ୍ୱାରା ଝରକା କାଚ ଭାଙ୍ଗି ବାହାରି ଆସିପାରିବେ। ସରକାରୀ ତଥ୍ୟ ଅନୁଯାୟୀ ଭାରତରେ ସଡ଼କ ଦୁର୍ଘଟଣାରେ ପ୍ରତିବର୍ଷ ୧ଲକ୍ଷ ୭୮ ହଜାର ଲୋକଙ୍କ ମୃତ୍ୟୁ ଘଟୁଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଯୁବବର୍ଗର, ଯେଉଁମାନଙ୍କ ବୟସ ୧୮ରୁ ୩୪ବର୍ଷ ମଧ୍ୟରେ। ଉତ୍ତର ପ୍ରଦେଶରେ ସର୍ବାଧିକ ୨୩ ହଜାର, ତାମିଲନାଡୁରେ ୧୮ ହଜାର, ମହାରାଷ୍ଟ୍ରରେ ୧୫ ହଜାର ଏବଂ ମଧ୍ୟପ୍ରଦେଶରେ ୧୩ହଜାର ଲୋକଙ୍କ ଜୀବନ ଦୁର୍ଘଟଣା ଯୋଗୁଁ ଅକାଳରେ ଚାଲିଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ସେହିପରି ଦେଶର ସହରଗୁଡ଼ିକ ମଧ୍ୟରେ ରାଜଧାନୀ ଦିଲ୍ଲୀରେ ସର୍ବାଧିକ ୧୪୦୦ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ଦକ୍ଷିଣ ଭାରତର ବେଙ୍ଗାଲୁରୁ ଏ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିଛି ଏବଂ ଏଠାରେ ୯୦୦ ଲୋକଙ୍କ ମୃତ୍ୟୁ ଘଟିଛି। ସଡ଼କ ପରିବହନ ମନ୍ତ୍ରୀଙ୍କ ଏଭଳି ସ୍ପଷ୍ଟ ସ୍ୱୀକାରୋକ୍ତି ଓ କ୍ଷୋଭଭରା ବୟାନକୁ ହାଲୁକା ଭାବରେ ବିଚାର କରାଯାଇନପାରେ। ସଡ଼କ ଦୁର୍ଘଟଣା ରୋକିବା କେବଳ ଆଇନ୍ ଦ୍ୱାରା ସମ୍ଭବ ନୁହେଁ, ଏଥିପାଇଁ ବ୍ୟାପକ ଜନସଚେତନତା ସୃଷ୍ଟିର ଜରୁରି ଆବଶ୍ୟକତା ରହିଛି।

# ପୋଲାଣ୍ଡର ସତ୍ୟାଗ୍ରହୀ

ମିହିର ପ୍ରତାପ ଦାସ
ମୋ-୯୯୩୭୮୬୩୫୨୮

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ନାଜୀମାନଙ୍କର ଆକ୍ରମଣକୁ ପୋଲାଣ୍ଡ ଦମ୍ଭର ସହିତ ପ୍ରତିରୋଧ କରିଥିଲା । ଗାନ୍ଧିଜୀ ପୋଲାଣ୍ଡର ବୀରତାକୁ ଭୂୟସୀ ପ୍ରଶଂସା କରିଥିଲେ । ଜଣେ ପୋଲାଣ୍ଡର ମହିଳା ଏହି ପ୍ରସଙ୍ଗରେ ତାଙ୍କୁ ଚିଠି ଲେଖିଥିଲେ । ଗାନ୍ଧିଜୀ ତାଙ୍କୁ ଉତ୍ତରରେ ଲେଖିଥିଲେ ଯେ ଭଦ୍ର ମହିଳା ଆନନ୍ଦିତ ଥିଲେ ତାଙ୍କର ହୃଦ୍‌ବୋଧ ହୋଇଥିଲା କି ତାଙ୍କର ଆଦରଣୀୟ ସ୍ୱପ୍ନର ପୋଲାଣ୍ଡ ନିଜର ଶେଷ ରକ୍ତ କଣିକା ପର୍ଯ୍ୟନ୍ତ ଲଢେଇ କରିଥିଲା । ବାସ୍ତବରେ ପୋଲାଣ୍ଡର ଲଢେଇ କେବଳ ତା'ର ନିଜର ସ୍ୱାଧୀନତା ପାଇଁ କରିଥିଲା ବୋଲି କହିବା ଠିକ୍ ହେବ ନାହିଁ । ଏହା କହିବା ଠିକ୍ ହେବ ଯେଉଁମାନେ ସ୍ୱାଧୀନତା ହରାଇଛନ୍ତି ପୋଲାଣ୍ଡ ସେମାନଙ୍କର ତରଫରୁ ମଧ୍ୟ ଲଢେଇ କରୁଥିଲା । ଏଣୁ ଭାରତ ତାଙ୍କର ଦ୍ୱିତୀୟ ପ୍ରିୟ ଦେଶ ହୋଇଥିଲା । ତାଙ୍କର ପରିକଳ୍ପନା ଚରିତାର୍ଥ ହେବ ଯଦି ପୋଲାଣ୍ଡ ଅତିଶୟ ମାତ୍ରାରେ ବୀରତ୍ୱ ପ୍ରଦର୍ଶନ କରିବ ଏଥିସହିତ ସମ ପରିମାଣର ପରମାର୍ଥ ପ୍ରଦର୍ଶନ କରିପାରିବ । ତେବେ ନିଜର ପ୍ରତିରକ୍ଷା ପାଇଁ ପୋଲାଣ୍ଡର ହିଂସା ଆଚରଣ ଇତିହାସରେ ଯଶସ୍ୱୀ ହେବ । ଏହି ପ୍ରକାର ହିଂସା ଆଚରଣକୁ ଅହିଂସା କୁହାଯିବା ମଧ୍ୟ ୟୁରୋପର ପୋଲାନ ଜନଜାତିକୁ ନେଇ ଗଢି ଉଠିଥିଲା ପୋଲାଣ୍ଡ ଦେଶ । ୧୦୨୫ ଖ୍ରୀଷ୍ଟାବ୍ଦ ପର ଠାରୁ ଦେଶର ଭିତ୍ତି ପଡିଥିଲେ ମଧ୍ୟ ୧୭୯୧ ବେଳକୁ ଏହାର ଶାସନର ଆଧୁନିକ ଯୁଗ ଆରମ୍ଭ ହୋଇଥିଲା । ଯାହା ପୋଲାଣ୍ଡର ସୁବର୍ଣ୍ଣ ଯୁଗ କୁହାଯିବ । ଏହାର ଅନ୍ତ ଘଟାଇ ପଡୋଶୀ ଶକ୍ତିଗଣ ତାକୁ ତିନି ଖଣ୍ଡ କରିଦେଇଥିଲେ । ପ୍ରଥମ ବିଶ୍ୱଯୁଦ୍ଧ ପରେ ପୁଣି ଥରେ ବିଛିନ୍ନ ଅଞ୍ଚଳ ଏକାଠି ହୋଇ ଗୋଟିଏ ଦେଶରେ ପରିଣତ ହେଲା । ୧୯୩୯ରେ ଜର୍ମାନ ତାକୁ ଦଖଲ କରିନେଇଥିଲା । ଜର୍ମାନ ହାତରୁ ମୁକ୍ତି ପାଇବା ପରେ କମ୍ୟୁନିଷ୍ଟ ନାମରେ ଅନ୍ଧାରୀ ଶାସନ ଆରମ୍ଭ ହୋଇଯାଇଥିଲା । ୧୯୮୦ ମସିହାରେ ମୌଳିକ ଅଧିକାର ବଞ୍ଚିତ ପୋଲାଣ୍ଡର ସାଧାରଣ ଜନତା ଶାସନ ଡୋରି ହାତକୁ ନେବା ପାଇଁ ବିପ୍ଳବ ଆରମ୍ଭ କରିଥିଲେ । ଯାହା ସଲିଡାରିଟି ଆନ୍ଦୋଳନ ନାମରେ ଇତିହାସ ପ୍ରସିଦ୍ଧ । ୧୯୮୯ ମସିହାରେ ଏକଛତ୍ର ଶାସନର ଧରାଶାୟୀ ହେଲା । କଲ୍ୟାଣକାରୀ ଗଣତନ୍ତ୍ର ସରକାର ଗଠନ କରାଗଲା । ସଲିଡାରିଟି ଆନ୍ଦୋଳନର ନେତୃତ୍ୱ ନେଇ ଥିଲେ ଲିଚେ ଓ୍ୱାଲେସା । ସେ ୧୯୪୩ ମସିହା ସେପ୍ଟେମ୍ବର ୨୯ ତାରିଖରେ ପୋଲାଣ୍ଡର ପୋପୋଓ ସହରରେ ଜନ୍ମଗ୍ରହଣ କରିଥାଏ । ସେତେବେଳେ ପୋଲାଣ୍ଡ ନଦୀ ଜର୍ମାନ କବଳରେ ଥିଲା । ତାଙ୍କର ବାପା ବୋଲେସଲ ଓ୍ୱାଲସା ଜଣେ କାଠ କାମ ବଢେଇ ଥିଲେ । ଲେଚେଙ୍କୁ ମାତ୍ର ଦୁଇ ବର୍ଷ ହୋଇଥିବାବେଳେ ତାଙ୍କର ମୃତ୍ୟୁ ହୋଇଥିଲା । ମାତା ଫେଲିକସା ଘରର ସବୁ ଦାୟିତ୍ୱ ମୁଣ୍ଡକୁ ନେଇ ସବୁ ସନ୍ତାନସନ୍ତତିଙ୍କୁ ଲାଳନପାଳନ କରିଥିଲେ । ବାଲ୍ୟ ଅବସ୍ଥାରୁ ପିତୃହରା ହୋଇଥିବାରୁ ଲେଚେ ପ୍ରବଳ ପରିଶ୍ରମରେ ଅଭ୍ୟସ୍ତ ହୋଇଯାଇଥିଲେ । ଦୀନ ମୂଲିଆ ଶ୍ରେଣୀର ଲୋକଙ୍କ ପାଇଁ ତାଙ୍କର ମନରେ ଗଭୀର ସମବେଦନା ଥିଲା । ତାଙ୍କର ପରିବାରର ଚଳିପାରିବା ପରି ଜମି ବାଡି ଥିଲା। ଲେଚେ ପିଲାଦିନରୁ ପ୍ରତିଭାବାନ ଭାବରେ ସମସ୍ତଙ୍କର ଆଦରର ପାତ୍ର ହୋଇଥିଲେ । ଫସଲ ଅମଳ ଓ ଘରକରଣା କାମରେ ସେ ତାଙ୍କର ମାତାଙ୍କୁ ସାହାଯ୍ୟ କରୁଥିଲେ । ପରିବାରର ଆର୍ଥିକ ଦୁରବସ୍ଥା ସମୟରେ ସେମାନେ କାହାଠାରୁ ସାହାଯ୍ୟ ନେଉ ନଥିଲେ । ସେ କୁଇନେ ପ୍ରାଥମିକ ବିଦ୍ୟାଳୟରେ ପଢିସାରିବା ପରେ ଲିପନେ ବୈଷୟିକ ବିଦ୍ୟାଳୟରୁ ମେକାନିକ ପାଠ ପଢି ଥିଲେ । ବିଦ୍ୟାଳୟରେ ପଢିବା ବେଳେ ପରୀକ୍ଷାରେ ସେ ଅଧିକ ମାର୍କ ରଖି ପାରୁନଥିଲେ । ତାଙ୍କର ହାତରେ କାରିଗରୀ ଯାଦୁ ଥିଲା ତାଙ୍କର ଦୃଢ ସଙ୍କଳ୍ପ ତାଙ୍କର ନେତୃତ୍ୱ ନେବାର ଗୁଣ ସମସ୍ତଙ୍କ ନିକଟରେ ତାଙ୍କୁ ପ୍ରିୟ ପାତ୍ର କରିପାରିଥିଲା । ୧୯୬୧ରେ ସେ ପାଠପଢା ସାରିଲା ପରେ ପୋଲାଣ୍ଡ ଦେଶର ନିୟମ ଅନୁସାରେ ତାଙ୍କୁ ସେନାବାହିନୀରେ ପ୍ରଥମେ କାମ କରିବାକୁ ପଡିଥିଲା । ୧୯୬୭ ଠାରୁ ସେ ଲେନିନ ସିପ୍‌ୟାର୍ଡରେ ଇଲେକ୍ଟ୍ରିସିଆନ ଭାବରେ କାର୍ଯ୍ୟ କରିଥିଲେ । ଶ୍ରମିକମାନଙ୍କର ସଂଗଠନରେ ସେ ଆଗ୍ରହ ନେଲେ । ୧୯୬୮ ଛାତ୍ର ଆନ୍ଦୋଳନକୁ ବିରୋଧ କରି ଶ୍ରମିକଙ୍କର ପ୍ରତିବାଦକୁ ସେ ସମସ୍ତଙ୍କୁ ଅନୁରୋଧ କରି ବନ୍ଦ କରାଇପାରିଥିଲେ । ୧୯୭୦ ମସିହାରେ ଖାଦ୍ୟ ସାମଗ୍ରୀର ଦରଦାମ ବିରୁଦ୍ଧରେ ଶ୍ରମିକ ଅସନ୍ତୋଷ ପ୍ରକାଶ ପାଇଲା । ସରକାରଙ୍କର ମନମୁଖୀ କାର୍ଯ୍ୟକୁ ବନ୍ଦ କରିବା ପାଇଁ ଆନ୍ଦୋଳନ କରିବାକୁ ନିଷ୍ପତ୍ତି କରାଗଲା । ଶ୍ରମିକ ସଂଗଠନ ସମୁହର ଅଧକ୍ଷ ଭାବରେ ଲେଚେଙ୍କୁ ନିର୍ବାଚିତ କରାଯାଇଥିଲା । ଧର୍ମଘଟରେ ୩୦ ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଲା । ଲେଚେ କିଛି ଗୋଟେ ବୃହତ ପରିବର୍ତ୍ତନ ପାଇଁ ନିଷ୍ପତ୍ତି ନେଇଥିଲେ । ୧୯୭୬ ମସିହା ଜୁନ ମାସରେ ଶ୍ରମିକ ସଂଗଠନଗୁଡିକୁ ଆତଙ୍କବାଦ ମାର୍ଗରେ ପରିଚାଳନା କରିବା, ନିର୍ଦ୍ଧାରିତ କାମଦାମରେ ବ୍ୟାଘାତ ସୃଷ୍ଟି କରିବା ଓ ମୃତ ଶ୍ରମିକମାନଙ୍କ ପାଇଁ ଅଯୁକ୍ତିକର ଦାବି ସ୍ଥାପନ କରିବାର ଅପରାଧକୁ ଘୋଷଣା କରି ତାଙ୍କୁ ତାଙ୍କର କାର୍ଯ୍ୟରୁ ବହିଷ୍କାର କରାଯାଇଥିଲା । ସେପେଟ ପାଟଣା ପାଇଁ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନରେ ସାମୟିକ କାମ କରୁଥିଲେ । ତାଙ୍କର ପରିବାର ବାରମ୍ବାର ପୋଲିସ ଓ ପ୍ରଶାସନ ଦ୍ୱାରା ନିର୍ଯାତିତ ହେଉଥିଲେ । ଗୁଇନ୍ଦା ବିଭାଗ ତାଙ୍କର ପଛରେ ପଡିରହୁଥିଲା । ତାଙ୍କୁ ଗିରଫ କରି ନିଆଗଲା । ଶ୍ରମିକ ସଂଗଠନଗୁଡିକ ଏକଜୁଟ ହେଲେ ୧୯୭୬ ପରେ କାରାଦଣ୍ଡ ଭୋଗୁଥିବା ଶ୍ରମିକମାନଙ୍କର ପରିବାରକୁ ଚଳିବା ପାଇଁ ସାହାଯ୍ୟ ଦେବାକୁ ଆରମ୍ଭ କରିଥିଲେ । ୧୯୭୮ ମସିହା ଠାରୁ ଲେଚେ ଆନ୍ଦୋଳନକୁ ପରିଚାଳନା କରିବାକୁ ଗୋପନ ବାସରେ ରହି ଗଲେ । ୧୯୮୦ ମସିହାରେ ଖାଦ୍ୟ ସାମଗ୍ରୀର ଦରଦାମ ହୁ ହୁ କରି ବଢିବାକୁ ଆରମ୍ଭ କରିଥିଲା । ଏଥର ଆନ୍ଦୋଳନ ଜୋର ଧରିଥିଲା । ଲେଚେ ଆନ୍ଦୋଳନର ରଣନୀତି ପ୍ରସ୍ତୁତ କରିଥିଲେ । ଆନ୍ଦୋଳନ ତାଙ୍କର ମାର୍ଗ ପ୍ରଦର୍ଶନରେ ସମଗ୍ର ପୋଲାଣ୍ଡରେ ଜୋର ଧରିଲା । ଲେଚେ ଓ୍ୱାଲେସା ମହାତ୍ମା ଗାନ୍ଧୀଙ୍କର ବିଚାରରେ ଅଖଣ୍ଡ ବିଶ୍ୱାସ ରଖିଥିଲେ । ସେ ସତ୍ୟ, ଅହିଂସା, ସତ୍ୟାଗ୍ରହକୁ ଅନୁସରଣ କରିବାରେ ଆଦୌ ହେଳା କରୁନଥିଲେ । ଲେଚେଙ୍କର ବିପ୍ଳବୀ ସଂଗଠନରେ ଏକ କୋଟି ସଦସ୍ୟ ସକ୍ରିୟ ରହିଲେ । ୧୯୮୧ ମସିହା ମାର୍ଚ୍ଚ ମାସରେ ପୋଲାଣ୍ଡ ସରକାର ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବାକୁ ପ୍ରସ୍ତାବ ଦେଲେ । ଲେଚେ ଆଲୋଚନା ଆରମ୍ଭ ପୂର୍ବରୁ କହିଲେ ସାମବାଦୀ ବିଚାର ଉତ୍ତମ ଅଟେ । କିନ୍ତୁ କେତେକ ବ୍ୟକ୍ତି ଏହାର ଅଢୁଆଳରେ କୁକାର୍ଯ୍ୟ କରି ଚାଲିଛନ୍ତି । ଲେଚେଙ୍କ ସହିତ ସରକାର ମାତ୍ର ଦଶମାସ ଭଲ ସଂପର୍କ ରଖିବାର ଅଭିନୟ କରିଲେ । କିନ୍ତୁ ୧୯୮୧ ମସିହା ଡିସେମ୍ବର ମାସରେ ସାମରିକ ଶାସନ ଜାରି କରିଦେଲେ । ଅନେକ ସଲିଡାରିଟି ଆନ୍ଦୋଳନର ନେତାଙ୍କୁ ଗିରଫ କରିନିଆଗଲା । ଲେଚେ ମଧ୍ୟ ବାଦ ପଡିନଥିଲେ । ତାଙ୍କୁ ଏଗାର ମାସ କାଳ ଗୋଟିଏ ସୀମାନ୍ତ ଜେଲରେ ଅଟକ ରଖାଯାଇଥିଲା । ୧୯୮୨ ମସିହାରେ ସଲିଡାରିଟି ସଂଗଠନକୁ ବେଆଇନ ଘୋଷଣା କରାଗଲା । ଲେଚେ ପୁଣି ଥରେ ଇଲେକ୍ଟ୍ରିସିଆନ ଭାବରେ କାମ କରିବାକୁ ନିଷ୍ପତ୍ତି ନେଇ ସାରିଥିଲେ । ସେହି ବେଳରେ ତାଙ୍କୁ ନୋବେଲ ପୁରସ୍କାର ଦିଆଯିବ ବୋଲି ଘୋଷଣା କରି ଦିଆଗଲା । ସେ ଦ୍ୱନ୍ଦ୍ୱରେ ପଡିଗଲେ । ଯଦି ନୋବେଲେ ପୁରସ୍କାର ଗ୍ରହଣ କରିବାକୁ ଦେଶ ବାହାରକୁ ଯିବେ ତେବେ ପୋଲାଣ୍ଡର ସାମରିକ ସରକାର ତାଙ୍କୁ ହୁଏତ ଦେଶ ଭିତରକୁ ପ୍ରବେଶ କରିବାକୁ ଅନୁମତି ନ ଦେଇପାରେ । ସେ ଦେଶ ବାହାରେ ରହିଗଲେ ଆନ୍ଦୋଳନ ଭଣ୍ଡୁର ହୋଇଯିବ । ଏହାକୁ ଭାବି ସେ ତାଙ୍କର ଧର୍ମପତ୍ନୀଙ୍କୁ ନୋବେଲ ପୁରସ୍କାର ଗ୍ରହଣ କରିବାକୁ ପଠାଇଥିଲେ । ୧୯୮୬ ବେଳକୁ ସଲିଡାରିଟି ଆନ୍ଦୋଳନ ଜୋର ଧରିଲା । ଅଧିକରୁ ଅଧିକ ନବ ଯୁବକ ଅଂଶଗ୍ରହଣ କରିଥିଲେ । ଲେଚେଙ୍କର ନେତୃତ୍ୱରେ ପ୍ରତି ପ୍ରଦେଶରେ ବିକଳ୍ପ ସରକାର ଗଠନ କରାଯାଇ ସାମରିକ ଶାସକଙ୍କର ସ୍ୱେଚ୍ଛାଚାରିତା ଓ ଅତ୍ୟାଚାରକୁ ଘେରିବା ଆରମ୍ଭ ହୋଇଗଲା । ଶ୍ରମିକ ସଂଗଠନଗୁଡିକ ଦୃଢତାର ସହିତ ଆନ୍ଦୋଳନରେ ବାଗ ନେଇ ଚାଲିଲେ । ପରିଶେଷରେ ସରକାର ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ସୂତ୍ର ଆଣିବାକୁ ନିଜ ତରଫରୁ ପ୍ରସ୍ତାବ ଦେଲେ । ଆଲୋଚନା ୧୯୮୯ ଫେବୃଆରୀ ମାସରୁ ଏପ୍ରିଲ ମାସ ପର୍ଯ୍ୟନ୍ତ ଚାଲିଥିଲା । ଏହି ମଧ୍ୟରେ ସେ ସମଗ୍ର ପୋଲାଣ୍ଡ ଭ୍ରମଣ କରି ଆଲୋଚନାର ଆବଶ୍ୟକତା ଓ ଭବିଷ୍ୟତ ଶାସନ ପ୍ରଣାଳୀ ସଂପର୍କରେ ଲୋକମାନଙ୍କୁ ବୁଝାଇଥିଲେ । ୧୯୮୯ ରେ ସଂସଦର ଗଣତାନ୍ତ୍ରିକ ନିର୍ବାଚନ ହୋଇ ଥିଲା । ସେ ତାଙ୍କର ନିର୍ବାଚନ ସ୍ଲୋଗାନ ରଖିଥିଲେ ଆମେ କରିବାକୁ ଇଛା ନଥିଲେ ମଧ ଆମକୁ ସଂପାଦନ କରିବାକୁ ହେବ । ୧୯୯୦ରେ ସେ ପୋଲାଣ୍ଡର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ରାଷ୍ଟ୍ରପତି ପଦ ଯିବା ପରେ ସେ ସମଗ୍ର ବିଶ୍ୱରେ ଗଣତନ୍ତ୍ରକୁ ସୁଦୃଢ ରଖିବାକୁ ପ୍ରଚାର କାର୍ଯ୍ୟ କରିଚାଲିଛନ୍ତି । ତାଙ୍କର ଅହିଂସା, ସତ୍ୟ, ସତ୍ୟାଗ୍ରହ ପ୍ରତି ନିଷ୍ଠା, ସରଳ ଶ୍ରମଯୁକ୍ତ ଜୀବନଶୈଳୀ ତାଙ୍କର ଗଣତନ୍ତ୍ର ସପକ୍ଷରେ ଆଜୀବନ ବିପ୍ଳବୀ ମାନସିକତା ପାଇଁ ପୋଲାଣ୍ଡର ଗାନ୍ଧୀ ଭାବରେ ତାଙ୍କ ଦେଶରେ ସେ ସମ୍ବୋଧିତ ।

# ମନର ପରିଭାଷା



ଅନୀତା ପଟ୍ଟନାୟକ
ଅବସରପ୍ରାପ୍ତ ପ୍ରଧାପିକା
ସିଡିଏ, ସେକ୍ଟର-୧୦, କଟକ
ମୋ: ୯୬୯୨୯୮୦୦୨୬

ଆଜି ପର୍ଯ୍ୟନ୍ତ ମୁଁ ତିନି ଚାରୋଟି ପିଲାମାନେ ଦେଇଥିବା ଉତ୍ତର ମୋ ପାଖରେ ରଖିଛି। ମୋ ପକ୍ଷେ ସେ ଉତ୍ତର ପତ୍ର ଗୁଡ଼ିକୁ ମୂଲ୍ୟାଙ୍କନ କରିବା ବା କାହାକୁ ପ୍ରଥମ, କାହାକୁ ଦ୍ୱିତୀୟ କାହାକୁ ତୃତୀୟ କରିବା ସମ୍ଭବପର ହୋଇପାରିନାହିଁ। ପାଠକମାନେ ଯଦି ଚାହିଁବେ ଓ ତାର ମୂଲ୍ୟାଙ୍କନ କରିଦେବ, ମୁଁ ଅତ୍ୟନ୍ତ ଆନନ୍ଦିତ ହେବି। ବିଷୟବସ୍ତୁ ଥିଲା ‘ମନ’ ଉପରେ କିଛି ଧାଡ଼ି ଲେଖିବା ପାଇଁ।

ଦ୍ରୌପଦୀ ନାମ୍ନୀ ଗୋଟିଏ ଛାତ୍ରୀ ଏହିପରି ଲେଖିଥିଲା ମନରୁ କାମ ଜାତ ହୁଏ। ଏହା ଏକ ମାରାତ୍ମକ ରୋଗ। ମନରୁ ମୋହ ସୃଷ୍ଟି ହୁଏ ଏହା ଏକ ଭୟଙ୍କର ଶତ୍ରୁ। ମନରୁ କ୍ରୋଧ ସୃଷ୍ଟି ହୁଏ ଏହା ଏକ ଜ୍ୱଳନଶୀଳ ଅଗ୍ନି। ମନରୁ ହିଁ ସୃଷ୍ଟି ହୁଏ ଷଡ଼ଯନ୍ତ୍ରକାରୀ ଚିନ୍ତାଧାରା, ମନ ଓ ଇନ୍ଦ୍ରିୟଲାଳସା ମିଶି ସୃଷ୍ଟି କରନ୍ତି ଦୁର୍ଦ୍ଦଶା। ମନ ସୁଖ ପ୍ରାପ୍ତି, ଦୁଃଖ ନିବୃତ୍ତି ମଣିଷ ଭିତରେ ସୃଷ୍ଟି କରେ। ମନ ମଣିଷକୁ ବିଭ୍ରାନ୍ତ କରେ। ଏଥିରୁ ମୁକ୍ତି ପାଇବାକୁ ହେଲେ ଜ୍ଞାନ ସହିତ ମିତ୍ରତା କରିବାକୁ ପଡ଼ିଥାଏ। ପଲ୍ଲବୀ ନାମ୍ନୀ ଏକ ଛାତ୍ରୀ ଏହିପରି ପ୍ରବନ୍ଧର କିଛି ଧାଡ଼ି ଲେଖିଥିଲା। ମନ ଜୀବନ ସାରା ମଣିଷକୁ ଆଗକୁ ଠେଲେ ଓ ପଛକୁ ଭିଡ଼ି ଟଣା ଓଟରା କରୁଥାଏ। ମନ ମଣିଷ ମଧ୍ୟରେ ଆନନ୍ଦର ଧାରଣା ଦିଏ। ମନ ବହୁଧ ସୁଖର ରୂପ ଦିଏ, ମନ ଧ୍ୱଂସ କରୁଥିବା ଦ୍ୱେଷକୁ ସୃଷ୍ଟି କରେ। ମନ ମଣିଷକୁ ଖୁସି କରୁଥିବା ବୋମାର ଆକାରକୁ ଦିଏ। ମନରୁ ସୃଷ୍ଟି ହୁଏ, ମନୋଭାବ, କାମନା ଓ ବାସନା। ମନ ଦିବ୍ୟ ବିଶ୍ୱର ଅଭିବ୍ୟକ୍ତି ଅଟେ। ମଣିଷ ଭୁଲି ଯାଇଛି ଯେ ଭଗବାନଙ୍କ ମନରୁ ଏହି ବିଶ୍ୱ ଜାତ। ଭଗବାନଙ୍କ ମନର କାମନା ହେଉଛି ‘ଏକ ଅହଂ ବହୁସ୍ୟାମି’ ତେଣୁ ମଣିଷର ମନ ଭଗବାନଙ୍କ କାମନାରୁ ଜାତ, ଅଙ୍କୁରିତ ବିସ୍ତାରିତ।

ମନ ନିର୍ମଳ ହେଲେ ଜଗତ ଅନୁଭୂଳ ହୁଏ। ମନ ଆବିଳ ହେଲେ ସଂଶୟର ସ୍ୱାଦ ସୃଷ୍ଟି ହୁଏ। ମନକୁ ସଂକ୍ରମଣ ମୁକ୍ତ କରିବାର ଉପାୟ ଭଗବାନଙ୍କ ଉପରେ ନିୟମିତ ଧ୍ୟାନ, ଆଧାତ୍ମିକ ସାଧନା, ଯଥା – ଭଜନ, ନଗର ସଂକୀର୍ତ୍ତନ ଜପ, ପରନିନ୍ଦା ପରଚର୍ଚ୍ଚାରୁ ନିବୃତ୍ତ ହେବା, ମଧୁର ସ୍ୱରରେ ବାକ୍ୟାଳାପ କରିବା ଇତ୍ୟାଦି।

ଶ୍ରେଷ୍ଠା ନାମକ ଆଉ ଏକ ଛାତ୍ରୀ ଏହିପରି ଲେଖିଥିଲା – ମନ ବୁଦ୍ଧି ଅଭିସୁଖି ହେବା ଉଚିତ। ମନକୁ ତିକ୍ତତାରୁ ମୁକ୍ତ କରାଯିବା ଉଚିତ। ମନକୁ ବିଶ୍ୱପ୍ରେମ, ଅମୃତରେ ଋଦ୍ଧିମନ୍ତ କରିବା ଉଚିତ, ମନ ଅସରନ୍ତି ଭାବ ସୃଷ୍ଟି କରୁଥିବା ଭାବନାକୁ ସମାପ୍ତ କରିପାରେନାହିଁ। ମନ ଭିତରେ ଅସରନ୍ତି ଭାବ ଅଙ୍କ ପରି ବଢ଼ିଚାଲେ। ମନ କାମର କୁଣ୍ଡଳୀ ସୃଷ୍ଟି କରେ ଏବଂ ରାମଙ୍କ ପାଖକୁ ଯିବାକୁ ଦିଏ ନାହିଁ। ମନ ଏକ ମୁହୂର୍ତ୍ତରେ ମଣିଷର ଅଧ୍ୟୟନ, ସେ ପାଇଥିବା ଉପଦେଶ ଓ ସତସଙ୍ଗକୁ ବୃଥା କରିଦିଏ। ମନ ଏପରି ସବୁ କରିପାରିଥାଏ କାରଣ ମଣିଷ ସେଗୁଡ଼ିକୁ ଚେତନା ଓ ଆନନ୍ଦରେ ପ୍ରବେଶ କରାଇ ପାରିନଥାଏ। ତେଣୁ ମଣିଷକୁ ଭଗବାନଙ୍କ ରୂପ, ଯଶ, ମହିମାରେ ମନକୁ ବାନ୍ଧି ପାରିଲେ ମନ ସୃଷ୍ଟି କରୁଥିବା ଶିକୁଳି ଛିଣ୍ଡି ଯାଇଥାଏ।

ଶ୍ୱେତାନାମ୍ନୀ ଏକ ଛାତ୍ରୀ ମନ ଉପରେ ଏହିପରି ଲେଖିଥିଲା – ମନ କାମନା ଓ ବର ଚାହେଁ। ମନ ଅପବିତ୍ର ସୁଖ ଲାଭ କରିବା ପାଇଁ ଚେଷ୍ଟିତ ହେବାବେଳେ ମନ ସୃଷ୍ଟି କରୁଥିବା ଅହଂକାର ସବୁ ପ୍ରକାର ଚତୁରତା କରୁଥାଏ। ମନରେ ଦୁଇ ପ୍ରକାରର ଭାବନା ଅଛି। ପ୍ରଥମତଃ ଏକତ୍ୱକାରୀ, ଦ୍ୱିତୀୟତଃ ପୃଥକ। ମନ ଦେହ ବିଷୟରେ ବିଚାରଶୀଳ। ସ୍ୱାସ୍ଥ୍ୟଗତ ବିଷୟରେ ଚିନ୍ତାମଗ୍ନ ହୁଏ। ମନ ଭୌତିକ ଅଧିକାର ପାଇଁ ଉଦବିଗ୍ନ ହୁଏ। ଭଗବାନଙ୍କର ସହାୟତା ପାଇଁ ଚିନ୍ତାଶୀଳ ହୁଏ। ମନ ରୂପଥିବା ଛବିକୁ ସମ୍ମାନ କରିବା ପାଇଁ ପ୍ରବର୍ତ୍ତାଇଥାଏ। ମଣିଷ ଭୁଲିଯାଏ ଯେ ତାକୁ ଚିନ୍ତା କରିବାକୁ ପ୍ରବର୍ତ୍ତାଉଛି କିଏ ? ଯଦି ସେ ଜାଣିଯିବ ସେ ମୁକ୍ତିଲାଭ କରିବ।


# ଧରଳିରୁ କିସ୍ତୱାର, କାଠୁଆ



ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ:୯୪୩୭୯୯୪୩୭୯

ହିମାଳୟ ଅଞ୍ଚଳରେ ମାତ୍ର ପନ୍ଦର ଦିନ ମଧ୍ୟରେ ତିନୋଟି ପ୍ରାକୃତିକ ବିପର୍ଯ୍ୟୟ ତଥା ବାଦଲଫଟା ବର୍ଷା କେବଳ ତିନୋଟି ଚରମ ଜଳବାୟୁ ଘଟଣା ନୁହେଁ, ପ୍ରକୃତିର କୋପର ପରିଣତି ବୋଲି କୁହାଯାଇପାରିବ। ଏହା ନିସନ୍ଦେହ ଯେ, ବାଦଲଫଟା ବର୍ଷା, ଏବେ ଆଉ ଅସ୍ୱାଭାବିକ ଘଟଣା ନୁହେଁ। ଉତ୍ତରାଖଣ୍ଡର ଧରାଳିରେ ବାଦଲଫଟା ବର୍ଷାର ବିପର୍ଯ୍ୟୟା ୧୦ଦିନ ପରେ କାଶ୍ମୀରର କିସ୍ତୱାର ଓ କାଠୁଆରେ ମାତ୍ର ତିନି ଦିନ ମଧ୍ୟରେ ଦୁଇଟି ବାଦଲଫଟା ବର୍ଷା, ଆକସ୍ମିକ ବର୍ଷା, ଭୂସ୍ଖଳନ, ଧ୍ୱଂସ ଓ ମୃତ୍ୟୁର ତାଣ୍ଡବ ରଚିଛି। କେବଳ ହିମାଳୟ ଅଂଚଳ ନୁହେଁ, ଦେଶର ବିଭିନ୍ନ ଅଞ୍ଚଳରେ ବାଦଲଫଟା ବର୍ଷା, ଅତିବୃଷ୍ଟି ଏବେ ଭୂସ୍ଖଳନର ତାଣ୍ଡବର ରୂପ ନେଇଛି ବୋଲି କହିଲେ ଭୁଲ ହୋଇନପାରେ। ପାର୍ବତ୍ୟ ଅଞ୍ଚଳରେ ଅଣଯୋଜନାକୃତ ନିର୍ମାଣ, ଜନବସତି ପ୍ରତିଷ୍ଠା, ଶିଳ୍ପ ପ୍ରତିଷ୍ଠା, ଆଖିବୁଜା ଗଛ କଟା ଏବଂ ଜଳଧାରାର ଗତିପଥ ନିୟନ୍ତ୍ରଣ ଏବଂ ଭୂମିରେ ଅସ୍ଥିରତା ଏବେ ବାଦଲଫଟା ଓ ଭୂସ୍ଖଳନର କାରଣ ହୋଇଛି। ଅତୀତରେ ଉତ୍ତରାଖଣ୍ଡର ଯୋଶୀମଠ, ବଦ୍ରିନାଥ, କେରଳର ଓ୍ୱାୟନାଡ ଅଞ୍ଚଳରେ ବାଦଲଫଟା ବର୍ଷା, ଭୂସ୍ଖଳନ ଓ ମୃତ୍ୟୁର ତାଣ୍ଡବ ରଚିଥିବାବେଳେ ପନ୍ଦର ଦିନ ମଧ୍ୟରେ ଧରାଳି, କିସ୍ତିୱାର ଓ କାଠୁଆରେ ବାଦଲଫଟା ବର୍ଷା, ଆକସ୍ମିକ ବନ୍ୟା, ଭୂସ୍ଖଳନ ସମଗ୍ର ମାନବ ସମାଜ ପାଇଁ ସତର୍କ ଘଣ୍ଟି ସଦୃଶ ହୋଇଛି। କାରଣ ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି ପ୍ରଭାବରେ। ଆସନ୍ତାକାଲି ଆଉ କେଉଁଠି ଚରମ ପ୍ରାକୃତିକ ବିପର୍ଯ୍ୟୟ ଘଟଣା ସମ୍ଭାବନାକୁ ଅଣଦେଖା କରାଯାଇନପାରେ। ଏହା ସତ୍ୟ ଯେ, ବିଶ୍ୱ ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପମାତ୍ରା ବୃଦ୍ଧି ଏବେ କେବଳ ଭାରତ ତଥା ହିମାଳୟ ଭୂଖଣ୍ଡର ସମସ୍ୟା ନୁହେଁ। ଏହାର ପ୍ରଭାବ ଏବେ ସାରା ବିଶ୍ୱରେ ପରିଲିଖିତ ହୋଇଛି। ଗଲା ଜୁନ୍ ମାସରେ ପର୍ତ୍ତୁଗାଲର ତାପମାତ୍ରା ୪୬ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିଲା। ୟୁରୋପର ଅସହ୍ୟ ଗ୍ରୀଷ୍ମ ପ୍ରବାହରେ ୨୦୦୦ରୁ ଉର୍ଦ୍ଧ୍ୱ ଜଙ୍ଗଲ ଜମି ପୋଡି ପାଉଁଶ ହୋଇଯାଇଥିବାବେଳେ ହଜାର ହଜାର ଲୋକ ସ୍ଥାନାନ୍ତର ହୋଇଥିଲେ। କେବଳ ଆମେରିକା କିମ୍ବା ୟୁରୋପ ନୁହେଁ, ଏସିଆ ମହାଦେଶର ବିଭିନ୍ନ ଅଂଚଳରେ ବିଶ୍ୱ ତାପମାତ୍ରା ପ୍ରଭାବରେ ଅସହ୍ୟ, ଗ୍ରୀଷ୍ମ ପ୍ରବାହ, ବନ୍ୟା, ବାତ୍ୟା ଅନିମୟିତ ମୌସୁମୀ ବର୍ଷା, ହିମଶୃଙ୍ଗ ତରଳିବା, ସମୁଦ୍ର ଜଳ ପତନ ବୃଦ୍ଧି ପାଇବାରେ ଲାଗିଛି। ବନ୍ୟା, ବାତ୍ୟା, ଗ୍ରୀଷ୍ମ ପ୍ରବାହ ମୃତ୍ୟୁର ତାଣ୍ଡବ ରଚୁଛି। ଭାରତରେ ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବ କ୍ରମଶଃ ବଢିବାରେ ଲାଗିଥିବାବେଳେ ୨୦୧୫ ରୁ ୨୦୨୪ ମଧ୍ୟରେ ୩୨.୩ ମିଲିଅନ ଲୋକ ସ୍ଥାନାନ୍ତର ହୋଇଥିବା ଜେନେଭା ସ୍ଥିତ ଇଣ୍ଟର ନ୍ୟାସନାଲ ବିସ୍ଥାପିତ ମନିଟରିଂ ସେଣ୍ଟର(ଆଇଡିଏମସି) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। ସେହିପରି ବୈଶ୍ୱିକ ପରିସଂଖ୍ୟାନ ମଧ ଅତି ଗମ୍ଭୀର। ଏହି ଅବଧି ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟାୟ କାରଣରୁ ୨୬୪.୮ ମିଲିଅନ ବିସ୍ଥାପିତ ହେବାକୁ ବାଧ ହୋଇଥିବା କୁହାଯାଏ। ପୂର୍ବ ଓ ଦକ୍ଷିଣ ଏସୀୟ ଅଞ୍ଚଳ ଏହି ସମୟ ମଧ୍ୟରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ରିପୋର୍ଟରେ କୁହାଯାଇଛି। ଭାରତ ବ୍ୟତୀତ ଚୀନ, ଫିଲପାଇନସ୍, ବଙ୍ଗଳାଦେଶ ମଧ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ରିପୋର୍ଟରେ କୁହାଯାଇଛି। ଆଇଡିଏମସି ରିପୋର୍ଟରେ ବିଶ୍ୱର ସର୍ବାଧିକ ପ୍ରାକୃତିକ ବିପଦସଂକୁଳ ରାଷ୍ଟ୍ର ତାଲିକାରେ ଚୀନ ପ୍ରଥମ ସ୍ଥାନରେ ରହିଥିବାବେଳେ ଫିଲପାଇନସ୍ ଦ୍ୱିତୀୟ ଏବଂ ଭାରତ ତୃତୀୟ ସ୍ଥାନରେ ରହିଛି। ସେହିପରି ଭାରତ ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ପରିଚାଳନା ମନ୍ତ୍ରଣାଳୟ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରକାଶିତ ରିପୋର୍ଟରେ ତାପମାତ୍ରା ବୃଦ୍ଧି ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି ତାହା ଅତ୍ୟନ୍ତ ଚିନ୍ତାଜନକ। ଏକବିଂଶ ଶତାବ୍ଦୀର ପ୍ରଥମ ତ୍ରୟରେ ହାରାହାରି ତାପମାତ୍ରା ୧୫ଡିଗ୍ରୀ ବୃଦ୍ଧି ପାଇଛି। ୨୦୨୧ରେ ହାରାହାରି ତାପମାତ୍ରା ୨୫.୫ ଡିଗ୍ରୀ ଥିବାବେଳେ ୨୦୨୪-ରେ ୨୫.୭୪ ଡିଗ୍ରୀ ସେଲସିୟସ୍‌କୁ ବୃଦ୍ଧି ପାଇଛି। ଉଭୟ ଦିନ ଓ ରାତ୍ରିର ତାପମାତ୍ରା ଏହି ଅବଧି ମଧ୍ୟରେ ୧ଡିଗ୍ରୀ ବୃଦ୍ଧି ପାଇଛି। କେବଳ ଏତିକି ନୁହେଁ, ଗତ ବର୍ଷ ଭାରତରେ ସର୍ବାଧିକ ୨୦ ହିଟୱେଭ୍ ଦିବସ ଥିବା ରେକର୍ଡ କରାଯାଇଛି। ଯାହାକି ଗତ ୧୪ବର୍ଷ ମଧ୍ୟରେ ସର୍ବାଧିକ। ଏହା ନିସନ୍ଦେହ ଯେ, ପ୍ରକୃତି ଉପରେ କ୍ରମାଗତ ଅତ୍ୟାଚାର ବିଶ୍ୱ ତାପମାତ୍ରା ଓ ଜଳବାୟୁ ପରିବର୍ତ୍ତନ ବଢିଚାଲିଛି। ଏହାର ପ୍ରଭାବରେ ପ୍ରାକୃତିକ ବିପର୍ଯ୍ୟାୟ ବଢିଚାଲିଛି। ଏବେ ଧରାଳି, କିସ୍ତୱାର ଓ କାଠୁଆରେ ପ୍ରାକୃତିକ ବିପର୍ଯ୍ୟାୟ ଘଟିଛି। ବେଳହୁଁ ସତର୍କ ନ ହେଲେ ହିମାଳୟରେ ଆହୁରି ବିପର୍ଯ୍ୟୟ ଘଟିବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ।

# ଆଜିବି ରେଡ଼ିଓ କହୁଛି...



ଅଧ୍ୟାପକ ରାଜେଶ୍ ରାୟ
ରେଡ଼ିଓ ଉପସ୍ଥାପକ , ଆକାଶବାଣୀ ଜୟପୁର
ମୋ:- ୬୩୭୧୫୫୫୯୪୦

କିଛିଦିନ ପୂର୍ବେ ମୋର ଜଣେ ବନ୍ଧୁଙ୍କ ସହ ଫୋନ୍ ଯୋଗେ ବାର୍ତ୍ତାଳାପ ଚାଲୁଥିଲା ବେଳେ ରେଡ଼ିଓର କଥା ପଡ଼ିଲା । ବନ୍ଧୁ ଜଣକ ମତେ କହିଲେ , ଆଜିକାଲି ଆଉ କିଏ ରେଡ଼ିଓ ଶୁଣୁଛି ? ସିଏ ଗୋଟିଏ ଯୁଗ ଥିଲା ଯେତେବେଳେ ଲୋକେ ରେଡ଼ିଓ ଶୁଣୁଥିଲେ। ଏକଥା ଶୁଣି ମନକୁ ଭାରି କଷ୍ଟ ଲାଗିଲା । ଯେତେହେଲେ ବି ରେଡ଼ିଓ ସହ ପିଲାଦିନୁ ମୋର ନିବିଡ଼ ସମ୍ପର୍କ । ଏବେ ସମୟ ବଦଳିବା ସହ ଗଣମାଧ୍ୟମର ବିବର୍ତ୍ତନ ଘଟିଛି ସତ । ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ଯୁଗରେ ଇଣ୍ଟରନେଟ ଠାରୁ ଆରମ୍ଭ କରି କୃତ୍ରିମ ବୁଦ୍ଧିମତା ପର୍ଯ୍ୟନ୍ତ ପ୍ରତ୍ୟେକଟି କ୍ଷେତ୍ର ମଣିଷକୁ ନିଜ ଅକ୍ଟୋପସ ପଞ୍ଝା ଭିତରେ ବାନ୍ଧି ରଖିଛି କିନ୍ତୁ ସମସ୍ତ ଆଧୁନିକ ଯନ୍ତ୍ରପାତିର ଭିଡ଼ ଭିତରେ ମଧ୍ୟ ଆଜିବି ରେଡ଼ିଓ କଥା କହୁଛି । ଏହା ସତ ଯେ ବିବର୍ତ୍ତନର ଚକ୍ରରେ ବାନ୍ଧି ହୋଇ ରେଡ଼ିଓର ରୂପରେଖ ବଦଳିଛି। ଆଉ ସେ ପୁରୁଣା କାଠବାକ୍ସର ଚାରିକାନ୍ଥ ଭିତରେ ରେଡ଼ିଓ ଆବଦ୍ଧ ହୋଇ ନାହିଁ ବରଂ ନିଜର ମୁକ୍ତ ଡେଣା ଝାଡ଼ି ପ୍ରଯୁକ୍ତିବିଦ୍ୟାର ବିଶାଳ କ୍ଷେତ୍ରରେ ପାଦ ଥାପିଛି। ମୋବାଇଲ୍ ଫୋନର ଆପ୍ ଯୋଗେ ଏବେ ଆମେ ରେଡ଼ିଓକୁ FM ( frequency modulation ) ମାଧ୍ୟମରେ ଆମେ ଶୁଣି ପାରୁଛୁ । ବିଶ୍ୱର ଯେକୌଣସି ସ୍ଥାନରେ ଏବେ ରେଡ଼ିଓ ପହଞ୍ଚି ପାରୁଛି । ଅତୀତର ପୃଷ୍ଠାକୁ ଓଲଟାଇଲେ ଆମେ ଦେଖିବା ଯେ ୧୮୮୬ରୁ ୧୮୮୮ ମଧ୍ୟରେ ପ୍ରଖ୍ୟାତ ବୈଜ୍ଞାନିକ ହେନରିଚ୍ ରୁଡୋଲ୍ଫ ହର୍ଜଙ୍କ ବୈଦୁତିକ ଚୁମ୍ବକୀୟ ତରଙ୍ଗ ପରୀକ୍ଷଣ ଏବଂ ୧୯୦୧ ମସିହାରେ ଇଟାଲୀର ବୈଜ୍ଞାନିକ ଜି. ମାର୍କୋନୀଙ୍କ ଉଦ୍ୟମରେ ଗଢ଼ା ହୋଇଥିବା ଯନ୍ତ୍ରଦ୍ୱାରା ପ୍ରଥମେ ତାରବିହୀନ ବା ବେତାର ବାର୍ତ୍ତା ପ୍ରେରଣ କରାଯାଇଥିଲା । ସେଇଠୁ ହିଁ ରେଡ଼ିଓର ଜନ୍ମ । ୧୯୦୬ ମସିହାରେ ରେଜିନାଲଡ୍ ଫେସେନଡେନଙ୍କ ଦ୍ୱାରା ପ୍ରଥମେ ମଣିଷର ସ୍ୱର ରେଡ଼ିଓ ଯୋଗେ ପ୍ରସାରିତ ହୋଇଥିଲା। ଭାରତରେ ସର୍ବପ୍ରଥମେ ୧୯୨୩ ମସିହାରେ ‘ରେଡ଼ିଓ କ୍ଲବ୍ ଅଫ୍ ବମ୍ବେ’ ନାମରେ ରେଡ଼ିଓ ପ୍ରବେଶ କଲା । ୧୯୩୬ ମସିହାରେ ଅଲ୍ ଇଣ୍ଡିଆ ରେଡ଼ିଓ ଏବଂ ୧୯୫୬ ମସିହାରେ ଆକାଶବାଣୀ ଭାବେ ଜନମାନସରେ ରେଡ଼ିଓ ଆଦୃତ ଲାଭ କଲା । ସେହି ସମୟରୁ ରେଡ଼ିଓ ନିଜର କାମ କରି ଚାଲିଛି । ପୂର୍ବରୁ ରେଡ଼ିଓ କହିଲେ ଆମେ କେବଳ ଅଲ୍ ଇଣ୍ଡିଆ ରେଡ଼ିଓ ବା ଆକାଶବାଣୀକୁ ବୁଝୁଥିଲୁ ଏବେ କିନ୍ତୁ ଏହାର ଶାଖା ପ୍ରସାରିତ ହୋଇ ଗୋଷ୍ଠୀ ବେତାର କେନ୍ଦ୍ର , ବାଣିଜ୍ୟିକ ରେଡ଼ିଓ (commercial radio) ବା ବେସରକାରୀ ରେଡ଼ିଓ ଏବଂ ଡିଜିଟାଲ ରେଡ଼ିଓ ନାମରେ ଉପଲବ୍ଧ ହେଲାଣି । ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳରେ ରହୁଥିବା ଲୋକଙ୍କୁ ଶିକ୍ଷା , ସୂଚନା ଓ ମନୋରଞ୍ଜନର ମାଧୁର୍ଯ୍ୟକୁ ଭେଟି ଦେବାପାଇଁ ସୃଷ୍ଟି ହୋଇଛି ଗୋଷ୍ଠୀ ବେତାର କେନ୍ଦ୍ର ଯାହା ସେହି ଅଞ୍ଚଳର ଲୋକଙ୍କ କଥା କହୁଛି ଏବଂ ସେମାନଙ୍କ ରୁଚି ଅନୁଯାୟୀ କାର୍ଯ୍ୟକ୍ରମ ପ୍ରଚାର କରୁଛି । ସେହିପରି ବର୍ତ୍ତମାନର ଯୁବପିଢିମାନଙ୍କୁ ଅତ୍ୟାଧୁନିକ ଶୈଳୀରେ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକ ପରସି ଦେଉଛି ବାଣିଜ୍ୟିକ ଓ ଡିଜିଟାଲ ରେଡ଼ିଓ । ଏହାକୁ ଛାଡ଼ିଦେଲେ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ଜେଲରେ ମଧ୍ୟ ରେଡ଼ିଓ କାମ କରୁଛି । ମୋ ବନ୍ଧୁ ଜଣକ ଏତେସବୁ କଥାଶୁଣି କିଛି ସମୟ ଭାବିଲେ ଆଉ କହିଲେ ‘ଯେଉଁଠି ଲୋକମାନେ ସାମାଜିକ ଗଣମାଧ୍ୟମରେ ଦିନ କାଟୁଛନ୍ତି, ୟୁଟ୍ୟୁବ୍ ଭିଡ଼ିଓ ନଦେଖିଲେ ତାଙ୍କୁ ନିଦ ହେଉନାହିଁ, ଡିଜେ ରିମିକ୍ସ ଗୀତରେ ପାଦ ବାନ୍ଧି ହୋଇଯାଉଛି ସେଇଠି ରେଡ଼ିଓ କଣ ତିଷ୍ଠି ରହିପାରିବ ? ଅବଶ୍ୟ ବନ୍ଧୁଙ୍କ କଥାଟି କିଛି ମାତ୍ରାରେ ସତ । ବର୍ତ୍ତମାନ ରେଡ଼ିଓ ଶୁଣୁଥିବା ଶ୍ରୋତାଙ୍କ ସଂଖ୍ୟା ବହୁତ୍ କମ୍ କିନ୍ତୁ ଆମକୁ ବୁଝିବାକୁ ପଡ଼ିବ ଯେ ରେଡ଼ିଓର ସ୍ଥାନ ଏ ସମସ୍ତ ବିକଳ୍ପ ଠାରୁ ସ୍ୱତନ୍ତ୍ର ଓ ନିଆରା କାରଣ ରେଡ଼ିଓ ଆମକୁ ଭେଟି ଦେଉଥିବା କାର୍ଯ୍ୟକ୍ରମ ଅନ୍ୟ ମାଧ୍ୟମରେ ମିଳିପାରେନି । ଆଜିବି ରେଡ଼ିଓରେ ପ୍ରଚାର ହେଉଥିବା କାର୍ଯ୍ୟକ୍ରମଗୁଡ଼ିକରେ ଆମ ସଂସ୍କୃତି ଓ ପରମ୍ପରାର ସେହି ପୁରୁଣା ବାସ୍ନା ସ୍ପଷ୍ଟ ବାରି ହୋଇପଡ଼େ ଯାହା ଅନ୍ୟ ମାଧ୍ୟମ ପାଖେ ଅପହଞ୍ଚ। ପାଲା , ଦାସକାଠିଆ , ଲୋକଗୀତ , ପୁରାଣକଥା, ଭାଗବତ , ଶ୍ରୀରାମଚରିତ ମାନସ, ଘୋଡ଼ାନାଚ, ନାଟକ , ସଙ୍ଗୀତ ରୂପକ, ଆଦିବାସୀ ଗୀତ ପରି କାର୍ଯ୍ୟକ୍ରମ କେବଳ ରେଡ଼ିଓରେ ହିଁ ଶୁଣିବାକୁ ମିଳେ ଯାହାର ଆନନ୍ଦ ନିଆରା ଏବଂ ସେହି ସ୍ଥାନକୁ ଅନ୍ୟ କେହି ଛୁଇଁବା କଷ୍ଟସାଧ । ରେଡ଼ିଓରେ ଭାସି ଆସୁଥିବା ପ୍ରତିଟି ଶବ୍ଦରେ ଆମ ଭାଷାର ପରିଚୟ ଋଦ୍ଧିମନ୍ତ ହୁଏ । ଦୁଃଖର କଥା ହେଉଛି ଆଜିର ଯୁବପିଢିମାନେ ଏଥିପ୍ରତି ସଚେତନ ନାହାନ୍ତି । ତେଣୁ ସମୟ ଆସିଛି ରେଡ଼ିଓ ପ୍ରତି ଲୋକଙ୍କ ମନୋଭାବକୁ ଆକର୍ଷିତ କରିବା ପାଇଁ । ଏଥି ନିମନ୍ତେ ଅନେକ ଗୁଡ଼ିଏ ବୈପ୍ଳବିକ ପରିବର୍ତ୍ତନର ଆବଶ୍ୟକତା ରହିଛି ଯଥା ଯୁବପିଢିଙ୍କ ଆଗ୍ରହକୁ କେନ୍ଦ୍ରକରି ରେଡ଼ିଓର କାର୍ଯ୍ୟକ୍ରମକୁ ପ୍ରସ୍ତୁତ କରିବା ଦରକାର, ନୂତନ ପ୍ରଯୁକ୍ତିବିଦ୍ୟାକୁ ରେଡିଓରେ ପ୍ରୟୋଗ କରିବାର ଯଥେଷ୍ଟ ଆବଶ୍ୟକତା ମଧ୍ୟ ରହିଛି । ଯେହେତୁ ଶବ୍ଦ ଓ ସ୍ୱର ଦ୍ୱାରା ରେଡ଼ିଓ ପରିଚାଳିତ ତେଣୁ ସେଥିରେ ବୈପ୍ଳବିକ ଉନ୍ନତି ଆଣିବା ଜରୁରୀ ଯାହା ଫଳରେ ସବୁ ବର୍ଗର ଲୋକ ରେଡ଼ିଓ ସହ ଯୋଡ଼ି ହୋଇ ରହିବେ । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉପସ୍ଥାପନା ଶୈଳୀ । ଯେଉଁଠି ବେସରକାରୀ ବା ବାଣିଜ୍ୟିକ ରେଡ଼ିଓ ଗୁଡ଼ିକ ନୂଆ ଶୈଳୀର ଉପସ୍ଥାପନାକୁ ଆଦରି ନେଇ ତାହା ଉପରେ ଗବେଷଣା କରୁଛନ୍ତି ଏବଂ ଯୁବପିଢିଙ୍କୁ ସେହି କ୍ଷେତ୍ରରେ ଆକାଶବାଣୀ ପରି ଏକ ସର୍ବପୁରାତନ ରେଡ଼ିଓ ନେଟୱର୍କ ନିଜର ଚିରାଚରିତ ଢଙ୍ଗକୁ ପୂର୍ବପରି ଜାବୁଡ଼ି ଧରିଛି । ସତକଥା କହିଲେ ଅନ୍ୟ ଗଣମାଧ୍ୟମ ସଂସ୍ଥା ଗୁଡ଼ିକ ଯେଉଁ ବେଗରେ ବିକାଶ କରୁଛନ୍ତି ରେଡ଼ିଓ ସେହିପରି କରିପାରୁନାହିଁ କିନ୍ତୁ ଆଜିବି ରେଡ଼ିଓ କଥା କହୁଛି , ଗୀତ ଗାଉଛି , ଶିକ୍ଷଣୀୟ ଓ ମଜାଳିଆ କାର୍ଯ୍ୟକ୍ରମମାନ ଭେଟି ଦେଉଛି । ଆଗାମୀ ପିଢ଼ି ପାଇଁ ରେଡ଼ିଓକୁ ଏକ ଭିନ୍ନ ଢ଼ଙ୍ଗରେ ଉପସ୍ଥାପନ କରିବା ପାଇଁ ହେଲେ ଆବଶ୍ୟକ ପରିବର୍ତ୍ତନର , ଆନ୍ତରିକତାର ଓ ଦୃଢ଼ ପ୍ରୟାସର ।



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବିଜେପି ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ନିର୍ବାଚିତ ଏବଂ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀପଦ ପାଇବା ପରେ ତାଙ୍କ ପାରାଦୀପ ନିର୍ବାଚନ ମଣ୍ଡଳୀକୁ ନିୟମିତ ଗସ୍ତ କରି ଲୋକ ମାନଙ୍କ ସମସ୍ୟା ବୁଝିବାର ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଛନ୍ତି । ତେବେ ତାଙ୍କର ଏହି ପ୍ରଚେଷ୍ଟା ପାଇଁ ସେ ସାଧାରଣରେ ସର୍ବାଦୃତ ହେବା ସହ ତାଙ୍କର ଲୋକପ୍ରିୟତା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି । କିନ୍ତୁ ଏତେ ବ୍ୟସ୍ତତା ମଧ୍ୟରେ ମଧ୍ୟ ମନ୍ତ୍ରୀ ପାରାଦୀପ ବଡ଼ପଡ଼ିଆ ଆନା ଛକରେ ଥିବା ଧନେଶ୍ୱର ସାହୁ (ଦେବ ଭାଇ)ଙ୍କ ଚା' ଦୋକାନକୁ ଭୁଲି ପାରିନାହାନ୍ତି । ସୂଚନାଥାଉକି ଗତ ସାଧାରଣ ନିର୍ବାଚନ ପ୍ରଚାର ସମୟରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିଜ ଦଳୀୟ ସମର୍ଥକଙ୍କ ସହ ଏଠାରେ ଚା ପିଇ ସାଧାରଣ ଲୋକଙ୍କ ସହ ମିଶିଥାନ୍ତି । ନିର୍ବାଚନ ପରେ ପାରାଦୀପକୁ ବିଭିନ୍ନ କାର୍ଯ୍ୟକ୍ରମ ଗସ୍ତ କରିବା ସମୟରେ ମନ୍ତ୍ରୀ ଦେବ ଚା ଦୋକାନରେ ନିଜ ସମର୍ଥକ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହ ଏକାଠି ଚା' ପିଇବାର ଦୃଶ୍ୟ ସାଧାରଣରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି । ଚା' ପିଇବା ସମୟରେ ପାରାଦ୍ୱୀପ ଅଞ୍ଚଳର ବିକାଶ ପ୍ରସଙ୍ଗ ଉପରେ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଉପସ୍ଥିତ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରିଥାନ୍ତି । ତେବେ ଏହି ଘଟଣାକୁ ନେଇ ଦେବ ଚା ଦୋକାନ ଏବେ ବେଶ ଚର୍ଚ୍ଚାରେ ।

### କରଡ଼ାବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

## ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ଦାବିରେ ମୁଖ୍ୟ ଫାଟକରେ ତାଲା



ଢେଙ୍କାନାଳ(ଭାସ୍କର ନ୍ୟୁଜ): ବେଗା ଗ୍ରାମ ପଂଚାୟତ ଅଧୀନ କରଡ଼ାବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି, ଓ ଅନ୍ୟାନ୍ୟ ସମସ୍ୟାକୁ ନେଇ ଗ୍ରାମବାସୀ ବିଦ୍ୟାଳୟରମୁଖ୍ୟ ଫାଟକରେ ତାଲା ପକାଇ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଧାରଣା ଦେଉଛନ୍ତି । ଏହି ଧାରଣା ଦାବି ପୂରଣ ହେବା ପର୍ଯ୍ୟନ୍ତ ଜାରି ରହିବ ବୋଲି ଜଣାଯାଇଛି । ସୂଚନାରୁ ଜଣାଯାଏ ଯେ ଗଣିଆ ବ୍ଲକର ବେଗା ଗ୍ରାମ ପଂଚାୟତରେ କରଡ଼ାବଣି ଗ୍ରାମରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି ଓ ଉକ୍ତ ବିଦ୍ୟାଳୟରେ ସମୁଦାୟ ଛାତ୍ରଛାତ୍ରୀ ମିଶି ୧୧୪ ଜଣ ଅଧ୍ୟୟନ କରୁଛନ୍ତି । କିନ୍ତୁ ଦୀର୍ଘ ଦେଢ଼ ବର୍ଷ ହେଲା ଉକ୍ତ ବିଦ୍ୟାଳୟରେ କାର୍ଯ୍ୟରତ ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ବଦଳି ହୋଇଯାଇଛି । ତାହା ପରେ ଏଠି ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ହୋଇପାରିନାହିଁ । ପ୍ରତିବଦଳରେ ଜଣେ ସହକାରୀ ଶିକ୍ଷକ ଉକ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିଛନ୍ତି ଓ ତାଙ୍କୁ ମିଶାଇ ମୋଟ ଏଠାରେ ୪ଜଣ ଶିକ୍ଷକ ରହିଛନ୍ତି । ଅଧିକାଂଶ ସମୟ ଉକ୍ତ ପ୍ରଧାନ ଶିକ୍ଷକଙ୍କ ଏମେଟ ଅନ୍ୟ ଶିକ୍ଷାଦାନ କ୍ଷେତ୍ରରେ ଅବହେଳା କରିବା ଯୋଗୁ ଗୋଟିଏ ଶ୍ରେଣୀରେ ଦୁଇ ଦୁଇଟା କ୍ଲାସ କରିବାକୁ ପଡ଼ିଥାଏ ବୋଲି ଗ୍ରାମବାସୀ ଅନେକ ସମୟରେ ଅଭିଯୋଗ କରିଛନ୍ତି । ତତ ସହିତ ଉକ୍ତ ବିଦ୍ୟାଳୟରେ ପିଲାମାନଙ୍କୁ ଠିକ୍‌ରେ ମଧ୍ୟାହ୍ନ ଭୋଜନରେ ଅନେକ ସମୟରେ ନିମ୍ନମାନର ଖାଦ୍ୟ ଦିଆଯାଉଛି ବୋଲି ଅନେକ ପିଲା ଅଭିଯୋଗ କରିଛନ୍ତି । ସେହିପରି ସ୍ଥାୟୀ ପ୍ରଧାନ ଶିକ୍ଷକ ନଥିବାରୁ ଠିକରେ ପାଠ ପଢ଼ା ହେଉନଥିବାର ଗ୍ରାମବାସୀ ମାନେ ଅଭିଯୋଗ କରନ୍ତି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲ୍ଲୀପ କୁମାର ଲେଙ୍କା କୁହନ୍ତି ଯେ ପର୍ଯ୍ୟନ୍ତ ସ୍ଥାୟୀ ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ନିଯୁକ୍ତି ନହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ । ସେହିପରି ବର୍ତ୍ତମାନ ବିଦ୍ୟାଳୟର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ କୁହନ୍ତି ସ୍ଥାନୀୟ କୁମାର ମଲିକ କୁହନ୍ତି ଗ୍ରାମବାସୀ ମାନେ ଯେଉଁ ସବୁ ଅଭିଯୋଗ କରୁଛନ୍ତି ଯେ ଶିକ୍ଷକ ମାନେ ଠିକରେ ପାଠ ନପଢାଇ ଅନେକ ସମୟରେ ମୋବାଇଲରେ ଲିପ୍ତ ରହୁଛନ୍ତି ତାହା ସମ୍ପୂର୍ଣ୍ଣ ଭୁଲ ଅଟେ, ନିହାତି ଦରକାର ହେଲେ ମୋବାଇଲ ବ୍ୟବହାର କରାଯାଏ । ମଧ୍ୟାହ୍ନ ଭୋଜନ ଠିକ ଭାବରେ ପିଲାମାନଙ୍କୁ ଖାଇବାକୁ ଦିଆଯାଉଛି । ବିଦ୍ୟାଳୟରେ ତାଲା ପଡ଼ିଥିବା ଖବର ପାଇ ଗଣିଆ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ସାହୁ ଓ ସୁବାସ ଚନ୍ଦ୍ର ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ଧାରଣାରତ ଗ୍ରାମବାସିଙ୍କ ସହ ଆଲୋଚନା କରି ତାହାଙ୍କୁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଜିଲ୍ଲା ଶିକ୍ଷା ଅଧିକାରୀ ଧାରଣା ସ୍ଥଳକୁ ଆସି ସିଧାସଳଖ ଆଲୋଚନା କରି ଦାବି ପୂରଣ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଲା ପରେ ଧାରଣାରୁ ଉଠିବୁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି ।

## ନଦୀ ତଟବନ୍ଧ ଉପ-ବିଭାଜନରେ ସୂଚନା ଅଧିକାର ଆଇନକୁ ଫୁଁ



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ନଦୀ ତଟବନ୍ଧ ଉପ ବିଭାଜନ କାର୍ଯ୍ୟାଳୟରେ ଅନେକ କାର୍ଯ୍ୟରେ ବଡଧରଣର ତ୍ରୁଟି ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଛି । ଏହି ଉପ ବିଭାଜନ ଅଧୀନରେ କାର୍ଯ୍ୟ କରୁଥିବା ଏସଡିଓ ଏବଂ ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟ ନକରି ନଦୀ ବନ୍ଧ ମରାମତି କାର୍ଯ୍ୟ, ପଥର ଫାଙ୍କି, ନଦୀ ବନ୍ଧ ରାସ୍ତା ମରାମତି, ନୂତନ ରାସ୍ତା ନିର୍ମାଣ ନାମରେ ଅନେକ ସମୟରେ ଫଲ୍ସ ବିଲ୍ କରି ନେଉଥିବା ନଜର ରହିଛି ଯାହା ପାଇଁ ସୂଚନା ଅଧିକାର ଆଇନ ମାଧ୍ୟମରେ ଏହି ବିଭାଗର କାର୍ଯ୍ୟାଳୟକୁ ତଥ୍ୟ ପାଇଁ ଆବେଦନ କଲା ପରେ ମଧ୍ୟ ତଥ୍ୟ ମିଳୁ ନାହିଁ । ଗୋଳକପ୍ରସାଦ ସେକ୍ସନ ଦାୟିତ୍ୱରେ ଥିବା ଯନ୍ତ୍ରୀ ୫ ଲକ୍ଷ ମଧ୍ୟରେ କାର୍ଯ୍ୟ ହେଉଥିବା ଦର୍ଶାଇ ବିଭାଗୀୟ ଅଧିକାରୀଙ୍କ ଜରିଆରେ ଲକ୍ଷାଧିକ ଟଙ୍କା ହେରଫେର କରି ୭ ବର୍ଷ ହେବ ବିନା ବଦଳିରେ ଦୁର୍ନୀତିର ଆଧିପତ୍ୟ ବିସ୍ତାର କରିଛନ୍ତି । ଆର୍ଥିକବର୍ଷ ୨୦୧୯-୨୦ରୁ ଏହି ମହାକାଳପଡ଼ା ନଦୀ ତଟବନ୍ଧ ଉପ ବିଭାଜନ (ସାର୍ଜାଲନ)ରେ ୫୦ କୋଟିରୁ ଉର୍ଦ୍ଧ ଟଙ୍କାର ଦୁର୍ନୀତି ହୋଇଥିବା କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଅଭିଯୋଗ ହୋଇଛି । ଅନେକ ଦୁର୍ନୀତିର ଅଭିଯୋଗ ସାମ୍ନାକୁ ଆସୁଥିବା ବେଳେ ବାରମ୍ବାର ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଲେ ସୁଦ୍ଧା କୌଣସି ଉତ୍ତର ବା ତଥ୍ୟ ମିଳୁନାହିଁ । ଏମିତି କି ପ୍ରଥମ ଅପିଲ କର୍ତ୍ତୃପକ୍ଷ ମଧ୍ୟ କୌଣସି ନିୟମ ପାଳନ କରୁନାହାନ୍ତି । ଯାହା ପାଇଁ ଜିଲ୍ଲାପାଳଙ୍କ ନିକଟ ଜନ ଶୁଣାଣିରେ ଲିଖିତ ଅଭିଯୋଗ କରିଛନ୍ତି କେନ୍ଦ୍ରାପଡ଼ା ସୂଚନା ଅଧିକାର କର୍ମୀ ତଥା ଯୁବ ସାମ୍ବାଦିକ ରମେଶ ପାଢ଼ୀ । ଉକ୍ତ କାର୍ଯ୍ୟାଳୟରେ ଜନ ସୂଚନା ଅଧିକାରୀ ଅଛନ୍ତି କି ନାହିଁ ତାହାର ମଧ୍ୟ ତଦନ୍ତ କରିବା ଆବଶ୍ୟକ ବୋଲି ଶ୍ରୀ ପାଢ଼ୀ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି । ଆର୍ଥିକ ବର୍ଷ ୨୦୧୯-୨୦ରୁ ଏପର୍ଯ୍ୟନ୍ତ ହୋଇଥିବା ସମସ୍ତ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ମଧ୍ୟ ଦାବି କରିଥିବା ବେଳେ ଏଭଳି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ କରାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି କେନ୍ଦ୍ରାପଡ଼ା ଭିଜିଲାନ୍ସ କମିଟି ସଦସ୍ୟ ନଗେନ୍ଦ୍ର ଜେନା ।

## ଅଶୋକ କୁମାର ସାହୁ ପାରାଦୀପ ବନ୍ଦର ପ୍ରାଧିକରଣର ନୂତନ ମୁଖ୍ୟ ଅର୍ଥ ପରାମର୍ଶଦାତା



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ବନ୍ଦର ପ୍ରାଧିକରଣ ର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ. ସୋନାଙ୍କ ଅବସର ଗ୍ରହଣ ପରେ ଅଶୋକ କୁମାର ସାହୁଙ୍କୁ ଗତ ୭ ତାରିଖରେ ପାରାଦୀପ ବନ୍ଦରର ନୂତନ ଅର୍ଥ ପରାମର୍ଶଦାତା ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ସାହୁ ୨୦୦୫ରେ ୟୁରାନିୟମ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ ସହିତ ଜୁନିଅର ଆକାଉଣ୍ଟସ୍ ଅଧିକାରୀ ଭାବରେ ତାଙ୍କର ବୃତ୍ତିଗତ ଯାତ୍ରା ଆରମ୍ଭ କରିଥିଲେ । ଏହା ପରେ ସେ ପାରାଦୀପ ବନ୍ଦର ପ୍ରାଧିକାରଣରେ ଯୋଗ ଦେଇଥିଲେ, ଯେଉଁଠି ୨୦୦୫ରୁ ୨୦୧୬ ମଧ୍ୟରେ ଆକାଉଣ୍ଟସ୍ ଅଧିକାରୀ ଗ୍ରେଡ୍-୧ ଏବଂ ବରିଷ୍ଠ ଆକାଉଣ୍ଟସ୍ ଅଧିକାରୀ ଭାବରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଥିଲେ । ୨୦୧୬ରେ ତାଙ୍କୁ ବରିଷ୍ଠ ଉପମୁଖ୍ୟ ଆକାଉଣ୍ଟସ୍ ଅଧିକାରୀ ପଦବୀକୁ ପଦୋନ୍ନତି ଦିଆଯାଇଥିଲା ଏବଂ ୨୦୧୯ ପର୍ଯ୍ୟନ୍ତ ନ୍ୟୁ ମାଙ୍ଗାଲୋର ବନ୍ଦର ପ୍ରାଧିକାରଣରେ କାର୍ଯ୍ୟ କରିଥିଲେ । ପରବର୍ତ୍ତୀ ସମୟରେ ତାଙ୍କୁ ୨୦୧୯ ରୁ ୨୦୨୧ ପର୍ଯ୍ୟନ୍ତ ପାରାଦୀପ ବନ୍ଦରରେ ସମାନ ପଦବୀରେ ନିଯୁକ୍ତି ଦିଆଯାଇଥିଲା । ୨୦୨୧ ମସିହାରେ ତାଙ୍କୁ ଭି.ଓ. ଚିଦାମ୍ବରମର ବନ୍ଦର କର୍ତ୍ତୃପକ୍ଷରେ ଆର୍ଥିକ ପରାମର୍ଶଦାତା ଏବଂ ମୁଖ୍ୟ ଆକାଉଣ୍ଟସ୍ ଅଧିକାରୀ ପଦବୀକୁ ଉନ୍ନୀତ କରାଯାଇଥିଲା, ଯେଉଁଠି ତାଙ୍କର ବର୍ତ୍ତମାନ ପୋଷ୍ଟିଂ ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା ।

## ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଚାରିଛକ ଥାନା ଅଞ୍ଚଳରେ ଲୁଟେରା ଆତଙ୍କ ଦେଖା ଦେଇଥିବା ବେଳେ ଲୁଟେରାମାନେ ଲୋକଙ୍କର ଗତିବିଧି ଲକ୍ଷ୍ୟ କରି ଲୁଟ୍ କରି ଚାଲିଛନ୍ତି । ପୋଲିସ ପାଉନି ଲୁଟେରାଙ୍କ ସୁରାକ୍ । ଯାହାକୁ ନେଇ ପ୍ରତ୍ୟେକ ଦିନ ଚାରିଛକ ବଜାରରେ ଅନ୍ୟ ଜିଲ୍ଲାର ଅପରାଧୀମାନେ ଆଡ୍ଡା ଜମାଇଛନ୍ତି । ବିଶେଷକରି, ପ୍ରାତଃଭ୍ରମଣରେ ଯାଉଥିବା ମହିଳାଙ୍କୁ ଲୁଟେରାମାନେ ଟାର୍ଗେଟ କରୁଛନ୍ତି । ସୂଚନା ଅନୁଯାୟୀ, ଚାରିଛକ ଥାନା ଛଣିଜଙ୍ଗ ପଞ୍ଚାୟତ ବେଗୁନିଆ ଗ୍ରାମର ଜଣେ ମହିଳାଙ୍କ ବେକରୁ ଏକ ସୁନା ଚେନ୍ ଲୁଟ୍ ହୋଇଥିବା ନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି । ସକାଳୁ ଉକ୍ତ ଗ୍ରାମର ବସନ୍ତ ସ୍ୱାଇଁଙ୍କ ପତ୍ନୀ ସୌଦାମିନୀ ପ୍ରାତଃଭ୍ରମଣ କରୁଥିବା ସମୟରେ ଦୁଇ ଅଚିହ୍ନା ଯୁବକ ଏକ କଳା ରଙ୍ଗର ବାଇକ୍‌ରେ ଆସି ମହିଳା ପିନ୍ଧିଥିବା ପ୍ରାୟ ୩୦ ଗ୍ରାମ୍ ଓଜନର ସୁନା ଚେନ୍ ଝାମ୍ପି ନେବା ସମୟରେ ମହିଳା ଜଣଙ୍କ ଚେନ୍‌ଟିକୁ ଧରି ପକାଇବାରୁ ଚେନ୍‌ର ୯ ଗ୍ରାମ୍ ତାଙ୍କ ହାତରେ ରହି ଯାଇଥିଲା । ତେବେ ଅବଶିଷ୍ଟ ୨୧ ଗ୍ରାମ୍ ଓଜନର ଚେନ୍‌କୁ ଦୁର୍ବୃତ୍ତମାନେ ନେଇ ଆଖି ପିଛୁଳାକେ ଆମ୍ପୋର ଆଡ଼କୁ ପଳାଇ ଥିଲେ । ଚାରିଛକ ପୋଲିସ ଖବର ପାଇ ଏକ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଲଗା ଯାଇଥିବା ସିସି କ୍ୟାମେରା ଯାଞ୍ଚ କରିବା ସହ ଚଢ଼ଉ ଜାରି ରଖିଛି ।

### ପୁରୀ-ନିମାପଡ଼ା ସମ୍ମିଳିତ ସମବାୟ ବ୍ୟାଙ୍କ ନୂଆ-ପୁରୁଣାରେ ସୀମିତ

## ନାମକରା ଚାଷୀ କୃଷି ଋଣ ପାଇବାରୁ ବଞ୍ଚିତ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ାରେ ଚାଷୀ ଅଣଦେଖା ହୋଇ ରହିଥିବା ବେଳେ ଚାଷୀଙ୍କୁ ମିଳୁନି କୃଷି ଋଣ । ଯାହାକୁ ନେଇ ଅନେକ ବଡ଼ ଚାଷୀ ଅସନ୍ତୋଷ ପ୍ରକଟ କରିଛନ୍ତି । ବିଭିନ୍ନ ସମବାୟରେ ନୂତନ ଋଣ ପ୍ରଦାନ କରାଯାଉ ନଥିବା ବେଳେ ପୁରାତନ ଋଣ ନେଇଥିବା ବ୍ୟକ୍ତି ଖିଲାପ କଲେ ମଧ୍ୟ ନୂଆ ପୁରୁଣା କରାଯାଉଛି । ଗୋଟିଏ ପରିବାରରୁ ଗୋଟିଏ ପଟାରେ ଏକାଧିକ ବ୍ୟକ୍ତି କୃଷି ଋଣ ହାତେଇଥିବା ଜଣାପଡ଼ିଛି । ବାରମ୍ବାର ନୂତନ ଚାଷୀଙ୍କୁ ଋଣ ପ୍ରଦାନ ପାଇଁ ଦାବି କରାଯାଉଥିଲେ ମଧ୍ୟ ଏଥିପ୍ରତି ପୁରୀ-ନିମାପଡ଼ା ସମ୍ମିଳିତ ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଅଭିଯୋଗ ଶୁଣୁନଥିବାରୁ ଅନେକ ଚାଷୀ ବ୍ୟାଙ୍କରୁ ଋଣ ପାଇବାରୁ ବଞ୍ଚିତ ହୋଇଛନ୍ତି । ସୂଚନା ଅନୁଯାୟୀ, ନିମାପଡ଼ାରେ ଅନେକ ନାମକରା ଚାଷୀ କୃଷିଋଣ ପାଇବାରୁ ବଞ୍ଚିତ ହୋଇଛନ୍ତି । କେତେକ ବ୍ୟକ୍ତି ଜମି ବିକ୍ରି କରି ଦେଇଥିଲେ ମଧ୍ୟ ସେହି ମୂଳ ପଟାରେ କୃଷି ଋଣ ହାତଉଛନ୍ତି । କଲିକତା, ରାଉରକେଲାରେ ଚାକିରି କରିଥିବା ବ୍ୟକ୍ତିଙ୍କୁ ମଧ୍ୟ କୃଷି ଋଣ ପ୍ରଦାନ କରାଯାଇଛି । ପୁରୀ-ନିମାପଡ଼ା ସମ୍ମିଳିତ ସମବାୟ ବ୍ୟାଙ୍କ ନାମକରା ଚାଷୀଙ୍କୁ ଅଣଦେଖା କରି ନୂତନ ଋଣ ପ୍ରଦାନ କରୁନଥିବା ବେଳେ ପୁରୁଣା ଋଣଗ୍ରହୀତା ଋଣ ଖିଲାପ କରିଥିଲେ ମଧ୍ୟ ତାଙ୍କର ନୂଆ ପୁରୁଣା କରାଯାଇ ସରକାରଙ୍କୁ ଟାର୍ଗେଟ ଦେଖାଉଛନ୍ତି । ଯାହାଦ୍ୱାରା ନାମକରା ଚାଷୀମାନେ ଅବହେଳିତ ହୋଇପଡ଼ିଛନ୍ତି । କେତେଜଣ ଅବସରପ୍ରାପ୍ତ କର୍ମଚାରୀ ଦଣ୍ଡିଆ ସାଜି ଏଠାରେ ମଧ୍ୟସ୍ଥି ହେଉଛନ୍ତି । ଯାହାପାଇଁ ସରକାରଙ୍କ ଏହି କୃଷି ଋଣ ବାଟବଣା ହେବାରେ ଲାଗିଛି । କ'ଣ ପାଇଁ ଏପରି ବୋଲି ଅନେକ ଚାଷୀ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । କେବେ ହଟିବ ଏହି ବ୍ୟାଙ୍କରୁ ଦୁର୍ନୀତି ତାହାକୁ ମଧ୍ୟ ଚାଷୀକୂଳ ଅନାଇ ବସିଛନ୍ତି । ସରକାର ସମସ୍ତ ଚାଷୀଙ୍କୁ କୃଷି ଋଣ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ ଏହି ବ୍ୟାଙ୍କ ଅଧିନରେ ଥିବା ଅନେକ ସମବାୟ ସମିତିରେ ବ୍ୟାପକ ଦୁର୍ନୀତି ହୋଇଥିବା ବେଳେ ଏହି ଦୁର୍ନୀତିକୁ ଘଣ୍ଟ ଘୋଡ଼ା ଯାଉଛି । କ'ଣ ପାଇଁ ଏହି ଦୁର୍ନୀତି ଉପରୁ ପରଦା ହଟୁ ନାହିଁ ତାକୁ ନେଇ ଅନେକ ଚାଷୀ ମତବ୍ୟକ୍ତ କରିଛନ୍ତି ।

## ସମୀକ୍ଷା ବୈଠକରେ ଜିଲ୍ଲାବାସୀଙ୍କୁ ପ୍ରାଧାନ୍ୟ ଦେବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ



ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲାର ଉନ୍ନୟନ କାର୍ଯ୍ୟ ସମୀକ୍ଷା ନିମନ୍ତେ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାକକ୍ଷରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଢେଙ୍କାନାଳ ଜିଲ୍ଲା ବାସୀଙ୍କୁ ସମସ୍ତ ଶିଳ୍ପାନୁଷ୍ଠାନ ମାନେ ନିଯୁକ୍ତି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ ଅଗ୍ରାଧିକାର ଦେବାକୁ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ଧ୍ୱାରୀ ଏକର୍ଣ୍ଣ ତାର କାର୍ଯ୍ୟରେ ଅଗ୍ରଗତି କରୁନଥିବା ଯୋଗୁଁ ଏହାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ତାଗିଦ କହିଥିଲେ । ଜିଲ୍ଲାର ସମସ୍ତ ପ୍ରମୁଖ ଶିଳ୍ପାନୁଷ୍ଠାନଗୁଡ଼ିକ ସ୍ଥାନୀୟ ଭାରଯାନ ମାଲିକମାନଙ୍କୁମାନଙ୍କୁ ଅଗ୍ରାଧିକାର ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ବାଜିଚୌକସ୍ଥିତ ମେଡ଼ିକାଲରେ ୩କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏହାକୁ ସିଟି ହସ୍ପିଟାଲରେ ପରିଣତ କରାଯିବ ବୋଲି ସେ କରିଥିଲେ । ମେଡ଼ିକାଲ କଲେଜ ସ୍ଥାପନ ସହିତ ଦକ୍ଷିଣକାଳୀ-ମେଡ଼ିକାଲ ରାସ୍ତାର ପ୍ରଶସ୍ତକରଣ, ବନମାଳି ପ୍ରସାଦରେ ସ୍ପୋର୍ଟ କମ୍ପ୍ଲେକ୍ସ ନିର୍ମାଣ, ପ୍ରସ୍ତାବିତ ରିଙ୍ଗ୍ ରୋଡ ସଂପର୍କରେ ଆଲୋଚନା ହୋଇଥିଲା । କଲ୍ୟାଣୀ ଷ୍ଟିଲ ଏବଂ ଆଓନେକ୍ ସୋଲାର କଂପାନୀ କର୍ତ୍ତୃପକ୍ଷଙ୍କୁ ସେମାନଙ୍କର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଥିଲେ । ଜିଲ୍ଲାର ଦ୍ରୁତ ବିକାଶ ନିମନ୍ତେ ଶିକ୍ଷାନୁଷ୍ଠାନ ମାନେ ଅଧିକ ପ୍ରାଧାନ୍ୟ ଦେବାକୁ ପରାମର୍ଶ କରିଥିଲେ । ଏହି ବୈଠକରେ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ, ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ସଦର ଉପ ଜିଲ୍ଲାପାଳ ବିଭୁଧ ଗଡ଼ନାୟକଙ୍କ ସମେତ ସମସ୍ତ ପ୍ରମୁଖ ସ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ, ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଶେଷରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ମୋହନ ବେହେରା ସମସ୍ତଙ୍କୁ ଧନ୍ୟବାନ ଅର୍ପଣ କରିଥିଲେ ।

## କେବେ ଗିରଫ ହେବେ ସ୍ୱାମୀ ଅରୂପାନନ୍ଦ କଲେଜ ଅଧକ୍ଷ, ଅଧ୍ୟାପକ



ଜଗତସିଂହପୁର(ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ କୁର୍ତ୍ତାଙ୍ଗଠାରେ ଥିବା ସ୍ୱାମୀ ଅରୂପାନନ୍ଦ +୨କଲେଜର ଅଧକ୍ଷ ଓ ଅଧ୍ୟାପକ ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯାତନା ଘଟଣାରେ ଚାକିରିରୁ ନିଲମ୍ବନ ହେବା ସହିତ ସେମାନଙ୍କ ବିରୁଦ୍ଧରେ ରହିଛି ପୋକ୍‌ସୋ ଆକ୍ଟ ଭଳି ଦଫା । ହେଲେ ଏହି ଆସାମୀ ଦ୍ୱୟ ଖୋଲାମେଲାରେ ବୁଲୁଥିବା ଓ ଗିରଫଦାରୀରୁ ନିଜର ସୁରକ୍ଷା ପାଇଁ ଆଗୁଆ ଜାମିନ ପାଇଁ ଲାଗିପଡିଛନ୍ତି । ହେଲେ ଆସମୀ ଗିରଫ ନ ହେବାଯୋଗୁ ବାହାରେ ରହି ନୂତନ ଅଧକ୍ଷଙ୍କ ବିରୁଦ୍ଧରେ ସଡଯନ୍ତ୍ର ଖଞ୍ଜିବା ଓ କଲେଜ ବାତାବରଣ କୁ କଳୁଷିତ କରିବା ଭଳିଘଟଣା ସାମନାକୁ ଆସିଛି । ସେମାନେ ରାଜନୈତିକ ଦଳଦ୍ୱାରା କଲେଜ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଅଞ୍ଚଳରେ ବେସ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଅଧକ୍ଷ ଜଣକ କଲେଜ ଫଣ୍ଡସରୁ ପ୍ରାୟ ୪୦ଲକ୍ଷ ଟଙ୍କା ବିଭିନ୍ନ କାର୍ଯ୍ୟ ଆଳରେ ଜାଲିଆତି କରିଥିବା ଅନେକ ଅଭିଯୋଗ ରହିବାସହ ମୋଟା ଅଙ୍କର ଅର୍ଥ ନେଇ ଅନ୍ୟକଲେଜର ଫେଲ ଛାତ୍ରଛାତ୍ରୀଙ୍କୁ ରେଗୁଲାର କରାଇବା ଭଳି ଅଭିଯୋଗ ରହିଛି । ହେଲେ ପ୍ରଶାସନ କିପରି ତାଙ୍କୁ ଅଧକ୍ଷ ପଦବିରେ ବସାଇ ଥିଲା ତାହା ଅଞ୍ଚଳବାସୀଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି । ତେବେ ଗତ ଜାନୁଆରୀ ମାସରେ ଜୈନିକା ଛାତ୍ରୀଙ୍କୁ ଅଧାପକ ସାସ୍ୱତ ମହାନ୍ତି ଯୌନନିର୍ଯାତନା ଦେବା ଘଟଣାକୁ ଅଧକ୍ଷ ରମେଶ ଚନ୍ଦ୍ର ସାହୁ ଛାତ୍ରୀଙ୍କ ଉପରେ ଚାପ ପ୍ରୟୋଗ କରି ଅଭିଯୋଗକୁ ରଫାଦଫା କରିଦେଇଥିଲେ । ପରବର୍ତ୍ତୀ ସମୟରେ ପରିବାର ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରାଯାଇଥିଲା । ଏହାକୁ ଭିତିକରି ପ୍ରଶାସନ ପକ୍ଷରୁ ଉଭୟଙ୍କୁ ନିଲମ୍ବନ କରାଯିବା ସହ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଥାନାରେ ଅଭିଯୋଗ କରିବାର ୧ ମାସ ବିତିଯାଇଥିଲେ ସୁଦ୍ଧା ପୋଲିସ ଆସାମୀକୁ ଗିରଫ କରିପାରିନାହିଁ । ଯାହାକୁ ନେଇ ପୋଲିସର ଭୂମିକା ସନ୍ଦେହ ଘେରରେ । ଆସାମୀକୁ ଗିରଫ ନକରିବା ଯୋଗୁ ଦିନକୁଦିନ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି । ଏଠାରେ ସୂଚନା ଥାଉକି ଆସାମୀଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ବ୍ଲକ କଂଗ୍ରେସ ରଘୁନାଥପୁର ଥାନା ଘେରାଉ କରିଥିଲା । ଗିରଫ ପାଇଁ ପୋଲିସ ପ୍ରତିଶୃତି ଦେଇଥିଲେ ବି ପାଣିର ଗାର ହୋଇ ରହିଯାଇଛି ।

## ବିନା କାମରେ ବନ୍ଦାଲୋ ପଞ୍ଚାୟତରେ ଲକ୍ଷ ଲକ୍ଷ ଲୁଟ୍ ଅଭିଯୋଗ

କୋରେଇ(ଭାସ୍କର ନ୍ୟୁଜ): ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକ ମାନେ କିପରି ସହରରେ ରହୁଥିବା ଲୋକଙ୍କ ପରି ସୁସ୍ଥ ପରିବେଶ ଓ ନିରାମୟ ଜୀବନଯାପନ କରିବେ, ସେଥିପାଇଁ ପରିଷ୍କାର ପରିଚ୍ଛନତା ଓ ସ୍ୱଚ୍ଛ ପରିବେଶକୁ ଗୁରୁତ୍ୱ ଦେଇ କୋଟି କୋଟି ଟଙ୍କା ବ୍ୟୟବରାଦ କରି ପ୍ରତି ଘରକୁ ପାଇଖାନା, ପ୍ରତି ଘରକୁ ଜଳ, ଆଲୋକିକରଣ ବ୍ୟବସ୍ଥାରେ ପଞ୍ଚାୟତରେ ଲାଇଟ ଲଗାଇବା ଓ ପ୍ରତି ଗ୍ରାମର ଆବର୍ଜନାକୁ ପରିଚାଳନା କରିବା ପାଇଁ ଏକ ଆବର୍ଜନା କୁଣ୍ଡ ଏବଂ ପ୍ରତି ପଞ୍ଚାୟତର ଆବର୍ଜନା ବୋହିବା ପାଇଁ ଏକ ଆବର୍ଜନା ବୋହିବା ଗାଡି ଓ ସେହି ଆବର୍ଜନାକୁ ଗୋଟେ ଜାଗାରେ ଗଚ୍ଛିତ କରିବାକୁ ଗୃହ ନିର୍ମାଣ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ କରୁଛନ୍ତି । କିନ୍ତୁ ବିଡମ୍ବନାର ବିଷୟ କୋରେଇ ବ୍ଲକର ସବୁ ପଞ୍ଚାୟତରେ ସୋଚ୍ଛତା ନାମରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହୋଇଥିବା ବେଳେ କୌଣସି କାମ ନକରି ବିଲ ହଡ଼ପ ହେଉଛି । ପ୍ରାୟ ପଞ୍ଚାୟତରେ ଦୁର୍ନୀତି ଖୋର ପଞ୍ଚାୟତ ଅଧିକାରୀ ଓ ସରପଞ୍ଚଙ୍କ ମିଳିତ ସହଯୋଗରେ କୌଣସି କାର୍ଯ୍ୟକ୍ରମ ନକରି କେବଳ କାଗଜ କଲମରେ ଲକ୍ଷ ଲକ୍ଷ ଟଙ୍କା ସରକାରଙ୍କ ତହବିଲରୁ ହଡପ କରୁଥିବା ଜଣାପଡିଛି । ଏଭଳି ଏକ ସଙ୍ଗିନୀ ଅଭିଯୋଗ ବନ୍ଦାଲୋ ପଞ୍ଚାୟତ ନାମରେ ଆସିଛି । କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନିଲ ଅଙ୍ଗାରାଇ ଥିବାବେଳେ ନଳକୂପ ସଫା ନାମରେ ୭୪ ହଜାର ପାଣି ପାଇପ କାମ ନହୋଇ ୧ଲକ୍ଷ ଟଙ୍କା ହଡପ ହୋଇଥିବା ଅଭିଯୋଗ ହେଉଛି । ସେହିପରି ସମୂହ ସଫେଇ ନାମରେ ମଧ୍ୟ ଏହି ପଞ୍ଚାୟତରେ ଲକ୍ଷ ଲକ୍ଷ ଟଙ୍କା ହଡ଼ପ ହୋଇଥିବା ଅଭିଯୋଗ ହେଉଛି. ସେହିପରି ସରକାର ପ୍ରତି ଗ୍ରାମର ପ୍ରତି ୱାର୍ଡକୁ ଗାଁ କଲ୍ୟାଣ ସମିତି ନାମରେ ପ୍ରତିବର୍ଷ ୧୦ ହଜାର ଟଙ୍କା ଲେଖାଏଁ ଅଙ୍ଗନବାଡି ଓ ଆଶାଙ୍କ ମାଧ୍ୟମରେ ଆସୁଥିବା ବେଳେ ଟଙ୍କା କେବଳ କାଗଜକଲମରେ ବ୍ୟୟ ହେଉଥିବା ଅଭିଯୋଗ ହେଉଛି । ଗ୍ରାମର ପରିମଳ ପାଇଁ ସରକାର ବ୍ଲକ, ପଞ୍ଚାୟତ ମାଧ୍ୟମରେ ଦେଉଥିବା କୋଟି କୋଟି ଟଙ୍କା କେବଳ କିଛି ଡକାୟତଙ୍କ ପକେଟ ଭାରିବା ଉଦ୍ଦେଶ୍ୟରେ ବୋଲି ଲୋକ ଅଭିଯୋଗ କରୁଛନ୍ତି । ବିନା କାମରେ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଓ ଅଧିକାରୀ ମିଶି ଟିକସ ପଇସାକୁ ଲୋକଙ୍କ କଲ୍ୟାଣରେ ଲଗାଇବା ବଦଳରେ ନିଜ କଲ୍ୟାଣରେ ଲଗାଉଛନ୍ତି । ଯାଜପୁର ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଏହାର ଉପଯୁକ୍ତ ତଦନ୍ତ କରିବା ସହ ଦୁର୍ନୀତି ଗ୍ରସ୍ତ ପଞ୍ଚାୟତ ଅଧିକାରୀଙ୍କୁ ନିଲମ୍ବିତ କରିବା ସହ ସେମାନଙ୍କ ଠାରୁ ଆତ୍ମସାତ୍ ହୋଇଥିବା ଟଙ୍କା ଆଦାୟ କରିବାକୁ ଦାବି ହେଉଛି ।

## ପୁଣି ଭୁଶୁଡ଼ିଲା ମାଲକାନଗିରି ବିମାନବନ୍ଦର ପାଚେରି



ମାଲକାନଗିରି(ଭାସ୍କର ନ୍ୟୁଜ): ପ୍ରବଳ ବର୍ଷା ଯୋଗୁଁ ମାଲକାନଗିରି ବିମାନବନ୍ଦରର ପାଚେରି କାନ୍ଥ ପୁଣି ଭୁଶୁଡ଼ି ପଡ଼ିଛି । ଏହି ଘଟଣା ଚିନ୍ତାଜନକ, କାରଣ ଏହା ପ୍ରଥମ ଥର ନୁହେଁ । ଏହା ପୂର୍ବରୁ ମଧ୍ୟ ବୃଷ୍ଟିପାତ ଦ୍ୱାରା ଏଭଳି ଘଟଣା ଘଟିଛି, ଏବଂ ସେହି ଘଟଣାରେ ଦୁଇ ଜଣ ପ୍ରାଣ ମଧ୍ୟ ହରାଇଥିଲେ । ତେବେ ଏହିପରି ଭାବରେ ବାରମ୍ବାର କାନ୍ଥ ଭୁଶୁଡ଼ି ପଡ଼ିବା ସ୍ପଷ୍ଟ କରୁଛି କି ବୋଧ ହୁଏ ନିର୍ମାଣ କାର୍ଯ୍ୟରେ ଅବହେଳା କରାଯାଇଛି । ସ୍ଥାନୀୟ ଲୋକ ଏବଂ ବିଶେଷଜ୍ଞମାନଙ୍କ ମତରେ ଏହି କାନ୍ଥ ଯଦିଓ ନିମ୍ନ ମାନର ନୁହେଁ କାନ୍ଥଟି ଠିକ୍ ଭାବରେ ନିର୍ମାଣ ହୋଇନଥିବା ଏବଂ ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ଭାବେ ହେଇନଥିବା ଯୋଗୁ ପ୍ରବଳ ବର୍ଷା ପରେ କାନ୍ଥ ପାଖରେ ପାଣି ଜମାହୋଇ ଯାହାକି ଏହାର ଉପରେ ଚାପ ବୃଦ୍ଧି କରେ ଏବଂ ଏହା ଭୁଶୁଡ଼ି ପଡ଼େ । ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଏହି ସମସ୍ୟାକୁ ଗମ୍ଭୀରତାର ସହ ନେଇନଥିବା ଦେଖି ଲୋକମାନେ ବହୁତ କ୍ଷୁବ୍ଧ । ସେମାନେ ଅଭିଯୋଗ କରିଛନ୍ତି କି ଏସବୁ ନିମ୍ନମାନର କାମର ପରିଣାମ, ଯେଉଁଠାରେ କାମର ଗୁଣବତ୍ତା ପ୍ରତି ଧ୍ୟାନ ଦିଆଯାଇ ନାହିଁ । ଯେତେବେଳେ ସରକାରୀ ପ୍ରକଳ୍ପରେ ଏପରି ଅବହେଳା ଘଟେ ସାଧାରଣ ଲୋକଙ୍କୁ ଏହାର କ୍ଷତି ସହିବାକୁ ପଡ଼ିଥାଏ ବୋଲି ସଧାରଣରେ ଚର୍ଚ୍ଚା ଜୋର୍ ଧରିଛି ।

## ବିପର୍ଯ୍ୟୟ ପ୍ରଶମନ କର୍ମଶାଳା




ଛତ୍ରପୁର(ଭାସ୍କର ନ୍ୟୁଜ): ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହଯୋଗରେ ଗଂଜାମ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଆନୁକୂଲ୍ୟରେ ହିଲଭିୟୁ ଗଂଜାମ, କନ୍ଧମାଳ ଓ ଗଜପତିର ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀଙ୍କୁ ନେଇ ଦୁଇଦିନିଆ ବିପର୍ଯ୍ୟୟ ପ୍ରଶମନ କର୍ମଶାଳା ଆୟୋଜିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିପର୍ଯ୍ୟୟ ସମୟରେ ଶୁନ୍ୟ ସହନଶୀଳତା, ଶୁନ୍ୟ ଜୀବନହାନୀ ନୀତି ଅନୁଯାୟୀ କାର୍ଯ୍ୟ କଲେ ଅନେକ ଧନଜୀବନ ରକ୍ଷା କରାଯାଇପାରିବ ବୋଲି ପରାମର୍ଶ ଦେଇଥିଲେ । କୌଣସି ବିପର୍ଯ୍ୟୟର ସଫଳ ମୁକାବିଲା ନିମନ୍ତେ ପ୍ରଶିକ୍ଷଣ ଶିବିର ଉନ୍ନୟନ ଅଧିକାରୀଙ୍କୁ ସହାୟକ ହେବ ବୋଲି ଜିଲ୍ଲା ଜରୁରିକାଳୀନ ଅଧିକାରୀ ଅଭିଶେକ ସାହୁ କହିଥିଲେ । ପ୍ରଶିକ୍ଷଣ ନିମନ୍ତେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷରୁ ମେଘନାଦ ବେହେରା, ଆରଣ୍ୟକ ମିଶ୍ର ଏବଂ ସଙ୍ଗୀତା ଦାଶ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଓଏସଡିଏମଏର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକ ପରିଚାଳନା କରିଥିଲେ ।

## ଜିଲ୍ଲା ସାରସ୍ୱତ ସଂଘର ସାଙ୍ଗଠନିକ ବୈଠକ



ପାରାଦୀପ(ଭାସ୍କର ନ୍ୟୁଜ): ପୁରୀ ନୀଳାଚଳ ସାରସ୍ୱତ କେନ୍ଦ୍ର ଆସନ ଅଧିନସ୍ଥ ଜଗତସିଂହପୁର ଜିଲ୍ଲା ସାରସ୍ୱତ ସଂଘର ଏକ ସାଙ୍ଗଠନିକ ବୈଠକ ପାରାଦୀପ ଶାଖା ସଂଘରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ବିଭିନ୍ନ ସଙ୍ଘ ଶାଖାର ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ସରସ୍ୱତୀ ଦେବଙ୍କ ଶିଷ୍ୟ, ସେବକ ଓ ସେବିକା ତଥା ଗୁରୁ ଭାଇମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସରସ୍ୱତୀ ଦେବଙ୍କ ବିଭିନ୍ନ ପୂଜାନୀତି, ସେବାକାର୍ଯ୍ୟ, ପାଳି ସେବା, ଆଶ୍ରମର ଉନ୍ନତି ଓ ବିଭିନ୍ନ ସମସ୍ୟା ସମାଧାନ, ଗୃହ ଆଶ୍ରମରେ ପୂଜାନୀତି ଇତ୍ୟାଦି ଉପରେ ଆଲୋଚନା କରାଯାଇଥିଲା । କେନ୍ଦ୍ର ଆସନ ବୀରତୁଙ୍ଗ ଓ ନୀଳାଚଳ କୁଟୀରରେ ଶାଖା ସଙ୍ଘ ଓ ମହିଳା ସଙ୍ଘ ପକ୍ଷରୁ ବିଭିନ୍ନ ସେବା କାର୍ଯ୍ୟ ଓ ପାଳି ସେବା ପାଇଁ ଆଲୋଚନା କରାଯାଇଥିଲା । ଆସନ୍ତା ଜାନୁଆରୀ ୨୦୨୬ ୭୫ତମ ପ୍ରାଦେଶିକ ସମ୍ମିଳନୀରେ ଜିଲ୍ଲା ସାରସ୍ୱତ ସଙ୍ଘ ତଥା ବିଭିନ୍ନ ଶାଖା ସଂଘର ଗୁରୁଭାଇ ସେବା କାର୍ଯ୍ୟ ନେବା ପାଇଁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରାଯାଇ ନୀଳାଚଳ ସାରସ୍ୱତ ସଂଘ ପରିଚାଳନା କମିଟି ପରିଚାଳକ ଦୁର୍ଗାଚରଣ ଭାଇଙ୍କ ଦ୍ୱାରା ଅନୁମୋଦନ ପାଇଁ ସ୍ଥିରୀକୃତ ହୋଇଥିଲା । ଜିଲ୍ଲା ସାରସ୍ୱତ ସଂଘ ସଭାପତି ବୀର କିଶୋର ବାରିକ ସଭାପତିତ୍ୱ କରିଥିବା ବେଳେ ପାରାଦୀପ ଶାଖା ସଂଘ ସଭାପତି ସୁଧାକର ମନ୍ତ୍ରୀ, ଭୁତମୁଣ୍ଡାଇ ଶାଖା ସଭାପତି ବ୍ରହ୍ମାନନ୍ଦ ବେହେରା, ସାରସ୍ୱତ ସଙ୍ଘ ସମ୍ପାଦକ ନରେନ୍ଦ୍ର କୁମାର ନନ୍ଦ, ସହସମ୍ପାଦକ ଅମର ନାଥ ପରିଡା, ପାରାଦୀପ ଶାଖା ସମ୍ପାଦକ ତ୍ରୈଲୋକ୍ୟ ନାଥ ସାହୁ, ଶକ୍ତି ଚୈତନ୍ୟ ନନ୍ଦ, ଦେବବ୍ରତ ପ୍ରଧାନ, ଅସିତ କୁମାର ସାହୁ, ରମାକାନ୍ତ ମିଶ୍ର, ସୁଧାଂଶୁ ଶେଖର ଜେନା, ଅରବିନ୍ଦ ରାୟ, ଦୀପକ କୁମାର ପାଢ଼ୀ, ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଓଡ଼ିଶା ପରିବେଶ ବନ୍ଧୁ ସଙ୍ଗଠନ ପକ୍ଷରୁ ତାଳମଞ୍ଜି ରୋପଣ





କଟକ(ଭାସ୍କର ନ୍ୟୁଜ): ଗତ ରବିବାର ଓଡ଼ିଶା ପରିବେଶ ବନ୍ଧୁନ୍ତ ସଙ୍ଗଠନ ଆନୁକୁଲ୍ୟରେ କଟକ ବାଲିସାହି କାଠଯୋଡି ନଦୀ ପଠାରେ ତାଳମଞ୍ଜି ରୋପଣ କରାଯାଇଥିଲା । ଓଡ଼ିଶା ପରିବେଶ ବନ୍ଧୁ ଏକ ସାମାଜିକ ଅନୁଷ୍ଠାନ ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ପରିବେଶ ସୁରକ୍ଷା, ତାଳମଞ୍ଜି ରୋପଣ ସହିତ ବିଭିନ୍ନ ବୃକ୍ଷରୋପଣ ଓ ସମାଜକୁ ପ୍ଲାଷ୍ଟିକ ବ୍ୟବହାରରୁ ନିବୃତ ରଖିବା ପାଇଁ ନିରନ୍ତର ଅଭିଯାନ । ଏଥି ସହିତ ସଙ୍ଗଠନ ପକ୍ଷରୁ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ । କଟକ ମହାନଗର ନିଗମର କରର୍ପୋରେଟର ସନ୍ତୋଷ ଭୋଳଙ୍କ ସହଯୋଗରେ କଟକର ବାଲିସାହି କାଠଯୋଡି ପଠାରେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦୁଇଶହୁ ଅଧିକ ତାଳମି ଓ କିଛି ଓସ୍ତ ଏବଂ ନିମ୍ବ ବୃକ୍ଷ ମଧ୍ୟ ରୋପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ପରିବେଶ ବଂଧୁ ସଙ୍ଗଠନର ଉପଦେଷ୍ଟା ନିଧି କୁମାର ରାଉତରାୟ, ସଭାପତି ଡ଼. ଚିତ୍ତ ରଞ୍ଜନ ମିଶ୍ର, ଉପସଭାପତି ଦେବାନନ୍ଦ ସାମଲ, ସମ୍ପାଦକ ପ୍ରଦୀପ କୁମାର ବଳ ଓ ସଭ୍ୟ କୃଷ୍ଣ ନାୟକ ସୁଚାରୁପେ ସମ୍ପାଦନ କରିଥିଲେ । ଏହି ଅବସରରେ ସଙ୍ଗଠନର କର୍ମକର୍ତ୍ତାମାନେ ବିଗତ ବର୍ଷ ରୋପଣ କରାଯାଇଥିବା ତାଳମଞ୍ଜି ସ୍ଥିତି ଅନୁଧାନ କରିଥିଲେ ଏବଂ ମଞ୍ଜିଗୁଡିକ ପ୍ରାୟ ୧ଫୁଟରୁ ଅଧିକ ଗଛରେ ପରିଣତ ହୋଇଥିବାର ଜାଣିବାକୁ ପାଇଥିଲେ । ଉଲେଖଯୋଗ୍ୟ ଯେ ଗତବର୍ଷ ଏଠାରେ ୨୦୦ରୁ ଉର୍ଦ୍ଧ ତାଳମି ରୋପଣ କରାଯାଇଥିଲା । ଗତବର୍ଷ ମଧ୍ୟ ଏହି ଅନୁଷ୍ଠାନ ପକ୍ଷରୁ କଣାସର ବେଣାଗାଁ ଓ ପାରାଦୀପରେ ୪୦୦୦ ତାଳମଞ୍ଜି ରୋପଣ କରାଯାଇଥିଲା ଓ ସେହି ମଞ୍ଜିରୁ ୮୦% ଗଛରେ ପରିଣତ ହୋଇସାରିଛି । ସେହି ବର୍ଷ ଅସ୍ତରଙ୍ଗର ଗଙ୍ଗା ମୁହାଣଠାରେ ମଧ୍ୟ ୨୦୦ ଚାରା ରୋପଣ ସହିତ ପୁରୀ ବେଳାଭୂମି ବନଖଣ୍ଡ ଭିତରେ ୩୦୦୦ ତାଳମି ରୋପଣ କରାଯାଇଥିଲା । ପରବର୍ତ୍ତୀ ଅନୁସନ୍ଧାନରୁ ଜଣା ପଡିଛି ଯେ ସେହି ସବୁ ତାଳମଞ୍ଜିରୁ ୬୦% ଗଛ ହୋଇ ସାରିଲାଣି । ଓଡ଼ିଶା ପରିବେଶ ବନ୍ଧୁ ସଙ୍ଗଠନର ଏପରି କାର୍ଯ୍ୟ ନିଶ୍ଚୟ ଭାବରେ ପ୍ରଶଂସନୀୟ ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନିଆଳି(ଭାସ୍କର ନ୍ୟୁଜ): ନିଆଳି ଥାନା ଅଧିନସ୍ତ ଅଲଣା ପଞ୍ଚାୟତ ଓଳାନ୍ସ ଗ୍ରାମର ପ୍ରତାପ ଚନ୍ଦ୍ର ସ୍ୱାଇଁଙ୍କ ପୁଅ ପରେଶ କୁମାର ସ୍ୱାଇଁ(୨୨)ର ମୃତଦେହ ଘର ବାରିପଛପଟ ଚାଖୁଣ୍ଡା ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି । ଗତ ସୋମବାର ପରେଶ ଖିଆପିଆ କରି ଘରେ ଶୋଇଥିଲେ । ରାତି ୪ ଟାରେ ଘରର କବାଟ ଖୋଲା ଥିବା ବାପା ଦେଖିବା ପରେ ପୁଅ ଘରେ ଶୋଇ ନାହିଁ । ବାରିପଟେ ଖୋଜିଲା ବେଳକୁ ଚାଖୁଣ୍ଡା ଗଛରେ ରସି ଲଗାଇ ଥିବା ଅବସ୍ଥାରେ ଝୁଲି ରହିଛି । ଏ ନେଇ ନିଆଳି ଥାନାରେ ବାପା ପ୍ରତାପ ସ୍ୱାଇଁ ଲିଖିତ ଅଭିଯୋଗ କରିଛନ୍ତି । ନିଆଳି ଥାନା ପୋଲିସ କେଶ ନମ୍ବର ୮/୨୫ ରେ ଅପମୃତ୍ୟ ମାମଲା ରୁଜୁ କରି କଟକ ବଡ଼ ଡାକ୍ତରଖାନାକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଛନ୍ତି । ପରେଶ କାହିଁକି ଆତ୍ମହତ୍ୟା କଲେ ନା ତାଙ୍କୁ ହତ୍ୟା କରାଯାଇଛି । ଏହା ଭିତରେ କି ରହସ୍ୟ ରହିଛି ତାହା ତଦନ୍ତ ପରେ ସତ୍ୟତା ପ୍ରକାଶ ପାଇଛି ।

## ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲରେ ମହିଳାଙ୍କ ବିରଳ ଅସ୍ତ୍ରୋପଚାର



କଟକ(ଭାସ୍କର ନ୍ୟୁଜ): କଟକର ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସପିଟାଲରେ ଏକ ଉଲ୍ଲେଖନୀୟ ଅସ୍ତ୍ରୋପଚାର ଲାରିଙ୍ଗିଆଲ୍ କ୍ୟାନ୍‌ସରରେ ପୀଡିତ ରୋଗୀମାନଙ୍କୁ ନୂତନ ଆଶା ପ୍ରଦାନ କରିଛି । ଡା. ଜ୍ୟୋତି ରଂଜନ ସ୍ୱାଇଁଙ୍କ ନେତୃତ୍ୱରେ ବହୁ ବିଭାଗୀୟ ଟିମ୍ ସଫଳତାର ସହିତ ଜଣେ ୭୮ ବର୍ଷ ବୟସ୍କା ମହିଳା ଲତା (ନାମ ପରିବର୍ତ୍ତିତ ହୋଇଛି)ଙ୍କ ସଫଳତାର ସହିତ ଚିକିତ୍ସା କରିଛନ୍ତି, ଯାହାଙ୍କର କର୍କଟ ରୋଗ ଟ୍ରାକିଆ ଏବଂ ଇସୋଫେଗସ୍‌କୁ ବ୍ୟାପି ଯାଇଥିଲା । ଏହି ଅସ୍ତ୍ରୋପଚାର ଓଡ଼ିଶାରେ ଘରୋଇ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ଏହି ଧରଣର ପ୍ରଥମ ବୋଲି ବିବେଚନା କରାଯାଉଛି । ଏହି ମାଇକ୍ରୋସର୍ଜିକାଲ ପୁନଃନିର୍ମାଣ କାର୍ଯ୍ୟ ଡା. ଜ୍ୟୋତି ରଂଜନ ସ୍ୱାଇଁ, ସର୍ଜିକାଲ ଅଙ୍କୋଲୋଜିଷ୍ଟ ଏବଂ ଏଚ୍‌ସିଜି କ୍ୟାନ୍‌ସର ପଣ୍ଡା ହସପିଟାଲ, କଟକର ଡା. ବିଭୂତି ନାୟକ, ପ୍ଲାଷ୍ଟିକ ସର୍ଜନ, ଡା.ଆଶିଷ ପଟ୍ଟନାୟକ ଏବଂ ଡା. ସୁଧାଂଶୁଙ୍କୁ ନେଇ ଗଠିତ ଟିମ୍ ସମ୍ପାଦନ କରିଥିଲେ । ଡା. ଜ୍ୟୋତି ରଂଜନ ସ୍ୱାଇଁ, ସର୍ଜିକାଲ ଅଙ୍କୋଲୋଜିଷ୍ଟ, ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସପିଟାଲ, କଟକ କହିଥିଲେ, ଏହି ନିଷ୍ପତ୍ତି ଅତ୍ୟନ୍ତ ଚାଲେଞ୍ଜପୂର୍ଣ୍ଣ ଥିଲା, କାରଣ ଶରୀରର ତିନିଟି ଗୁରୁତ୍ୱପୂର୍ଣ୍ଣ ଅଙ୍ଗରେ ଟ୍ୟୁମର ରହିଥିଲା, ଯେଉଁଗୁଡ଼ିକ ଶ୍ୱାସ ପ୍ରଶ୍ୱାସ, ଗିଳିବା ଏବଂ କହିବା ନିମନ୍ତେ ଅତ୍ୟନ୍ତ ଜରୁରି ଅଂଶ ଥିଲା । ଡା. ବିଭୂତି କହିଥିଲେ, ଆମେ ଯେତେ ପୁନଃନିର୍ମାଣ ଅସ୍ତ୍ରୋପଚାର କରିଛୁ ସେଥିମଧ୍ୟରୁ ଏହା ବୈଷୟିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଡା.ସୁଧାଂଶୁ ପାତ୍ରଙ୍କ ନେତୃତ୍ୱରେ ଆନେସ୍ଥେସିଆ ଟିମ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଡା. ସ୍ୱାଇଁ କହିଥିଲେ, ଏହା ଆଶାକୁ ନେଇ ଆଗେଇବାର ଏକ ପ୍ରଚେଷ୍ଟା ଥିଲା । ୭୮ ବର୍ଷ ବୟସରେ ତାଙ୍କୁ ବାରମ୍ବାର କୁହାଯାଇଥିଲା ଯେ ଆଉ କିଛି ହୋଇପାରିବ ନାହିଁ । ଲତା କହିଥିଲେ, ଆଉ କିଛି କରାଯାଇପାରିବ ନାହିଁ ବୋଲି କୁହାଯିବା ପରେ ମୁଁ ବସ୍ତୁତଃ ଆଶା ଛାଡି ଦେଇଥିଲି । ଏଠାରେ ଡାକ୍ତରମାନେ ମୋତେ ସାହସ ଏବଂ ପୁଣି ଥରେ ଜୀଇଁବାର ସୁଯୋଗ ଦେଇଥିଲେ ।



ଆସିକା, (ଭାସ୍କର ନ୍ୟୁଜ୍): ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ ରେ ବିଭିନ୍ନ ୱାର୍ଡ଼ ରେ ଡ୍ରେନେଜ ନିର୍ମାଣ କରାଯାଇଥିଲା। ମଙ୍ଗଳବାର ଅପରାହ୍ନ ୩ ଘଣ୍ଟା ଠାରୁ ୪ପର୍ଯ୍ୟନ୍ତ ବର୍ଷା ହୋଇଥିଲା। ଏହି ବର୍ଷର ପ୍ରଥମ ବର୍ଷାରେ ଆସିକା ଅଞ୍ଚଳର ଲକ୍ଷ୍ମୀ ବଜାର, ବିନାୟକ ବଜାର, ହରିହର ନଗର, ଅଶୋକ ସିନେମାହଲ, ସୁବର୍ଣ୍ଣପେଟା ସାହି, ହାଟପଦା, ତାଲୁକା ରୋଡ଼, ପାଡ଼ୀ କଲୋନୀ ଆଦି ଅଞ୍ଚଳ ଦୀର୍ଘ ଘଣ୍ଟା ହେଲା ଜଳମଗ୍ନ ହୋଇ ରହିଥିଲା। ଆସିକା ସହରର ବିଭିନ୍ନ ୱାର୍ଡ଼ରେ ପୂର୍ବରୁ ଥିବା ବଡ଼ ବଡ଼ ଡ୍ରେନେଜକୁ ଭାଙ୍ଗି ସଂକୁଚିତ ଡ୍ରେନ ନିର୍ମାଣ କରାଯାଇଥିଲା। ତ୍ରୁଟି ପୂର୍ଣ୍ଣ ଭାବେ ଡ୍ରେନ ନିର୍ମାଣ ସମ୍ପର୍କରେ ଜିଲ୍ଲାପାଳଙ୍କୁ ନିର୍ମାଣ ସମୟରେ ଅଭିଯୋଗ କରାଯାଇଥିଲା। ତ୍ରୁଟିପୂର୍ଣ୍ଣ ଡ୍ରେନେଜ ନିର୍ମାଣ ହେବା ଫଳରେ ବର୍ଷା ଜଳ ନିଷ୍କାସନ ନହୋଇ ଦୀର୍ଘ ଘଣ୍ଟା ପର୍ଯ୍ୟନ୍ତ ଡ୍ରେନ ପାଣି ରାସ୍ତା ଉପରେ ଜମା ହୋଇ ରହିଥିଲା। ଯାହାଫଳରେ ଏହି ସବୁ ଅଞ୍ଚଳର ଜନସାଧାରଣ ଜଳବନ୍ଦୀ ଭାବେ କିଛି ସମୟ ରହିଥିଲେ। ଆସିକା ଅଞ୍ଚଳ ରେ ତ୍ରୁଟିପୂର୍ଣ୍ଣ ଡ୍ରେନେଜ ସାଙ୍ଗକୁ ଗତ ବର୍ଷ ଫେବର ରୋଡ଼ ନିର୍ମାଣ ହୋଇଥିଲା। ସହରରେ ଅଧିକାଂଶ ଫେବର ରୋଡ଼ ଦବିଯିବା ସହ କେତେକ ସ୍ଥାନରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଦୁର୍ଘଟଣା ରାତିମତ ହେଉଛି। 'ସରକାର କା ମାଲ ଦରିଆ ମେ ଡାଲ' ନୀତି ଯୋଗୁଁ ଆଜି ସାଧାରଣ ଲୋକେ କୃତ୍ରିମ ବନ୍ୟାର ସମ୍ମୁଖୀନ ହେଉଛନ୍ତି।

## ପାଣିରେ ବୁଡ଼ିରହିଛି ସାହାପୁର-କଣ୍ଡରା ଗଡ଼ିଆ ରାସ୍ତା

# ୧୦ ଗ୍ରାମର ଲୋକ ଭୋଗୁଛନ୍ତି ଦୁର୍ଦ୍ଦଶା


ତିହିଡ଼ି, (ଭାସ୍କର ନ୍ୟୁଜ୍): ସ୍ୱାଧୀନତାର ୭୯ବର୍ଷ ପରେ ବି ଗ୍ରାମା□ଳର ସମ୍ପୂର୍ଣ୍ଣ ବିକାଶ ହୋଇପାରିଲା ନାହିଁ। ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ବିକାଶର ଡେଙ୍ଗୁରା ପିଟି ଚାଲିଥିଲେ ମଧ୍ୟ ଲୋକଙ୍କ ସମସ୍ୟା ସୁଧୁରିବାର ନାଁ ଧରୁନି। ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ପୀରହାଟ-ଚାରବାଟିଆ ରାସ୍ତାର ସାହାପୁର ଛକ ଠାରୁ କଣ୍ଡରାଗଡ଼ିଆ ରାସ୍ତା ଏହାର ଜ୍ୱଳନ୍ତ ଉଦାହରଣ ହୋଇଛି। କିଛିଦିନ ହେବ ଲଗାଣ ବର୍ଷା ଲାଗି ରହିଛି। ଲଗାଣ ବର୍ଷାରେ ସାହାପୁର-କଣ୍ଡରା ଗଡ଼ିଆ ୪ କି.ମି. ରାସ୍ତା ମଧ୍ୟରୁ ଆରମ୍ଭରୁ ୩ଶହ ମିଟର ରାସ୍ତା ବର୍ଷା ପାଣିରେ ବୁଡ଼ି ରହିଛି। ମୁଖ୍ୟତଃ ଏହି ରାସ୍ତାଟି ପଞ୍ଚାୟତ କାର୍ଯ୍ୟାଳୟର ରାସ୍ତା ଅଟେ। ଏଥି ସହିତ ଏହି ରାସ୍ତାରେ ଆଖପାଖ ୧୦ଗୋଟି ଗ୍ରାମର ଲୋକଙ୍କ ସମେତ ସ୍କୁଲ



ଛାତ୍ରଛାତ୍ରୀମାନେ ଯାତାୟତ କରିଥାନ୍ତି। ମାତ୍ର ପ୍ରତି ବର୍ଷା ଋତୁରେ ଏହି ରାସ୍ତାଟି ବର୍ଷା ପାଣିରେ ବୁଡ଼ି ଯାଏ। ବିଗତ ୫ବର୍ଷ ଧରି ରାସ୍ତା ବର୍ଷା ପାଣିରେ ବୁଡ଼ି ଯାଉଥିବାରୁ ଯାତାୟତ କରୁଥିବା ଲୋକମାନେ କଷ୍ଟରେ ଯାତାୟତ କରି ଆସୁଛନ୍ତି। ବିଶେଷତଃ ରାସ୍ତାଟି ପଞ୍ଚାୟତ କାର୍ଯ୍ୟାଳୟ ସଂଲଗ୍ନ ହୋଇଥିବାରୁ ବର୍ଷା ଦିନରେ ବୃଦ୍ଧ, ବୃଦ୍ଧା ଓ ଦିବ୍ୟାଙ୍ଗମାନେ ଭତ୍ତା ଆଣିବାକୁ ଯିବା ବେଳେ ରାସ୍ତାରେ ବହୁ କଷ୍ଟ ଭୋଗୁଛନ୍ତି। ସ୍କୁଲ ଛାତ୍ରଛାତ୍ରୀମାନେ ବର୍ଷା ଦିନରେ ଯାତାୟତ ବେଳେ ବହୁ ଅସୁବିଧାରେ ପଡୁଛନ୍ତି। ବର୍ଷା ପାଣି ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ପାଣି ନିଷ୍କାସନ ହୋଇ ପାରୁନାହିଁ। ଯାହାଫଳରେ ରାସ୍ତାଟି ପାଣିରେ ବୁଡ଼ି ରହିବାରୁ ସମସ୍ୟା ସୃଷ୍ଟି କରୁଛି। ଏ ସମ୍ପର୍କରେ ଅଞ୍ଚଳ ବାସୀଙ୍କ ପକ୍ଷରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ସୁଫଳ ମିଳି ପାରିଲା ନାହିଁ। ଯେଉଁଥିପାଇଁ ଲୋକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ତୁରନ୍ତ ସମସ୍ୟାର ସମାଧାନ କରାନଗଲେ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଏ ସମ୍ପର୍କରେ ସରପଞ୍ଚ ଗାୟତ୍ରୀ ଦାସଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ୟାର ସମାଧାନ ପାଇଁ ତଦନ୍ତ କରାଯାଇଛି। ବ୍ଲକ ପ୍ରଶାସନ ପଞ୍ଚାୟତକୁ ଅନୁମତି ଦେଲେ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ।

## ବିଦ୍ୟୁତ୍‌ଖୁଣ୍ଟରେ ଲତା ତୋରଣ, ବିପଦ ଆଶଙ୍କା

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପିତିରି ଠାରୁ ଖମାର ଅଭିମୁଖେ ଯାଇଥିବା ୧୪୯ ନଂ ଜାତୀୟ ରାଜପଥର ରଙ୍ଗଥଳି ଛକରେ ଉଭୟ ପାର୍ଶ୍ୱରେ ଥିବା ୩୩ କେଭି ଡିପି ଲାଇନ ତାରଖୁଣ୍ଟ ରେ ଜୀବନ୍ତ ଗଛର ଲତା ତୋରଣ ସଦୃଶ୍ୟ ଦେଖିବାକୁ ମିଳିଛି। ଆଉ ମଧ୍ୟ ବିଦ୍ୟୁତ ତାର ସହିତ ବଡ ଗଛର ଡାଳ ଲାଗି ରହିଥିବା ଦେଖିବାକୁ ମିଳିଛି। ଯାହାକି ବର୍ଷା ଦିନରେ ବର୍ଷାରେ ଖୁଣ୍ଟ ଓଦା ହେଲେ ଭୂମି ଏବଂ ଗଛ ବିଦ୍ୟୁତ ସଂଯୋଗ ହେବାର ସମ୍ଭାବନା ରହୁଛି। ଏହି ଛକଠାରୁ ଚତୁର୍ଦ୍ଦିଗକୁ ରାସ୍ତା ଥିବାବେଳେ ବିଭିନ୍ନ ଗ୍ରାମରୁ ଆସୁଥିବା ବାଟୋଇ ଏବଂ ପାଖରେ ଚରୁଥିବା ଗାଇ ଗୋରୁମାନଙ୍କ ପ୍ରତି ବିପଦ ଆସିପାରେ ବୋଲି ରାଜନେତା ଓ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ମୁତାବକ ସେମାନେ ବାରମ୍ବାର ବିଭାଗ କୁ ଜଣାଇଥିଲେ ମଧ୍ୟ ଦୃଷ୍ଟି ନରହିଲା ଭଳି ବିଭାଗ ଦିନ ଗଡେଇ ଚାଲିଛି। ଏପରିକି ଅଞ୍ଚଳରେ ବିଦ୍ୟୁତ୍ ବିଭାଗର ମନମୁଖୀ



କାର୍ଯ୍ୟ ଏବଂ ଟାଟା ପାୱାର କମ୍ପାନୀ ଦ୍ୱାରା ପରିଚାଳିତ ପରଜଙ୍ଗ ସରାଙ୍ଗ ବିଦ୍ୟୁତ୍ ଡିଭିଜନରେ ଲାଇନ ସମ୍ପର୍କିତ ବିଭିନ୍ନ ସମସ୍ୟାକୁ ନେଇ ଉପ-ଭୋକ୍ତାଙ୍କ ଠାରୁ ଆରମ୍ଭ କରି ଜନ ସାଧାରଣ ପର୍ଯ୍ୟନ୍ତ ଜନ ଅସନ୍ତୋଷ ତେଜିବାରେ ଲାଗିଛି। କମ୍ପାନୀ ଉପଭୋକ୍ତା ମାନଙ୍କ ଠାରୁ ବିଲ୍ ଆଦାୟ କରିବାରେ ଅବହେଳା ରହୁନଥିବା ବେଳେ ବିଭିନ୍ନ ପ୍ରକାର କେତେକ ସମସ୍ୟାର ସମାଧାନ ପ୍ରତି ଦୃଷ୍ଟି ନଦେଇ ନୀରବ ଦ୍ରଷ୍ଟା ସାଜିଛନ୍ତି ବିଭାଗ। ତୁରନ୍ତ ଏଥି ପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଇ ଅନାବନା ଗଛର ଲତା ଓ ଡାଳ ସଫା ରଖିବାକୁ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସମେତ ସର୍ବସାଧାରଣ ଦାବି ରଖିଛନ୍ତି।

## ଉଠା ଜଳସେଚନ ବିଭାଗର ସମୀକ୍ଷା ବୈଠକ

କଣିହାଁ, (ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକର ଉଠାଜଳ ସେଚନ ପ୍ରକଳ୍ପ ର ସମୀକ୍ଷା ବୈଠକ ତାଳଚେର ଉପଜିଲ୍ଲାପାଳ ସମିରି ଜେନାଙ୍କ ଅଧକ୍ଷତା ରେ ସମଲ ଡାକ ବଙ୍ଗଳା ରେ ଅନୁଷ୍ଠିତ ହୋଇଯାଇଛି। ପାଲଲହଡା ବିଧାୟକ ଅଶୋକ ମହାନ୍ତି ଯୋଗ ଦେଇ ବ୍ଲକ ସ୍ତରୀୟ ଉଠା ଜଳସେଚନ ବିଭାଗର ସମୀକ୍ଷା କରିଥିଲେ। ବର୍ଷା ଅଭାବରୁ ପ୍ରଭାବିତ ଚାଷ ଜମିକୁ ଜଳ ଯୋଗାଇଦେବା ପାଇଁ କଣିହାଁ ବ୍ଲକର ୧୩୨ ଉଠା ଜଳସେଚନ ପ୍ରକଳ୍ପ ଉପରେ ଆଲୋଚନା ହୋଇଥିଲା। ସେହିପରି ନୂତନ ଭାବରେ ହେବାକୁ ଥିବା ସେଚ ପ୍ରକଳ୍ପର କାର୍ଯ୍ୟକାରିତ ନେଇ ଆଲୋଚନା ହୋଇଥିଲା। ଆବଶ୍ୟକ ସ୍ଥଳେ ତୁରନ୍ତ ମରାମତି କରି କାର୍ଯ୍ୟକ୍ଷମ ପାଇଁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଖୁଦ୍ର ଜଳସେଚନ ବିଭାଗର କେନାଲକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରି ଜମିକୁ ପାଣି ଦେବାକୁ ପ୍ରସ୍ତୁତ ରହିବାକୁ କହିଥିଲେ। ନୀଳାପଶି ବିରୁ କଟରପଡା ସମଲ ଟିପୋ



କୁଲେଇ ଗହମ ବେଠିଆ ଭୂଇଁ କର୍ଣ୍ଣପାଳ ସୀପୁର ପ୍ରଭୃତି ଗ୍ରାମର ଅଭିଯୋଗ ଶୁଣି ସମାଧନ ପାଇଁ ଉପଜିଲ୍ଲାପାଳ ଓ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ବୈଠକ କରିବା ସହିତ ବିଦ୍ୟୁତ ଦେୟ ଜନୀତ ସମସ୍ୟାର ସମାଧନ ପାଇଁ ଟିପିସିଓଡ଼ିଲର ନିର୍ବାହୀ ଅଧିକାରୀଙ୍କୁ ଫୋନ ଯୋଗେ ଆଲୋଚନା କରିଥିଲେ। ବୈଠକରେ ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବରାଜ ସେଠି, ସମଲ ବ୍ୟାରେଜ ଅଧିକ୍ଷଣ ଯନ୍ତ୍ରୀ ବିକାଶ କୁମାର ସୁବୁଦ୍ଧି ସହକାରୀ ଯନ୍ତ୍ରୀ ମନୋଜ ବେହେରା ଖୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ରାକେଶ ଶତପଥି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବୈଠକରେ ବିରୁ ସରପଞ୍ଚ ଧରଣୀଧର ବେହେରା, ପରାବିଲ ସରପଞ୍ଚ ପ୍ରତିନିଧି ରମେଶ ପ୍ରଧାନ, ସମଲ ପଞ୍ଚାୟତ ସରପଞ୍ଚ ଜିତେନ୍ଦ୍ର ବେହେରା, ଆଡ଼ଭୋକେଟ ତ୍ରିପୁରାରୀ ପ୍ରଧାନ, ପ୍ରହ୍ଲାଦ ସାମଲ, ବିଛନ୍ଦ ସାହୁ, ସୁମନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର

ପାପଡାହାଣ୍ଡି, (ଭାସ୍କର ନ୍ୟୁଜ୍): ସୋମବାର ଲଗାଣ ବର୍ଷାରେ ପାପଡାହାଣ୍ଡି ଗୋଡିସାହିର ହରି ହରିଜନଙ୍କ ଘର ଭାଙ୍ଗିଯାଇଛି। ଏବେ ରହିବାକୁ ତାଙ୍କୁ ଅନ୍ୟର ଘର ବାରଣ୍ଡାରେ ଆଶ୍ରୟ ନେଇଛନ୍ତି। ସେ ଜଣେ ଅତନ୍ତ୍ୟ ଗରିବ ଶ୍ରେଣୀର ଅଟନ୍ତି। ତାଙ୍କ ପରିବାର ରହିବାକୁ ବହୁତ ହଇରାଣ ହେଉଛନ୍ତି। ତେଣୁ ସରକାର ତାଙ୍କୁ ତୁରନ୍ତ ଆବାସ ଯୋଜନାରେ ସାମିଲ କରି ଖଣ୍ଡିଏ ଘର ପ୍ରଦାନ କରନ୍ତୁ। ଏହି ଖବର ଶୁଣି ସକାଳୁ ପାପଡାହାଣ୍ଡି ସରପଞ୍ଚ ଚନ୍ଦ୍ରଶେଖର ମାଝୀ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ସରକାରୀ ସାହାଯ୍ୟ ପାଇଁ ପ୍ରତିଶୃତି ଦେଇ ପାପଡାହାଣ୍ଡି ରାଜସ୍ୱ ଆଧିକାରୀଙ୍କୁ ଖବର ଦେଇ ତୁରନ୍ତ ସରକାରୀ ସାହାଯ୍ୟ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ସରପଞ୍ଚଙ୍କ ଏହି କାର୍ଯ୍ୟକୁ ସାହିବାସି ପ୍ରଶଂସା କରିଛନ୍ତି।

## ଆମ୍ବୁଲାନ୍ସ ଧକ୍କାରେ ଛାତ୍ର ଗୁରୁତର

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଛତାବର-ନିଳୋକ ପୁର୍ତ୍ତ ରାସ୍ତାର କୁଲଣା ବଜାରରେ ଜନୈକ ୫ମ ଶ୍ରେଣୀ ଛାତ୍ରକୁ ସରକାରୀ ଆମ୍ବୁଲାନ୍ସ ମଙ୍ଗଳବାର ଦିନ ୯.୩୦ମି ସମୟରେ ଧକ୍କା ଦେଇଥିବା ଅଭିଯୋଗ ହୋଇଛି। ଫଳରେ ସମ୍ପୃକ୍ତ ଗୁରୁତର ଅବସ୍ଥାରେ କଟକରେ ଚିକିତ୍ସିତ ହେଉଛି। ଆହତ ଛାତ୍ରଙ୍କ ନାମ ପ୍ରତୀଦିପ୍ତ ସାହୁ(୧୨) ଓ ଘର କେଉଁଝର ଜିଲ୍ଲା ଠାକୁରମୁଣ୍ଡା ଅଞ୍ଚଳରେ ଅଟେ। ସେ କୁଲଣା ମାମୁଁ ଘରେ ରହି ବିଶୋଳ-କୁଲଣା ମୈତ୍ରୀ ଉଚ୍ଚ ବିଦ୍ୟାପୀଠର ୫ମ ଶ୍ରେଣୀରେ ପଢୁଛି। ଅଭିଯୋଗ ଅନୁଯାୟୀ କୁଲଣା ଗ୍ରାମର



ଜିତେନ୍ଦ୍ର ସାହୁଙ୍କ ଭଣଜା ପ୍ରିତୀଦିପ୍ତ ମଙ୍ଗଳବାର ସକାଳ ଟିଉସନ ସାରି ସବୁଦିନ ଭଳି ସାଇକେଲ ଯୋଗେ ମାମୁଁ ଘରକୁ ଫେରୁଥିଲା। ଏହି ସମୟରେ ମଞ୍ଜୁରୀରୋଡ ଆଡକୁ ଦ୍ରୁତ ଗତିରେ ଯାଉଥିବା ଆମ୍ବୁଲାନ୍ସ ବିପରୀତ ପାର୍ଶ୍ୱକୁ ଆସି ପ୍ରିତୀଦିପ୍ତକୁ ଧକ୍କା ଦେଇଥିଲା। ସାଇକେଲଟି ଭାଙ୍ଗିରୁଜି ଯାଇଥିଲା। ପ୍ରିତୀଦିପ୍ତ କ୍ଷତାକ୍ତ ହୋଇଥିଲେ। ସ୍ଥାନୀୟ ଲୋକେ ସମ୍ପୃକ୍ତ ଆମ୍ବୁଲାନ୍ସ ଯୋଗେ ଭଣ୍ଡାରିପୋଖରୀ ମେଡିକାଲକୁ ଚିକିତ୍ସା ପାଇଁ ଆଣିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ପଠାଇ ଦିଆଯାଇଥିବା ଜଣାଯାଇଛି। ଏ ସମ୍ପର୍କରେ ଜିତେନ୍ଦ୍ର ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି।

## ମଣ୍ଡି କାଗଜ ଅନ୍ୟନାମରେ ହୋଇଥିବାରୁ ଅଶାନ୍ତ ପରିବେଶ ସୃଷ୍ଟି

କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦରରେ ଥିବା ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି ଲିଃ ଠାରେ ଜଣଙ୍କ ମଣ୍ଡି କାଗଜ ଅନ୍ୟ ନାମରେ ହୋଇଥିବାରୁ ଅଶାନ୍ତି ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ବୁଡଗୁଡା ଗ୍ରାମର ମୃତ କାଡ୍ରାକା ରୁପା ନାମରେ ଥିବା ୧୨ଏକର ଜମି ରହିଛି। ତାହାକୁ ତାଙ୍କ ପୁଅ ମାଦନା କାଡ୍ରାକା ଚାଷ କରିଆସୁଛନ୍ତି। ସରକାର ନିୟମ ଅନୁଯାୟୀ ଆଜି ମୃତ କାଡ୍ରାକା ରୁପାଙ୍କ ନାତି ଆଚନା କାଡ୍ରାକା ଆଜି ମିନି ବ୍ୟାଙ୍କରେ ମଣ୍ଡି କାଗଜ କରିବା ପାଇଁ ଆସିଥିଲା। ସେଥିରେ ଡାଟା ପୂରଣ କରିବା ବେଳକୁ ସମ୍ପର୍କୀୟ ସୁତା କାଡ୍ରାକାଙ୍କ ନାମ ଆସୁଥିବା ଦେଖିବାକୁ ପାଇଥିଲେ। ଏହା ଶୁଣି ରାଗରେ ଏକ ଅସ୍ତ୍ର ଧରି ମାଝୀଗୁଡାରେ ଥିବା ମା ମଝିଗୌରୀ ମଡେନ ରାଇସ ମିଲ ଶ୍ରାବଣ କୁମାରକୁ ମାରିବା ପାଇଁ ଯାଉଥିଲା। ଉକ୍ତ ଖବର ବିଜେପି ମଣ୍ଡଳ ସଭାପତି ଅଜିତ ପାଣିଗ୍ରାହୀ



ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରି ଲ୍ୟାମ୍ପକୁ ଆଣିଥିଲେ। ଏଠାରେ ମିନି ବ୍ୟାଙ୍କ ପରିଚାଳକ ତାରିଣୀ ପ୍ରସାଦ ତ୍ରିପାଠୀ, ବିଜେପି ମଣ୍ଡଳ ସଭାପତି ଅଜିତ ପାଣିଗ୍ରାହୀ, ଜମି ମାଲିକର ନାତି ଆଚନା ଓ ଯେଉଁ ବ୍ୟକ୍ତିଙ୍କ ନାମରେ ମଣ୍ଡି କାଗଜ ହୋଇଛି ସୁତା କାଡ୍ରାକା ମିଳିତରେ ଏକ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଏହାପରେ ଯେଉଁ ଲୋକର ପଟା ଜମି ରହିଛି ତାଙ୍କନାତି ଆଚନା କାଡ୍ରାକା ନାମରେ ୨୪ ଘଣ୍ଟାପରେ ନାମ ପଞ୍ଜିକରଣ କରାଯିବ ବୋଲି ମିନି ବ୍ୟାଙ୍କ ଶାଖା ପରିଚାଳକ ତ୍ରିପାଠୀ କହିଛନ୍ତି। ସେହିପରି ପ୍ରଧାନୀଗୁଡା ଗ୍ରାମର ସାବିତ୍ରୀ ସୁନାଙ୍କର ହୋଇଛି ବୋଲି ଶୁଣିବାକୁ ମିଳିଥିବା ବେଳେ ଏମିତି ବହୁତ ହୋଇଥିବା ଚାଷୀ ମହଲରେ ଆଲୋଚନା ହେଉଛି। ଏହାର ଭିଜିଲାନ୍ସ ତଦନ୍ତ କଲେ ସତ୍ୟାସତ୍ୟ ଖବର ପ୍ରକାଶ ପାଇବ ବୋଲି ଚାଷୀ ମହଲରେ ଦାବି ହୋଇଛି।

## ବଜରଙ୍ଗ ଦଳ ପକ୍ଷରୁ ଏସପିଙ୍କୁ ଦାବିପତ୍ର

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଅବୈଧ ଗୋ ଚାଲାଣ ଓ ଗୋରୁ ହତ୍ୟା ପ୍ରସଙ୍ଗକୁ ନେଇ ବଜରଙ୍ଗ ଦଳ ଜଗତସିଂହପୁର ଜିଲ୍ଲା ଶାଖା ପକ୍ଷରୁ ଜଗତସିଂହପୁର ଏସପିଙ୍କୁ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଯାଇଛି। ପ୍ରଦାନ କରାଯାଇ ଥିବା ଦାବିପତ୍ରରେ ଅବୈଧ କଂସେଇ ଖାନା ଚିହ୍ନଟ କରାଯାଉ ଓ ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ, ଅବୈଧ ଗୋ ଚାଲାଣ କରୁଥିବା ମାଫିଆ ମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ, ପୋଲିସ ପେଟ୍ରୋଲିଂ କଡାକଡି କରିବା, ଗୋ ଚାଲାଣ ବନ୍ଦ କରିବା, ଗୋ ଚାଲାଣ ବେଳେ ଧରାପଡୁଥିବା ବ୍ୟକ୍ତି ଓ ଯାନ ଉପରେ କଠୋର କାର୍ଯ୍ୟାନୁଷ୍ଠାନ, ଗୋ ରକ୍ଷକ ମାନଙ୍କ ଉପରେ କରାଯାଉଥିବା ମିଥ୍ୟା କେଶର ସଠିକ ତଦନ୍ତ, ଗୋ ରକ୍ଷକଙ୍କ ଜୀବନ ପ୍ରତି ଥିବା ବିପଦକୁ ବିଚାରକୁ ନେଇ ଷଡ଼ଯନ୍ତ୍ର କାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ, ଜିଲ୍ଲାରେ ଦେଉଳି ଗ୍ରାମେଶ୍ୱର, କଲେଜ ଛକ, ପିତେଇପୁର, ପଣସପଡା, ମଜୁରେଇ, ବାଲିକୁଦାର ଅଂଶୀରା ଠାରେ ଚାଲିଥିବା କଂସେଇ ଖାନା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

## ମନ୍ଦିର ପାଇଁ ଉଦ୍ଦିଷ୍ଟ ଜମି ଅନ୍ୟଜଣଙ୍କ ନାମରେ ରେକର୍ଡଭୁକ୍ତ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦର ବ୍ଲକ ପାଣ୍ଡ୍ରିପାଣି ପଞ୍ଚାୟତ ଅନ୍ତର୍ଗତ ବିଜାପଦର ଗ୍ରାମବାସୀ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ପ୍ରାୟ ୧୦୦ ବର୍ଷ ପୂର୍ବେ ବିଜାପଦର ଗ୍ରାମରେ ଗୋଟିଏ ସ୍ଥଳରେ ଗ୍ରାମର ପୂର୍ବ ପୁରୁଷ ମାନେ ଗୋଟିଏ ଗଛ ତଳେ ଭଗବାନଙ୍କ ପଥରମୂର୍ତ୍ତି ରଖି ପୂଜାର୍ଚ୍ଚନା କରି ଆସୁଥିଲେ। ତେବେ ଉକ୍ତ ସ୍ଥଳରେ ବର୍ତ୍ତମାନ ସୁଦ୍ଧା ପୂଜାର୍ଚ୍ଚନା ଚାଲିଥିବା ବେଳେ ପୂର୍ବ ସରକାରଙ୍କ ତରଫରୁ ଏଠାରେ ମନ୍ଦିର ନିର୍ମାଣ କରିବା ନିମନ୍ତେ ଟ.୭,୦୦,୦୦୦/-ଙ୍କା ଅନୁଦାନ ମଧ୍ୟ ମିଳିଥିଲା। ତେବେ ଏଠାରେ ମନ୍ଦିର ନିର୍ମାଣ କରିବା ପାଇଁ ଉକ୍ତ ଗ୍ରାମବାସୀ ତହସିଲଦାରଙ୍କ ସହ ଜମି ଚିହ୍ନଟ କରିବା ନିମନ୍ତେ ଆବେଦନ କରିଥିଲେ। ତହସିଲଦାର ମଧ୍ୟ ଏହାର ଜମି ଚିହ୍ନଟ କରିବା ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ଆଦେଶ ଦେଲାପରେ ରାଜସ୍ୱ ନିରୀକ୍ଷକ ଜମି ନିକଟକୁ ଆସି ନକ୍ସା ଦେଖିଲା ପରେ ଏହି ଜମିର ପ୍ରାୟ ୩ ଏକର ୨୦ ସେଣ୍ଟ ସ୍ଥଳ ଖାତା ନଂ. ୫୪ ପ୍ଲଟ ନଂ.୫୫୭ ରକବା ହେ.୧.୩୦୦ ଆର୍ ଜମି ମଦନ ଖରା, ସୁନ୍ଦର ଖରା ଓ ସଇତା ଖରାଙ୍କ ନାମରେ ରେକର୍ଡ ଭୁକ୍ତ




ହୋଇଛି। ଏହି ଜମି ପୂର୍ବରୁ ସରକାରଙ୍କ ଅଧୀନରେ ଖାତା ନଂ.୪୧ ମୌଜା ବିଜାପଦରରେ ଅନ୍ତର୍ଭୁକ୍ତ ଥିଲା। କିନ୍ତୁ ସରକାରଙ୍କ ଅଧୀନରେ ଥିବା ଏହି ଜମିକୁ ମନ୍ଦିର ନିର୍ମାଣାର୍ଥେ ଜମି ଚିହ୍ନଟ କରିବା ସହ ମନ୍ଦିର ନାମରେ ପଟ୍ଟା ପରିବର୍ତ୍ତନ କରାଇବାରେ ଉଚିତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବିଜାପଦର ଗ୍ରାମର ଲବ ଦୁରା, ପିତାମ୍ବର ଗୋଟେ, କୃଷ୍ଣ ଦୋରା, ମଙ୍ଗଳା ଗୋଟେ, ଖଗପତି ହରିଜନ, ତ୍ରିନାଥ ଗୋଟେ, ଶଙ୍କର ଦୋରା, ଲଛୁମୁ ଦୋରାଙ୍କ ସହ ୩୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ।

## ମୁଣ୍ଡ ନେଉଛି ଜାତୀୟ ରାଜପଥ

# ଅଜଣା ହାଇୱା ଧକ୍କାରେ ଯୁବକ ମୃତ

ଡେରାବିଶ, (ଭାସ୍କର ନ୍ୟୁଜ୍): ନିର୍ମାଣଧୀନ ଚଣ୍ଡିଖୋଲ-ପାରାଦ୍ୱୀପ ୫୩ ନଂ ଜାତୀୟ ରାଜପଥ ଏବେ ମରଣ ଜନ୍ତା ପାଲଟିଛି। ଠିକାଦାରଙ୍କ ମନମାନୀ ଯୋଗୁ ଏହି ରାସ୍ତାରେ ଏବେ ଦୈନିକ ଦୁର୍ଘଟଣାମାନ ଘଟି ମୁଣ୍ଡ ପରେ ମୁଣ୍ଡ ଗଡ଼ି ଚାଲିଛି। ପ୍ରତ୍ୟେକ ଦିନ ଚଣ୍ଡିଖୋଲରୁ ପରାଦ୍ୱୀପ ପର୍ଯ୍ୟନ୍ତ କେଉଁଠି ନାଁ କେଉଁଠି ଦୁର୍ଘଟଣାର ଶିକାର ହୋଇ ଲୋକମାନଙ୍କର ମୃତ୍ୟୁ ଘଟିବାରେ ଲାଗିଛି। ଆଜି ମଧ୍ୟାହ୍ନ ସମୟରେ ଏହି ରାଜପଥର କେନ୍ଦ୍ରାପଡ଼ା ସଦର ଥାନା ଅଧୀନ ଡେରାବିଶ ବ୍ଲକ ଅନ୍ତର୍ଗତ ଅଁଳାବାଙ୍କ ଛକରେ ଦୁର୍ଘଟଣା ଘଟି ଜଣେ ସ୍କୁଟି ଚାଳକର ମୃତ୍ୟୁ ହୋଯାଇଥିବା ବେଳେ ଆରୋହୀ ଜଣକ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି । ମୃତକ ଜଣକ ହେଉଛନ୍ତି ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅଧୀନ ଖଡ଼ଗପୁର ଗ୍ରାମର ଆଶିଷ ପାତ୍ର ବୋଲି ଜଣାଯାଇଛି। ମଙ୍ଗଳବାର ମଧ୍ୟାହ୍ନରେ ଆଶିଷ ଓ ତାଙ୍କର ଜଣେ ବନ୍ଧୁ ଏକ ସ୍କୁଟି ଯୋଗେ ନିଜ ଗ୍ରାମ ଖଡ଼ଗପୁରରୁ ପାରାଦ୍ୱୀପ ଅଭିମୁଖେ ଏହି ଜାତୀୟ ରାଜପଥ ଦେଇ ଯାଉଥିଲେ। ହେଲେ ଅଁଳାବାଙ୍କ ଛକ ନିକଟରେ ପଛପଟୁ ଏକ ଅଜଣା ହାଇୱା ତାଙ୍କୁ ପିଟି ସ୍କୁଟି ସହିତ ପାଖାପାଖି ୧୦୦ ମିଟର



ଘୋଷାଡ଼ି ନେଇଥିଲା। ଫଳରେ ଆଶିଷଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିବା ବେଳେ ତାଙ୍କର ଗୋଡ଼ ଶରୀରୁ ଅଲଗା ହୋଇ ଛିଡ଼ି ଯାଇଥିଲା। ଅନ୍ୟପକ୍ଷରେ ଆଶିଷଙ୍କର ବନ୍ଧୁ ସ୍କୁଟିରୁ ଛିଟିକିଯାଇ ରାସ୍ତା କଡ଼ରେ ପଡ଼ି ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ମଡ଼ିକାଲ୍‌କୁ ପଠା ଯାଇଥିଲା। ଖବର ପାଇ କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ମୃତକଙ୍କ ଶବକୁ ବ୍ୟବଚ୍ଛେଦ ନିମନ୍ତେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ସ୍କୁଟିଟିକୁ ନିଜ ହେପାଜତକୁ ନେଇଛନ୍ତି। ତେବେ ଦୁଘଟଣା ଘଟାଇଥିବା ହାଇୱାଟି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାଯାଇଛି। ଏହି ରାସ୍ତାଟି ପରାଦ୍ୱୀପ ବନ୍ଦରାଞ୍ଚଳ ସହିତ ବିଭିନ୍ନ ରାଜ୍ୟକୁ ସଂଯୋଗ କରୁଛି। ଏହି ରାସ୍ତାରେ ଦୈନିକ ହଜାର ହଜାର ମାଲବାହୀ ଭାରୀ ଯାନ ଓ ଯାତ୍ରୀବାହୀ ଯାନ ସମେତ ବିଭିନ୍ନ ଛୋଟ ଛୋଟ ଯାନବାହାନ ଚଳ ପ୍ରଚଳ କରୁଛି। ରାଜପଥ ନିର୍ମାଣ ଠିକାଦାରଙ୍କ ମନମାନୀ ଯୋଗୁ ଦୀର୍ଘଦିନ ଧରି ରାସ୍ତା କାର୍ଯ୍ୟ ମନ୍ଥର ଗତିରେ ଚାଲିବା ସହିତ ବିଭିନ୍ନ ଛକ ସ୍ଥାନ ମାନଙ୍କରେ ରାସ୍ତାକୁ ସଠିକ ଭାବେ ନିମାଣ ନକରିବା, ଏପରିକି କିଛି ସ୍ଥାନରେ ମାତ୍ର ଗୋଟିଏ ରାସ୍ତାରେ ଯାନବାହାନ ଚଳପ୍ରଚଳର ବ୍ୟବସ୍ଥା କରିଥିବା କାରଣରୁ ଦୈନିକ ଏପରି ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଯେତେ ଅଭିଯୋଗ କଲେ ମଧ ଜାତୀୟ ରାଜପଥ କର୍ତୃପକ୍ଷ କିମ୍ବା ଜିଲ୍ଲା ପ୍ରଶାସନ ନୀରବଦ୍ରଷ୍ଟା ସାଜିଛନ୍ତି। ତେଣୁ ତୁରନ୍ତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ମହିଳାଙ୍କୁ ନିର୍ଯାତନା

ବେତନଟୀ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ବଡ ଗୋପାଳପୁର ଗ୍ରାମରେ ଜନୈକା ମହିଳାଙ୍କୁ ତାଙ୍କ ଶାଶୁ ଘର ଲୋକ ନିର୍ଯାତନା ଦେଇ ଘରୁ ବାହାର କରିଦେଇଥିବା ନେଇ ପୋଲିସ ନିକଟରେ ମଙ୍ଗଳବାର ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ ଲିଲି ମଣି ଦାସ ଓ ତାଙ୍କ ୯ ବର୍ଷର ଝିଅକୁ ଶଶୁର କୃପାସିନ୍ଧୁ ଦାସ ଓ ଶାଶୁ ପବିତ୍ରାମଣି ଘରେ ରହିବାକୁ ଦେଉନାହାନ୍ତି କିମ୍ବା ତାଙ୍କ ସ୍ୱାମୀ ଯୋଗେନ୍ଦ୍ରଙ୍କ ସହିତ ମିଶିବାକୁ ମଧ ଦେଉନାହାନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ଶଶୁର କୃପାସିନ୍ଧୁ ମଧ୍ୟ ବହୁ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବାର ଅଭିଯୋଗ କରିଛନ୍ତି ଏବଂ ବାରିପଦା ପରିବାର ଅଦାଲତରେ ତାଙ୍କ ପୁଅ ଯୋଗେନ୍ଦ୍ର ଛାଡ଼ପତ୍ର ପାଇଁ ଆବେଦନ କରିଥିବା ପ୍ରକାଶ କରିଛନ୍ତି। ଲିଲିମଣିଙ୍କ ଅଭିଯୋଗ ମୂଳେ ପୋଲିସ ପକ୍ଷରୁ ୩୨୦ ନଂ.ରେ ମାମଲା ରୁଜୁ କରାଯାଇଥିବା ବେଳେ କୃପାସିନ୍ଧୁଙ୍କ ଅଭିଯୋଗ ଆଧାରରେ ୩୨୧ ନଂ ରେ ଏକ ମାମଲା ରୁଜୁ କରାଯାଇଛି। ପୋଲିସ ଉପଖଣ୍ଡ ଅଧିକାରୀ ସୁଶ୍ରୀ ମିନତୀ ବିଶ୍ୱାଳଙ୍କୁ ପଚାରିବାରୁ ଉଭୟ ପକ୍ଷଙ୍କ ମଧ୍ୟରେ ଆପୋଷ ମିଳାମିଶା ପାଇଁ ସେ ବ୍ୟକ୍ତିଗତ ଭାବେ ଉଦ୍ୟମ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇପାରି ନାହିଁ। ତେବେ ପୋଲିସ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ୟୁ-ଟ୍ୟୁବ୍ ନିଶାରେ ଗୋଧି ମାଂସ ଖାଇ ବନ୍ଧା ହେଲେ ଯୁବକ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ୟୁ-ଟ୍ୟୁବର ବଣ୍ୟ ପ୍ରାଣୀ ତଥା ବିଲୁପ୍ତ ପ୍ରଜାତି ଗୋଧିକୁ କାଟି ତାର ମାଂସ ରାନ୍ଧି ୟୁ ଟ୍ୟୁବରେ ଭାଇରଲ କରିଥିଲେ। ଏଭଳି କାର୍ଯ୍ୟ ଅପରାଧ ଶ୍ରେଣୀର ଏବଂ ଏଥିପାଇଁ ଯୁବକଙ୍କୁ ଜେଲ ଯିବାକୁ ପଡିବା ଘଟଣା ବେଶ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ହୋଇଛି। ଘଟଣାରୁ ପ୍ରକାଶ ଯେ, ଠାକୁରମୁଣ୍ଡା ବନାଞ୍ଚଳ ଚମ୍ପାଝର ସେକ୍ସନ ଅଧିନସ୍ଥ ଅସନବଣି ଗ୍ରାମର ରୁପା ନାଏକ ଜଣେ ୟୁ-ଟ୍ୟୁବର। ସେ ଭଦ୍ରକ ତାଙ୍କ ଶ୍ୱଶୁର ଘରକୁ ଯାଇଥିଲେ। ଭଦ୍ରକରୁ ଠାକୁରମୁଣ୍ଡା ଫେରିବା ବେଳେ ବନ୍ତ ନିକଟରେ ରାସ୍ତା କଡରେ ଗୋଧିଟିଏ ମରି ପଡ଼ିଥିବା ଦେଖିଥିଲେ। ଗୋଧିକୁ ନେଇ ଘରକୁ ଫେରି ତାକୁ କାଟି ରୋଷେଇ କରିଥିଲେ। ଏ ସମସ୍ତ ପ୍ରକ୍ରିୟାର



ସେ ଭିଡିଓ ଚିତ୍ର ଉତ୍ତୋଳନ କରିଥିଲେ। ଭିଡିଓକୁ ସେ ଫେସବୁକରେ ଛାଡିବା ପରେ ଖୁବ ଭାଇରାଲ ହୋଇଥିଲ। ୧୮ ତାରିଖରେ ଟିଭି ଚ୍ୟାନେଲରେ ପ୍ରସାରିତ ହେନା ପରେ ବନ ବିଭାଗ ନିଜ ତରଫରୁ ମୋକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ରୁପା ଏପରି କରିଥିବା ସ୍ୱୀକାର କରିଛି। ଗୋଧି ଏବେ ବିଲୁପ୍ତ ପ୍ରାୟ ଏବଂ ସୁରକ୍ଷା ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ରହିଛି। ସେହି ଆଧାରରେ ଠାକୁରମୁଣ୍ଡା ବନାଞ୍ଚଳରେ କେଶ ନ ୬୮ ଦଫା ୨(୧୬)(ବ)(ଭ), ୯, ୩୯ (୧)( ଭ) ୪୮ (ବ) (ଭ), ୫୦ (୧) ଏବଂ ୫(ମ) ବନ୍ୟପ୍ରାଣୀ ନିରୋଧ ଆଇନ ୧୯୭୨ ବଳରେ ଗିରଫ କରାଯାଇଛି।

## ସିଦ୍ଧେଶ୍ୱର ମହାଦେବଙ୍କ ମନ୍ଦିରର ରତ୍ନମୁଦ ଉତ୍ସବ

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଂଚାୟତ ଅନ୍ତର୍ଗତ ବନ୍ଧପଡ଼ା ସ୍ଥିତ ପ୍ରଭୁ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ମହାଦେବଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆଜି ପୂର୍ବାହ୍ନରୁ ମନ୍ଦିର ପରିସରରେ ବେଦଜ୍ଞ ପଣ୍ଡିତଙ୍କ ଦ୍ୱାରା ଶୋଡ଼ଷ ଉପଚାରରେ ପୂଜାର୍ଚ୍ଚାନ କରାଯିବା ସହିତ ଶ୍ରଦ୍ଧାଳୁ ଭକ୍ତମାନେ ଭଜନ ସଂକୀର୍ତ୍ତନ କରିଥିଲେ। ପରେ ଆଖପାଖ ପଞ୍ଚାୟତ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ନିକଟରୁ ମନ୍ଦିରର ରତ୍ନ ମୁଦ ନିମନ୍ତେ ସଂଗ୍ରହ କରାଯାଇଥିବା ଶସ୍ୟ, ଅଷ୍ଟଧାତୁ ଏବଂ ଦୁର୍ଲ୍ଲଭ



ଦ୍ରବ୍ୟମାନ ମନ୍ଦିରର ଦଧିନଉତି ମଧ୍ୟରେ ସମର୍ପିତ କରାଯାଇ ଏହାକୁ ବନ୍ଦ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ରଙ୍କ ସମେତ ରତାଦିଆ ସରପଞ୍ଚ, ସମିତିସଭ୍ୟ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ କୁମାର ତ୍ରିପାଠୀ, ଯୁଧିଷ୍ଠିର ତ୍ରିପାଠୀ, ନିରଞ୍ଜନ ଦ୍ୱିବେଦୀ, ମାନସ କୁମାର ତ୍ରିପାଠୀ, ପ୍ରଣବ ତ୍ରିପାଠୀଙ୍କ ସମତେ ଗ୍ରାମବାସୀ ମାନେ ପରିଚାଳନା କରିଥିଲେ। ଉପସ୍ଥିତ ଶ୍ରଦ୍ଧାଳୁ ଭକ୍ତମାନଙ୍କ ନିମନ୍ତେ ମନ୍ଦିର କମିଟି ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।



ଡେରାବିଶ, (ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ଗଣେଶପୁର ସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ହାଇସ୍କୁଲ ପରିସରରେ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସମାଜସେବୀ ଜୟନ୍ତ ଶତପଥି ଯୋଗଦେଇ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅଧାରୁ ପାଠ ଛାଡ଼ିଥିବା, ବିଦ୍ୟାଳୟରେ ଆଦୌ ନାମ ଲେଖାଇନଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାମାନଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ଓ ସାମଜର ମୁଖ୍ୟ ସ୍ରୋତରେ ସାମିଲ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଶ୍ରୀ ଶତପଥି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମ ନିମନ୍ତେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ପରିଚାଳନା କମିଟିର ସଭ୍ୟସଭ୍ୟାମାନେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ପ୍ରାରମ୍ଭରେ ଅଭିପ୍ସା ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ଶିକ୍ଷୟିତ୍ରୀ ଶିକ୍ଷୟିତ୍ରୀ ପ୍ରମିଳା ମଳିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଅଭିଭାବକ, ଅଭିଭାବିକା ଓ ପରିଚାଳନା କମିଟିର ସଭ୍ୟସଭ୍ୟାମାନେ ଉପସ୍ଥିତ ରହିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ଜୟନ୍ତ ସାମଲଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଆସାମୀ ଫେରାର



ଏରସମା (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠ ପଞ୍ଚାୟତର ବାଲିତୁଠ ବଜାର ନିକଟସ୍ଥ ଷଣ୍ଢ ଛକରେ ବସିଥିବା ବାଲିସାହି ଗ୍ରାମର ଦୀନବନ୍ଧୁ ଦାସ (୫୦) ଙ୍କୁ ସେହି ଗ୍ରାମର ପ୍ରଶାନ୍ତ ଦାସ (ବୁଦ୍ଧିଆ) (୪୦) ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଯାଇଛି। ଖବର ପାଇ କୁଜଙ୍ଗ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଘଟଣାରୁ ଜଣାପଡିଛି ଆଜି ମଧ୍ୟାହ୍ନ ସମୟରେ ବାଲିତୁଠ (ବାଲିସାହି) ଗ୍ରାମର ଦୀନବନ୍ଧୁ ଦାସ, ଗ୍ରାମ ନିକଟସ୍ଥ ଷଣ୍ଢଛକରେ ବସିଥିଲେ।ଏହି ସମୟରେ ପ୍ରଶାନ୍ତ ସେଠାରେ ପହଞ୍ଚି, ବ୍ୟାଗରେ ରଖିଥିବା ଏକ ଧାରୁଆ କଟୁରୀ ବାହାର କରି ଅତର୍କିତ ଆକ୍ରମଣ କରି ସେଠାରୁ ଫେରାର ହୋଇଯାଇଥିଲା। ମୁଣ୍ଡ, ବେକ ଓ ହାତରେ ବସିଥିବା କଟୁରୀ ଚୋଟରେ ରକ୍ତାକ୍ତ ଦୀନବନ୍ଧୁ ଚିତ୍କାର କରୁଥିବା ବେଳେ, ଘଟଣା ସ୍ଥଳରେ ଲୋକମାନେ ପହଞ୍ଚି ତୁରନ୍ତ ନିକଟସ୍ଥ ବାଲିତୁଠ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ତୁରନ୍ତ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଖବର ପାଇ କୁଜଙ୍ଗ ପୁଲିସ ଘଟଣାର କିଛି ସମୟପରେ ପହଞ୍ଚି ତଦନ୍ତ କରି ଫେରିଥିବା ବେଳେ, ସନ୍ଧ୍ୟାରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରିଛି। ତେବେ ଘଟଣା ସ୍ଥଳରୁ ପୋଲିସ ଏକ ବ୍ୟାଗ୍, ଗାମୁଛା ଓ ପ୍ରଶାନ୍ତର ଆଧାର କାର୍ଡ ଜବତ କରିଥିବା ଜଣାପଡିଛି।

# ପଲେଇ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ଗୃହ ଉଦ୍‌ଘାଟିତ



ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଅନ୍ତର୍ଗତ ପଲେଇ ପଂଚାୟତର ଏକ ନୂତନ କାର୍ଯ୍ୟାଳୟ ଗୃହ ଗତକାଲି ଉଦ୍‌ଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ପଲେଇ ସରପଞ୍ଚ ଅକ୍ଷୟ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ପ୍ରଭାତି ମଲିକ, ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ବିଡ଼ିଓ ନମିତା ବାରିକ, ସମାଜମଙ୍ଗଳ ଅଧିକାରୀ ରଶ୍ମି ଦେବୀ ପ୍ରମୁଖ ଅତିଥିଭାବେ ଉପସ୍ଥିତ ରହି ନୂତନ କାର୍ଯ୍ୟକାଳକୁ ଉଦ୍‌ଘାଟନ କରିଥିଲେ । ଏହି ନୂତନ ଗୃହଟି ୨୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଛି । ପରେ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ପରିସରରେ ଥିବା ସଭାଗୃହରେ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପଂଚାୟତ ସମିତିସଭ୍ୟା ତୃପ୍ତିମୟୀ ଜେନା, ପଂଚାୟତ କାର୍ଯ୍ୟନିର୍ବାହୀ ଚିତରଞ୍ଜନ ରାଉତ, ସମାଜସେବୀ ରମାକାନ୍ତ ପରିଡ଼ା, ରବିନାରାୟଣ ସୂତାର, ଶାରଦା ପ୍ରସାଦ ଶର୍ମା, ରଶ୍ମିରଞ୍ଜନ ନାଥଶର୍ମା, ଖଗେଶ୍ୱର ମିଶ୍ର, ଅଜୟ କୁମାର ନାଥ, ଦିଲ୍ଲିପ ନାଥଙ୍କ ସମେତ ପଂଚାୟତର ସମସ୍ତ ୱାର୍ଡ଼ ସଭ୍ୟାସଭ୍ୟାମାନେ ପରିଚାଳନା କରିଥିଲେ।

## ଆମ୍ ଆଦମୀ ପାର୍ଟିର ଜନ ଅଭିଯୋଗ ଶୁଣାଣି

କେନ୍ଦୁଝର, (ଭାସ୍କର ନ୍ୟୁଜ): ଆମ୍ ଆଦମୀ ପାର୍ଟି କେନ୍ଦୁଝର ତରଫରୁ ଜନ ଅଭିଯୋଗ ଶୁଣାଣିର ଶୁଭାରମ୍ଭ କେନ୍ଦୁଝରର ଆରାଧ୍ୟ ବଡ ଠାକୁର ବଳଦେବ ଜୀଉ ସମ୍ମୁଖରେ ଆରମ୍ଭ ହୋଇଯାଇଛି। ଉପସ୍ଥିତ, ରାଜ୍ୟ ସଂଗଠନ ସମ୍ପାଦକ ଆଚାର୍ଯ୍ୟ କଲ୍ୟାଣ ଆନନ୍ଦ, ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂହ ସଦର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଜୟକୃଷ୍ଣ ନାୟକ ସଦର ବ୍ଲକ ସଭାପତି ଦିପୁ ମହାନ୍ତ ପାଟନା ବ୍ଲକ ସଭାପତି ଖଗେଶ୍ୱର ମହାନ୍ତ ଜୋନ ଇନଚାର୍ଜ ଚିତ୍ତରଞ୍ଜନ ନାୟକଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଗଲା। ମଙ୍ଗଳବାର ଠାରୁ ଅକ୍ଟୋବର ୨ତାରିଖ ପର୍ଯ୍ୟନ୍ତ ସମଗ୍ର କେନ୍ଦୁଝରର ୱାର୍ଡ, ଜିଲ୍ଲାର ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ବ୍ଲକ୍‌ରେ ଏହି କାର୍ଯ୍ୟକ୍ରମ ଜାରି ରହିବ ବୋଲି ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂ ସୂଚନା ପ୍ରଦାନ କରିଛନ୍ତି।

# ଚଣ୍ଡିଖୋଲକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କେବେ ?

ଚଣ୍ଡିଖୋଲ (ଭାସ୍କର ନ୍ୟୁଜ): ବଡ଼ଚଣା ନିର୍ବାଚନ ମଣ୍ଡଳୀର ଚଣ୍ଡିଖୋଲକୁ ଦୀର୍ଘ ବର୍ଷ ଦାବି ପରେ ପୂର୍ବ ସରକାର ସାଧାରଣ ନିର୍ବାଚନ ପୂର୍ବରୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଥିଲେ। ଯାହାକୁ ନେଇ ସେତେବେଳେ ସାଧାରଣ ଲୋକେ ବେଶ ଖୁସି ହୋଇଥିଲେ କିନ୍ତୁ କିଛି ଦିନ ତଳେ ରାଜ୍ୟ ସରକାର ରାଜ୍ୟର ୭ ଜିଲ୍ଲାରେ ୧୨ଟି ବିଜ୍ଞାପିତ ଅଞ୍ଚଳ ଗଠନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଏହି ବିଜ୍ଞପ୍ତିରେ ଚଣ୍ଡିଖୋଲର ନାଁ ନଥିବାରୁ ବଡ଼ଚଣାର ବହୁ ବୁଦ୍ଧିଜୀବୀଙ୍କୁ ଆଘାତ ଦେଇଛି। ସୂଚନା ଅନୁସାରେ ସ୍ୱର୍ଗତ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ୧୩ ଜିଲ୍ଲାରୁ ୩୦ ଜିଲ୍ଲା କରିଥିଲେ ଏବଂ ସେହି ସମୟରେ ତତ୍କାଳିନ ବଡ଼ଚଣାର କଂଗ୍ରେସ ବିଧାୟକ ସୀତାକାନ୍ତ ମହାପାତ୍ର ଚଣ୍ଡିଖୋଲକୁ ଉତ୍ତର କଟକ ଜିଲ୍ଲା ପାଇଁ ଦାବି କରିଥିଲେ। ତାହା ହୋଇପାରିଲା ନାହିଁ। ଦାସ କମିଶନ ରିପୋର୍ଟ ଅନୁସାରେ ଚଣ୍ଡିଖୋଲକୁ ଉତ୍ତର କଟକ ଜିଲ୍ଲା କରିବାକୁ ଅନୁମତି ଦିଆଯାଇଥିଲା କିନ୍ତୁ ତାହା ମଧ୍ୟ ହୋଇପାରିଲା ନାହିଁ। ତତକାଳିନ ରାଜସ୍ୱମନ୍ତ୍ରୀ ସୁରେନ୍ଦ୍ର ନାୟକ ଚଣ୍ଡିଖୋଲକୁ ସବଡ଼ିଭିଜନ ମାନ୍ୟତା ଦେବାକୁ ପ୍ରତିଶୃତି ଦେଇଥିଲେ ତାହାବି ହୋଇପାରିଲା ନାହିଁ। ଶେଷରେ ଚଣ୍ଡିଖୋଲକୁ ବିଜ୍ଞାପିତ ଅଞ୍ଚଳ କରିବାକୁ ଦୀର୍ଘ ବର୍ଷ ଧରି ସମସ୍ତ ରାଜନୀତିକ ଦଳର କର୍ମକର୍ତ୍ତା ଦାବି କରିବା ସହିତ ବିଭିନ୍ନ ସମୟରେ ଆନ୍ଦୋଳନ କରିଥିଲେ। ଏପରିକି କଂଗ୍ରେସ, ବିଜେପି ଏବଂ ବିଜେଡି ପକ୍ଷରୁ ପୃଥକ ପୃଥକ ଭାବେ ବିଭିନ୍ନ ସମୟରେ ଆନ୍ଦୋଳନ କରାଯାଇଥିଲା। ଆନ୍ଦୋଳନ ପରେ ବାଧହୋଇ ଚଣ୍ଡିଖୋଲକୁ ବିଜ୍ଞାପିତ ଅଞ୍ଚଳ ବିଜେଡି ସରକାର ୨୪.୨.୨୦୨୪ରେ ଘୋଷଣା କରିଥିଲେ। ତେବେ ଚଳିତ ମାସରେ ରାଜ୍ୟ ସରକାର ୧୨ଟି ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଥିବା ବେଳେ ସେଥିରେ ଚଣ୍ଡିଖୋଲ ସ୍ଥାନ ନଥିବାରୁ ଏଠାରେ ସାଧାରଣରେ ପ୍ରବଳ ପ୍ରତିକ୍ରିୟା ପ୍ରକାଶ ପାଇଛି। ନୂତନ ସରକାର ଚଣ୍ଡିଖୋଲ ପ୍ରତି ଏପରି ମନୋଭାବ କାହିଁକି ବୋଲି ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ନୂତନ ସରକାର ଚଣ୍ଡିଖୋଲ ପ୍ରତି ତୁରନ୍ତ ଦୃଷ୍ଟି ଦେଇ ଏହାକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିବାକୁ ଦାବିହେଉଛି ।

## ରାସ୍ତା ପାଇଁ ଗୁହାରି

ମାଥିଲି, (ଭାସ୍କର ନ୍ୟୁଜ୍):ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଦଳପତିଗୁଡା ଗ୍ରାମ ପଞ୍ଚାୟତ ଅଧୀନ ଡାଇଗୁଡାର ପଦରସାହିରେ ଲୋକ ଚାଲିବା ପାଇଁ ରାସ୍ତା ନାହିଁ। ଗାଁ' ଲୋକଙ୍କ ବାରମ୍ବାର ଅଭିଯୋଗ ଗ୍ରାମସଭା/ପଲ୍ଲିସଭାରେ ରାସ୍ତା ପାଇଁ ନାମ ଦେଇଥିଲେ ମଧ୍ୟ କିଛି ସୁଫଳ ମିଳିପାରିଲା ନାହିଁ। କଥାରେ ଅଛି ଦୀପତଳ ଅନ୍ଧାର। ମାଥିଲି ବ୍ଲକକୁ ଲାଗି ଅଛି ଏହି ଗାଁ। ସେହି ୱାର୍ଡର ୱାର୍ଡମେମ୍ବର ପାର୍ବତୀ ଦୋରାଙ୍କୁ ପଚାରିବାରୁ ସେ କହିଲେ ମୁଁ ବାରମ୍ବାର ପଲ୍ଲିସଭା/ ଗ୍ରାମସଭାରେ ନାମ ଦେଉଛି ଏବଂ ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମାଝୀ, ସରପଞ୍ଚ ଓ ବ୍ଲକ ଅଧକ୍ଷଙ୍କୁ ବି ବାରମ୍ବାର କହିଛି। କିନ୍ତୁ ଏହାର ସୁଫଳ ମିଳିଲା ନାହିଁ। ଦଳପତିଗୁଡ ଗ୍ରାମ ପଞ୍ଚାୟତର ପିଇଓଙ୍କୁ ଆମେ ଯୋଗାଯୋଗ କରିଥିଲୁ ସେ କହିଲେ ପାଗ ଭଲହେଲେ ରାସ୍ତା କାମ କରିବା। ଗାଁ ଲୋକ ଲୋକ ପ୍ରତିନିଧିମାନଙ୍କୁ ଗୁହାରି କଲେ ମଧ୍ୟ କାମ ହୋଇପାରୁ ନାହିଁ। ଲୋକଙ୍କର ସମସ୍ୟାର ସମାଧାନ କେବେ ହେଉଛି ଦେଖିବାକୁ ବାକି ରହିଲା।

# ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କ ପରିବିଭାଗ କାର୍ଯ୍ୟ ବନ୍ଦ ପାଇଁ ଦାବିପତ୍ର




ଟାଙ୍ଗୀ (ଭାସ୍କର ନ୍ୟୁଜ୍): ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଙ୍ଘର ଆହ୍ୱାନ କ୍ରମେ ଜିଲ୍ଲାରେ ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଓ ରାଜସ୍ୱ ପରିଦର୍ଶକଙ୍କ ପରବିଭାଗ କାର୍ଯ୍ୟବନ୍ଦ ପାଇଁ ବିଭାଗୀୟ ଅଧିକାରୀଙ୍କ ଜରିଆରେ ଦାବିପତ୍ର ପ୍ରଦାନ ହୋଇଥିବା ଜଣାପଡିଛି। ଫଳରେ ଅନ୍ୟ କାର୍ଯ୍ୟଗୁଡ଼ିକ ହେବା କଷ୍ଟ ସାଧ ହେବା ସହିତ ସମୟ ସାପେକ୍ଷ ହୋଇଛି। ଗୋଟିଏ ପଟେ ଜଣେ ଜଣେ କର୍ମଚାରୀ କାର୍ଯ୍ୟାଳୟ ସମ୍ଭାଳୁଥିବା ବେଳେ କୃଷି, ଅର୍ଥ, ପଞ୍ଚାୟତିରାଜ, ସମବାୟ ବିଭାଗର କାର୍ଯ୍ୟ ଆଣି ଲଦି ଦିଆଯିବା ଯୋଗୁଁ ସଂଘ ପକ୍ଷରୁ ୫ ଥର ଚେତାବନୀ ମିଆଦ ଶେଷ ପରେ ଏହି ଆନ୍ଦୋଳନରେ ରାଜସ୍ୱ କ୍ଷେତ୍ର ଅଧିକାରୀ ମାନେ ସାମିଲ ହୋଇଥିବା ଜଣାପଡିଛି । ମୃତ ରୟତଙ୍କ ପ୍ରଜାଖାନା ସଂଶୋଧନ କାର୍ଯ୍ୟ ମଧ୍ୟ ବନ୍ଦ ରହିଛି। ଯେହେତୁ କାର୍ଯ୍ୟଭାର ଅସହନୀୟ ଓ ରିଭ୍ୟୁ ଆଳରେ ସେକ୍ରେଟାରୀ ସ୍ତରର ଅଧିକାରୀଙ୍କ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଧମକ ଦିଆଯାଉଥିବାରୁ ସେମାନେ ସବୁବେଳେ ଚାପରେ ରହୁଥିବା ଦାବିପତ୍ରରୁ ଜଣାପଡିଛି। ସେଥିପାଇଁ ରାଜସ୍ୱ ବିଭାଗ କାମକୁ ଯଥାରୀତି ଚାଲୁ ରଖିବା ସହିତ ଅନ୍ୟ କାମ ଗୁଡିକ ବନ୍ଦ ରଖି ପୂର୍ଣ୍ଣ ସଂଖ୍ୟକ କର୍ମଚାରୀ ଓ ଭିତ୍ତିଭୂମି ସହିତ ବ୍ୟାପକ ପ୍ରଚାର ପ୍ରସାର ନହେଲେ ପ୍ରଜାଖାନା ସଂଶୋଧନ ଭଳି ବିଭାଗୀୟ କାମ ମଧ୍ୟ କରିବେ ନାହିଁ ବୋଲି ସଂଘ ପକ୍ଷରୁ ଆଜି ଚିଲିକା ତହସିଲଦାରଙ୍କୁ କ୍ଷେତ୍ର ଅଧିକାରୀ ମାନେ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଚିଲିକା ତହସିଲ ଅଧିନସ୍ଥ ରାଜସ୍ୱ କର୍ମଚାରୀ ଅମିର ରଞ୍ଜନ ନାୟକ( ରାଜସ୍ୱ ପରିଦର୍ଶକ ) , ମମତା ବେହେରା, ନିକୁଞ୍ଜ ପ୍ରଧାନ, ଦିବ୍ୟ ରଞ୍ଜନ ସାହୁଙ୍କ ସମେତ ସମସ୍ତ ରାଜସ୍ୟ ନିରୀକ୍ଷକ ଓ ସହକାରୀ ରାଜସ୍ୟ ନିରୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

# ସର୍ପାଘାତ ଓ ବଜ୍ରପାତ ମୃତ୍ୟୁଜନିତ ସଚେତନତା କାର୍ଯ୍ୟକ୍ରମ




କରଞ୍ଜିଆ (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ସହର ସ୍ଥିତ ପାଞ୍ଚପୀଢ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଦିଲ୍ଲିପ କୁମାର ପୃଷ୍ଟିଙ୍କ ସଭାପତିତ୍ୱରେ ସୋମବାର ଦିନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମ୍ମିଳନୀ କକ୍ଷରେ ମୟୁରଭଞ୍ଜ ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ବାରିପଦାର ସହଯୋଗରେ ବଜ୍ରପାତ ଓ ସର୍ପାଘାତ ଜନିତ ମୃତ୍ୟୁ ହାର କମ କରିବାର ସଚେତନତା କାର୍ଯ୍ୟକ୍ରମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡକ୍ରସ ବିଭାଗର ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବରେ ଓଡ଼ିଆ ଅଧ୍ୟାପକ ଓ ଯୁବ ରେଡକ୍ରସ ପରାମର୍ଶ ଦାତା ତଥା ପ୍ରାଥମିକ ଉପଚାର ତାଲିମ ଦାତା ମାନସ ରଞ୍ଜନ ବେହେରା ଯୋଗ ଦେଇ ବଜ୍ରପାତ ସମୟରେ ଓ ସର୍ପାଘାତ ପରେ କଣ କରିବା ଉଚିତ କଣ ନ କରିବା ଦରକାର ତାହା ବିଭିନ୍ନ କୌଶଳ ମାଧ୍ୟମରେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ଛାତ୍ରୀ ତଥା ଉପସ୍ଥିତ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା କର୍ମଚାରୀ ମାନଙ୍କୁ ଅବଗତ କରାଇଥିଲେ। ବଜ୍ରପାତ ସମୟରେ ଓ ସର୍ପାଘାତ ପରେ ପ୍ରାଥମିକ ଉପଚାର ସମ୍ବନ୍ଧରେ ପ୍ରାଥମିକ ଉପଚାର ମାଷ୍ଟର ଟ୍ରେନର ମାନସ ରଞ୍ଜନ ବେହେରାଙ୍କ କୌଶଳ ଦେଖାଇବା ସମୟରେ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ଛାତ୍ରୀ କମୋଳିନୀ ଓ ପଙ୍କଜିନୀ ସହଯୋଗ କରିବା ସହ ଏହି ସଚେତନତା କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ଭୀମସେନ ବେହେରା ସହଯୋଗ କରିଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

ପରଜଙ୍ଗ, (ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ତହସିଲ ଅଧିନସ୍ଥ ସିଆରିମାଳିଆ ଗାଁରେ ସାପ କାମୁଡାରେ ଜନୈକା ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ସିଆରିମାଳିଆ ଗାଁର ରମେଶ ନାଏକଙ୍କ ପତ୍ନୀ ଚାରୁ ନାଏକ (୪୫) ରାତି ଘରେ ଶୋଇଥିବା ସମୟରେ ତାଙ୍କୁ ସର୍ପ ଦଂଶନ କରିଥିଲା। ସାପ କାମୁଡ଼ିଥିବା ଚାରୁ ଜାଣିବା ପରେ ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର



ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବାବେଳେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକ ଭାଙ୍ଗି ପଡ଼ିଥିବା ବେଳେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଯାଇଥିଲା। ଏ ସମ୍ବନ୍ଧେ ଖବର ପାଇ ମୁକ୍ତାପସୀ ରାଜସ୍ୱ ନିରୀକ୍ଷକ ଦୁଲେଇ କିଷାନ ମୃତକଙ୍କ ଘରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ, ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ସେହି ମୁତାବକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆରଆଇ ସୂଚନା ଦେଇଥିଲେ।

# ସାମ୍ବାଦିକଙ୍କ ନିଆରା ପ୍ରୟାସ

## ଛାତ୍ରଛାତ୍ରୀଙ୍କୁ ବାଣ୍ଟିଲେ ଖାତା, କଲମ ଓ ବିସ୍କୁଟ



ନିଆଳି (ଭାସ୍କର ନ୍ୟୁଜ୍): ଦେଶରେ ଚତୁର୍ଥ ସ୍ତମ୍ଭ। ସମାଜରେ ଘଟୁଥିବା ଛୋଟ କୋଣ ଅନୁକୋଣରେ ଖବର ସାଉଟେ। ତନ୍ମଧ୍ୟରୁ ଗରିବ ନିରିହ ଓ ନିଷ୍ପେସିତ ଖବର ବହୁ ସମୟରେ ବ୍ୟଥିତ କରେ। ଗଣମାଧ୍ୟମ ଏହି ଖବର ଗୁଡ଼ିକୁ ପ୍ରଶାସନ ଓ ଲୋକ ଲୋଚନକୁ ଆଣିବା ସହିତ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଉପସ୍ଥାପନା କରିଥାନ୍ତି। କଟକ ଜିଲ୍ଲା ନିଆଳି ବ୍ଲକ ସାମ୍ବାଦିକ ମାନଙ୍କ ପକ୍ଷରୁ ନିଆରା ପ୍ରୟାସ ଦେଖିବାକୁ ମିଳିଛି। ନିଜର ପାରିଶ୍ରମିକ ଅର୍ଥରୁ କିଛି ଅର୍ଥ ସଂଗ୍ରହ କରି ଶିକ୍ଷା ପାଇଁ ନିଆଳି ବ୍ଲକରେ ଥିବା ସ୍କୁଲ ଗୁଡିକରେ ଥିବା ଗରିବ ଛାତ୍ର ଓ ଛାତ୍ରୀ ମାନଙ୍କୁ ଖାତା କଲମ ବିସ୍କୁଟ ବଣ୍ଟନ କରିଛନ୍ତି। ନିଆଳି ବ୍ଲକ ନୂଆ ଗାଁ ପଞ୍ଚାୟତ ଶ୍ରୀ ରାଧାକାନ୍ତ ଉଚ୍ଚ ବିଦ୍ୟାଳୟରେ ୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଖାତା କଲମ ବିସ୍କୁଟ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ନିଆଳି ବ୍ଲକରେ ଥିବା ସମସ୍ତ ସ୍କୁଲରେ ଜାନୁଆରୀ ୨୬ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସାମ୍ବାଦିକ ମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଉମେଶ ଚନ୍ଦ୍ର ମଲ୍ଲିକ, କାମଦେବ ଭୋଇ, ପ୍ରେସ କ୍ଲବ ଉପଦେଷ୍ଟା ଶରତ କୁମାର ସାହୁ, କାର୍ତ୍ତିକ ଷଡ଼ଙ୍ଗୀ, ବିନୟ ମହାପାତ୍ର, ଜ୍ୟୋତିପ୍ରକାଶ ମହାପାତ୍ର, ତୁଷାର ନାୟକ, ନୃସିଂହ ଜେନା, ପ୍ରିୟଦର୍ଶିନୀ ସାହୁ, ରଶ୍ମିତା ବେଜ,ବର୍ଷା ନାୟକଙ୍କ ସମେତ ଅନେକ ସାମ୍ବାଦିକ ଉପସ୍ଥିତ ରହିଥିଲେ। ସେହିପରି ରାଧାକାନ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଜୟ କୁମାର ମୁଖିଙ୍କ ସମେତ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

# ସଙ୍କଟକାଳୀନ ପ୍ରବାସ ହ୍ରାସ ପାଇଁ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ

ନବରଙ୍ଗପୁର, (ଭାସ୍କର ନ୍ୟୁଜ) : ଆଜି ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାରେ ଶ୍ରମିକଙ୍କ ସଙ୍କଟ କାଳୀନ ପ୍ରବାସକୁ ହ୍ରାସ କରିବା ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁ ଏଜେଣ୍ଡା ଅନୁଯାୟୀ ସଭା ପରିଚାଳନା କରିଥିଲେ। ଜିଲ୍ଲାର ଅନେକ ଲୋକ ତେଲେଙ୍ଗାନା, ତାମିଲନାଡ୍ରୁ, କର୍ଣ୍ଣାଟକ, କେରଳ ଆଦି ରାଜ୍ୟକୁ ଦାଦନ ଶ୍ରମିକ ଭାବେ ଯାଇ କାମ କରୁଛନ୍ତି ଏବଂ କାର୍ଯ୍ୟସ୍ଥଳରେ ଠିକାଦାର ମାନଙ୍କ ଦ୍ୱାରା ଶୋଷଣର ଶିକାର ହେବା, ବିଭିନ୍ନ ଅସୁବିଧାର ସମ୍ମୁଖିନ ହେବା, ରୋଗ, ଦୁର୍ଘଟଣାର ଶିକାର, ଅକାଳ ମୃତ୍ୟୁ, କମ୍ ମଜୁରୀ ପାଇବା ଓ ନିଜର ସୁରକ୍ଷା, ଅଧିକାର ସମ୍ବନ୍ଧରେ ଅଜ୍ଞତା ଯୋଗୁଁ ପ୍ରତାରଣାର ଶିକାର ହେଉଛନ୍ତି। ଏହି ସବୁ ଅସୁବିଧା ବିଷୟରେ ଆଲୋଚନା ସହ ଆନ୍ତରାଜ୍ୟ ପ୍ରବାସୀ ଶ୍ରମିକ (ନିଯୁକ୍ତି ନିୟନ୍ତ୍ରଣ ଓ ସେବାସର୍ତ୍ତ)ଆଇନ ୧୯୭୯ରେ ବିଭିନ୍ନ ବ୍ୟବସ୍ଥା, ଶ୍ରମିକ ଠିକାଦାରର ଲାଇସେନ୍ସ ଉପରେ ଆଲୋଚନା ହୋଇଥିଲା। ପ୍ରତ୍ୟେକ ଶ୍ରମିକକୁ ଲାଇସେନ୍ସ ଠିକାଦାର ଏକ ପରିଚୟ ପତ୍ର ଦେବେ, ଯେଉଁଥିରେ ଶ୍ରମିକର ନିଜର ନାମ, ମୋବାଇଲ ନମ୍ବର, ସମ୍ପୂର୍ଣ୍ଣ ଠିକଣା, କାର୍ଯ୍ୟସ୍ଥଳର ବିବରଣୀ, ନିଯୁକ୍ତି ତାରିଖ, କେତେ ଦିନ ପାଇଁ ଯିବେ, କେବେ ଫେରିବେ ଏହି ସବୁ ତଥ୍ୟ ରହିବ। ସ୍ତ୍ରୀ ଓ ପୁରୁଷଙ୍କର ସମାନ କାମ ପାଇଁ ସମାନ ମଜୁରୀ, ରହିବ ପାଇଁ ଉପଯୁକ୍ତ ବାସଗୃହ, ଶୌଚାଳୟ, ପାନୀୟ ଜଳ ଯୋଗାଇବା, ଶୋଷଣର ଶିକାର ହେଲେ ନିଜ ଜିଲ୍ଲାର ଶ୍ରମ ଅଧିକାରୀ କିମ୍ବା ସେହି ରାଜ୍ୟର ଶ୍ରମ ଅଧିକାରୀଙ୍କୁ ଜଣାଇବା, ଶ୍ରମିକର ଦୁର୍ଘଟଣା, ଦେହ ଅସୁସ୍ଥ ହେଲେ ସଙ୍ଗେ ସଙ୍ଗେ ଚିକିତ୍ସା ବ୍ୟବସ୍ଥା, ଠିକାଦାରଙ୍କ ଦ୍ୱାରା ଯାତାୟାତ ଓ ଖାଇବା ଖର୍ଚ୍ଚ ବହନ ଉପରେ ବିଶେଷ ଆଲୋଚନା ହୋଇ ଯେଭଳି ଏହି ବିଷୟ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ରେ ପହଞ୍ଚିପାରିବ ତା ଉପରେ ଆଲୋଚନା ହୋଇଥିଲା।ଏଥିପାଇଁ ନିଶୁଳ୍କ ଶ୍ରମିକ ସହାୟତା ନମ୍ବର ୧୫୫୩୬୮ ( ରାଜ୍ୟ ଭିତରେ) ଏବଂ ରାଜ୍ୟ ବାହାରେ ସହାୟତା ନମ୍ବର ୧୮୦୦୩୪୫୬୭୦୩ ସମସ୍ତଙ୍କୁ ଅବଗତ କରାଯିବ। ଯେହେତୁ ଜିଲ୍ଲାରେ ଦାଦନ ଶ୍ରମିକ ସଂଖ୍ୟା ପ୍ରାୟ ଅଧିକ ରହିଛି ଏବଂ ଶ୍ରମିକମାନେ ସ୍ୱଇଚ୍ଛାରେ ବା ଲାଇସେନ୍ସ ପ୍ରାପ୍ତ ଠିକାଦାର ମାନଙ୍କ ଦ୍ୱାରା ବାହାରକୁ ଯାଉଛନ୍ତି ଏବଂ କୌଣସି ଦୁର୍ଘଟଣା, ଦେହ ଅସୁସ୍ଥ, ଶୋଷଣ, ନିର୍ଯାତନା, ମୃତ୍ୟୁ ଯୋଗୁ ହଇରାଣ ହେଉଛନ୍ତି,ଏହାର ନିରାକରଣ ନିମିତ୍ତ ଜିଲ୍ଲା ସାରା ସଚେତନତା ରଥ, ପୋଷ୍ଟର, ବ୍ୟାନର, ଲିଫ୍ଲେଟ୍,ଶ୍ରମ କାନ୍ଥ, ଗ୍ରାମପଞ୍ଚାୟତ ସ୍ତରରେ ମାଇକିଙ୍ଗ ଉପରେ ଗୁରୁତ୍ୱ ଦେଇ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ଜିଲ୍ଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ବ୍ଲକରେ ପିଇଓ ମାନେ ଶ୍ରମ ରେଜିଷ୍ଟର ପ୍ରସ୍ତୁତ କରି ବ୍ଲକ୍‌ରୁ କେତେ ଶ୍ରମିକ ଦାଦନ ଯାଉଛନ୍ତି ତାର ସମସ୍ତ ତଥ୍ୟ ଲିପିବଦ୍ଧ କରିବାକୁ ଏବଂ ଏଥିପାଇଁ ସହ ଶ୍ରମ ଅଧିକାରୀ ମାନେ ବ୍ଲକ୍ କୁ ଯାଇ କାମ ତଦାରଖ କରିବେ ଏବଂ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେଭଳି ଜିଲ୍ଲା ଶ୍ରମ ଅଧିକାରୀ ପୋଲିସର ସାହାଯ୍ୟ ନେଇ ଦୂର ରାଜ୍ୟକୁ ଅବୈଧ ଭାବେ ଦାଦନ ଶ୍ରମିକ ଚାଲାଣ ହେଉଥିବା ବସ କୁ ଅଚାନକ ତନଖି କରି ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହାର ରିପୋର୍ଟ ପ୍ରତି ମାସରେ ଦେବାକୁ କହିଥିଲେ। ଜିଲ୍ଲାରେ ଅନେକ ନିର୍ମାଣ , ବ୍ୟବସାୟିକ, ଶିଳ୍ପ ଅନୁଷ୍ଠାନ କାର୍ଯ୍ୟ ରେ ଶିଶୁ ଶ୍ରମିକ ମାନଙ୍କୁ ବିପଦସଂକୁଳ କାର୍ଯ୍ୟ ରେ ଲଗାଯାଇଥିବା ଅଭିଯୋଗ ଆସୁଛି ତାକୁ ତଦନ୍ତ କରି ରିପୋର୍ଟ ଦେବାକୁ କହିଥିଲେ।ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆଙ୍କ ସମେତ ବିଭିନ୍ନ ବିଭାଗୀୟ, ଡିଆଇପିଆର୍‌ଓ, ଅତିରିକ୍ତ କୃଷି ଅଧିକାରୀ, ନିର୍ବାହୀ ଅଧିକାରୀ, ପୌରପାଳିକା, ଶିଶୁ ମଙ୍ଗଳ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।


# ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ବଡ଼ଚଣା (ଭାସ୍କର ନ୍ୟୁଜ୍): ବଡ଼ଚଣା ବ୍ଲକ ଅନ୍ତର୍ଗତ ଅରଖପୁର ସ୍ଥିତ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ୪୬ ତମ ପ୍ରତିଷ୍ଠା ଦିବସ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ପ୍ରାଧ୍ୟାପକ ପବିତ୍ର ମୋହନ ମହାଲାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଓ ମୁଖ୍ୟ ବକ୍ତା ଭାବେ ରେଭେନ୍ସା ମହାବିଦ୍ୟାଳୟ ପ୍ରାକ୍ତନ ପ୍ରଫେସର ଡ଼. ବିଜୟ କୁମାର ଶତପଥି, ନାରାୟନ ମୁଦୁଲି ପ୍ରମୁଖ ଯୋଗଦେଇ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଆ ଅଧ୍ୟାପକ ଦିପକ ମିଶ୍ର ଅତିଥି ପରିଚୟ ଦେଇଥିଲା ବେଳେ ଅଧ୍ୟାପକ ପ୍ରଦୀପ୍ତ କୁମାର ବରାଳ ବାର୍ଷିକ ବିବରଣୀ ପାଠ କରିଥଲେ। ଏହି ଅବସରରେ ଅତିଥିମାନେ କଲେଜ ପରିସରରେ ୧ କୋଟି ୫୦ ଲକ୍ଷ ବ୍ୟୟ ଅଟକଳରେ ତିନିଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କଲେଜ ଦ୍ୱାରା ପ୍ରକାଶିତ ଏକ ପତ୍ରିକାକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି ସଭା କାର୍ଯ୍ୟରେ ସହଯୋଗ କରିଥିଲେ।

# ରାଶିଫଳ

**ବୁଧବାର, ୨୦ ଅଗଷ୍ଟ ୨୦୨୫**




**ମେଷ:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ।




**ବୃଷ:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ।



**ମିଥୁନ:** ଶୀଘ୍ର କୈଣସି କାମ କରନ୍ତୁ ନାହିଁ। ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ।




**କର୍କଟ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ।



**ସିଂହ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ। ପେଟ ସମ୍ବନ୍ଧୀୟ ରୋଗ ହେବାର ସମ୍ଭାବନା ଅଛି।




**କନ୍ୟା:** ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଆପଣଙ୍କର ଭାବମୂର୍ତ୍ତିରେ ଉନ୍ନତି ଆଣିବାକୁ ଆପଣ ଏକ ସୁଯୋଗ ମଧ୍ୟ ପାଇପାରିବେ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ।




**ତୁଳା:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି।



**ବିଛା:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ। କାର୍ଯ୍ୟରେ ବାଧା ଯୋଗୁଁ ଆପଣଙ୍କ ମନୋବଳ ବିଚଳିତ ହୋଇପାରେ।




**ଧନୁ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ। ବସ୍ ସହିତ ସମ୍ପର୍କ ବିଷୟରେ ଆପଣ ଟିକିଏ ସଚେତନ ହେବା ଉଚିତ୍।



**ମକର:** ଆପଣ ଆଜି ଧର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ।



**କୁମ୍ଭ:** ଭାଗ୍ୟ ଆପଣଙ୍କ ସହିତ ରହିପାରେ। ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢିବାର ସମ୍ଭାବନା ମଧ୍ୟ ଅଧିକ।



**ମୀନ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଅନ୍ତୁ ନାହିଁ। ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ। ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



କନ୍ଧମାଳ(ଭାସ୍କର ନ୍ୟୁଜ): ବୌଦ୍ଧ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନ ଶୁଣାଣୀ ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ନୂତନ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାହୁଲ ଗୋୟଲ ଯୋଗ ଦେଇ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ । ସମୁଦାୟ ୧୦୩ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିବା ବେଳେ ସେଥିମଧ୍ୟରୁ ୮୮ଗୋଟି ବ୍ୟକ୍ତିଗତ ଓ ୧୫ଟି ଗୋଷ୍ଠୀଗତ ମାମଲା ପଞ୍ଜିକୃତ ହୋଇ ଥିଲା । ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସମାଧାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । କନ୍ଧମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ବୟୋଜ୍ୟେଷ୍ଠ ବ୍ୟକ୍ତି ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଯୁଗ୍ମଅଭିଯୋଗ ଶୁଣାଣି ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇ, ନୋଡାଲ ଅଧିକାରୀ ସୁଦର୍ମ ମଲ୍ଲିକ,ଅଧିକ୍ଷଣ ଯନ୍ତ୍ରୀ ଇଂ ସନ୍ଦୀପ କୁମାର ଚୁଆଁସିଂ, ଜିଲ୍ଲା ପଞ୍ଚାୟତ ଅଧିକାରୀ ମନୋରଞ୍ଜନ ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ,ସିଡିଏମଓ ସଂଘମିତ୍ରା ପଣ୍ଡା, ଡିଏସଏସଓ ରାଜିନ୍ଦ୍ର କିସାନ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ,ବିଡ଼ିଓ ସାମୀ ଜୟଶ୍ରୀ ରେଡ୍ଡୀ, ତହସିଲଦାର ଶ୍ୱେତପଦ୍ମା ଯୋଶୀ,ଏବିଡ଼ିଓ ଗଙ୍ଗାଧର ମିଶ୍ର, ଡାକ୍ତର ମହେନ୍ଦ୍ର କୁମାର ସାଏ,ଡାକ୍ତର ଜଗଦୀଶ ସେଠୀ, ବନାଞ୍ଚଳ ଅଧିକାରୀ ଜୟକୃଷ୍ଣ ପଟ୍ଟନାୟକ,ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟ ମହନ୍ତ ,ଏପିଓ ସଂଜିତ କୁମାର ମିଶ୍ର, ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ଜ୍ଞାନରଞ୍ଜନ ପ୍ରଧାନ,କନିଷ୍ଠ ଯନ୍ତ୍ରୀ ରବିନ୍ଦ୍ର ଆଚାରି, ବିଏସଏସଓ ସୂର୍ଯ୍ୟ ନାରାୟଣ ଦାସ, ସିଡିପିଓ ପଙ୍କଜିନୀ ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ପିଇଓ ଜୟଦେବ ପ୍ରଧାନ, ଜ୍ଞାନରଞ୍ଜନ ମିଶ୍ର, ଧର୍ମ ବେହେରା, ନିରୋଜ କୁମାର ପାତ୍ର, ବିଆରସି ଅର୍ଜୁନ ଦାସଙ୍କ ସମେତ କନ୍ଧମାଳ ବ୍ଲକର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।



# ବିଜେଡି ପକ୍ଷରୁ ବିଶାଳ ଚାଷୀ ବିକ୍ଷୋଭ



ବରଗଡ(ଭାସ୍କର ନ୍ୟୁଜ୍): ଚାଷୀ ମାନଙ୍କ ବିଭିନ୍ନ ସମସ୍ୟା ନେଇ ବରଗଡ଼ ବିଜେଡି ପକ୍ଷରୁ ସୋମବାର ଏକ ବିଶାଳ ଚାଷୀ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ ବରଗଡ଼ ସମେତ ଆଖପାଖ ଜିଲ୍ଲାର ହଜାର ହଜାର ଚାଷୀ ଏବଂ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ । ଗଣେଶରାମ ଭବନ ସମ୍ମୁଖରେ ସମସ୍ତେ ସମବେତ ହୋଇ ବିକ୍ଷୋଭ ଶୋଭାଯାତ୍ରାରେ ବାହାରିଥିଲେ । ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ପୂର୍ବାପେକ୍ଷା ଅଧିକ ସରଳ କରାଯିବ । ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲୁଥିବା କୁହାଯାଉଥିବା ବେଳେ ରାଜ୍ୟରୁ କେନ୍ଦ୍ର ସରକାର ପ୍ରତିଶ୍ରୁତି ମୁତାବକ ଚାଉଳ ନ ଉଠାଇବା, କୃଷି ଅଭିବୃଦ୍ଧି ହାର ହ୍ରାସ ପାଇବା, କେନ୍ଦ୍ରରୁ କୃଷି ଅନୁଦାନ ହ୍ରାସ, ମଣ୍ଡି ଗୁଡିକରେ କଟନୀ ଛଟନୀ, ଦଲାଲରାଜ ଚାଲିବା, ସାର, କୀଟନାଶକ ସଂକଟ ସହିତ ଏହାର କଳାବଜାର ହେବା ଘଟଣା ଡବଲ ଇଞ୍ଜିନ ସରକାରଙ୍କ ଚାଷୀ ବିରୋଧୀ ନୀତିକୁ ପଦାରେ ପକାଇ ଦେଇଛି ବୋଲି ବିଜେଡି ଅଭିଯୋଗ କରିଥିଲେ । ତେବେ ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଗାନ୍ଧୀଛକରେ ଚାଷୀ ସମାବେଶ ଏବଂ ସମାବେଶ ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ତେବେ ବିଜେଡିର ଏହି କାର୍ଯ୍ୟକ୍ରମକୁ ଚାଷୀମାନେ ଆସୁଥିବା ସମୟରେ ପୋଲିସ ବିଭିନ୍ନ ସ୍ଥାନରେ ନାନା ଆଳରେ ଗାଡ଼ିଗୁଡ଼ିକୁ ଅଟକାଉଥିବା ଅଭିଯୋଗ କରି ସେଠାରେ ଚାପା ଉତ୍ତେଜନା ଲାଗି ରହିଥିବା ସୂଚନା ମିଳିଥିଲା । ବରଗଡ଼ ସହର ପୋଲିସ ଛାଉଣିରେ ପରିଣତ ହୋଇଥିବା ବେଳେ ବିଭିନ୍ନ ଛକ ସ୍ଥାନରେ ପୋଲିସ ପଇଁତରା ମାରୁଥିଲେ । ବିକ୍ଷୋଭ କାର୍ଯ୍ୟକ୍ରମରେ ବିରୋଧୀ ଦଳ ଉପନେତା ତଥା ବିଜୁ କୃଷକ ସାମ୍ମୁଖ୍ୟର ରାଜ୍ୟ ସଭାପତି ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ, ରୀତା ସାହୁ, ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା,ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ପୌରାଧ୍ୟକ୍ଷା କଳ୍ପନା ମାଝୀ, ବରଗଡ଼ ଜିଲା ବିଜେଡି ସଭାପତି ସୁଶାନ୍ତ ମହାପାତ୍ର, ବରଗଡ଼ ବ୍ଲକ ସଭାପତି ପ୍ରଫୁଲ୍ଲ ନାଏକ, ଭେଡେନ ବ୍ଲକ ସଭାପତି ହରିଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ପାନୀୟ ଜଳ ସମସ୍ୟାକୁ ନେଇ ରାସ୍ତାରୋକୋ, ଯାତାୟାତ ବାଧାପ୍ରାପ୍ତ

କଲ୍ୟାଣସିଂହପୁର(ଭାସ୍କର ନ୍ୟୁଜ୍): ପାନୀୟ ଜଳ ସମସ୍ୟାକୁ ନେଇ ଆଜି ମହିଳା ଏବଂ ପୁରୁଷ ହାଣ୍ଡି କୁଣ୍ଡି,ଗରା ଧରି ରାଜ ଡୁଙ୍ଗରିଆ ସାହି ଛକ ଠାରେ କାଶୀପୁର ଏବଂ ସେରିଗୁମା ଯିବା ମୁଖ୍ୟ ରାଜ ରାସ୍ତାରେ ଏକତ୍ରିତ ହୋଇ ରାସ୍ତାରୋକ କରିଥିଲେ । ଯାହା ଫଳରେ ଯାନବାହାନ ଚଳାଚଳରେ ବାଧାପ୍ରାପ୍ତ ହୋଇଛି । ପାନୀୟ ଜଳର ସମସ୍ୟା ଗତ ଚାରିଦିନ ହେବ ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ଶିକାରପାଇ ପଞ୍ଚାୟତ ସଦରର ଥିବା ଜାନି ସାହି, ଡଙ୍ଗରିଆ ସାହି ଦରାସାହିରେ ଲାଗି ରହିଥିବା ବେଳେ ଆଜି ବାଧ ହୋଇ ମହିଳା ଏବଂ



ପୁରୁଷମାନେ ଉତ୍ତେଜିତ ହୋଇ ରାସ୍ତା ଅବରୋଧ କରିଥିଲେ । ଯେତେ ଦିନ ଯାଏଁ ପିଇବା ପାଣି ସମସ୍ୟାର ସମାଧାନ ନ ହୋଇଛି ସେତେ ଦିନ ପର୍ଯ୍ୟନ୍ତ ରାସ୍ତାରୁ ଉଠିବେନି ବୋଲି ଚାରୋଟି ସାହିର ଶତାଧିକ ମହିଳା ଏବଂ ପୁରୁଷ କହିଛନ୍ତି । ଫଳରେ କଲ୍ୟାଣ ସିଂହପୁର ଠାରୁ କାଶୀପୁର, ରାୟଗଡ଼ ଆଦି ଯାତାୟାତ ବାଧାପ୍ରାପ୍ତ ହୋଇଛି । ରାସ୍ତାର ଉଭୟ ପାର୍ଶ୍ୱରେ ଯାନ ବାହାନ ଅଟକି ରହିଛି । ତେବେ ଘଟଣା ସ୍ଥଳରେ କିପିଓ ଶ୍ୱେତାମ୍ବର ପ୍ରଧାନ ପହଞ୍ଚି ରାସ୍ତାରୋକୁ ଅନୁଧ୍ୟାନ କରିଛନ୍ତି ।

# ଜିଲ୍ଲାସ୍ତରୀୟ ଫଟୋଗ୍ରାଫି ଦିବସ ପାଳିତ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲାର ୭ ଗୋଟି ବ୍ଲକ ଓ ଗୋଟିଏ ଏନ୍ଏସିରେ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାର ଜପି ଫଟୋଗ୍ରାଫି ସିଂର ସଭାପତି ଅମର , ସେକ୍ରେଟାରୀ ରେଡି ଶ୍ରୀନୁ ,ଆବାହକ ଶିବା ଓ ଗିରଜୁ ସମସ୍ତେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ସହରର ବସ୍ତି ଅଞ୍ଚଳରେ ଫଳ ବଣ୍ଟନ କରାଯାଇଥିଲା । ଶେଷରେ ସମସ୍ତଙ୍କ ପାଇଁ ଅନ୍ନ ପ୍ରସାଦ ଆୟୋଜନ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ଗିରି ଓ ଦିଲୀ ସହ ଅନ୍ୟମାନେ ସହଯୋଗ କରିଛନ୍ତି ।

# ବିନା ବୁକିଂରେ ବିଲେଇକୁ ନେଇ ଟ୍ରେନ୍ ଯାତ୍ରା

ବ୍ରଜରାଜନଗର(ଭାସ୍କର ନ୍ୟୁଜ୍): କୁର୍ଲା -ଶାଳିମାର ଏକ୍ସପ୍ରେସ (୧୮୦୨୯) ରେ ମୁମ୍ବାଇରୁ ହାୱଡ଼ା ଯାଉଥିବା ଏକ ଦମ୍ପତିକୁ ବିନା ଟିକେଟ ବୁକିଂ କରି ବେଆଇନ ଭାବେ ୯ଟି ପ୍ଲାଷ୍ଟିକ ବାସ୍କେଟରେ ୨୦ଟି ପାର୍ସିଆନ ବିଲେଇ ନେଉଥିବା ମହଙ୍ଗା ପଡ଼ିଛି । ଏଥିପାଇଁ ରେଳବାଇ ବାଣିଜ୍ୟିକ ବିଭାଗ ତରଫରୁ ତାଙ୍କୁ ପ୍ରାୟ ୩୫ ହଜାର ଟଙ୍କା ଜୋରିମାନା କରାଯାଇଥିବା ସୂଚନା ମିଳିଛି । ସେହିପରି ଟ୍ରେନରେ ସିଗାରେଟ ଟାଣିବାକୁ ନେଇ ଯାତ୍ରୀ ବାରଣ କରିବା ସତ୍ତ୍ୱେ ଗାଳିଗୁଲଜ କରିବା ଅଭିଯୋଗରେ ବିଲେଇ ନେଉଥିବା



**୩୫ ହଜାର ଜୋରିମାନା**

ବ୍ୟକ୍ତି ଆମୀନ ସୟଦ (୨୪)କୁ ଆରପିଏଫ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁସାରେ, ରାୟଗଡ ଷ୍ଟେସନ ନିକଟରେ ବିଲେଇ ଧରି ଯାଉଥିବା ଆମୀନ ସୟଦ ଟ୍ରେନ ଭିତରେ ସିଗାରେଟ ଟାଣିଥିଲା । ଯାହାକୁ ନେଇ ତାଙ୍କ ସହଯାତ୍ରୀ ବାରଣ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଯାତ୍ରୀ ଜଣକ ରେଲୱେ ସହାୟତା ଆପରେ ଅଭିଯୋଗ କରିବାରୁ ଟ୍ରେନରେ ଥିବା ଟିଟି ଜୋରିମାନା କରିବା ସହିତ ଅଭିଯୁକ୍ତକୁ ବ୍ରଜରାଜନଗର ଆରପିଏଫକୁ ହସ୍ତାନ୍ତର କରିବାକୁ ଖବର ଦେଇଥିଲେ । ବ୍ରଜରାଜନଗର ଆରପିଏଫ ଅଭିଯୁକ୍ତ ନେବା ସମୟରେ ସେମାନେ ତାଙ୍କ ସହିତ ଥିବା ୨୦ ଟି ବିଲେଇ ଥିବା ପ୍ଲାଷ୍ଟିକ ବାସ୍କେଟକୁ ଓହ୍ଲାଇଥିଲେ । ଟିଟି ବାସ୍କେଟରେ ବିଲେଇ ଥିବା ଦେଖି ଏହାର କାଗଜପତ୍ର ମାଗିବାରୁ ଆମୀନ ସୟଦ ଦେଇପାରି ନଥିଲା । ଫଳରେ ରେଳବାଇ ତରଫରୁ ଏଥିପାଇଁ ପ୍ରାୟ ୩୫ ହଜାର ଟଙ୍କା ଫାଇନ କରାଯାଇଥିବା ବ୍ରଜରାଜନଗର ଆରପିଏଫ ଏସଆଇ ଅଜୟ ବନ୍ଦୋପାଧ୍ୟାୟ ସୂଚନା ଦେଇଛନ୍ତି ।

# କାଦୁଅ ପଚ୍‌ପଚ୍ ରାସ୍ତା ନିମନ୍ତେ ଦୁର୍ଦ୍ଦଶା ଭୋଗୁଛନ୍ତି ଏମ୍‌ପିଭି-୩୬ ଗ୍ରାମବାସୀ

କାଲିମେଲା (ଭାସ୍କର ନ୍ୟୁଜ୍): କାଦୁଅ ପଚପଚ ରାସ୍ତା ପାଇଁ ଦୁର୍ଦ୍ଦଶା ଭୋଗୁଛନ୍ତି କାଲିମେଲା ବ୍ଲକ ନାଲାଗୁଣ୍ଡି ପଞ୍ଚାୟତ ଏମପିଭି-୩୬ର ଗ୍ରାମବାସୀ । ଆଖିଏ ପାଣି କାଦୁଅ ରାସ୍ତା ଦେଇ ପ୍ରତିଦିନ ଯାତାୟାତ କରୁଛନ୍ତି । ବର୍ଷାଦିନେ ରାସ୍ତା ଅବସ୍ଥା ଅଧିକ ଖରାପ ହୋଇପଡୁଥିବାରୁ ଗ୍ରାମବାସୀଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଗ୍ରାମବାସୀ କହିଛନ୍ତି, ନିର୍ବାଚନ ସମୟ ଆସିଲେ ନେତାମାନେ ମାନେ ଗାଁକୁ ଆସି ବିକାଶ ପାଇଁ ବହୁତ ପ୍ରତିଶ୍ରୁତି ଦିଅନ୍ତି । ନିର୍ବାଚନ ପରେ ସବୁ ପ୍ରତିଶ୍ରୁତି ପାଣିର ଗାର ପାଲଟିଯାଉଛି । ଦୀର୍ଘ ଦଶନ୍ଧି ପରେ ଗାଁରେ ମନରେଗା ଯୋଜନାରେ ଏକ ରାସ୍ତା ନିର୍ମାଣ ହୋଇଛି । ଅଳ୍ପ ମାଟି ପକାଇ ଠିକାଦାର କାମ ସାରିଦେଇଥିବା ବେଳେ ନୂତନ ମାଟି ସାଙ୍ଗକୁ ଚଳିଆ ଜାଗା କାଦୁଅରେ ପରିପୂର୍ଣ୍ଣ ହୋଇଯାଇଛି । ରାସ୍ତାରେ ଚାଲିବା ମୁସ୍କିଲ ହୋଇପଡିଛି । କାଦୁଅ ରାସ୍ତାର ମରାମତି କରିବା ନେଇ ପୂର୍ବତନ ପିଭିଓ ଦେବେନ୍ଦ୍ର ନାୟକଙ୍କ ନିକଟରେ ବାରମ୍ବାର ଗୁହାରି କରାଯାଇଥିଲା । ଆଜି ହେବ କାଲି ହେବ କହି କେବଳ ଫମ୍ପା ପ୍ରତିଶ୍ରୁତି ଦେଇ ଚାଲିଥିଲେ । ଶେଷରେ ତାଙ୍କ ବଦଳି ହୋଇଗଲା ସିନା ରାସ୍ତା ମରାମତି ହୋଇପାରିଲା ନାହିଁ । ପଞ୍ଚାୟତ ପାଣ୍ଠିରୁ କିଛି ଅର୍ଥ ବ୍ୟୟ କରି ପଥରଗୁଣ୍ଡ ପକାଯାଇଥିଲେ ବର୍ତ୍ତମାନ ଯାତାୟାତ ସ୍ୱାଭାବିକ ହୋଇପାରିଥାନ୍ତା ବୋଲି ଗ୍ରାମବାସୀ କହିଛନ୍ତି । ରାସ୍ତା ଶୋଚନୀୟ ହୋଇପଡିଥିବାରୁ ଗାଁର କୁନି କୁନି ଛାତ୍ରଛାତ୍ରୀ ସ୍କୁଲ ଯାଇପାରୁ ନାହାନ୍ତି । ଏପରିକି ଗୁରୁତର ରୋଗୀଙ୍କୁ ମେଡ଼ିକାଲ ନେବା ଇଷ୍ଟକର ହୋଇପଡୁଛି । ପିଡିଏସ୍ ସାମଗ୍ରୀ ହେଉ କି ଜରୁରି କାମ ପାଇଁ ଗ୍ରାମବାସୀ ଗ୍ରାମ ବାହାରକୁ ଯାଇପାରୁ ନାହାନ୍ତି । ବିଶେଷକରି ଏବେ ଲାଗିରହିଥିବା



ବର୍ଷାଯୋଗୁ ରାସ୍ତା ଆହୁରି କାଦୁଅ ହେବା ସହ ପାଣି ଭର୍ତ୍ତି ହୋଇଯାଉଛି । ବ୍ଲକ ପ୍ରଶାସନ ତୁରନ୍ତ ରାସ୍ତା ମରାମତି ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏସମ୍ପର୍କରେ ବିଡିଓ ପ୍ରଦୀପ କୁମାର କରଙ୍କୁ ପଚାରିବାରେ ଗାଁର ଏଭଳି ଅବସ୍ଥା ନେଇ ତାଙ୍କ ପାଖରେ କୌଣସି ଖବର କିମ୍ବା ଅଭିଯୋଗ ହୋଇ ନାହିଁ ବୋଲି କହୁଥିଲେ । ତଥାପି ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣା ପଡ଼ିଛି ।

# ଆଧାର କାର୍ଡରେ ନାମ ଅଛି, ଫଟୋ ଲାଗିଛି ସାନ ଭଉଣୀର

## ସୁଭଦ୍ରା ଯୋଜନାରୁ ବଞ୍ଚିତ ସନେ କାଡ୍ରାକା



ବନ୍ଧୁଗାଁ (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କାନାଗାଁ ପଞ୍ଚାୟତ ରାମଜୀପୁଟ ଗ୍ରାମର ସନେ କାଡ୍ରାକା ନିଜ ନାମରେ ଆଧାର କାର୍ଡ ଥାଇ ଆଙ୍ଗୁଠି ଛାପ ନେଉ ନ ଥିବାରୁ ସୁଭଦ୍ରା ଯୋଜନାରୁ ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି । ସୂଚନା ଅନୁଯାୟୀ ସନେ ୫ଟି ସନ୍ତାନର ଜନନୀ ଅଟନ୍ତି । ଆଧାର କାର୍ଡରେ ସନେ କାଡ୍ରାକା ନାମ ଥିବାବେଳେ ସେହି ଆଧାର କାର୍ଡରେ ନିଜ ଭଉଣୀ ନୁନାଇ କାଡ୍ରାକାଙ୍କ ଫଟୋ ରହିଛି । ୨୦୧୮ ମସିହାରୁ ଆଧାର କାର୍ଡ ସଂଶୋଧନ ପାଇଁ ପ୍ରାୟ ୧୫ ହଜାର ଟଙ୍କା ଖର୍ଚ୍ଚ କରି କୋରାପୁଟ ଜିଲ୍ଲା, ରାୟଗଡ଼ା ଜିଲ୍ଲା, ନାରାୟଣପାଟଣା ଓ ବନ୍ଧୁଗାଁରେ ଯାଇ ନିରାଶ ହୋଇ ଫେରି ଆସିଛନ୍ତି । ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା ମିଳିବ ଆଶା କରିଥିଲେ କିନ୍ତୁ ଆଧାର କାର୍ଡରେ ନିଜ ଆଙ୍ଗୁଠି ଛାପ ନେଇ ନ ଥିବାରୁ ସୁଭଦ୍ରା ଯୋଜନା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି । ଏଥି ସହିତ ଏପଟେ ଅଙ୍ଗନୱାଡ଼ି କେନ୍ଦ୍ରରେ ସନେ କାଡ୍ରାକାଙ୍କ ଇ କେୱାଇସି କରିବା ପାଇଁ ଆଧାର ସହ ମୋବାଇଲ ନମ୍ବର ଲିଙ୍କ୍ ନ ଥିବାରୁ ପୋଷଣ ଖାଦ୍ୟ ସାମଗ୍ରୀ ପାଇବା ସମସ୍ୟା ଦେଖାଦେଇଛି । ଏହି ପ୍ରକାର ସମସ୍ୟା ର ସମାଧାନ କରିବା ପାଇଁ କାହା ପାଖକୁ ଯିବି ବୋଲି କହିବା ସହ ସେ ଜାଣି ପାରୁନାହାନ୍ତି କଣ କରାଯିବ । ସରକାରଙ୍କ ଯେଉଁ ସବୁ ସୁବିଧା ପାଇବା ପାଇଁ ଆଧାର କାର୍ଡ ନିହାତି ଆବଶ୍ୟକ ରହିଛି, ସେ କିପରି ଆଧାର କାର୍ଡ ପାଇ ନିଜର ସୁଭଦ୍ରା ଯୋଜନା ଟଙ୍କା ସହ ଅଙ୍ଗନୱାଡ଼ି କେନ୍ଦ୍ର ରୁ ପୋଷଣ ଖାଦ୍ୟ ସାମଗ୍ରୀ ପାଇବି ସେଥିପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି ।

# ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି

ପାରଳାଖେମଣ୍ଡି (ଭାସ୍କର ନ୍ୟୁଜ): ଗଜପତି ଜିଲ୍ଲା ଆର.ଉଦୟଗିରି ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ମଧୁମିତା, ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ବନଖଣ୍ଡ



ଅଧିକାରୀ ପାରଳାଖେମୁଣ୍ଡି କେ.ନାଗାରାଜୁ ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା ଓ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି ମଙ୍ଗରାଜପୁର ଗ୍ରାମ ପଞ୍ଚାୟତ ସମେତ ସୁବଲଡା, ରାମଗିରି ଓ ପରିସଲ ଗ୍ରାମ ପଞ୍ଚାୟତର ସମୁଦାୟ ମୋଟ-୮୪ ଗୋଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା -୨୫ଗୋଟି ,ଗ୍ରାମଭିତ୍ତିକ ସମସ୍ୟା- ୫୯ ଗୋଟି ଅଭିଯୋଗ ଆସିଥିଲା, ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ୧୦ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପରିଚୟ ପତ୍ର ପ୍ରଦାନ କରିଥିଲେ । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା, ସାମାଜିକ ସୁରକ୍ଷା,ଜମି ପଟ୍ଟା, ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସମୟରେ ଆର.ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ଶବର ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାରିମେନ୍ ଖର୍ସେଲ, ତହସିଲଦାର ଜ୍ୟୋତିମୟ ଦାଶ , ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରଖ ଅଲ୍ଲୀ ଓ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧିଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ ।

# ଆଇଇଡି ବିସ୍ଫୋରଣରେ ଡିଆର୍‌ଜି ଯବାନ ସହିଦ

ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ରାଜ୍ୟର ନକ୍ସଲ ପ୍ରଭାବିତ ବିଜାପୁର ଜିଲ୍ଲାରେ ସୋମବାର ଭୋପାଲପାଟନମ୍ ଥାନା ଅଞ୍ଚଳ ଅନ୍ତର୍ଗତ ଉଲ୍ଲୁର ଉପତ୍ୟକା ଅଞ୍ଚଳରେ ନକ୍ସଲବାଦୀଙ୍କ ଦ୍ୱାରା ଲଗାଯାଇଥିବା ଏକ ଇମ୍ପ୍ରୋଭାଇଜଡ୍ ଏକ୍ସପ୍ଲୋସିଭ୍ ଡିଭାଇସ୍



(ଆଇଇଡି)କବଳରେ ପଡ଼ି ତିନି ଜଣ ଜିଲ୍ଲା ରିଜର୍ଭ ଗାର୍ଡ (ଡିଆରଜି) ଯବାନ ଆହତ ହୋଇଛନ୍ତି । ଚିକିତ୍ସା ସମୟରେ ଏହି ଯବାନଙ୍କ ମଧ୍ୟରୁ ଜଣେ ପ୍ରାଣ ହରାଇ ସହିଦ ହୋଇଛନ୍ତି, ଯେତେବେଳେ ଅନ୍ୟ ତିନି ଆହତ ଯବାନଙ୍କ ଚିକିତ୍ସା ଚାଲିଛି ।ସୂଚନା ଅନୁଯାୟୀ ଡିଆରଜି ଦଳ ଏହି ଅଞ୍ଚଳରେ ନକ୍ସଲ ବିରୋଧୀ ଅଭିଯାନରେ ବାହାରିଥିଲେ । ଏହି ସମୟରେ ନକ୍ସଲବାଦୀମାନେ ଚିଲ୍ଲା ମାର୍କା ଗ୍ରାମ ନିକଟରେ ଆଇଇଡି ବିସ୍ଫୋରଣ କରି ଯବାନମାନଙ୍କୁ ଟାର୍ଗେଟ କରିଥିଲେ । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଆଖପାଖ ଅଞ୍ଚଳ ଥରି ଉଠିଥିଲା ଏବଂ ଅରାଜକତାର ପରିବେଶ ସୃଷ୍ଟି ହୋଇଥିଲା । ଘଟଣା ପରେ ତୁରନ୍ତ ଆହତ ଯବାନମାନଙ୍କୁ ସୁରକ୍ଷିତ ସ୍ଥାନକୁ ଅଣାଯାଇଥିଲା ଏବଂ ପ୍ରାଥମିକ ଚିକିତ୍ସା ପାଇଁ ଭୋପାଳପାଟନମ୍ ହସ୍ପିଟାଲକୁ ନିଆଯାଇଥିଲା । ସେଠାରୁ ଆହତମାନଙ୍କୁ ଉତ୍ତମ ଚିକିତ୍ସା ପାଇଁ ରାୟପୁରକୁ ରେଫର କରାଯାଇଛି ।

# ପଞ୍ଚାୟତରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ସଚିବଙ୍କ ଗୁଣପୁର ଗସ୍ତ

ଗୁଣପୁର(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାରଙ୍କ ପଞ୍ଚାୟତରାଜ ଓ ଜଳ ଯୋଗାଣ ବିଭାଗ କମିଶନର ତଥା ସଚିବ ଗିରିଶ ଏସ ଏନଆଇଏଏସ ଗୁଣପୁର ଉପଖଣ୍ଡର ଗୁଣପୁର ଓ ପଦ୍ମପୁର ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ । ସଚିବ ଗିରିଶ ଗୁଣପୁର ପହଁଚି ପ୍ରଥମେ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟ ପ୍ରିଦର୍ଶନ କରି ରୋଗୀଙ୍କ ସହ ସ୍ୱାସ୍ଥ୍ୟ ସେବା ବିଷୟରେ ପଚାରି ବୁଝିଥିଲେ । ଡାକ୍ତର ମାନଙ୍କ ସହ ଚିକିତ୍ସାଳୟର ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ପଚାରି ବୁଝିବା ସହ ଦୈନନ୍ଦିନ ରୋଗୀଙ୍କ ବେଡସିଟ ବଦଳାଇବା ସହ ଚିକିତ୍ସାଳୟ ପରିସରରେ ସଫାସୁତରାକୁ ନେଇ ଗୁରୁତ୍ୱ ଦେଇଥିଲେ । ପରେ ଗୁଣପୁର ବ୍ଲକ ସିନାସାରି ଓ କୁଲୁସିଂ ଗ୍ରାମକୁ ଯାଇ ସେଠାରେ ବିକଶିତ ଗ୍ରାମ ବିକଶିତ ଓଡିଶା ମାଧ୍ୟମରେ ଚାଲିଥିବା ଗୃହ ଗୁଡିକ ଦେଖିଥିଲେ । ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ । କୁଲୁସିଂ ଅଞ୍ଚଳରେ ଚାଲିଥିବା ପ୍ରଧାନମନ୍ତ୍ରୀ ଜନମନ କାର୍ଯ୍ୟର ତଦାରଖ କରିଥିଲେ । ସେହିପରି ଆବାସିଂ ଗ୍ରାମ ଗସ୍ତ ସମୟରେ ଗ୍ରାମବାସୀ ପାନୀୟ ଜଳ ସମସ୍ୟା ନେଇ ଅବଗତ କରିଥିବାବେଳେ ତୁରନ୍ତ ସୋଲାର ସିଷ୍ଟମ ମାଧ୍ୟମରେ ଗ୍ରାମବାସୀଙ୍କୁ ପାନୀୟ ଜଳ ଯେଗାଣ ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରିଜିଙ୍ଗତାଳ ଗ୍ରାମକୁ ଯାଇ ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରିଥିଲେ । ସଚିବଙ୍କ ଗସ୍ତ ସମୟରେ ଗୁଣପୁର ଉପଜିଲ୍ଲାପାଳ ଦୁଧାଲ ଅଭିଷେକ ଦିଲିପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ରାୟଗଡ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ସହକାରୀ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା, ଗ୍ରାମ୍ୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ସେଠାରୁ ଫେରିବା ପରେ ପଦ୍ମପୁର ବ୍ଲକର ପଦ୍ମପୁର, ଖମପଦର, ଡିବିରିସିଂ, ଆଦି ଅଞ୍ଚଳ ଗସ୍ତ କରିଥିଲେ । ପଦ୍ମପୁର ଖମପଦରରେ ନିର୍ମାଣ ଚାଲିଥିବା ଅମୃତ ସରୋବର ପରିଦର୍ଶନ କରି ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ସାରିବାକୁ ପରାମର୍ଶ ଦେଇଥିଲେ । ପିସୁ କଲଚର ଚାଷ ଉପରେ ଗୁରୁତ୍ୱ ଦେବାକୁ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ । ପଦ୍ମପୁରର ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ପରିଚାଳିତ ହେଉଥିବା ଆକାଂକ୍ଷା ହାଟ ପରିଦର୍ଶନ କରି ଖୁସିବ୍ୟକ୍ତ କରିଥିଲେ । ସେଠାରୁ ଡିବିରିସିଂ ଗ୍ରାମକୁ ଯାଇ ଅନ୍ତ୍ୟୋଦୟ ଘର ଯୋଜନାରେ ଘର ପାଇଥିବା ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ ।

# ପରିବା ବ୍ୟବସାୟୀଙ୍କ ଏକଚ୍ଛତ୍ରବାଦକୁ ନେଇ ମାମଲା

ପାରଳାଖେମୁଣ୍ଡି (ଭାସ୍କେର ନ୍ୟୁଜ୍): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଦୈନିକ ପରିବା ବଜାରରେ ମଧ୍ୟବର୍ତ୍ତୀ ପରିବା ବ୍ୟବସାୟୀଙ୍କ ଏକଚ୍ଛତ୍ରବାଦ କାର୍ଯ୍ୟକଳାପ ଉପରେ ଅସନ୍ତୋଷ ହୋଇ ସାଧାରଣ ଲୋକେ ପାରଳାଖେମୁଣ୍ଡି ଥାନା ଦ୍ୱାରସ୍ଥ ହୋଇଛନ୍ତି । ଏହି ଅବସରରେ ଗତକାଲି ସଂକ୍ରାନ୍ତି ତିଥିରେ ପାରଳା ଦୈନିକ ବଜାରର ପନିପରିବା ବିକ୍ରେତାମାନେ ସଂକ୍ରାନ୍ତିରେ ବଜାର ବନ୍ଦ କରୁଛନ୍ତି, ସେମାନେ କର୍ତ୍ତୃପକ୍ଷଙ୍କ ଠାରୁ କୌଣସି ଅନୁମତି ନେଇଥିଲେ କି ନାହିଁ, ଏହା ଜନସାଧାରଣଙ୍କ ଅଜ୍ଞାତାରେ ନାହିଁ । ପ୍ରକୃତ କଥା ହେଉଛି ଯେ କିଛି ଛୋଟ ଗରିବ ଚାଷୀ ଯେଉଁମାନେ ପ୍ରତିଦିନ ପାରଳାଖେମୁଣ୍ଡିକୁ



ଏକ ଛୋଟ ବାଲ୍ଟି କିମ୍ବା ପ୍ୟାକେଟରେ ପନିପରିବା ଧରି ରାସ୍ତା କଡ଼ରେ ବଜାର କମ୍ପ୍ଲେକ୍ସ ବାହାରେ ନିଜ ଜୀବିକା ନିର୍ବାହ ପାଇଁ ବିକ୍ରୟ କରୁଛନ୍ତି । ପନିପରିବା ବିକ୍ରୟରୁ ମିଳୁଥିବା ଆୟ ହିଁ ସେମାନଙ୍କ ଜୀବିକାର ଏକମାତ୍ର ଉତ୍ସ । କିନ୍ତୁ ଗତକାଲି ପାରଳା ମଧ୍ୟବର୍ତ୍ତୀ ପରିବା ମୁଖ୍ୟ ବ୍ୟବସାୟୀଙ୍କ ନେତୃତ୍ୱରେ ଦୈନିକ ବଜାରର କିଛି ପନିପରିବା ବିକ୍ରେତା କିଛି ଗରିବ ମହିଳା ଚାଷୀଙ୍କ ପନିପରିବା ଖୋଲାଖୋଲି ଭାବରେ ରାସ୍ତାରେ ଫିଙ୍ଗି ଦେଇଛନ୍ତି । ଏହା କେବଳ ଏହି ଅଞ୍ଚଳକୁ ଭଙ୍ଗାରୁଜା କରୁଛନ୍ତି ଗାଁରୁ ଆସୁଥିବା ଗରିବ ପନିପରିବା ବିକ୍ରେତାଙ୍କୁ ରୋକିବାର ଏବଂ ରାସ୍ତାରେ ପନିପରିବା ଫିଙ୍ଗିବାର ସେମାନଙ୍କର କୌଣସି ଅଧିକାର ନାହିଁ । ପାରଳାଖେମୁଣ୍ଡିର ବିଭିନ୍ନ ସ୍ଥାନରେ ସମସ୍ତ ବଜାର ଅଞ୍ଚଳ ଯେପରିକି ପୋଲିସ ଷ୍ଟେସନ, ହସ୍ପିଟାଲ ନିକଟ, ଜଙ୍ଗମ ଷ୍ଟ୍ରିଟ୍, ପୁରୁଣା କୋର୍ଟ ଅଞ୍ଚଳ, ସୁଣ୍ଡି ଷ୍ଟ୍ରିଟ୍ ଏବଂ ଅନ୍ୟାନ୍ୟ ଅଞ୍ଚଳକୁ ବନ୍ଦ କରିବାର ସେମାନଙ୍କର କୌଣସି ଅଧିକାର ନାହିଁ । ଯେପର୍ଯ୍ୟନ୍ତ ସେମାନଙ୍କୁ ଏପରି ବେଆଇନ ଗୁଣ୍ଡାଗିରି କାର୍ଯ୍ୟ ପାଇଁ ଚେତାବନୀ ଦିଆଯାଇନାହିଁ, ଏହା ଉପରେ ଭବିଷ୍ୟତରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ପ୍ରତିବାଦ କରିବୁ ଏବଂ ଉଚ୍ଚ ଫୋରମରେ ପ୍ରତିକ୍ରିୟା ପ୍ରକାଶ କରିବୁ । ସେହି ପନିପରିବା ବିକ୍ରେତାମାନେ ଟଙ୍କା ଏବଂ ବାହୁବଳରେ ଧନୀ । ସେମାନେ ପାରଳାଖେମୁଣ୍ଡିର ଅନ୍ୟ ବିକ୍ରେତାମାନଙ୍କୁ ଧମକ ଦେଉଛନ୍ତି । ଅପରପକ୍ଷରେ ଦୈନିକ ବଜାର ବନ୍ଦ ରହିବା ବେଳେ ସେଠାରେ ମଦ, ମାଛ,ମାଂସ,ଚିକେନ ଦୋକାନୀ ଖୋଲା ରହୁଛି ଓ ପରିବା ବିକ୍ରିକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ । ଏଠି କଥା ଉଠୁଛି ଯେ ସଂକ୍ରାନ୍ତି ଦିନ ମାନଙ୍କରେ ପାରଳାଖେମୁଣ୍ଡି ସହରରେ ବହୁତ ସ୍ଥାନର ହନୁମାନ ମନ୍ଦିରରେ ପ୍ରସାଦ ସେବନ ଆୟୋଜନ କରାଯାଉଛି । ଏଠାରେ ଦୈନିକ ପରିବା ବିକ୍ରି ବନ୍ଦକୁ ଆପତ୍ତି ନାହିଁ । କିନ୍ତୁ ସହରରେ ଅନ୍ୟ ସ୍ଥାନରେ ଗରିବ ଚାଷୀଙ୍କ ପରିବାକୁ ଫିଙ୍ଗା ଫିଙ୍ଗି କରିବା ଏବଂ ଏମାନଙ୍କ ଉପରେ ଦାଦାଗିରି ଦେଖାଇବା ବ୍ୟକ୍ତି ବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରୁଛନ୍ତି । ନଚେତ୍ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ଯାହାକୁ ଏଡ଼ାଇ ଦିଆଯାଇପାରିବ ନାହିଁ । ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ ଜଣାଇଛନ୍ତି । ପାରଳା ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତିଙ୍କୁ । ଏହି କାର୍ଯ୍ୟକ୍ରମରେ ପ୍ରଣୋଜ ପଟ୍ଟନାୟକ, ଆଦର୍ଶ ଦାସ, ସୂର୍ଯ୍ୟ ନାରାୟଣ ପାତ୍ର, ମିଟୁ ମିଶ୍ର, ବସନ୍ତ ପଣ୍ଡା, ଲକି ପାତ୍ର, ଲବ ସାହୁ ପ୍ରମୁଖ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ସରକାରୀ ସହାୟତା ଅପେକ୍ଷାରେ ଯୁବଚାଷୀ



ରେଢ଼ାଖୋଲ(ଭାସ୍କର ନ୍ୟୁଜ୍): ସରକାର ଚାଷୀମାନଙ୍କ ପାଇଁ ବିଭିନ୍ନ ଯୋଜନା ସହାୟତାରେ ଚାଷୀଙ୍କୁ ଉନ୍ନତ ରକମର ବିହନ, ସାର ତାହା ଛଡା ଚାଷ ପ୍ରଣାଳୀ ଓ ଚାଷୀଙ୍କୁ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦେଉଛନ୍ତି । ସେଥିରୁ ଲାଭବାନ ହୋଇପାରୁଛନ୍ତି ଚାଷୀ । ହେଲେ ତାହା ଉପରେ ମଧ୍ୟ ଧ୍ୟାନ ନଦେଇ ଏଭଳି କେତେକ ଚାଷୀ ଅଛନ୍ତି ଯେଉଁମାନେ ନିଜସ୍ୱ ପ୍ରଚେଷ୍ଟାରେ ଉନ୍ନତ ଚାଷ କାମକରି ନିଜେ ଓ ନିଜ ପରିବାରକୁ ଚାଷକାମରେ ଲଗାଇ ସ୍ୱାବଲମ୍ବୀ କରାଉଥିବା ଦେଖାଦେଇଛି । ଏଭଳି ଜଣେ ଚାଷୀ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ତ୍ରିବଣପୁର୍ ଗାଁ ର ମନୋରଞ୍ଜନ ସାହୁ(୪୫) । ସେ ଆଜକୁ ୩ବର୍ଷରୁ ଅଧିକ ହେଲାଣି ଚାଷକାମ କରି ନିଜ ପରିବାର ପ୍ରତିପୋଷଣ ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି । ସେ ନିଜସ୍ୱ ଉଦ୍ୟମରେ ୮ଲକ୍ଷରେ ଏକ ବନ୍ଧ ଖୋଳି ଚାଷ କାମରେ ସେ ମାଛଚାଷ କରି ୧୦ହଜାର ଜାଆଁଳା ରୁ ବର୍ଷକୁ ୧ଲକ୍ଷ କରିଥାନ୍ତି । ତାହାଛଡା ଗୋପାଳନ ଚାଷରୁ ବର୍ଷକୁ ୩ଲକ୍ଷ ସହ ୩ ଏକର ଚାଷ ଜମିରେ ଶିଆଳ ଧାନ,ସୁଗନ୍ଧା ଧାନ, ୭୫ଡିସିମିଲ ଜାଗାରେ ୩ଶହଟି କଦଳୀ ଗଛ, ବିଭିନ୍ନ ଡାଲି ଜାତୀୟ ଫସଲ,ନେପିଅର ଘାସ ଚାଷ କରି ଅଧିକ ସ୍ୱାବଲମ୍ବୀ ହୋଇପାରିଛନ୍ତି ଓ ସମାଜରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି । ନେପିଅର୍ ଘାସ ଯାହାକୁ ଗାଈଗୋରୁଙ୍କୁ ଖାଇବାକୁ ଦିଆଗଲେ ସେମାନଙ୍କଠୁ ଅଧିକ କ୍ଷୀର ସଂଗ୍ରହ ହୋଇଥାଏ ବୋଲି ମନୋରଞ୍ଜନ ଙ୍କ ପରିବାର କହିଥାନ୍ତି । ମନୋରଞ୍ଜନଙ୍କ ପରିବାର କହିଲେ ୧୩ଜଣ ସଦସ୍ୟ ଅଛନ୍ତି । ଏହି ସବୁ ଚାଷକାମରେ ତାଙ୍କ ପରିବାର ସାହାଯ୍ୟ ସହଯୋଗ ଓ ନିର୍ଦ୍ଦେଶନାରେ କ୍ରମେ ସେ ଏହିସବୁ ଚାଷକରି ଜଣେ ଲାଭବାନ୍ ଓ ଉଦ୍ୟୋଗୀ ଚାଷୀ ହୋଇପାରିଛନ୍ତି ବୋଲି ସେ କୁହନ୍ତି । ଆଗକୁ ଯଦି କିଛି ସରକାରୀ ସହାୟତା ମିଳେ ତାହାଲେ ସେ ଆହୁରି ସ୍ୱାବଲମ୍ବୀ ହୋଇ ଅନ୍ୟ ମାନଙ୍କୁ ମଧ୍ୟ ଚାଷକାମ ଉପରେ ପ୍ରେରଣା ଦେଇ ସ୍ୱାବଲମ୍ବୀ କରାଇବାକୁ ଚେଷ୍ଟାକରିବେ ବୋଲି କହିଛନ୍ତି । ଏହାଛଡା ଆଗକୁ ସେ ନିଜସ୍ୱ ଉଦ୍ୟମରେ ଲିଚୁ ,ଡ୍ରାଗନଫ୍ରୁଟ ଭଳି ଉନ୍ନତ ଚାଷ କରିବାପାଇଁ ଉଦ୍ୟମ କରିବେ ବୋଲି କହିଛନ୍ତି ।

# ଝିଙ୍ଗିଆ ଓରାମଙ୍କ ପ୍ରଥମ ବାର୍ଷିକ ପୂଣ୍ୟତିଥି ପାଳିତ

ଲହୁଣୀପଡ଼ା (ଭାସ୍କର ନ୍ୟୁଜ୍): କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କ ଧର୍ମପତ୍ନୀ ସ୍ୱର୍ଗତଃ ଝିଙ୍ଗିଆ ଓରାମ ର ପ୍ରଥମ ବାର୍ଷିକ ପୁଣ୍ୟତିଥି ସମରା ଓରାମ ଏଜୁକେସନାଲ ଟ୍ରଷ୍ଟ ପକ୍ଷରୁ କେନ୍ଦୁଡିହି ଠାରେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବଣାଇଁ ରାଜା ସାହେବ ବୀର କେଶରୀ ଇନ୍ଦ୍ର ଦେଓ ଦେବ ତଥା କୁମାର ସାହେବ ଓ ଜନ ସାଧାରଣ ଉପସ୍ଥିତ ରହି ସ୍ୱର୍ଗତଃ ଅମର ଆତ୍ମାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସ୍ମୃତି ସଭାରେ ବିଜେପିର ବରିଷ୍ଠ ନେତା ରାହାସ ବିହାରୀ ପ୍ରଧାନ, ମନୋଜ ପ୍ରଧାନ, ମହେଶ ଶାହା, ଜୟନ୍ତୀ ମାହାନ୍ତ, ଜିଲ୍ଲା ସରପଞ୍ଚ ସଂଘ ସଭାପତି ଉଗ୍ରସେନ କିସାନ, କଲେଇ ପୋଷ ସରପଞ୍ଚ ଶାନ୍ତି ମିଞ୍ଜ ପ୍ରମୁଖ ସ୍ୱର୍ଗତଃ ଝିଙ୍ଗିଆ ଓରାମଙ୍କ ସ୍ମୃତିଚାରଣ କରି ସେ ଜଣେ ସ୍ନେହୀ, ପରୋପକାରୀ ତଥା ଧର୍ମ ପରାୟଣ ବ୍ୟକ୍ତିତ୍ୱ ଥିଲେ ବୋଲି ମତବ୍ୟକ୍ତ କରିଥିଲେ । ଟ୍ରଷ୍ଟ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନରେ ବିଜୟିନୀ କିସପଟ୍ଟା, ପୂର୍ଣ୍ଣଚନ୍ଦ୍ର ଓରାମ, ଅଭିରାମ ମହାକୁଲ, ଭୁବନେଶ୍ୱର ବେହେରା, ହଳଧର ମାହାନ୍ତ ସହଯୋଗ କରିଥିବାବେଳେ ଗୋବିନ୍ଦ ଚନ୍ଦ୍ର ସାହୁ, ହେମନ୍ତ କୁମାର ସାହୁ, ପ୍ରଦୀପ କୁମାର ସ୍ୱାଇଁ, ଉପେନ୍ଦ୍ର ବେହେରା,ଦିବ୍ୟମଞ୍ଜରୀ ଶେଖର ଦେଓ,ଆହ୍ଲାଦ ବଡ଼େଇ, ନମିତା ମାହାନ୍ତ, ମେଲୋରି ବାରିକ, ରାମଚନ୍ଦ୍ର ପଲେଇ, ମିଥିଳା ପାତ୍ର, ମାଦି ଓରାମ, ହେମ୍ବ ଓରାମ, ହେମେନ୍ଦ୍ର ମାହାନ୍ତ, ନୃପମଣି ଛଦିଆ, ମନୋଜ କୁମାର ସାହୁ, ଲବ କିଶୋର ସାହୁ, ରତ୍ନମତି ସେନାପତି,ଅବିନାଶ ବ୍ରହ୍ମ ପ୍ରମୁଖ ,ଦଳୀୟ କର୍ମୀ ଓ ଅନ୍ୟ ମାନେ ଯୋଗ ଦେଇଥିଲେ ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲା ସ୍ତରୀୟ ଆଧାର ମନିଟରିଂ କମିଟି ବୈଠକ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା।ଏଥିରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ବର୍ତ୍ତମାନ ସମସ୍ତ କାର୍ଯ୍ୟରେ ଆଧାର ର ବ୍ୟାପକ ବ୍ୟବହାର ହେଉ ଥିବାରୁ ଏକ ସଠିକ ଓ ନିର୍ଭୁଲ ଆଧାର କାର୍ଡ ସମସ୍ତଙ୍କ ପାଇଁ ଜରୁରୀ।ତେଣୁ ଜନ୍ମ ଠାରୁ ସମସ୍ତ ବ୍ୟକ୍ତି ଙ୍କ ଆଧାର କାର୍ଡ ପ୍ରସ୍ତୁତି ସମୟରେ ସତର୍କତା ଅବଲମ୍ବନ କରିବା ଓ ସମସ୍ତେ ଆଧାର କାର୍ଡ କରିବାକୁ ସଚେତନ କରାଇବାକୁ ସେ ପରାମର୍ଶ ଦେଇଥିଲେ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଯୋଗ ଦେଇ ସ୍ୱତନ୍ତ୍ର କ୍ୟାମ୍ପ ଓ ବ୍ୟାପକ ସଚେତନତା ମାଧ୍ୟମରେ ଯେଉଁ ବ୍ୟକ୍ତି ବା ଶିଶୁ ମାନଙ୍କ ର ଆଧାର ହୋଇ ନାହିଁ ତାହା ସମ୍ପୂର୍ଣ୍ଣ କରିବାକୁ ସମ୍ପୃକ୍ତ ଏଜେନ୍ସି ମାନଙ୍କୁ ପରାମର୍ଶ ଦେଇଥିଲେ। ସାଧାରଣତଃ ଜନ୍ମ ପରେ ପରେ ଆଧାର ହେବା ଜରୁରୀ ହୋଇ ଥାଏ।ତେଣୁ ଜନ୍ମ ରୁ ୫ ବର୍ଷର ଶିଶୁ,୫ରୁ ୭ ବର୍ଷ ବୟସ ର ଶିଶୁ ମାନଙ୍କ କ୍ଷେତ୍ରରେ ପିତା ମାତା, ଅଭିଭାବକ, ଅଙ୍ଗନବାଡି କର୍ମୀ ଓ ଶିକ୍ଷା ବିଭାଗ ଏହାକୁ ଗୁରୁତ୍ୱ ଦେଇ ଆଧାର କରାଇ ନେବା ର ଆବଶ୍ୟକତା ରହିଛି।୧୦ ବର୍ଷ ପରେ ବାୟୋମେଟ୍ରିକ୍ସ ଅପଡେଟ୍ କରିବା ଦ୍ୱାରା ଆଧାର ଡାଟାବେସ୍ ସବୁବେଳେ ସତେଜ ଓ ସଠିକ୍ ତଥ୍ୟ ରହିବାକୁ ସୁନିଶ୍ଚିତ କରେ।

## ମାଖୁନ୍ ବାଗ୍ ହାଜତ ମୃତ୍ୟୁ ସମ୍ପର୍କିତ ଅଦାଲତ ଅବମାନନା ମାମଲା
# କ୍ଷତିପୂରଣ ଦିଆଯାଇଥିବା ଅବଗତ କଲେ ସରକାର

କଟକ(ଭାସ୍କର ନ୍ୟୁଜ୍): ବହୁ ଚର୍ଚ୍ଚିତ ମାଖୁନ୍ ବାଗ୍ ହାଜତ ମୃତ୍ୟୁ ସମ୍ପର୍କିତ ଅଦାଲତ ଅବମାନନା ମାମଲାର ଆଜି ହାଇକୋର୍ଟରେ ଶୁଣାଣି ହୋଇଯାଇଛି । ହାଇକୋର୍ଟର ବିଚାରପତି ସୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଦିଆଯାଇଥିବା ନେଇ ଅଦାଲତଙ୍କୁ ଅବଗତ କରାଯାଇଥିଲା। ଫଳରେ ହାଇକୋର୍ଟ ଆବେଦନକାରୀଙ୍କୁ ଏହା ଅବଗତ କରାଇବା ସହ ମାମଲାର ଅନ୍ତ ଘଟାଇଛନ୍ତି। ୨୦୧୫ ସେପ୍ଟେମ୍ବରରେ ବରଗଡ଼ ଜିଲା ଭେଡେନ ଥାନାରେ ମାଖନୁ ବାଗ ନାମକ ବ୍ୟକ୍ତିଙ୍କ ହାଜତ ମୃତ୍ୟୁ ଘଟିଥିଲା। ଏହାକୁ ନେଇ ହାଇକୋର୍ଟରେ ରୁଜୁ ମାମଲାର ବିଚାର କରି ଅଦାଲତ ଦୋଷୀ ପୋଲିସ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ ତୁରନ୍ତ ଅନ୍ତରୀଣ ଭାବେ ୫ ଲକ୍ଷ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି କ୍ଷତିପୂରଣ ରାଶି ନ ମିଳିବାରୁ ଆଇନଜୀବୀ ପ୍ରବୀର କୁମାର ଦାସ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ହାଇକୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ କରି ଗତକାଲି ସରକାର ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେଇଛନ୍ତି। ପୂର୍ବରୁ ସେମାନେ ୭ଲକ୍ଷ ୫୦ ହଜାର ଟଙ୍କା ସରକାରଙ୍କ ଠାରୁ ପାଇଥିଲେ । ସର୍ବମୋଟ ୧୨ ଲକ୍ଷ ୫୦ ହଜାର ଟଙ୍କା କ୍ଷତିପୂରଣ ପାଇଲେ । ଅଭିଯୁକ୍ତ ପୋଲିସ କର୍ମଚାରୀମାନେ ଏବେ ସୁବର୍ଣ୍ଣପୁର ଫୌଜଦାରି (ସେସନ୍ସ) କୋର୍ଟରେ ବିଚାରର ସମ୍ମୁଖୀନ ହେଉଛନ୍ତି। ଗତ ୨୦୨୪ ମସିହା ମାର୍ଚ୍ଚ ୨୮ ତାରିଖରେ ହାଇକୋର୍ଟ ପ୍ରଦାନ କରିଥିବା ରାୟରେ ସରକାର ୫ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେବା ସହିତ ଏହାକୁ ଅଭିଯୁକ୍ତ ପୁଲିସ ଅଧିକାରୀଙ୍କଠାରୁ ଆଦାୟ କରିବା ପାଇଁ ଆଦେଶ ଦେଇଥିଲେ। କିନ୍ତୁ ପରେ ହାଇକୋର୍ଟ ସ୍ପଷ୍ଟ କରିଥିଲେ ଯେ ଅଭିଯୁକ୍ତ ପୁଲିସ କର୍ମଚାରୀ ମାମଲାରେ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କଠାରୁ ଏହି ଅର୍ଥ ଆଦାୟ ହେବ ବୋଲି କହିଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ମୃତକଙ୍କ ପରିବାରକୁ ୬ ସପ୍ତାହ ମଧ୍ୟରେ ୫ ଲକ୍ଷ ଟଙ୍କାର ଅନ୍ତରୀଣ କ୍ଷତିପୁରଣ ପ୍ରଦାନ କରିବାକୁ ଆଦେଶ ଦେଇଥିଲେ । ଆବେଦନକାରୀଙ୍କ ତରଫରୁ ମାନବାଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସ ମାମଲା ପରିଚାଳନା କରୁଥିଲେ।

# ପୂର୍ବ ଭାରତ ସମ୍ମିଳନୀରେ ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚତୁର୍ଥ ଭାରତୀୟ ଶିଳ୍ପ ମହାସଂଘ, ପୂର୍ବ ଭାରତ ସମ୍ମିଳନୀ ୨୦୨୫ରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଂଶଗ୍ରହଣ କରିଛନ୍ତି। ଭାରତୀୟ ଶିଳ୍ପ ମହାସଂଘର ପୂର୍ବ ଭାରତ ସମ୍ମିଳନୀ ପୂର୍ବ ଭାରତର ବିଶାଳ ଆର୍ଥିକ ସମ୍ଭାବନାକୁ ଉନ୍ମୁକ୍ତ କରିବା ଉପରେ କେନ୍ଦ୍ରିତ ଏକ ପ୍ରମୁଖ ପଦକ୍ଷେପ ଅଟେ। ଏହି ସମ୍ମିଳନୀରେ ନିବେଶକ ଏବଂ ସରକାରୀ ପ୍ରତିନିଧିମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ରାଜ୍ୟ ଅଧିବେଶନ, ଗୋଲଟେବୁଲ ନୀତି ନିର୍ଦ୍ଧାରଣ ଓ ଆଲୋଚନା କରାଯାଇଛି। ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା ଶ୍ରୀ ସିଂହଦେଓ ତାଙ୍କ ମୁଖ୍ୟ ଅଭିଭାଷଣରେ କହିଛନ୍ତି ଯେ, ଓଡ଼ିଶା ଖଣିଜ ସମ୍ପତି, ଗଭୀର ଜଳ ବନ୍ଦର, ଦୃଢ଼ ରେଳ ଓ ରାସ୍ତା ସଂଯୋଗୀକରଣ, ଜମି, ପ୍ରାକୃତିକ ସମ୍ବଳ ସହିତ ଏକ ନିବେଶଯୋଗ୍ୟ ସ୍ଥାନ ଅଟେ। ଏଥିସହିତ ଓଡ଼ିଶା ସମନ୍ୱିତ ଶିଳ୍ପ ଇକୋସିଷ୍ଟମ୍, ରପ୍ତାନି-ମୁଖୀ ଉତ୍ପାଦନ କରିଡର ନିର୍ମାଣ କରୁଛି ଯାହା ଲଜିଷ୍ଟିକ୍ ଏବଂ ବଜାର ପ୍ରବେଶକୁ ଆହୁରି ସୁଗମ ଓ ସହଜ କରିବ। ଉପ-ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଛନ୍ତି ଯେ, ଆମ ସରକାର ରେକର୍ଡ ସଂଖ୍ୟକ ୫୬ ଟି ପ୍ରକଳ୍ପର ଭିତିଭୂମି ସ୍ଥାପନ କରିଛି, ଯାହା ୧.୭୮ ଲକ୍ଷ କୋଟି ଟଙ୍କା ନିବେଶକୁ ପ୍ରତିନିଧିତ୍ୱ କରୁଛି ଏବଂ ୧.୧୧ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି, ଏବଂ ନୂତନ ନିବେଶ ସହ ଆହୁରି ଏକ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି କରିବା ଆମର ଲକ୍ଷ୍ୟ ରଖିଛି। ସିଆଇଆଇ, ପୂର୍ବ ଭାରତ ସମ୍ମିଳନୀ ଏହି ଅଞ୍ଚଳକୁ ଏକ ସଶକ୍ତ ଅର୍ଥନୀତିରେ ପରିଣତ କରିବା ପାଇଁ ଏକ ଉତପ୍ରେରକ ଭାବରେ କାର୍ଯ୍ୟ କରିବ। ଅନ୍ୟାନ୍ୟ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଅଛନ୍ତି, ଉପମୁଖ୍ୟମନ୍ତ୍ରୀ ବିହାର, ସମ୍ରାଟ ଚୌଧୁରୀ, ବିହାରର ଶିଳ୍ପ ମନ୍ତ୍ରୀ ନୀତିଶ ମିଶ୍ର, ଛତିଶଗଡ଼ର ଅର୍ଥମନ୍ତ୍ରୀ ଓ ପି ଚୌଧୁରୀ, ସିଆଇଆଇ ପୂର୍ବ କ୍ଷେତ୍ରର ଚେୟାରମ୍ୟାନ ଶାଶ୍ୱତ ଗୋଏଙ୍କା, ସିଆଇଆଇ ପଶ୍ଚିମ କ୍ଷେତ୍ରର ଚେୟାରମ୍ୟାନ ରିଷି କୁମାର ବାଗଲା, ଏମଏସଏମଇ ବିଭାଗ, ଓଡ଼ିଶା କମିଶନର-ତଥା-ସଚିବ, ଡି ପ୍ରଶାନ୍ତ କୁମାର ରେଡ୍ଡୀ ଓ ବିହାର, ଛତିଶଗଡ଼, ପଶ୍ଚିମବଙ୍ଗର ପ୍ରଶାସନିକ ଅଧିକାରୀ, ନିବେଶକ, ଶିଳ୍ପପତି, ଉଦ୍ୟୋଗୀ ପ୍ରମୁଖ ଯୋଗଦେଇଛନ୍ତି।

# ଲେଖକ ସାମ୍ମୁଖ୍ୟର ଆଲୋଚନାଚକ୍ର




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୧୭ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଗୋଦାବରୀଶ ସାହିତ୍ୟ ସଂସଦ ଭୁବନେଶ୍ୱରର ସଭାଗୃହରେ ଲେଖକ ସାମ୍ମୁଖ୍ୟ, ଓଡ଼ିଶାର ମାସିକ ବୈଠକକୁ ଯୁଗ୍ମ ସମ୍ପାଦକ ଚନ୍ଦ୍ର କାନ୍ତ ପଣ୍ଡାଙ୍କ ଆବାହନ କ୍ରମେ ମଞ୍ଚାସୀନ ହୋଇଥିଲେ ସଭାପତି ଡକ୍ଟର ଅଲେଖ ଚନ୍ଦ୍ର ପଢ଼ିଆରୀ, ଉପ ସଭାପତି ଡକ୍ଟର ପ୍ରେମଲତା ଦେବୀ, ସଂଗଠନ ସମ୍ପାଦକ ନାଟ୍ୟକାର ବିଜୟ କୁମାର ମହାନ୍ତି, ସମ୍ପାଦିକା ବିମଳା ସିଂହ ଏବଂ ଆଜିର ଅତିଥି 'ନର କିନ୍ନର' ଉପନ୍ୟାସ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ଆମ ସମୟର ଜଣାଶୁଣା ପ୍ରିୟ ତଥା ବରିଷ୍ଠ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ। ପ୍ରଥମେ ସମସ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପାଖରେ ପୁଷ୍ପାର୍ଘ୍ୟ ଅର୍ପଣ କରିବା ପରେ ଭଜନ ଗାନ କରିଥିଲେ ସ୍ନେହଲତା ପାଢ଼ୀ । ତତ୍ପରେ ସଭାପତି ଅଲେଖ ଚନ୍ଦ୍ର ପଢ଼ିଆରୀଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ସଭା ଆରମ୍ଭରେ ଉତ୍ତରୀୟ, ପୁସ୍ତକ ଏବଂ ଫୁଲତୋଡ଼ା ଦେଇ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା । ସମ୍ପାଦିକା ବିମଳା ସିଂହ ସ୍ୱାଗତ ଭାଷଣ ଦେବା ଅବସରରେ ଲେଖକ ସାମ୍ମୁଖ୍ୟ ର ଗାରିମା ମୟ ବିଷୟରେ ଉପସ୍ଥାପନା କରିବା ସହ କିଛି ବର୍ଷ ପାଇଁ ଏ ଅନୁଷ୍ଠାନର ସ୍ଥିତି କିପରି ଦୋହଲି ଯାଇଥିଲା ଏବଂ ଦିବଙ୍ଗତ ସଭାପତି ଡକ୍ଟର ସାତକଡି ହୋତାଙ୍କ ନିର୍ଦ୍ଦେଶରେ ଏ ଅନୁଷ୍ଠାନ କିପରି ପୁନଃ ଜୀବିତ ହୋଇଛି ସେ ବିଷୟରେ ମତ ରଖିବା ସହ ଉପସ୍ଥିତ ସମସ୍ତ ସଭ୍ୟ ମାନଙ୍କର ଅକୁଣ୍ଠ ସହଯୋଗରେ ପୁନଶ୍ଚ ତାର ଗାରିମା ବଜାୟ ରହି ପାରିବ ବୋଲି ଅନୁରୋଧ କରିଥିଲେ । ଏହି ଅବସରରେ ଅଲେଖ ନନ୍ଦୀ ଙ୍କ କବିତା ପୁସ୍ତକ 'ବାଇଡଙ୍କ' ଏବଂ ବ୍ରଜେଶ୍ୱରୀ ସିଂହ ଙ୍କ 'ଲୋଟଣୀ ପାରା' ଅତିଥି ଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ଏବଂ 'ବାଇଡଙ୍କ' କବିତା ପୁସ୍ତକ ଟିର ସମୀକ୍ଷା କରିଥିଲେ 'ଝରଣା' ପତ୍ରିକା ର ସମ୍ପାଦକ ମନୋଜ କୁମାର ଜେନା ଏବଂ ଆମ ସମୟର ଯୁବ ପ୍ରାବନ୍ଧିକ ସୁଶାନ୍ତ କୁମାର ସ୍ୱାଇଁ । ପରେ ପରେ ଆଜିର ବିଷୟବସ୍ତୁ 'ଦେଶ ବିଦେଶରେ ଜଗନ୍ନାଥ ସଂସ୍କୃତି' ଉପରେ ଉପ ସଭାପତି ଡକ୍ଟର ପ୍ରେମଲତା ଦେବୀ ଭାବ ବିହ୍ୱଳ କଣ୍ଠରେ ଜଗନ୍ନାଥଙ୍କ ମହିମା ବିଶ୍ୱ ବିଦିତ ଏବଂ ଆମର ପରିଚୟ ସେଇ କାଳିଆ ସାଆନ୍ତ ବୋଲି ମତ ଦେଇଥିଲେ । ସଂଗଠନ ସମ୍ପାଦକ ନାଟ୍ୟକାର ବିଜୟ କୁମାର ମହାନ୍ତି ଜଗନ୍ନାଥ ନିଜେ ବିଶ୍ୱ ର ଦେବତା । ସେ ଏକ ବିସ୍ମୟ । ତାଙ୍କ ବିଷୟରେ କହିଲେ ରାତି ପାହି ଯିବ ସିନା ସରିବ ନାହିଁ ବୋଲି ମତ ଦେଇଥିଲେ । ଅତିଥି ଶାନ୍ତନୁ କୁମାର ଆଚାର୍ଯ୍ୟ ଆଜିର ବିଷୟବସ୍ତୁକୁ କୁ ଯିବା ପୂର୍ବରୁ ଏଇ ଅନୁଷ୍ଠାନର ସଭା ୧୯୭୮ ମସିହାରେ ତାଙ୍କ ଘରେ ପ୍ରଥମେ ଆରମ୍ଭ ହୋଇଥିଲା ବୋଲି କହିଥିଲେ । ଏ ଏକ ବଳିଷ୍ଠ ସାମାଜିକ ଏବଂ ଶକ୍ତିଶାଳୀ ଅନୁଷ୍ଠାନ ।୧୯୭୮ ମସିହାରେ କୋଣାର୍କ ମନ୍ଦିରରୁ ପଥର ଖସିବା ପରେ ଇଉନେସ୍କୋ ର ଏକ ଦଳ ଆସି ଅନୁଧ୍ୟାନ କରିବା ପରେ ଏହି ମନ୍ଦିର କୁ ବିଶ୍ୱ ଐତିହ୍ୟ ସ୍ଥଳୀର ମାନ୍ୟତା ଲାଭ କରିଥିଲା ବୋଲି କହିଥିଲେ । ଅନ୍ୟ ମାନଙ୍କ ଭିତରେ କୋଷାଧ୍ୟକ୍ଷ ଡକ୍ଟର ଚକ୍ରଧର ଦାଶ, ସାଧୁ ଚରଣ ବେହେରା, ପ୍ରଫେସର ଅନିତା ପଣ୍ଡା, ଧନଞ୍ଜୟ ରାୟ, ନୃସିଂହ ଚରଣ ସାହୁ, ମନୋରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ପ୍ରାରମ୍ଭରେ ସଂଗଠନ ସମ୍ପାଦକ ନାଟ୍ୟକାର ବିଜୟ କୁମାର ମହାନ୍ତି ଙ୍କ ସଭାପତିତ୍ୱରେ, ସମୀକ୍ଷକ ବରିଷ୍ଠ କବି ପ୍ରଦ୍ୟୁମ୍ନ ପଟ୍ଟନାୟକ ଏବଂ ବ୍ରଜେଶ୍ୱରୀ ସିଂହ ଙ୍କ ସଂଯୋଜନା ରେ ୩୦ ଜଣ କବିଙ୍କୁ ନେଇ 'ବର୍ଷା' ଉପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା ।

# ଛାତ୍ରାବାସ ୱାର୍ଡେନଙ୍କ ପାଇଁ ଦକ୍ଷତା ବିକାଶ କର୍ମଶାଳା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରାବାସର ୱାର୍ଡେନଙ୍କ ନିମନ୍ତେ ଦକ୍ଷତା କର୍ମଶାଳାର ଆୟୋଜନ କରିଛି ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧିନସ୍ଥ ଓଡ଼ିଶା ମଡେଲ୍ ଟ୍ରାଇବାଲ୍ ଏଜୁକେସନ୍ ସୋସାଇଟି । ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଅଧୀନରେ ନ୍ୟାସନାଲ ଏଜୁକେସନ୍ ସୋସାଇଟି ଫର୍ ଟ୍ରାଇବାଲ୍ ଷ୍ଟୁଡେଂଟସ ସହଯୋଗରେ ସମଗ୍ର ଓଡ଼ିଶାରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରାବାସ ୱାର୍ଡେନଙ୍କ ପାଇଁ ଏକ ଚାରି ଦିନିଆ ଦିଗଦର୍ଶନ ତଥା ଦକ୍ଷତା ବିକାଶ କର୍ମଶାଳାର ଆୟୋଜନ କରାଯାଇଛି । ଭୁବନେଶ୍ୱରର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଅଗଷ୍ଟ ୧୯ ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ କାର୍ଯ୍ୟରତ ୬୦ ଛାତ୍ରାବାସ ୱାର୍ଡେନ ଯୋଗ ଦେଇଛନ୍ତି। କର୍ମଶାଳାଟି ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱରର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ମାନସୀ ଗୋସ୍ୱାମୀ ଉଦଘାଟନ କରିଛନ୍ତି । ଏହି ଅବସରରେ ସେ ଆବାସିକ ବିଦ୍ୟାଳୟ ବ୍ୟବସ୍ଥାରେ ୱାର୍ଡେନଙ୍କ ଭୂମିକାକୁ ଗୁରୁତ୍ୱ ଦେଇଛନ୍ତି ଓ ସେମାନଙ୍କୁ ନଆବାସିକ ବିଦ୍ୟାଳୟ ବ୍ୟବସ୍ଥାର ଆମ୍ବାନ୍ତ ଭାବରେ ବର୍ଣ୍ଣନା କରିଛନ୍ତି । ଏହି କର୍ମଶାଳା ବି.କେ.ମହାନ୍ତିଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି କର୍ମଶାଳା ଛାତ୍ରାବାସ ୱାର୍ଡେନମାନଙ୍କର ବୃତ୍ତିଗତ କ୍ଷମତାକୁ ସୁଦୃଢ଼ କରିବା ପାଇଁ ପ୍ରସ୍ତୁତ କରାଯାଇଛି, ଯାହା ଆବାସିକ ବିଦ୍ୟାଳୟରେ ଜନଜାତି ଛାତ୍ରଛାତ୍ରୀଙ୍କ ବିକାଶ ପାଇଁ ଅଧିକ ସହାୟକ ହେବ।

**NOTICE**

By virtue of an affidavit No.15, sworn before Executive Magistrate, Bhubaneswar, dated: 06.08.2025, I Swarnalata Raul, W/o- Purna Chandra Panda, permanent resident of vill- Purusandha, Po- Rench, Ps. Nimapara, Dist- Puri, Odisha, PIN-752114, declare that I have change my name from Swarna Lata Panda to Swarnalata Raul. Henceforth, I shall be known as Swarnalata Raul for all purposes.
Sd/- Swarnalata Raul

**AFFIDAVIT**

By virtue of an affidavit sworn before the Executive Magistrate, Khaira, Balasore, dated: 29.07.2025, I Nanda Kumar Pani, Address: At- Alada, Po- Khaira, Ps- Khaira, Dist- Balasore, Odisha, PIN-756048, declare that I have changed my daughter's name from G.Jagruti Besra to G.Jagruti Pani. Henceforth, She shall be known as G.Jagruti Pani for all purposes.
Sd/- Nanda Kumar Pani

**AFFIDAVIT**

By virtue of an affidavit sworn before, Notary Public, Cuttack. I Saumendra Kumar Subudhi, resident of At-G/04, B-Block, Goodwill residency, Jail Road, Jharapada, Po- Budheswari Colony, Bhubaneswar, Khurda, Odisha, Pin-751006, declare by this affidavit No.- 22783, dtd.- 23.07.2025, that I have changed my daughter name SHREJAL to Shrejal Subudhi. Henceforth she shall be known as SHREJAL SUBUDHI for all future purposes.

**ପୂର୍ବ ତଟ ରେଳପଥ**
'ଇ' କ୍ରୟ ପ୍ରଣାଳୀ
ଟେଣ୍ଡର ବିଜ୍ଞପ୍ତି ସଂ. SDMM/KUR/EP/ 2024-25/E-procurement Tender Notice/07, ତା.13.08.2025ରିଖ
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପଲୋଡ କରାଯାଇଛି।
କ୍ରମ ସଂ. 01 : ଟେଣ୍ଡର ସଂ. 81256026, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : KEO ଡିଜାଇନ୍ ଡିଷ୍ଟ୍ରିବ୍ୟୁଟର ଭାଲ୍‌ବ ନିମନ୍ତେ ପ୍ରେସର ଟ୍ରାନ୍ସଫର୍ମର ଟାଇପ୍ - DU 111A, ପରିମାଣ : 600 ସଂଖ୍ୟକ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 08.09.2025, 1500 ଘଟିକାରେ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ୍
PR-493/Q/25-26

# ଲୌହମାନବୀ ସରଳା ଦେବୀଙ୍କ ଜୟନ୍ତୀ ପାଳିତ

କଟକ(ଭାସ୍କର ନ୍ୟୁଜ୍): ବିଜୁ ପଟ୍ଟନାୟକ ଛକ ସ୍ଥିତ ସାରସ୍ୱତ ପୀଠ ସାରଳା ଭବନଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାରଳା ଦେବୀ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ପ୍ରସିଦ୍ଧ ଲେଖିକା ଲୌହମାନବୀ ସରଳା ଦେବୀଙ୍କ ୧୨୧ ତମ ଜୟନ୍ତୀ ପାଳିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମକୁ ପ୍ରଖ୍ୟାତ ସ୍ନାୟୁଶଲ୍ୟ ବିଶେଷଜ୍ଞ ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। ସ୍ମୃତି ସଂସଦର କାର୍ଯ୍ୟକାରୀ ସଭାପତି ସାହିତ୍ୟିକା ରୁମ୍‌ଝୁମ୍ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରେଭେନ୍‌ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ସହଯୋଗୀ ପ୍ରଫେସର ସଂଘମିତ୍ରା ବେହେରା ମୁଖ୍ୟବକ୍ତା, ଅଧ୍ୟାପକ ନିରଞ୍ଜନ ବେହେରା ବରେଣ୍ୟ ଅତିଥି ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସରଳା ଦେବୀ ରିସର୍ଚ୍ଚ ସେଣ୍ଟରର ଆବାହିକା ଡକ୍ଟର ଜ୍ୟୋତିର୍ମୟୀ ଆଚାର୍ଯ୍ୟ ବିଶିଷ୍ଟ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ସର୍ବୋଦୟ ନେତ୍ରୀ କ୍ରିଷ୍ଣା ମହାନ୍ତିଙ୍କୁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସରଳା ଦେବୀ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ସ୍ୱରୂପ ଦଶହଜାର ଟଙ୍କାର ଅର୍ଥରାଶି, ମାନପତ୍ର ଓ ଉତ୍ତରୀୟ ଦିଆଯାଇଥିଲା। ଏତଦ୍‌ଭିନ୍ନ ସାହିତ୍ୟିକା ଅଧ୍ୟାପିକା ଡ. ମୌସୁମୀ ପରିଡ଼ାଙ୍କୁ ସାରଳା ଦେବୀ ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ବିଶ୍ୱଜିତ ପାଣି, ବିଭୁ ପ୍ରସାଦ ମହାପାତ୍ର, ଗୀତାଳଞ୍ଜି ବେହୁରା, ପତିତପାବନ ମହାପାତ୍ର, ସି. କସ୍ତୁରୀ, ସୁସ୍ମିତା ପଟ୍ଟନାୟକ, ସମାଜସେବୀ ଦେବୀ ପ୍ରସନ୍ନ ମହାପାତ୍ର, ସସ୍ମିତା ପଟ୍ଟନାୟକ, ଅକ୍ଷୟ କୁମାର ବେହେରା, ଶିକ୍ଷାବିତ୍ ସୁବ୍ରତ ସାମଲ ପ୍ରଭୃତି ରାମାଦେବୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**NOTIFIED AREA COUNCIL, KESINGA** C-917
"e" Procurement Notice No. 2413 /NAC(K) Dt.16.08.2025
Tender ID No. 2025_ORULB_116973
The Notified Area Council, Kesinga invites online bid in single cover system through e-procurement.

| | | |
|---|---|---|
| Total No. of work | : | 24(Twenty four) |
| Approx. value of work | : | Rs.70000.00 to 200000.00 |
| Period of availability of tender for online Bidding | : | From 20.08.2025 at 10.00 A.M.to 30.08.2025 up to 05.00P.M. |
| Date & Time of opening | : | 01.09.2025 at 11.00 A.M. |
| Class of Contractor | : | Class " C " |

Further details can be seen from the website: www.tendersodisha.gov.in
Sd/-Executive officer
N.A.C., Kesinga.
OIPR 13109/11/0040/2526

O-608
e-mail ID- rw_sambalpur@yahoo.co.in
Phone No.0663-2401850
No. 3760 dated.12.08.2025
Government of Odisha "e" procurement Notice
Bid Identification No. TENDER ONLINE SBPR- 02 OF 25-26
1. Name of the work : Buildings Works as per DTCN available in the website. www.tendersodisha.gov.in
2. Total No. of Work : 1no (One) No.
3. Estimated Cost : Varies from Rs.31.08 lakhs
4. Period of Completion : 06(Six) Calendar months
5. Period and time of availability of bid document in the portal for bidding : 25.08.2025 at 11.00AM to 08.09.25 up to 5.00 PM
6. Date and time of opening of Tender : 09.09.2025 at 11.00AM
7. Name and address of the officer inviting bid : S.E.R.W. Divn. Sambalpur
(1) Other details can be seen from detailed notice inviting tenders, available in website www.tendersodishagov.in
(2) Corrigendum if any shall only be published in the website: www.tenderodisha.gov.in
Sd/-Executive Engineer
Rural Works Division,
Sambalpur.
OIPR 25076/11/0027/2526

**ODISHA HYDRO POWER CORPORATION LTD.,**
O/o Sr. GENERAL MANAGER, HIRAKUD HYDRO ELECTRIC PROJECT, POST BOX. NO. 5, BURLA – 768017, DISTRICT: SAMBALPUR (ODISHA), PHONE: 0663-2950721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963
No. HHEP/Tech-W-152/4774 Date : 18.08.2025
e-TENDER CALL NOTICE NO. HHEP-46/2025 CAD-1505
Unit Head, HHEP, Burla invites percentage rate e-tender in double cover system from firm / agency / eligible class of contractor registered with the Govt. of Odisha and contractor of equivalent grade / class registered with Central Govt./ MES / Railway to be received online mode only for the following work in the portal https://tendersodisha.gov.in

| Name of work | Approx. tender value of work (in Rs.) excluding GST, EPF & ESI | Cost of tender paper (Non-Refundable) | EMD in shape of DD/BC |
|---|---|---|---|
| Operation and maintenance of water supply system of Residential and Non-Residential buildings of HHEP, Burla for two years | 37,24,019/- | Rs. 7080/- (Rs. 6000 /- + GST 18%) | 37300/- |

- Sale of tender paper: 22.08.2025(11.00AM) to 04.09.2025 upto 03.00PM
- Receipt of tender paper: 04.09.2025 upto 03.00PM
- Date & time of opening of tender: 04.09.2025 at 04.00PM
- Further details can be seen from the e-procurement portal https://tendersodisha.gov.in / www.ohpcltd.com

Sd/-
Unit Head, HHEP, Burla
OIPR 04007/11/0066/2526

OFFICE OF THE SUPERINTENDING ENGINEER,
LEFT CANAL DIVISION NO. I, SUKINDA
POST: SUKINDA, DIST: JAJPUR
e-mail ld-roecfdv@rediffmail.com A-531
1st Corrigendum to E-Procurement Notice No. SE/LCD-I/P1/01/2025-26
Due to erroneous uploading of Class of Contractor vide BID Reference No. SE/LCD-I/P1/01/2025-26 for the work "Repair & Maintenance of N/B -1 & N/B-3 Residential Quarters at Rengali Irrigation Colony Sukinda for the Year 2025-26" mentioned below is hereby revised & read as the Class of Contractor 'C' & 'B' instead of 'D' & 'C'.

| Sl. No. | Name of work | Tender inviting Authority | Value of work. (Rs. in Lakh.) | EMD /Bid Security (in Rs.) | Cost of document (in Rs.) Online | Class of Contractor | Period of completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1. | Repair & Maintenance of N/B -1 & N/B-3 Residential Quarters at Rengali Irrigation Colony Sukinda for the Year 2025-26. | Superintending Engineer Left Canal Division. No. I , Sukinda | 20.43 | 20,500/- | 6000/- | 'C' & 'B' | 03 (Three Calendar months) |
| 2 | Repair and Maintenance of N/B-2 block, C-Type (Residential of Chief Engineer) Residential Quarters at Rengali Irrigation Colony Sukinda for the Year 2025-26. | Superintending Engineer Left Canal Division. No. I , Sukinda | 16.83 | 16,900/- | 6000/- | 'D' & 'C' | 03 (Three Calendar months) |

All other data remain unchanged.
Sd/-Superintending Engineer
Left Canal Division No. I, Sukinda
OIPR 32224/11/0012/2526

Government of Odisha Department of Water Resources
OFFICE OF THE SUPERINTENDING ENGINEER,
BOLANGIR IRRIGATION DIVISION, BOLANGIR A-528
e-mail-ee.bol.irr@gmail.com
e-Procurement Notice No. 02 of 2025-26
BID IDENTIFICATION NO. – BID-BGR-02 of 2025-26
No. 2810 / Dated 18.08.2025
The Superintending Engineer, Balangir Irrigation Division, Balangir on behalf of his Excellency, the Governor of Odisha invites online Percentage rate tenders in Double cover system to be received in online mode only for the works as detailed below. Bid documents consisting of work, estimated cost, cost of tender paper, EMD, time of completion , class of contractor, the set of terms & conditions of contract and other necessary documents can be seen in e-Procurement portal www.tendersorissa.gov.in in complete online process only.
1. Nature of work : Civil Works
2. Number of works : 13 (thirteen)
3. Approximate amount put to tender. : Rs. 53.92 Lakh to 83.90 lakh
4. Period of completion : 10(Ten) Calendar months.
5. Date & time of availability of Bid document in the portal : Dt 25.08.2025 -10.00 AM to 10.09.2025 up to 5.30 PM
6. Last date & time of seeking Tender clarification. : Dt 03.09.2025 up to 5.30 PM
7. Last date & time of receipt of Bids in the portal. : Dt 10.09.2025 - up to 5.30 PM
8 Date ,time & place of opening Of Technical bidsof Double Cover. : Dt. 11.09.2025 at 11.00 AM- in the office of the Superintending Engineer, Balangir Irrigation Division Balangir
9. Date , time & place of opening Of Financial BID . : To be intimated after Evaluation of Technical BID
10. Name & address of the officer Inviting bid. : Superintending Engineer, Balangir Irrigation Division, Balangir. At-Laltikra, P.O- Rajendra College, Dist: Balangir, PIN-767002.
11. Any corrigendum required will be made available in Govt. web-site only
Further details can be seen from the e-procurement portal- https://tendersorissa.gov.in
Sd/-SUPERINTENDING ENGINEER
BALANGIR IRRIGATION DIVISION
BALANGIR
OIPR 32537/11/0007/2526

varthana
**ଭର୍ଥନା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍**
ପଞ୍ଜୀକୃତ କାର୍ଯ୍ୟାଳୟ : ନଂ-୫ବିସି-୧୧୦, ଭରସିନ୍ଧି, ଆଉଟର ରିଙ୍ଗରୋଡ୍, ସର୍ଭିସ ରୋଡ୍ - ତୃତୀୟ ବ୍ଲକ୍, ଏଚ୍ଆର୍‌ବିଆର୍ ଲେଆଉଟ୍, କଲ୍ୟାଣ ନଗର, ବାଙ୍ଗାଲୋର - ୫୬୦୦୪୩, ୱେବ୍‌ସାଇଟ୍ - www.varthana.com, ଇମେଲ୍ -care@varthana.com, ଫୋନ୍ ୦୮୦-୬୮୪୫୫୭୭୭, ଶାଖା କାର୍ଯ୍ୟାଳୟ : ଏନ୍୬/୧୭୩, ଆଇଆର୍‌ସି ଭିଲେଜ୍, ନୟାପଲ୍ଲୀ, ରାମେଶ୍ୱର ମନ୍ଦିର କଡ଼ରେ, ଭୁବନେଶ୍ୱର, ଓଡ଼ିଶା - ୭୫୧୦୧୫
**ଦଖଲ ନୋଟିସ୍ [ରୁଲ୍୮(୧)] (ସ୍ଥାବର ସମ୍ପତ୍ତି ପାଇଁ)**
ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ଜଣକ ମେସର୍ସ ଭର୍ଥନା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍ (ପୂର୍ବରୁ ମେସର୍ସ ଥିରୁମଣି ଫାଇାନନ୍ସ ପ୍ରାଇଭେଟ୍ ଲିମିଟେଡ୍) ଭୁବନେଶ୍ୱର ଶାଖାର ଅଧିକୃତ ଅଧିକାରୀ ଅଟନ୍ତି । ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟିଜ୍ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍, ୨୦୦୨ର ରୁଲ୍ ୩ ସହ ଧାରା ୧୩ (୧୨) ଆଧାରରେ ଦିଆଯାଇଥିବା ଅଧିକାର ବଳରେ ସେ ୨୭-୦୫-୨୦୨୪ ତାରିଖରେ ଲୋନ୍ ଆକାଉଣ୍ଟ ନଂ ୨୦୭୧୩୯୦୦୦୦୦୧ ଏବଂ ୨୦୭୧୩୭୦୦୦୦୦୧ ରେ ଏକ ଦାବି ନୋଟିସ ଜାରି କରିଛନ୍ତି। ୧. ମେସର୍ସ ଏବିସିଏସ୍ ଜୁନିଅର କଲେଜ, ଏହାର ପ୍ରାଧିକରଣ ସ୍ୱାକ୍ଷରକାରୀଙ୍କ ଦ୍ୱାରା ପ୍ରତିନିଧିତ୍ୱ, ଲମ୍ବୋଧରା ବିହାର ବଡ଼ପଡା, ୱାର୍ଡ ନମ୍ବର ୧୭, ଭବାନୀପାଟଣା, କଳାହାଣ୍ଡି, ଓଡ଼ିଶା-୭୬୬୦୦୧। ୨. ମେସର୍ସ ସୁଧୀର ମେମୋରିଆଲ ଏଜୁକେସନାଲ୍ ଟ୍ରଷ୍ଟ, ଏହାର ପ୍ରାଧିକରଣ ସ୍ୱାକ୍ଷରକାରୀଙ୍କ ଦ୍ୱାରା ପ୍ରତିନିଧିତ୍ୱ, ଲମ୍ବୋଧରା ବିହାର ବଡ଼ପଡା, ୱାର୍ଡ ନମ୍ବର-୧୭, ଭବାନୀପାଟଣା, ଓଡ଼ିଶା କଳାହାଣ୍ଡି, ଓଡ଼ିଶା-୭୬୬୦୦୧। ୩ - ଶ୍ରୀଯୁକ୍ତ ସୁରେଶ କୁମାର ପ୍ରଧାନ, ପିତା-ଲୋକନାଥ ପ୍ରଧାନ, ଗ୍ରାମ-କୁଜନହୁଲ, ପୋଷ୍ଟ-ଗୋଛାଡେଙ୍ଗେନ, ମଦନପୁର, ରାମପୁର, ଥାନା-ରାମପୁର, ବସ୍‌ଷ୍ଟାଣ୍ଡ, ଭବାନୀପାଟଣଶ, କଳାହାଣ୍ଡି, ଓଡ଼ିଶା-୭୬୬୦୦୧। ୪. ଶ୍ରୀମତୀ ପ୍ରିୟଦର୍ଶିନୀ ନାଏକ, ଡିଇଓ ଧର୍ମେନ୍ଦ୍ର ନାଏକ, କୁଜାନାହୁଲ, ପୋ-ଗୋଛାଡେଙ୍ଗେନ, ସୋସାଇଟି ଭାୟା-ରାମପୁର, ବୁଷ୍ଟାଣ୍ଡ, ଭବାନୀପାଟଣା, ସଦର, କଳାହାଣ୍ଡି, ଓଡ଼ିଶା-୭୬୬୦୦୧। ୫. ଶ୍ରୀଯୁକ୍ତ ଧର୍ମେନ୍ଦ୍ର କୁମାର ନାଏକ, ସିଓ ଗୋରେଖ, ପୋ-ଗୌଟିପଡ଼ା, ଭବାନୀପାଟଣା, ସଦର, କଳାହାଣ୍ଡି, ଭବାନୀପାଟଣା, ଓଡ଼ିଶା-୭୬୬୦୦୧। ଉକ୍ତ ନୋଟିସରେ
ଭର୍ଥନା ଫାଇନାନ୍ସ ପ୍ରାଇଭେଟ୍ ଲିମିଟେଡ୍

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜଷ୍ଟିସ ବି.ସୁଦର୍ଶନ...

ଆରମ୍ଭ କରିଥିଲେ। ପରେ ସେ ସୁପ୍ରିମକୋର୍ଟର ବିଚାରପତି ହୋଇଥିଲେ। ସୁପ୍ରିମକୋର୍ଟରୁ ଅବସର ନେବାପରେ ସେ ଗୋଆର ପ୍ରଥମ ଲୋକଯୁକ୍ତ ଭାବେ ନିଯୁକ୍ତି ପାଇଥିଲେ। ତେବେ ବ୍ୟକ୍ତିଗତ କାରଣରୁ ସେ ଲୋକଯୁକ୍ତ ପଦରୁ ୨୦୧୩ ଅକ୍ଟୋବରରେ ଇସ୍ତଫା ଦେଇଥିଲେ। ସୂଚନାଯୋଗ୍ୟ ଯେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଜଗଦୀପ ଧନଖଡ଼ ଗତ ଜୁଲାଇ ୨୧ରେ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ତାଙ୍କ କାର୍ଯ୍ୟକାଳ ଅଗଷ୍ଟ ୨୦୨୭ରେ ଶେଷ ହେବାର ଥିଲା। ତେବେ ଦୁଇବର୍ଷ ପୂର୍ବରୁ ସେ ହଠାତ୍ ଇସ୍ତଫା ଦେବାନେଇ ବିଭିନ୍ନ ମହଲରେ ଚର୍ଚ୍ଚା ମଧ୍ୟ ଚାଲିଥିଲା। ୨୦୨୨ ଅଗଷ୍ଟ ୮ରେ ଧନଖଡ଼ ଉପରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିବାବେଳେ ସେହି ଅଗଷ୍ଟ ୧୧ ତାରିଖରେ ଶପଥ ନେଇଥିଲେ।

### ଦୌଡ଼ରେ ୫ ରାଜନେତା...

ଯଦି ଜାତି ସମୀକରଣ ଏବଂ ଉତ୍ତର ଭାରତୀୟ କ୍ଷେତ୍ରରେ ଦେଖାଯାଏ ତେବେ ବିନୋଦ ସୋନକର ଦଳିତ ସମ୍ପ୍ରଦାୟର। ସେହିପରି ମନୋଜ ସିହ୍ନା ଉଚ୍ଚଜାତି ସମ୍ପ୍ରଦାୟରୁ ଆସିଥିବାରୁ ଉଭୟଙ୍କ ନାମ ଦୌଡ଼ର ଶୀର୍ଷରେ ଥିବା କୁହାଯାଉଛି।

### ୧୧ ଜିଲ୍ଲାରେ...

ବର୍ଷାର ପ୍ରଭାବ ଅଧିକ ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି। ଏଥିସହ ଦକ୍ଷିଣ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ପ୍ରବଳ ବର୍ଷାରେ ମାଲକାନଗିରି ଓ କୋରାପୁଟର ଅବସ୍ଥା ସଂଗୀନ ରୂପ ଧାରଣ କରିଛି। ଭୂସ୍ଖଳନ ଯୋଗୁ ବିଭିନ୍ନ ସ୍ଥାନରେ ଯୋଗାଯୋଗ ମଧ୍ୟ ବିଚ୍ଛିନ୍ନ ହୋଇପଡ଼ିଛି।

### ଭାସୁଛି ମାୟାନଗରୀ...

ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବର୍ଷା ସହ ପବନ ୪୫ରୁ ୫୫ କିଲୋମିଟର ବେଗରେ ବହିବ ବୋଲି ମଧ୍ୟ ପୂର୍ବାନୁମାନ କରାଯାଇଛି। ଟ୍ରେନ୍ ଟ୍ରାକ୍‌ରେ ପ୍ରବଳ ପାଣି ଜମିଥିବାରୁ ରେଳ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଛି। ସେହିପରି ୪୦୦ଟି ବିମାନ ଉଡାଣରେ ବିଳମ୍ବ ଘଟିଛି। ମୁମ୍ବାଇ ବିମାନ ବନ୍ଦରରୁ ୧୫୫ଟି ବିମାନ ବିଳମ୍ବରେ ଉଡାଣ କରିଥିବାବେଳେ ୧୦୨ଟି ବିମାନ ନିର୍ଦ୍ଧାରିତ ସମୟ ଅପେକ୍ଷା ବିଳମ୍ବରେ ଉଡାଣ କରିଥିଲା। ଇଣ୍ଡିଗୋ ବିମାନ କର୍ତ୍ତୃପକ୍ଷ କହିଛନ୍ତି ଯେ ମୁମ୍ବାଇ ସହର ପ୍ରବଳ ବର୍ଷାରେ ବୁଡ଼ି ରହିଥିବାରୁ ବିମାନ ଚଳାଚଳରେ ବିଳମ୍ବ ଘଟିଛି। ବିମାନ ବନ୍ଦରକୁ ଯାଇଥିବା ଅନେକ ରାସ୍ତାରେ ପାଣି ଜମି ରହିଛି ଓ ଟ୍ରାଫିକ ଜାମ୍ ରହିଛି। ଫଳରେ ସମସ୍ୟା ସୃଷ୍ଟି ହୋଇଛି। ସେହିପରି ସ୍କୁଲ, କଲେଜକୁ ବନ୍ଦ ରଖାଯାଇଛି। ଜଳ ନିଷ୍କାସନ ପାଇଁ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଆଗକୁ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ସତର୍କ ରହିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି।

# ସେପ୍ଟେମ୍ବର ୧ ବିଶ୍ୱ ଦକ୍ଷତା କେନ୍ଦ୍ରରେ ନାମଲେଖା ଆବେଦନ ଶେଷ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୫-୨୬ ସେପ୍ଟେମ୍ବର ସେସନରେ ନାମଲେଖା ପାଇଁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଜାରି ରହିଛି । ବିଭିନ୍ନ ବୃତିଗତ ପାଠ୍ୟକ୍ରମରେ ତାଲିମ ନେବା ଲାଗି ଆଗ୍ରହୀ ପ୍ରାର୍ଥୀମାନେ ୨୦୨୫ ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ଆବେଦନ କରିପାରିବେ। ଆଗ୍ରହୀ ପ୍ରାର୍ଥୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବସାଇଟ ମାଧ୍ୟମରେ ଆବେଦନ କରିପାରିବେ । ଏ ବିଷୟରେ ଅଧିକ ଜାଣିବା ପାଇଁ ୧୮୦୦ ୨୬୬ ୬୦୦୨ ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରିବାକୁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ଅନୁରୋଧ କରାଯାଇଛି । ବିଶ୍ୱ ଦକ୍ଷତା କେନ୍ଦ୍ର ହେଉଛି ଭାରତର ଏକ ପ୍ରମୁଖ ଦକ୍ଷତା ବିକାଶ କେନ୍ଦ୍ର । ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣଙ୍କ ଦ୍ୱାରା ପରିଚାଳିତ ସ୍କିଲ୍ଡ ଇନ ଓଡ଼ିଶା କାର୍ଯ୍ୟକ୍ରମ ତଥା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଏହି କେନ୍ଦ୍ର ସ୍ଥାପନ କରାଯାଇଛି । ଏଠାରେ 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଓ 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗ ଅଧୀନରେ ମୋଟ ୭ଟି ବୃତ୍ତିଗତ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଫିନିସିଙ୍ଗ ସ୍କୁଲ ଢାଞ୍ଚାରେ ତାଲିମ ଦିଆଯାଇ ଦେଶ ବିଦେଶର ଶିଳ୍ପ କ୍ଷେତରେ ନିଯୁକ୍ତି ଲାଗି ପ୍ରସ୍ତୁତ କରାଯାଉଛି । ଏହି ପାଠ୍ୟକ୍ରମର ଅବଧି ୧ ବର୍ଷ ରହିଛି । ସ୍କୁଲ ଅଫ୍ ଇଞ୍ଜିନିୟରିଂ ବିଭାଗ ଅଧୀନରେ ମେକାଟ୍ରୋନିକ୍ସ, ଇଲେକ୍ଟ୍ରିକାଲ ଟେକ୍ନୋଲୋଜି, ମେକାନିକାଲ ଆଣ୍ଡ୍ ଇଲେକ୍ଟ୍ରିକାଲ ସର୍ଭିସେସ, ଏୟାର କଣ୍ଡିସନିଂ ଆଣ୍ଡ୍ ରେଫ୍ରିଜରେସନ, ଭର୍ଟିକାଲ ଟ୍ରାନ୍ସପୋର୍ଟେସନ ଏବଂ ପ୍ରିସିସନ ଇଞ୍ଜିନିୟରିଂ ଭଳି ୫ଟି ବୃତିଗତ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ଗ୍ରହଣ କରାଯାଉଛି । ସେହିପରି ଛାତ୍ରଛାତ୍ରୀଙ୍କ ରହିବା ଲାଗି ହଷ୍ଟେଲ, ଖାଇବା ବ୍ୟବସ୍ଥା, ୟୁନିଫର୍ମ ଏବଂ ଯିବା ଆସିବା ଲାଗି ବସ୍ ସୁବିଧା ଆଦି ମାଗଣାରେ ଦିଆଯାଉଛି । ଶିକ୍ଷା ଓ ତାଲିମ ଶେଷ ହେବା ପରେ ଛାତ୍ରଛାତ୍ରୀମାନେ କିପରି ଦେଶ ବିଦେଶର ବିଭିନ୍ନ ପ୍ରମୁଖ ସଂସ୍ଥାରେ ନିଯୁକ୍ତି ପାଇପାରିବେ ସେଥିପାଇଁ 'ପ୍ଲେସମେଣ୍ଟ' ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ।



ନୂଆଦିଲ୍ଲୀ: ଭାରତୀୟ ମହାକାଶ ଏଜେନ୍ସି ୪୦ ମହଲା ଉଚ୍ଚ ବିଶିଷ୍ଟ ରକେଟ୍ ନିର୍ମାଣ କରୁଛି । ଏହି ରକେଟ୍ ସାହାଯ୍ୟରେ ୭୫ ହଜାର କିଲୋଗ୍ରାମର ପେଲୋଡକୁ ପୃଥିବୀର ନିମ୍ନ କକ୍ଷକୁ ପଠାଯାଇପାରିବ । ଇସ୍ରୋ ମୁଖ୍ୟ ଭି ନାରାୟଣନ ଓସ୍ମାନିଆ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଏହା କହିଛନ୍ତି। ଇସ୍ରୋ ମୁଖ୍ୟ କହିଛନ୍ତି, ଚଳିତ ବର୍ଷ ଇସ୍ରୋ ପାଖରେ ଏନ୍ଏଭିଆଇସି ଉପଗ୍ରହ, ଏନ୍୧ ରକେଟ୍ ଉପରେ ପରିଯୋଜନା ରହିଛି। ଏହା ବ୍ୟତୀତ ଆମେରିକାର ୬,୫୦୦ କିଲୋଗ୍ରାମର ସଂଚାର ଉପଗ୍ରହକୁ ଭାରତୀୟ ରକେଟ୍ ଜରିଆରେ ପୃଥିବୀ କକ୍ଷକୁ ପଠାଯିବା କାମ ମଧ୍ୟ ଏଜେନ୍ସି ପାଖରେ ରହିଛି । ନାରାୟଣନ କହିଛନ୍ତି, ଏପିଜେ ଅବଦୁଲ୍ କଲାମ ପ୍ରଥମେ ଯେଉଁ ଲଞ୍ଚର୍ ନିର୍ମାଣ କରିଥିଲେ, ତାର ଓଜନ ୧୭ ଟନ୍ ଥିଲା ଓ ତାହା ୩୫ କିଲୋଗ୍ରାମର ପେଲୋଡ୍ ପୃଥିବୀର ନିମ୍ନ କକ୍ଷକୁ ପଠାଇ ପାରୁଥିଲା । ଆଜି ଆମେ ୭୫ ହଜାର କିଲୋଗ୍ରାମର ପେଲୋଡ୍ ପଠାଇବା ପାଇଁ ସକ୍ଷମ ଥିବା ରକେଟ୍ ନିର୍ମାଣ କରୁଛି, ଯାହା ୪୦ ମହଲା ବିଶିଷ୍ଟ ବିଲ୍ଡିଂ ଉଚ୍ଚ ହେବ।

### ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ଚୀନ୍ ବିଦେଶ ମନ୍ତ୍ରୀ ୱାଙ୍ଗ ୟି

## ସୀମାରେ ଶାନ୍ତି ଏବଂ ସ୍ଥିରତା ଉପରେ ଗୁରୁତ୍ୱାରୋପ



ନୂଆଦିଲ୍ଲୀ: ଶ୍ରୀ ୱାଙ୍ଗ ୟି ତିଆନଜିନରେ ଅନୁଷ୍ଠିତ ହେବାକୁ ଥିବା ଏସସିଓ ଶିଖର ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ବାର୍ତ୍ତା ଏବଂ ନିମନ୍ତ୍ରଣ ଜଣାଇଛନ୍ତି । ଚୀନ ବିଦେଶ ମନ୍ତ୍ରୀ ତାଙ୍କ ଭାରତ ଗସ୍ତ ସମୟରେ ବିଦେଶ ମନ୍ତ୍ରୀ ଡକ୍ଟର ଏସ. ଜୟଶଙ୍କରଙ୍କ ସହ ଦ୍ୱିପାକ୍ଷିକ ବୈଠକ ଏବଂ ଏନଏସଏ ଅଜିତ ଡୋଭାଲଙ୍କ ସହ-ଅଧ୍ୟକ୍ଷତାରେ ଆୟୋଜିତ ଚତୁର୍ବିଂଶତମ ସ୍ୱତନ୍ତ୍ର ପ୍ରତିନିଧି ବୈଠକର ସକାରାତ୍ମକ ଫଳାଫଳ ବିଷୟରେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ପ୍ରଧାନମନ୍ତ୍ରୀ ସୀମାରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବାର ଗୁରୁତ୍ୱ ଉପରେ ଜୋର ଦେବା ସହିତ ସୀମା ବିବାଦର ଏକ ନିରପେକ୍ଷ, ଯୁକ୍ତିସଂଗତ ଏବଂ ଆପୋସ ଭାବରେ ଗ୍ରହଣୀୟ ସମାଧାନ ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଗତ ବର୍ଷ କାଜାନରେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ସାକ୍ଷାତ ପରଠାରୁ ଦ୍ୱିପାକ୍ଷିକ ସମ୍ପର୍କରେ ସ୍ଥିର ଏବଂ ସକାରାତ୍ମକ ପ୍ରଗତିକୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଛନ୍ତି । ଏହା ପାରସ୍ପରିକ ସମ୍ମାନ, ଆପୋସ ହିତ ଏବଂ ପାରସ୍ପରିକ ସମ୍ବେଦନଶୀଳତା ଦ୍ୱାରା ପରିଚାଳିତ, ଯେଉଁଥିରେ କୈଳାସ ମାନସରୋବର ଯାତ୍ରା ପୁନରାରମ୍ଭ ମଧ୍ୟ ସାମିଲ ରହିଛି। ପ୍ରଧାନମନ୍ତ୍ରୀ ଏସସିଓ ଶିଖର ସମ୍ମିଳନୀକୁ ନିମନ୍ତ୍ରଣ ପାଇଁ ରାଷ୍ଟ୍ରପତି ଜିନପିଙ୍ଗଙ୍କୁ ଧନ୍ୟବାଦ ଜଣାଇବା ସହ ଏହାକୁ ସ୍ୱୀକାର କରିଥିଲେ। ସେ ଏସସିଓ ଶିଖର ସମ୍ମିଳନୀରେ ଚୀନର ଅଧ୍ୟକ୍ଷତାକୁ ସମର୍ଥନ ଜଣାଇଥିଲେ ଏବଂ କହିଥିଲେ ଯେ, ସେ ତିଆନଜିନରେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଭେଟିବା ଲାଗି ଆଗ୍ରହୀ ଅଛନ୍ତି। ଭାରତ ଏବଂ ଚୀନ୍ ମଧ୍ୟରେ ସ୍ଥିର, ଆକଳନଯୋଗ୍ୟ ଏବଂ ଗଠନମୂଳକ ସମ୍ପର୍କ ଆଞ୍ଚଳିକ ଏବଂ ବିଶ୍ୱ ଶାନ୍ତି ଓ ସମୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରି କହିଥିଲେ।

## ରାହୁଲଙ୍କ ଭୋଟ ଅଧିକାର ଯାତ୍ରା ଜାରି



ପାଟନା: ରାହୁଲ ଗାନ୍ଧୀ ଓ ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ 'ଭୋଟର ଅଧିକାର ଯାତ୍ରା'ର ଆଜି ହେଉଛି ଦ୍ୱିତୀୟ ଦିନ। ସାସାରାମରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ସେପ୍ଟେମ୍ବର ୧ରେ ପାଟନାରେ ଶେଷ ହେବ । ଏହି ଯାତ୍ରା ୩୧ତାରିଖ ଦିନ ଗୋଟିଏ ଦିନ ବିରତି ସହିତ ୧୬ଦିନ ମଧ୍ୟରେ ୨୩ରୁ ୩୦ଜିଲା ପରିକ୍ରମା କରିବ । ଏହି ଯାତ୍ରା ଲକ୍ଷ୍ୟ ହେଉଛି ଭୋଟର ତାଲିକାରେ ଅଭିଯୋଗ ହୋଇଥିବା ଅନିୟମିତତା, ଏସଆଇଆର ସଂଶୋଧନ ପ୍ରକ୍ରିୟା ଏବଂ ଭୋଟ ଚୋରି ବିରୋଧରେ ଜନସଚେତନତା ପ୍ରସାର କରିବା । ଗଣତନ୍ତ୍ର, ସମ୍ବିଧାନ ଏବଂ ଗୋଟିଏ ବ୍ୟକ୍ତି, ଗୋଟିଏ ଭୋଟ, ନୀତିକୁ ରକ୍ଷା କରିବା ପାଇଁ ଏହି ଯାତ୍ରା ଏକ ଜନ ଆନ୍ଦୋଳନ ଭାବରେ ଆରମ୍ଭ ହୋଇଛି । ଏହି ଯାତ୍ରା ସମୟରେ ରାହୁଲ ଗାନ୍ଧୀ ଏବଂ ତେଜସ୍ୱୀ ଯାଦବ ୧୩୦୦ କିଲୋମିଟର ଯାତ୍ରା କରିବେ ଏବଂ ବିଭିନ୍ନ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଏହି ଯାତ୍ରା ଆଗାମୀ ବିହାର ବିଧାନସଭା ନିର୍ବାଚନ ସହିତ ଦେଶର ଅନ୍ୟ ରାଜ୍ୟରେ ହେବାକୁ ଥିବା ନିର୍ବାଚନରେ ବିରୋଧୀ ଦଳଗୁଡିକ ପାଇଁ ଏକ ଦୃଢ ଭିତ୍ତିଭୂମି ପ୍ରସ୍ତୁତ କରିପାରିବ, ଯାହାର ଉଦ୍ଦେଶ୍ୟ ହେଲା 'ଭୋଟ ଚୋରି' ପ୍ରସଙ୍ଗରେ ଜନସାଧାରଣଙ୍କୁ ଏକଜୁଟ କରିବା ଏବଂ ରାଜନୈତିକ ସମୀକରଣକୁ ପରିବର୍ତ୍ତନ କରିବା ।



ରାଷ୍ଟ୍ରପତି ଭବନରେ ଆୟୋଜିତ ଆଟ୍ ହୋମ୍ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ବିଶିଷ୍ଟ ସାହିତ୍ୟିକ ସତ୍ୟନାରାୟଣ ମିଶ୍ର ଓ ଅନ୍ୟମାନେ।

## ଅଭିନେତା ଅଚ୍ୟୁତ୍ ପୋତଦାରଙ୍କ ଦେହାନ୍ତ




ନୂଆଦିଲ୍ଲୀ : ପରଲୋକରେ ବହୁଚର୍ଚ୍ଚିତ ଫିଲ୍ମ ୩ ଇଡିୟଟ୍ସ ଫିଲ୍ମର ପ୍ରଫେସର। ୯୧ ବର୍ଷ ବୟସରେ ଆଖି ବୁଜିଛନ୍ତି ଲୋକପ୍ରିୟ ଅଭିନେତା ଅଚ୍ୟୁତ୍ ପୋତଦାର। ଚିକିତ୍ସାଧୀନ ଅବସ୍ଥାରେ ଥାଣେର ଜୁପିଟର ହସ୍ପିଟାଲରେ ତାଙ୍କର ଦେହାନ୍ତ ଘଟିଛି। ସେ ଦୀର୍ଘ ଦିନ ଧରି ରୋଗରେ ପୀଡିତ ଥିଲେ। ଅଚ୍ୟୁତଙ୍କ ମୃତ୍ୟୁ ଖବର ଶୁଣି ବଲିଉଡରେ ଶୋକର ଛାୟା ଖେଳିଯାଇଛି। ଆଜି ଥାଣେରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ। ୪୪ ବର୍ଷ ବୟସରେ ସେ ନିଜ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ପାଖାପାଖି ୧୨୫ରୁ ଅଧିକ ହିନ୍ଦୀ ଏବଂ ମରାଠୀ ଚଳଚିତ୍ରରେ କାମ କରିଥିଲେ। ଏପରିକି ୧୦୦ରୁ ଅଧିକ ଟିଭି ସିରିଏଲରେ ମଧ୍ୟ ସେ ଅଭିନୟର ଜାଦୁ ଦେଖାଇଛନ୍ତି। ଅଭିନୟ ଜଗତକୁ ଆସିବା ପୂର୍ବରୁ ସେ ଭାରତୀୟ ସେନାରେ କାମ କରୁଥିଲେ।

## ଛତିଶଗଡରେ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକାଶ ପାଇଁ ସରକାର ପ୍ରତିବଦ୍ଧ: ବିଷ୍ଣୁଦେବ



ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ମଙ୍ଗଳବାର ନିଜ ମନ୍ତ୍ରଣାଳୟ ମହାନଦୀ ଭବନରେ ଛତିଶଗଡର ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବାର ବିକାଶ ନିମନ୍ତେ ତାଙ୍କ ସରକାର ପ୍ରତିବଦ୍ଧ ବୋଲି କହିଛନ୍ତି। ଅଜିମ୍ ପ୍ରେମ୍‌ଜୀ ଫାଉଣ୍ଡେସନର ପଦାଧିକାରୀ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଶ୍ରୀ ସାଏ ଏହା କହିଛନ୍ତି। ସେ କହିଛନ୍ତି ଏ କ୍ଷେତ୍ରରେ ତାଙ୍କ ସରକାର ଅହରହ ପ୍ରୟାସ ଜାରି ରଖିଛନ୍ତି। କର୍ପୋରେଟର ସାମାଜିକ ଉତ୍ତୋରଦାୟିତ୍ୱ କ୍ଷେତ୍ରରେ ସହଭାଗୀତା ପାଇଁ ତାଙ୍କ ସରକାରକୁ ଶକ୍ତି ମିଳୁଛି। ଏହି ବୈଠକରେ ଶ୍ରୀ ସାଏ ଆହୁରି କହିଥିଲେ ଯେ, ଏହି ଫାଉଣ୍ଡେସନ ଦ୍ୱାରା ଛତିଶଗଡରେ ଶିକ୍ଷା, ସ୍ୱାସ୍ଥ୍ୟ, ଶିଶୁ ଗୃହ, ଜୀବନ ମିଶନ ସହିତ ଅନ୍ୟ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପଗୁଡିକୁ ବିସ୍ତାର କରାଯାଉଛି। ଅଜିମ ପ୍ରେମଜୀ ଫାଉଣ୍ଡେସନର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଅନୁରାଗ ବେହାର ଏହି ଅବସରରେ କହିଥିଲେ ଯେ, ବିଗତ ୧୫ବର୍ଷ ମଧ୍ୟରେ ଫାଉଣ୍ଡେସନ ପକ୍ଷରୁ ଛତିଶଗଡରେ ସମାଜସେବା କ୍ଷେତ୍ରରେ କାର୍ଯ୍ୟ କରାଯାଉଛି। ବର୍ତ୍ତମାନ ଛତିଶଗଡର ୯ଟି ଜିଲ୍ଲାରେ ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ଷମ ଚାଲୁ ରହିଛି। ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଏହି ଅବସରରେ ଫାଉଣ୍ଡେସନର ପଦାଧିକାରୀଙ୍କୁ ଭବିଷ୍ୟତର କାର୍ଯ୍ୟପନ୍ଥା ସଂପର୍କରେ ଅବଗତ କରାଇଥିଲେ। ଅମ୍ବିକାପୁରରେ ୨୦୦ରୁ ୩୦୦ ଶଯ୍ୟା ବିଶିଷ୍ଟ ସୁପରସ୍ପେଶାଲିଷ୍ଟ ହସ୍ପିଟାଲ ଏବଂ ଧର୍ମଜୟଗଡରେ ୧୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍ପିଟାଲର ନିର୍ମାଣ ଯୋଜନା ରହିଛି। ଏଥିରେ ୮୦% ରୋଗୀଙ୍କୁ ମାଗଣା ସେବା ଯୋଗାଇ ଦିଆଯିବାର ବ୍ୟବସ୍ଥା ରଖାଯାଇଛି। ସେହିପରି ଫାଉଣ୍ଡେସନ ପକ୍ଷରୁ ଛତିଶଗଡର ସରକାରୀ ବିଦ୍ୟାଳୟଗୁଡିକରେ ୨୦ହଜାର ବାଳିକାଙ୍କୁ ଉଚ୍ଚ ଶିକ୍ଷା ପାଇଁ ସ୍କଲାରସିପ୍ ପ୍ରଦାନ କରାଯାଉଛି। ପ୍ରତିବର୍ଷ ସେମାନଙ୍କ ଟିଉସନ ଫି ବାବଦରେ ଜଣପିଛା ୩୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଉଛି। ଏହି ଫାଉଣ୍ଡେସନ ପକ୍ଷରୁ ବାଳିକା ଶିକ୍ଷାକୁ ପ୍ରୋତ୍ସାହନ କରାଯିବା ସହ ବୃତ୍ତି ମଧ୍ୟ ପ୍ରଦାନ କରାଯାଉଛି।

# ବାଣିଜ୍ୟ



ନୂଆଦିଲ୍ଲୀ : ଏଣିକି ଅନଲାଇନ ବେଟିଂ ଦଣ୍ଡନୀୟ ଅପରାଧଭାବେ ପରିଗଣିତ ହେବ। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟତାରେ ବସିଥିବା କ୍ୟାବିନେଟ ବୈଠକରେ ଏ ସଂପର୍କିତ ଏକ ବିଲ୍‌କୁ ମଂଜୁରୀ ଦିଆଯାଇଛି । ଏହି ବିଲ୍ ଆଗତ ହେବା ପରେ, ଅନଲାଇନ୍ ବେଟିଂ କିମ୍ବା ଗେମିଂ ଆପ୍ସର ଅପବ୍ୟବହାର ପାଇଁ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଏହି ନୂତନ ବିଲରେ ଅନଲାଇନ୍ ଗେମ୍ ଉପରେ କଟକଣା ଲଗାଇବାର ବ୍ୟବସ୍ଥା ରହିବ। ବୁଧବାର ଦିନ ସଂସଦରେ ଏହି ବିଲ୍ ଆଗତ କରାଯାଇପାରେ। ସର୍ବପ୍ରଥମେ ଏହାକୁ ଲୋକସଭାରେ ଅଣାଯିବ। ଗତ କିଛି ବର୍ଷ ହେଲା ମଧ୍ୟରେ ଅନଲାଇନ୍ ଗେମ୍ ମାଧ୍ୟମରେ ବେଟିଂ ଏବଂ ଠକେଇର ଅନେକ ମାମଲା ଆସିବା ଯୋଗୁଁ ସରକାରଙ୍କ ପକ୍ଷରୁ ଏହି ବିଲ୍ ଅଣାଯାଇଛି। ଏହି ଆପ୍ସ ଯୋଗୁଁ ଅନେକ ଯୁବକ ସର୍ବସ୍ୱାନ୍ତ ହେଉଛନ୍ତି, ଏପରିକି କେତେକ ଆତ୍ମହତ୍ୟା ମଧ୍ୟ କରୁଛନ୍ତି । କିଛି ଆପ୍ ନକଲି ପୁରସ୍କାର ଏବଂ ଲୋଭ ଦେଖାଇ ଲୋକଙ୍କୁ ଫସାଉଛନ୍ତି। ଆଜକାଲି ଅନେକ ଫିଲ୍ମ ଷ୍ଟାର ଏବଂ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ମଧ୍ୟ ଏହି ଆପ୍ସକୁ ପ୍ରମୋଟ କରୁଥିବାର ଦେଖାଯାଇଛି।

## ନାଲ୍କୋ ପକ୍ଷରୁ 'ମିଡିଆ କନେକ୍ଟ ୨୦୨୫'




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ) ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱରଠାରେ 'ମିଡିଆ କନେକ୍ଟ ୨୦୨୫' ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରମୁଖଗଣମାଧ୍ୟମ ଓ ଯୋଗାଯୋଗ ସଂସ୍ଥା ଯୋଗ ଦେଇଥିଲେ। ଏହି ବୈଠକରେ ନାଲକୋ ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ ଉପସ୍ଥିତ ରହି ନିଜର ମତ ବିନିମୟ କରିଥିଲେ। ଏଥିସହ, ନାଲକୋର ନିର୍ଦ୍ଦେଶକମଣ୍ଡଳୀ ଯଥା, ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଆରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡକ୍ଟର ତାପସ କୁମାର ପଟ୍ଟନାୟକ ଏବଂ ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆ ମଧ୍ୟ ଉପସ୍ଥିତ ଥିଲେ। ପ୍ରାରମ୍ଭରେ, କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଶୁତୋଷ ରଥ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇବା ସହ କମ୍ପାନୀର କାର୍ଯ୍ୟକଳାପ ଏବଂ ସଫଳତା ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ସମାବେଶକୁ ସମ୍ବୋଧିତ କରିବା ଅବସରରେ, ସିଏମଡି ଶ୍ରୀ ସିଂହ ଆଲୁମିନିୟମ ଏବଂ ଧାତୁଶିଳ୍ପର ସାମଗ୍ରିକ ବିକାଶ ପ୍ରତି କମ୍ପାନୀର ପ୍ରତିବଦ୍ଧତା ତଥା ପାରିପାର୍ଶ୍ୱିକ ଅଂଚଳର ବିକାଶରେ କମ୍ପାନୀର ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କମ୍ପାନୀ ପ୍ରତି ରହିଥିବା ଆସ୍ଥା, ବିଶ୍ୱାସ ଓ ସହଯୋଗ ନିମନ୍ତେ ସେ ଖଣି ମନ୍ତ୍ରଣାଳୟ, ଭାରତ ସରକାର, ରାଜ୍ୟ ସରକାର ତଥା ସମସ୍ତ ଅଂଶୀଦାରମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ। ଗଣମାଧ୍ୟମ ଏବଂ କମ୍ପାନୀ ମଧ୍ୟରେ ଦୃଢ଼ ସହଭାଗୀତା ମାଧ୍ୟମରେ ଶିଳ୍ପ କ୍ଷେତ୍ରରେ ଅଭିବୃଦ୍ଧି ଦିଗରେ କାର୍ଯ୍ୟ କରିବା ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ। ମିଡିଆକ ନେକ୍ଟ୨୦୨୫ ଦ୍ୱାରା ଗଣମାଧ୍ୟମ ପ୍ରତିନିଧି ଏବଂ କମ୍ପାନୀର ନେତୃତ୍ୱମଣ୍ଡଳୀଙ୍କ ମଧ୍ୟରେ କମ୍ପାନୀର ଦୃଷ୍ଟିକୋଣ, ଅଭିବୃଦ୍ଧି ପଥ, ଆଗାମୀ ପ୍ରକଳ୍ପ ଏବଂ ସିଏସଆର ପଦକ୍ଷେପ ବିଷୟରେ ଆଲୋଚନା ହୋଇପାରିଛି। ପାରସ୍ପରିକ ସହଯୋଗ ମାଧ୍ୟମରେ ଅଂଶୀଦାରମାନଙ୍କ ସହିତ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ନାଲକୋର ଆଭିମୁଖ୍ୟକୁ ଗଣମାଧ୍ୟମ ସମ୍ପ୍ରଦାୟ ଦ୍ୱାରା ପ୍ରଶଂସା କରାଯାଇଥିଲା

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଚାରୋଟି ପ୍ରକଳ୍ପ କାର୍ଯ୍ୟକ୍ଷମ

ବୁର୍ଲା/ରାଉରକେଲା (ଭାସ୍କର ନ୍ୟୁଜ୍) :ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ରାଉରକେଲା ସହର ଅନ୍ତର୍ଗତ କଳିଙ୍ଗ ବିହାର, ଛେଣ୍ଡ, ସିଭିଲ୍ ଟାଉନସିପ୍ ଏବଂ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ଭଳି ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ କରିବା ପାଇଁ ଚାରିଗୋଟି ପ୍ରମୁଖ ପ୍ରକଳ୍ପର କାର୍ଯ୍ୟକ୍ଷମ କରାଯାଇଅଛି । ଏହି ଗୁରୁତ୍ୱପୂର୍ଣ୍ଣ ଚାରି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଫଳରେ ସହରର ପ୍ରାୟ ୩୦ ହଜାରରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହୋଇପାରିବେ। ପ୍ରଥମ ପ୍ରକଳ୍ପ ଭାବେ ଉଦିତନଗରଠାରେ ଏକ ନୂତନ ୧୧କେ.ଭି.ଆରଏମୟୁର ସ୍ଥାପନ କରାଯାଇଅଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ସହ ଲୋ-ଭୋଲଟେଜ ସମସ୍ୟ, ଟ୍ରିପିଂ ସମସ୍ୟ ଆଦିରେ ସୁଧାର ଆସିପାରିଛି। ଦ୍ୱିତୀୟ ପ୍ରକଳ୍ପଟି ହେଉଛି ନୂଆବଜାର ଫିଡର ଲାଇନ୍ ପାଇଁ ଏକ ନୂତନ ଲିଙ୍କ ଲାଇନର ନିର୍ମାଣ। ଏହି ନୂତନ ଲିଙ୍କ ଲାଇନ୍ କାର୍ଯ୍ୟକ୍ଷମ ହେବା ସହ ଉକ୍ତ ଅଞ୍ଚଳର ପ୍ରାୟ ୪ ହଜାରରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ସୁନିଶ୍ଚିତ ହୋଇପାରୁଛି। ସେହିପରି ତୃତୀୟ ପ୍ରକଳ୍ପ ଭାବେ କଳିଙ୍ଗ ବିହାର ପିଏସ୍ଏସ୍ ପାଇଁ ଏକ ନୂତନ ତଥା ବିକଳ୍ପ ୩୩କେଭି ଭୂତଳ ଲାଇନ୍ ବିଛାଯାଇଛି । ଏହି ପ୍ରକଳ୍ପ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସ୍ଥିର ତଥା ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବ। ଚତୁର୍ଥ ପ୍ରକଳ୍ପଟି ହେଉଛି ପାୱାର ହାଉସ୍ ପିଏସ୍ଏସ୍ପାଇଁ ଏକ ନୂତନ ବିକଳ୍ପ ୩୩କେ.ଭି. ଲାଇନର ନିର୍ମାଣ । ଏହି ପ୍ରକଳ୍ପ ବାଣିଜ୍ୟିକ ଉପଭୋକ୍ତା ଏବଂ ପୌରପାଳିକା, ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଏସପିଅଫିସ୍, କୋର୍ଟ ଏବଂ ପୋଲିସ ନିୟନ୍ତ୍ରଣ କକ୍ଷ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ସମେତ ୧୫ ହାଜରରୁ ଅଧିକ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରୁଛି। ଏହି ମାଇଲଖୁଣ୍ଟ ଉପରେ ନିଜର ମତ ପ୍ରକାଶ କରି ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା କହିଛନ୍ତି, 'ଏହି ପ୍ରକଳ୍ପଗୁଡ଼ିକ ପଶ୍ଚିମ ଓଡ଼ିଶାରେ ନିର୍ଭରଯୋଗ୍ୟ, ନିରାପଦ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।'

### ଏସ୍‌ବିଆଇ ଭୁବନେଶ୍ୱର ମଣ୍ଡଳର ୪୭ତମ ପ୍ରତିଷ୍ଠା ଦିବସ

## ସମ୍ମାନିତ ହେଲେ ଟ୍ରାଫିକ କର୍ମଚାରୀ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଧିକାରୀ ସଂଘ, ଭୁବନେଶ୍ୱର ମଣ୍ଡଳ ନିଜର ୪୭ତମ ପ୍ରତିଷ୍ଠା ଦିବସକୁ ଗୌରବ, ସମ୍ମାନ ଓ ସମାଜସେବାର ଅଦ୍ଭୁତ ସମନ୍ୱୟ ସହିତ ପାଳନ କରିଛି। ଭୁବନେଶ୍ୱରସ୍ଥିତ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟଠାରେ ସଂଘର ସଂସ୍ଥାପକ ସଦସ୍ୟ ଏନ୍.ଏନ୍. ଦାସ୍ ଓ ପି.ଭି.ଏସ୍. ମୂର୍ତ୍ତିଙ୍କୁ ମାଲ୍ୟାର୍ପଣ କରି ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମହାପ୍ରବନ୍ଧକ କୌଶଳ କିଶୋର ସିଂ ଏସ୍‌ବିଆଇ ଅଧିକାରୀମାନଙ୍କର ସେବା-ସ୍ଥିତି, ଅଧିକାର, କର୍ତ୍ତବ୍ୟ ଓ ସୁବିଧା ସମୂହ ସମ୍ପର୍କିତ ପୁସ୍ତକ 'ଅଫିସରର୍ସ ସର୍ଭିସ୍ କଣ୍ଡିସନ୍'ପୁସ୍ତକକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଉପମହାପ୍ରବନ୍ଧକ ଓ ମଣ୍ଡଳବିକାଶ ଅଧିକାରୀଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀ , କର୍ମଚାରୀ ସଂଘ ସାଧାରଣ ସଚିବ ଓ ଅଧ୍ୟକ୍ଷ ଆଦି ଉପସ୍ଥିତ ଥିଲେ। ଏହି ଅବସରରେ ସମାଜ ପ୍ରତି ସଂଘର ଦାୟିତ୍ୱବୋଧକୁ ପ୍ରକାଶ କରି, ଭୁବନେଶ୍ୱର ୟୁନିଟ୍-୬ ର "ଆଶ୍ରୟ" ଡିଷ୍ଟିଚ୍ୟୁଟ୍‌ରେ ନିରାଶ୍ରୟଙ୍କ ପାଇଁ ଖାଦ୍ୟ ବଣ୍ଟନ ହେବା ସହିତ ସହରରେ ଯାତାୟାତ ଓ ଶୃଙ୍ଖଳା ବ୍ୟବସ୍ଥାରେ ନିଷ୍ଠା, ପରିଶ୍ରମ ଓ ଶୃଙ୍ଖଳାନୁଶାସନ ରକ୍ଷାରେ ସେବା ଦାନ କରୁଥିବା ୪୧ ଜଣ ଟ୍ରାଫିକ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ସାୟଂକାଳୀନ ସଭାରେ ସଂଘରସାଧାରଣ ସଚିବ ଅରୁଣ ବିଷୋଇ ସମସ୍ତ ପଦାଧିକାରୀଙ୍କ ଉପସ୍ଥିତିରେ ସଂଘର ପୂର୍ବ ନେତୃବୃନ୍ଦଙ୍କ ତ୍ୟାଗ, ଦୂରଦର୍ଶିତା ଓ ସାଂଗଠନିକ ନେତୃତ୍ୱର ଭୂୟସୀ ପ୍ରଶଂସା କରିବା ସହିତ ସଦସ୍ୟମାନଙ୍କ କଲ୍ୟାଣ ନିମିତ୍ତ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ। ଏହି ସଭାକୁ ଅଧ୍ୟକ୍ଷ ଅମିତାଭ ଦାସ ପରିଚାଳନା କରିଥିଲେ।

## ୱାରୀ ଏନର୍ଜିଜ୍ ପକ୍ଷରୁ 'ପ୍ରତୀକ ସୋଲାର' ଉଦ୍‌ଘାଟିତ

ନୂଆଦିଲ୍ଲୀ: ୱାରୀ ଏନର୍ଜିଜ୍ ଲିମିଟେଡ୍ ସୁନ୍ଦରଗଡ଼, ଓଡ଼ିଶାରେ 'ପ୍ରତୀକ ସୋଲାର' ନାମକ ନୂତନ ଫ୍ରାଚାଇଜ୍ ସୋରୁମ୍‌ର ଉଦ୍‌ଘାଟିତ ହୋଇଯାଇଛି। ଏହି ଆରମ୍ଭ ଭାରତର ପ୍ରତ୍ୟେକ କୋଣରେ ପରିଶୁଦ୍ଧ, ଭରସାଯୋଗ୍ୟ ଏବଂ ସହଜଲଭ୍ୟ ସୋଲାର ଶକ୍ତି ସମାଧାନ ପହଞ୍ଚାଇବା ପାଇଁ ୱାରୀଙ୍କ ମିଶନ୍‌କୁ ଆରୋହଣ କରେ। ବିଶିଷ୍ଟ ଅତିଥି ଭାବେ ଶ୍ରୀ ଅଶିଷ ପଟ୍‌ଜୋଶୀ, ଚିଫ୍ ଟେକ୍‌ନିକାଲ୍ ଏବଂ ରିନ୍ୟୁଅବଲ୍ ମ୍ୟାନେଜର, ଟାଟା ପାୱାର ଉପସ୍ଥିତ ହୋଇଥିଲେ। ସେ ନିଜର ସମ୍ବୋଧନରେ ୱାରୀଙ୍କ ପକ୍ଷରୁ ସୁସ୍ଥାୟୀ ଶକ୍ତିର ପ୍ରଗତି ଏବଂ ଓଡ଼ିଶା ପାଇଁ ସବୁଜ ଭବିଷ୍ୟତ ଗଢ଼ିବାରେ ତାଙ୍କ ଭୂମିକାକୁ ସ୍ତୁତି କରିଥିଲେ। ଶିବଶିଷ ନେଗି (ରାଜ୍ୟ ମୁଖ୍ୟ), ବିଶ୍ୱନାଥ ସତପଥୀ (ଫ୍ରାଚାଇଜ୍ ମ୍ୟାନେଜର) ଏବଂ ଜିତେନ୍ଦ୍ର କୁମାର ନାଏକ (ଚ୍ୟାନେଲ୍ ପାର୍ଟନର) ସହିତ ୱାରୀଙ୍କ ପ୍ରମୁଖ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ହୋଇଥିଲେ। ସେମାନେ ସ୍ଥାନୀୟ ସମୁଦାୟକୁ ସୋଲାର ଅପନାୟନରେ ପ୍ରେରିତ କରିବା, ପ୍ରାକ୍ତିକ ଶିକ୍ଷାଦାନ ଓ ଗ୍ରାହକ-ପ୍ରଥମ ସେବା ନିଶ୍ଚିତ କରିବାରେ ୱାରୀଙ୍କ ପ୍ରତିବଦ୍ଧତାକୁ ପୁନରୁଚ୍ଚାର କରିଥିଲେ। ଚାହୁଙ୍ଗା, ସଙ୍କରା ରୋଡ୍, ସୁନ୍ଦରଗଡ଼, ଓଡ଼ିଶା - ୭୭୦୦୦୧ ଠାରେ ଅବସ୍ଥିତ ଏହି ସୋରୁମ୍ ଘରୋଇ, ବ୍ୟାବସାୟିକ ଏବଂ କୃଷିକାର୍ଯ୍ୟରେ ରୁଚିଶୀଳ ଗ୍ରାହକମାନଙ୍କୁ ସେବା ପ୍ରଦାନ କରିବ। ଏଠାରେ ୱାରୀଙ୍କ ସମସ୍ତ ପ୍ରକାର ସୋଲାର ପ୍ରଡକ୍ଟ, ଯେପରି ଉଚ୍ଚ କ୍ଷମତାର ସୋଲାର ପ୍ୟାନେଲ୍, ଇନଭର୍ଟ, ରୁଫଟପ୍ ସମାଧାନ ଓ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ ଉପଲବ୍ଧ ହେବ। ଗ୍ରାହକମାନେ ପିଏମ୍ ସୂର୍ଯ୍ୟ ଘର ମୁଫ୍‌ତ ବିଜ୍ଳି ଯୋଜନା ଏବଂ ପିଏମ୍-କୁସୁମ୍ ପରି ସରକାରୀ ପ୍ରକଳ୍ପରୁ ଲାଭ ନେବା ପାଇଁ ମାର୍ଗଦର୍ଶନ ମଧ୍ୟ ପାଇବେ। ପଙ୍କଜ୍ ବସଲ୍, ପ୍ରେସିଡେଟ୍ ଏବଂ ବ୍ୟବସାୟ ମୁଖ୍ୟ (ରିଟେଲ୍), ୱାରୀ ଏନର୍ଜିଜ୍ ଲିମିଟେଡ୍ କହିଥିଲେ ଯେ 'ସୁନ୍ଦରଗଡ଼ରେ ପ୍ରତୀକ ସୋଲାରର ଆରମ୍ଭ, ଭାରତର ପ୍ରତ୍ୟେକ ଘର ଓ ବ୍ୟାବସାୟରେ ପରିଶୁଦ୍ଧ ଶକ୍ତି ପହଞ୍ଚାଇବା ପାଇଁ ଆମର ଦୃଷ୍ଟିକୋଣକୁ ଦୃଢ କରେ। ଓଡ଼ିଶାରେ ବିପୁଳ ପୁନର୍ନବୀକରଣଶୀଳ ଶକ୍ତି ସମ୍ଭାବନା ଅଛି ଏବଂ ସମର୍ପିତ ସହଯୋଗୀମାନଙ୍କ ସହିତ ଆମେ ଏହାର ସୁସ୍ଥାୟୀ ଭବିଷ୍ୟତ ପ୍ରତି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାକୁ ଚାହୁଁଛୁ।'

## ସାଓମି ଇଣ୍ଡିଆ ପକ୍ଷରୁ ରେଡମି ୧୫ ୫ଜିର ଶୁଭାରମ୍ଭ

ନୂଆଦିଲ୍ଲୀ: ସାଓମି ଇଣ୍ଡିଆ ପକ୍ଷରୁ ରେଡମି ୧୫ ୫ଜି ଶୁଭାରମ୍ଭ କରାଯାଇଛି। ଯାହା କମ୍ପାନୀର ୧୫ ବର୍ଷର ଆନ୍ତର୍ଜାତୀୟ ଉଦ୍ଭାବନ ଓ ଭାରତରେ ୧୧ ବର୍ଷର ସଫଳତାକୁ ଚିହ୍ନିତ କରିଛି। ରେଡମି ୧୫ ୫ଜି ଏକ ସେଗ୍‌ମେଂଟ-ପ୍ରଥମ ୭୦୦୦ ଏମଏଏଚ ଇଭି-ଗ୍ରେଡ ସିଲିକନ-କାର୍ବନ ବ୍ୟାଟେରୀର ଉନ୍ମୋଚନ କରିଛି, ଯାହା ୩୩ୱାଟ ଫାଷ୍ଟ୍ ଚାର୍ଜିଂ ଓ ୧୮ୱାଟ ରିଭର୍ସ ଚାର୍ଜିଂ ସହିତ ୪୮ ଘଂଟାର ପାୱାର ପ୍ରଦାନ କରୁଛି। ଏଥିରେ ଏକ ୬.୯ ଇଂଚ ଏଫଏଚଡି+ ଆଡାପ୍ଟିଭ ସିଙ୍କ ଡିସ୍‌ପ୍ଲେ ସହ ୧୪୪ଏଚଜେଡ ପର୍ଯ୍ୟ' ରିଫ୍ରେଶ ରେଟ, ଟିୟୁଭି ରେନଲ୍ୟାଣ୍ଡ ଟ୍ରିପଲ ସାର୍ଟିଫିକେଶନ ଏବଂ ନିମଜ୍ଜିତ ମନୋରନ ପାଇଁ ଡଲ୍‌ବି-ସାର୍ଟିଫାଏଡ ସ୍ପିକର ରହିଛି। ଅଗଷ୍ଟ ୨୮ ତାରିଖ ୨୦୨୫ରୁ ଏହି ଫୋନ ମାତ୍ର ୧୪,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଫ୍ରଷ୍ଟେଡ ହ୍ୱାଇଟ, ମିଡ୍‌ନାଇଟ ବ୍ଲାକ ଓ ସ୍ୟାଣ୍ଡି ପର୍ପଲରେ ଉପଲବ୍ଧ ହେବାକୁ ଯାଉଛି। ଏହି ଫୋନ ୧୬ଜିବି ପର୍ଯ୍ୟନ୍ତ ରାମ (ଭର୍ଚୁଆଲ ରାମ ସହିତ) ଓ ୟୁଏଫଏସ ୨.୨ ଷ୍ଟୋରେଜ ସହ ସ୍ନାପଡ୍ରାଗନ ୬ଏସ ଜେନ ୩ ଦ୍ୱାରା ପରିଚାଳିତ ଅଟେ। ଏହାର ୫୦ଏମ୍‌ପି ଏଆଇ ଡୁଆଲ କ୍ୟାମେରା ସିଷ୍ଟମ ଏବଂ ୮ଏମ୍‌ପି ଫ୍ରଂଟ କ୍ୟାମେରା ବିବିଧ ଇମେଜିଂ ନିଶ୍ଚିତ କରିଥାଏ, ଯାହା ଏଆଇ ଫିଚରଗୁଡିକ ଦ୍ୱାରା ସମର୍ଥିତ ଅଟେ। ଆଣ୍ଡ୍ରଏଡ ୧୫ ସହିତ ସାଓମି ହାଇପର ଓଏସ ୨ରେ ପରିଚାଳିତ ଏହି ଡିଭାଇସ ଆଡ୍‌ଭାନ୍ସଡ ଇଂଟେଲିଜେନ୍ସ ଓ ସୁଗମ ମଲ୍ଟିଟାସ୍କିଙ୍ଗ ଦେଇଥାଏ।

### ଶସ୍ତା ହେବ ଛୋଟ କାର

ନୂଆଦିଲ୍ଲୀ: ଜିଏସ୍‌ଟି ହ୍ରାସ କଲେ ଆଗକୁ ଛୋଟ କାରଗୁଡ଼ିକର ମୂଲ୍ୟ ହ୍ରାସ ପାଇବ। ଏ ନେଇ ଏଚ୍‌ଏସ୍‌ବିସି (ହଂକଂ ଆଣ୍ଡ ସଂଘାଇ ବ୍ୟାଙ୍କିଙ୍ଗ କର୍ପୋରେସନ) ରିପୋର୍ଟ ପ୍ରକାଶ କରାଇଛି। ରିପୋର୍ଟ ଅନୁଯାୟୀ, ଯଦି ସରକାର ବର୍ତ୍ତମାନର ସାମଗ୍ରୀ ଏବଂ ସେବା ଟିକସ ହାରକୁ ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ଭାରତରେ ଛୋଟ କାରର ମୂଲ୍ୟ ପ୍ରାୟ ୮ ପ୍ରତିଶତ କମିଯିବ। ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ବର୍ତ୍ତମାନର ସ୍ଲାବ୍‌ରେ ଯାତ୍ରୀବାହୀ ଯାନ ୨୯ ପ୍ରତିଶତରୁ ୫୦ ପ୍ରତିଶତ ମଧ୍ୟରେ ଜିଏସ୍‌ଟି ଲାଗୁଛି। କାରଣ ଯାନର ଆକାର ଏବଂ ଲମ୍ବକୁ ଦେଖି ମାନକ ୨୮ ପ୍ରତିଶତ ଜିଏସଟି ହାର ଉପରେ ଏକ ସେସ୍ ଲାଗୁ କରାଯାଉଛି। ହେଲେ ନୂଆ ବ୍ୟବସ୍ଥାରେ ସରକାର ଛୋଟ କାର ଉପରେ ଟିକସ ୨୮ ପ୍ରତିଶତରୁ ୧୮ ପ୍ରତିଶତକୁ ହ୍ରାସ କରିବାକୁ ବିଚାର କରିପାରନ୍ତି। ଅନ୍ୟପଟେ ବଡ଼ କାର ପାଇଁ, ସେସ୍ ବାତିଲ ସହିତ ୪୦ ପ୍ରତିଶତର ଏକ 'ବିଶେଷ ହାର' ପ୍ରଚଳନ କରାଯାଇପାରେ। ଯଦି ଏପରି ହେଲା ତେବେ ଛୋଟ କାରଗୁଡ଼ିକର ମୂଲ୍ୟ ପ୍ରାୟ ୮ ପ୍ରତିଶତ ହ୍ରାସ ପାଇପାରେ, ହେଲେ ବଡ଼ କାରଗୁଡ଼ିକ ୩-୫ ପ୍ରତିଶତ ମଧ୍ୟରେ ଶସ୍ତା ହୋଇପାରେ। କେବଳ କାର କ୍ଷେତ୍ରରେ ନୁହେଁ, ଟୁହ୍ୱିଲର ମଧ୍ୟ ଶସ୍ତା ହୋଇପାରେ।



ନୂଆଦିଲ୍ଲୀ: ପାକିସ୍ତାନ କ୍ରିକେଟ ଟିମର ପୂର୍ବତନ ଅଧିନାୟକ ବାବର ଆଜମ ଓ ବର୍ତ୍ତମାନର ଦିନିଆ ଟିମର ଅଧିନାୟକ ମହମ୍ମଦ ରିଜୱାନଙ୍କୁ ଆଉ ଏକ ଝଟକା ଲାଗିଛି। ପ୍ରଥମେ ଏହି ଦୁଇ ଅଭିଜ୍ଞ ଖେଳାଳିଙ୍କୁ ପାକିସ୍ତାନ କ୍ରିକେଟ ବୋର୍ଡ ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ଏସିଆ କପ ସ୍କ୍ୱାଡରୁ ବାଦ ଦେଇଥିଲା। ଏବେ ଦୁଇ ଜଣଙ୍କ କେନ୍ଦ୍ରୀୟ ଚୁକ୍ତିରେ ଅବନତୀ ହୋଇଛି। ପାକିସ୍ତାନ କ୍ରିକେଟ ବୋର୍ଡ କେନ୍ଦ୍ରୀୟ ଚୁକ୍ତିରେ ଉଭୟଙ୍କୁ ବି ଶ୍ରେଣୀକୁ ପଠାଇ ଦେଇଛନ୍ତି। ପୂର୍ବରୁ ଉଭୟ ଏ ଶ୍ରେଣୀରେ ଥିଲେ। କିନ୍ତୁ ଏଥର ଦୁଇ ଜଣ ତଳକୁ ଖସିଛନ୍ତି। ସେହିପରି ପାକିସ୍ତାନର କୌଣସି କ୍ରିକେଟରଙ୍କୁ ଏ ବର୍ଗରେ ରଖି ନାହିଁ ପିସିବି। ପିସିବି ପକ୍ଷରୁ ମୋଟ ୩୦ ଜଣ ଖେଳାଳିଙ୍କୁ ବି, ସି ଓ ଡି ଶ୍ରେଣୀରେ ରଖାଯାଇଛି। ବୋର୍ଡ ପକ୍ଷରୁ ଜାରି ରିଲିଜରେ କୁହାଯାଇଛି ଯେ ଏହି ଚୁକ୍ତି ୨୦୨୫ ଜୁଲାଇ ୨୫ରୁ ଆରମ୍ଭ ହୋଇଥିବା ବେଳେ ୨୦୨୬ ଜୁନ ୩୦ ଯାଏ ବଳବତ୍ତର ରହିବ। ଚଳିତ ବର୍ଷ ବି, ସି ଓ ଡି ବର୍ଗରେ ୧୦ ଜଣ ଲେଖାଏ ଖେଳାଳି ରହିଛନ୍ତି। କୌଣସି ଖେଳାଳି ଏ ବର୍ଗରେ ସ୍ଥାନ ପାଇ ନଥିବା ପିସିବି କହିଛି। ତେବେ ପିସିବି ରିଲିଜରେ କେଉଁ ବର୍ଗର ଖେଳାଳି କେତେ ଟଙ୍କା ପାଇବେ, ସେ ବିଷୟରେ କିଛି ବି କୁହାଯାଇନାହିଁ। ଗତ ବର୍ଷ ଟି-୨୦ ବିଶ୍ୱକପ, ଚଳିତ ବର୍ଷର ଆଇସିସି ଚାମ୍ପିୟନ୍ସ ଟ୍ରଫି, ବାଂଲାଦେଶ ଓ ୱେଷ୍ଟଇଣ୍ଡିଜ ବିପକ୍ଷ ଦ୍ୱିପାକ୍ଷିକ ସିରିଜରେ ବାବର ଓ ରିଜୱାଲ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲେ। ଏଥିଯୋଗୁ ସେମାନଙ୍କୁ ପିସିବି ପ୍ରଥମେ ଏସିଆ କପ ଓ ଏବେ କେନ୍ଦ୍ରୀୟ ଚୁକ୍ତିରେ ଝଟକା ଦେଇଛି।

■ ଏସିଆ କପ୍ ପାଇଁ ଭାରତୀୟ ଦଳ ଘୋଷଣା ■

# ସୂର୍ଯ୍ୟକୁମାର ଅଧିନାୟକ, ଗିଲ୍ ଉପଅଧିନାୟକ

ନୂଆଦିଲ୍ଲୀ : ମୁମ୍ବାଇର ବିସିସିଆଇ ମୁଖ୍ୟାଳୟରେ ଏସିଆ କପ ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ସୂର୍ଯ୍ୟକୁମାର ଯାଦବ ଦଳର ଅଧିନାୟକ, ଶୁବମନ ଗିଲଙ୍କୁ ଉପ-ଅଧିନାୟକ ଭାବରେ ନିଯୁକ୍ତ କରାଯାଇଛି। ଯାହାଫଳରେ ଶୁବମନ ଗିଲଙ୍କୁ ମିଳିଛି ଆଉ ଗୋଟିଏ ବଡ଼ ଦାୟିତ୍ୱ। ତାଙ୍କୁ ଭାରତୀୟ ଟି-୨୦ ଟିମର ଉପ ଅଧିନାୟକ ଭାବେ ନିଯୁକ୍ତି ମିଳିଛି। ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱାଧୀନ ଏସିଆ କପ ସ୍କ୍ୱାଡରେ ସ୍ପିଡଷ୍ଟାର ଯଶପ୍ରୀତ ବୁମ୍ରା ବି ରହିଛନ୍ତି। ଆହତ ସମସ୍ୟା ଓ ୱାର୍କଲୋଡ ମ୍ୟାନେଜମେଣ୍ଟ ଯୋଗୁ ୧୫ ଜଣିଆ ସ୍କ୍ୱାଡରୁ ବୁମ୍ରା ବାଦ ପଡ଼ିବେ ବୋଲି କୁହାଯାଉଥିଲେ। ହେଲେ ତାଙ୍କୁ ଏସିଆ କପ ଦଳରେ ରଖାଯାଇଛି। ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ମିଳିତ ଭାବେ ଆଜି ସ୍କ୍ୱାଡ ଘୋଷଣା କରିଥିବା ବେଳେ ଏଥିରୁ ବିସ୍ଫୋରକ ବ୍ୟାଟର ଋଷଭ ପନ୍ତ, ଅଭିଜ୍ଞ କେଏଲ ରାହୁଲ ଓ ଟେଷ୍ଟ ସିରିଜରେ କମାଲ କରିଥିବା ମହମ୍ମଦ ସିରାଜ ବାଦ ପଡ଼ିଛନ୍ତି। ସେହିପରି ଯଶସ୍ୱୀ ଜୈସୱାଲ ଓ ଶ୍ରେୟସ ଆୟରଙ୍କୁ ମଧ୍ୟ ଟି-୨୦ ଫର୍ମାଟରେ ଖେଳା ଯିବାକୁ ଥିବା ଏସିଆ କପରୁ ବାଦ ଦିଆଯାଇଛି। ଦଳରେ ସଞ୍ଜୁ ସାମସନ ଓ ଜିତେଶ ଶର୍ମାଙ୍କୁ ୱିକେଟ କିପର ଭାବେ ସ୍ଥାନ ପାଇଛନ୍ତି। ସେହିପରି ଅଲରାଉଣ୍ଡର ଭାବେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ଦଳରେ ରହିଛନ୍ତି। ଅଭିଷେକ ଶର୍ମା, ଶିବମ ଦୁବେ, ତିଲକ ବର୍ମା ଓ ରିଙ୍କୁ ସିଂହ ନିଜ ସ୍ଥାନ ସୁରକ୍ଷିତ ରଖିପାରିଛନ୍ତି। ସ୍ପିଡ ବୋଲିଂର କମାଣ ବୁମ୍ରାଙ୍କ ସହ ଅର୍ଶଦୀପ ସିଂହ ସମ୍ଭାଳିବେ। ତୃତୀୟ ଦ୍ରୁତ ବୋଲର ଭାବେ ସ୍କ୍ୱାଡରେ ହର୍ଷିତ ରାଣାଙ୍କୁ ରଖାଯାଇଛି। ସ୍ପିନ ବୋଲର ଭାବେ ଅକ୍ଷରଙ୍କ ସହ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଚୟନ କରାଯାଇଛି। ଏସିଆ କପ ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ବେଳେ ୧୪ ତାରିଖରେ ଖେଳାଯିବ ଟୁର୍ଣ୍ଣାମେଣ୍ଟର ସବୁଠାରୁ ବଡ଼ ମୁକାବିଲା। ଏହି ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ଲଢ଼େଇ ଦେଖିବାକୁ ମିଳିବ। ଆଇସିସି ଚାମ୍ପିୟନ୍ସ ଟ୍ରଫି ପରେ ଦୁଇ ଦେଶ ପରସ୍ପର ବିରୋଧରେ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ସେହିପରି ପହଲଗାମ ନରସଂହାର ଓ ଅପରେସନ ସିନ୍ଦୂର ପରେ ଭାରତ-ପାକିସ୍ତାନ କୌଣସି କ୍ରିକେଟ ମ୍ୟାଚ୍ ଖେଳିବେ। ଏସିଆ କପ ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ବେଳେ ଫାଇନାଲ ସେପ୍ଟେମ୍ବର ୨୮ରେ ଖେଳାଯିବ। ପାକିସ୍ତାନକୁ ଭେଟିବା ପୂର୍ବରୁ ଭାରତ ନିଜର ପ୍ରଥମ ମ୍ୟାଚ୍ ୧୦ ତାରିଖରେ ୟୁଏଇ ବିରୋଧରେ ଖେଳି ନିଜର ଏସିଆ କପ ଅଭିଯାନ ଆରମ୍ଭ କରିବ। ସେହିପରି ୧୨ ତାରିଖରେ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଭାରତ ଓ ପାକିସ୍ତାନ ଲଢ଼େଇ କରିବେ। ଭାରତ ତା'ର ଶେଷ ଗ୍ରୁପ ମ୍ୟାଚ୍ ୧୯ ତାରିଖରେ ଓମାନ ବିରୋଧରେ ଖେଳିବ। ଭାରତ, ପାକିସ୍ତାନ, ଓମାନ ଓ ୟୁଏଇ ଏସିଆ କପର ଗ୍ରୁପ ଏରେ ରହିଛନ୍ତି। ଗ୍ରୁପ ବି'ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଂକଂ ରହିଛନ୍ତି। ଗ୍ରୁପ ପର୍ଯ୍ୟାୟରେ ପ୍ରତିଟି ଦଳ ୩ଟି ଲେଖାଏ ମ୍ୟାଚ୍ ଖେଳିବେ। ଏହାପରେ ପ୍ରତିଟି ଗ୍ରୁପରୁ ଶ୍ରେଷ୍ଠ ୨ଟି ଲେଖାଏ ଦଳ ପରବର୍ତ୍ତୀ ରାଉଣ୍ଡକୁ ଯିବେ। ସେଠାରେ ରାଉଣ୍ଡ ରବିନ ଫର୍ମାଟରେ ପ୍ରତି ଦଳ ପରସ୍ପର ସହ ୨ଟି ଲେଖାଏ ମ୍ୟାଚ୍ ଖେଳିବେ। ଏହାପରେ ଟପ୍ ୨ଟି ଦଳ ମଧ୍ୟରେ ଟ୍ରଫି ଟକ୍କର ହେବ। ଭାରତ ଏସିଆ କପ ଆୟୋଜନ କରୁଛି। କିନ୍ତୁ ଭାରତ ବଦଳରେ ଏସିଆ କପ ୨୦୨୫ ଟି-୨୦ ଫର୍ମାଟରେ ୟୁଏଇରେ ଖେଳାଯିବ। ଏସିଆ କପ ୨୦୨୫ର ସମସ୍ତ ମ୍ୟାଚ୍ ଦୁବାଇ ଓ ଅବୁଧାବିରେ ଖେଳାଯିବ। **ଭାରତୀୟ ସ୍କ୍ୱାଡ:** ସୂର୍ଯ୍ୟ କୁମାର ଯାଦବ (ଅଧିନାୟକ), ଶୁବମନ ଗିଲ (ଉପ ଅଧିନାୟକ), ଅଭିଷେକ ଶର୍ମା, ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା, ଯଶପ୍ରୀତ ବୁମ୍ରା, ଅର୍ଶଦୀପ ସିଂହ, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ, ସଞ୍ଜୁ ସାମସନ, ହର୍ଷିତ ରାଣା ଓ ରିଙ୍କୁ ସିଂହ। **ଷ୍ଟାଣ୍ଡ ବାଇ:** ପ୍ରସିଦ୍ଧ କ୍ରିଷ୍ଣା, ୱାଶିଂଟନ ସୁନ୍ଦର, ରିୟାନ ପରାଗ, ଧ୍ରୁବ ଜୁରେଲ ଓ ଯଶସ୍ୱୀ ଜୈସୱାଲ।



■ ମହିଳା ବିଶ୍ୱକପ ପାଇଁ ଭାରତୀୟ ଦଳ ଘୋଷଣା ■

# ମଙ୍ଗ ସମ୍ଭାଳିବେ ହରମନପ୍ରୀତି କୌର

ନୂଆଦିଲ୍ଲୀ: ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ବିଶ୍ୱକପ ସହ ଅଷ୍ଟ୍ରେଲିଆ ବିପକ୍ଷ ୩ ଟିକିଆ ଦିନିକିଆ ସିରିଜ ପାଇଁ ମଧ୍ୟ ଭାରତୀୟ ମହିଳା ଦଳ ଘୋଷଣା ହୋଇଛି। ଦୀର୍ଘ ମାସ ପରେ ଭାରତୀୟ ଟିମକୁ ଦ୍ରୁତ ବୋଲର ରେଣୁକା ସିଂହ କମବ୍ୟାକ କରିଛନ୍ତି। ଆହତ ସମସ୍ୟା ଯୋଗୁ ଗତ ମାର୍ଚ୍ଚ ମାସରୁ ସେ ଭାରତୀୟ ଦଳରୁ ବାହାରେ ଥିଲେ। ଶେଷଥର ପାଇଁ ତାଙ୍କୁ ମହିଳା ପ୍ରିମିୟର ଲିଗରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ଖେଳୁଥିବା ଦେଖିବାକୁ ମିଳିଥିଲା। ଏବେ ସେ ଫିଟ ହୋଇ ଯାଇଥିବାରୁ ବିଶ୍ୱକପ ଓ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସ୍କ୍ୱାଡକୁ ଫେରିଛନ୍ତି। ତେବେ ଓପନର ଶେଫାଲୀ ବର୍ମାଙ୍କୁ ବିଶ୍ୱକପ ସ୍କ୍ୱାଡରୁ ବାଦ ଦିଆଯାଇଛି। ସେ ଶେଷ ଥର ପାଇଁ ଅକ୍ଟୋବର ମାସରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଦିନିକିଆରେ ନଜର ଆସିଥିଲେ। ବିଶ୍ୱକପରେ ଭାରତ ପାଇଁ ସ୍ମୃତି ମନ୍ଧାନା ଓ ପ୍ରତିକା ରାୱଲ ଓପନ କରିବେ। ବ୍ୟାକ ଓପନର ଭାବେ ୟାସ୍ତିକା ଭାଟିଆଙ୍କୁ ରଖାଯାଇଛି। ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଅଲରାଉଣ୍ଡର ଅମନଜୋତ କୌରଙ୍କୁ ବିଶ୍ରାମ ଦିଆଯାଇଛି। ସେ ବିଶ୍ୱକପ ସ୍କ୍ୱାଡରେ ରହିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସ୍କ୍ୱାଡରେ ସାୟାଲି ସତଘାରେଙ୍କୁ ସୁଯୋଗ ଦିଆଯାଇଛି। ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ମହିଳା ଦିନିକିଆ ବିଶ୍ୱକପ ଆୟୋଜନ କରିବେ। ଆଇସିସି ମହିଳା ଦିନିକିଆ ବିଶ୍ୱକପର ୧୩ତମ ସଂସ୍କରଣର ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ଯାଏ ବିଶ୍ୱକପ ଅନୁଷ୍ଠିତ ହେବ। **ମହିଳା ଦିନିକିଆ ବିଶ୍ୱକପ ସ୍କ୍ୱାଡ :** ହରମନପ୍ରୀତି କୌର (ଅଧିନାୟକ), ସ୍ମୃତି ମନ୍ଧାନା (ଉପ ଅଧିନାୟକ), ପ୍ରତିକା ରାୱଲ, ହରଲୀନ ଦେଓଲ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସ, ରେଣୁକା ସିଂହ ଠାକୁର, ଅରୁନ୍ଧତି ରେଡ୍ଡୀ, ରିଚା ଘୋଷ(ୱିକେଟ କିପର), କ୍ରାନ୍ତି ଗୌଡ଼, ଅମନଜୋତ କୌର, ରାଧା ଯାଦବ, ଶ୍ରୀ ଚାରିଣୀ, ୟାସ୍ତିକା ଭାଟିଆ ଓ ସ୍ନେହ ରାଣା। **ଅଷ୍ଟ୍ରେଲିଆ ବିପକ୍ଷ ସିରିଜ ପାଇଁ ସ୍କ୍ୱାଡ :** ହରମନପ୍ରୀତି କୌର (ଅଧିନାୟକ), ସ୍ମୃତି ମନ୍ଧାନା (ଉପ ଅଧିନାୟକ), ପ୍ରତିକା ରାୱଲ, ହରଲୀନ ଦେଓଲ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସ, ରେଣୁକା ସିଂହ ଠାକୁର, ଅରୁନ୍ଧତି ରେଡ୍ଡୀ, ରିଚା ଘୋଷ (ୱିକେଟ କିପର), କ୍ରାନ୍ତି ଗୌଡ଼, ସାୟାଲି ସତଘରେ, ରାଧା ଯାଦବ, ଶ୍ରୀ ଚାରିଣୀ, ୟାସ୍ତିକା ଭାଟିଆ ଓ ସ୍ନେହ ରାଣା। ସୂଚନାଯୋଗ୍ୟ ଯେ, ମହିଳା ଦିନିକିଆ ବିଶ୍ୱକପରେ ମୋଟ ୮ଟି ଟିମ ଭାଗ ନେବେ। ସେମାନେ ହେଲେ-ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲ୍ୟାଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ବାଂଲାଦେଶ ଓ ପାକିସ୍ତାନ।




## कार्यपालक अभियंता का कार्यालय
**पथ निर्माण विभाग, पथ प्रमण्डल, डालटनगंज**
(E-mail: eercdmedini-jhr@nic.in)

### शुद्धि-पत्र

एतद द्वारा सूचित किया जाता है कि इस कार्यालय द्वारा दिनांक–29.07.2025 को विभिन्न समाचार पत्रो के माध्यम से ई–निविदा सं0–**7/RCD/Daltonganj/2025-26/658** आमंत्रित की गई है, जिसका **PR No.- 358924 Road(25-26)D** है। अपरिहार्य कारण से अगले आदेश तक रद्द किया जाता है।

कार्यपालक अभियंता,
पथ निर्माण विभाग,
पथ प्रमंडल, डाल्टेनगंज

**PR 359830 Road(25-26)#D**


## ଆଇନ୍‌ରେ ପରିଣତ ହେଲା ଜାତୀୟ କ୍ରୀଡ଼ା ଶାସନ ବିଲ୍

ନୂଆଦିଲ୍ଲୀ: ଭାରତୀୟ କ୍ରୀଡ଼ା ପ୍ରଶାସନରେ ସଂସ୍କାର ଆଣିବା ଉଦ୍ଦେଶ୍ୟ ସହିତ ପ୍ରସ୍ତୁତ ଜାତୀୟ କ୍ରୀଡ଼ା ଶାସନ ବିଲ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମଞ୍ଜୁରୀ ପରେ ଆଇନରେ ପରିଣତ ହୋଇଛି। ରାଷ୍ଟ୍ରପତିଙ୍କ ଅନୁମୋଦନ ସୋମବାର ମିଳିଥିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଗେଜେଟ ନୋଟିଫିକେଶନ ଜରିଆରେ ସୂଚନା ଦିଆଯାଇଛି। ଗତ ଏକ ବର୍ଷ ଧରି ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା ମାଧ୍ୟମରେ ପ୍ରସ୍ତୁତ କରାଯାଇଥିବା ଏହି କ୍ରୀଡ଼ା ବିଲ୍‌କୁ ଦୀର୍ଘ ଦଶନ୍ଧି ହେଲା ଅପେକ୍ଷା କରାଯାଉଥିଲା। ଗତ ଜୁଲାଇ ୨୩ରେ ଏହାକୁ ଲୋକ ସଭାରେ ଆଗତ କରାଯାଇଥିଲା।

## ଇଣ୍ଡିପେଣ୍ଡେନ୍ସ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: କୁଞ୍ଜନପଲ୍ଲୀ ଚାମ୍ପିଅନ୍



କାଲିମେଲା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ପଡ଼ିଆ ବ୍ଲକ ସଦର ମହକୁମାରେ ଥିବା ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସ୍ଥିତ ଖେଳ ପଡ଼ିଆରେ ଗତ ସପ୍ତାହେ ଧରି ଚାଲିଥିବା ଇଣ୍ଡିପେଣ୍ଡେନ୍ସ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗତକାଲି ଉଦ୍‌ଯାପିତ ହୋଇଯାଇଛି। ପଡ଼ିଆ ଆମ୍ବେଦକର କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ କୁଞ୍ଜନପଲ୍ଲୀ ଓ କଲେଜ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ ଡ୍ର ହୋଇଥିଲା । ଏହାପରେ ପେନାଲ୍ଟି ସଟ୍ ଆଉଟରେ କୁଞ୍ଜନପଲ୍ଲୀ ଗ୍ରାମ ୫-୩ ଗୋଲରେ ବିଜୟୀ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରିକେଟ ସଂଘ ସଭାପତି ଏମଡି ଫାରୁକ ଓ ସମ୍ମାନିତ ଅତିଥି ଭାବେ ଏସ ସୁରୀବାବୁ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଛନ୍ତି। ଚାମ୍ପିଅନ ଦଳକୁ ଟ୍ରଫି ସହ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ରନର୍ସଅପ ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ପ୍ରଦାନ କରାଯାଇଛି। ଫାଇନାଲ ମ୍ୟାଚରେ ମୁଖ୍ୟ ରେଫରୀ ଭାବେ ଚିନାମ ଅଲ୍ଲୀ, ସହାୟକ ଭାବେ ନାକା ଦୀପକ ରାଜ ଓ ସମୀର ହନ୍ତାଳ ଦାୟିତ୍ୱ ତୁଲାଇଥିବାବେଳେ ଟି.ରାଜେଶ ରାଓ, ଚୀନାମ ମାନସ, ଏନ ବେଞ୍ଜାମିନ, ପି. ରାଜା ଓ ଆମ୍ବେଦକର କ୍ଲବର ସଦସ୍ୟ ମାନେ ପରିଚାଳନା କରିଥିଲେ।

ଦକ୍ଷିଣ ଆଫ୍ରିକା-ଅଷ୍ଟ୍ରେଲିଆ ଦିନିକିଆ ସିରିଜ୍

## ପ୍ରଥମ ମ୍ୟାଚ୍‌କୁ ୯୮ରନ୍‌ରେ ଜିତିଲା ଦକ୍ଷିଣ ଆଫ୍ରିକା

ନୂଆଦିଲ୍ଲୀ : ମଙ୍ଗଳବାର ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ପ୍ରଥମ ଦିନିକିଆ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌କୁ ଦକ୍ଷିଣ ଆଫ୍ରିକା ୯୮ରନ୍‌ରେ ଜିତି ନେଇଛି। କେଶବ ମହାରାଜଙ୍କ ଅଗ୍ନିବର୍ଷ ବୋଲିଂକୁ ସାମ୍ନା କରିପାରି ନଥିଲେ ଅଷ୍ଟ୍ରେଲିଆ ଦଳ। ସେ ୫ୱିକେଟ ଅକ୍ତିଆର କରିଥିଲେ। ଆଜି ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଯାହାଫଳରେ ସାଉଥ୍ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ୮ୱିକେଟ ହରାଇ ନିର୍ଦ୍ଧାରିତ ଓଭରରେ ୨୯୬ରନ୍ କରିବାକୁ ସକ୍ଷମ ହୋଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ହେଡ୍ ସର୍ବାଧିକ ୪ୱିକେଟ ନେଇଥିବା ବେଳେ ଡିଓବାର୍ସିସ ୨ୱିକେଟ ଓ ଜାମ୍ପା ୧ଗୋଟିଏ ନେଇଥିଲେ। ପରେ ୨୯୭ରନ୍‌ର ଟାର୍ଗେଟ ନେଇ ଅଷ୍ଟ୍ରେଲିଆ ମୈଦାନକୁ ଓହ୍ଲାଇଥିଲା। ଦଳ ୪୦.୫ ଓଭରରେ ୧୦ୱିକେଟ ହରାଇ ୧୯୮ରନ୍ କରି ମ୍ୟାଚ୍ ହାରିଯାଇଥିଲା।


## JHARKHAND URBAN INFRASTRUCTURE DEVELOPMENT COMPANY LIMITED
(Govt. of Jharkhand Undertaking) JUIDCO Bhawan, Kutchary Road, Ranchi-834001, Jharkhand.Ph No.: +91-651-2225878,
CIN: U45200JH2013SGC001752,e-mail Id-juidcolimited@gmail.com

**NIT No.: JUIDCO/NIT/CP&EP/660 Date- 19.08.2025**
**e-Procurement (Tender Notice)**

| | | |
|---|---|---|
| 1 | Name of Work | Development of Open Space and Park, Package -2 (Community Park and Eco Park) under Ranchi Smart City, Ranchi . |
| 2 | Mode of Bid Submission | e-tendering (http://jharkhandtenders.gov.in) |
| 3 | Estimated Cost (Rs.) | Rs. 13,37,28,094/- (Rupees Thirteen Crore Thirty Seven Lakh Twenty Eight Thousand Ninety Four) only. |
| 4 | Time of Completion | 11 Months (Including Monsoon & Mobilization Period) |
| 5 | Tender Fee and Bid Security to be submitted online | Tender document fee : Rs 25,000/- (Rupees Twenty-Five Thousand) only Non-Refundable. Bid Security : Rs 13,38,000/- (Rupees Thirteen Lakh Thirty Eight Thousand ) only |
| 6 | Date/Time of Publication of Tender on Website | 20.08.2025 14:00 Hrs |
| 7 | Last Date/Time of Bid Submission | 10.09.2025 17:00 Hrs |
| 8 | Date/Time of opening of Bid | 11.09.2025 17:00 Hrs |
| 9 | Bid Submission Address | Jharkhand Urban Infrastructure Development Company Ltd., JUIDCO Bhawan, Kutchery Chowk, Ranchi, Jharkhand- 834001 |
| 10 | Helpline Number of e-procurement Cell | 0651-2225878 |

Further details can be seen on website http://jharkhandtenders.gov.in

**PR 359852 (Urban Development and Housing)25-26*D**

**Sd/-Project Director (Technical) JUIDCO Ltd, Ranchi**



## वरीय पुलिस अधीक्षक का कार्यालय, राँची।

### सर्वसाधारण के लिए सूचना।



नाम बेरोनिका परधिया, उम्र करीब–38 वर्ष, रंग–सॉवला, ऊँचाई–05 फीट
पहनावा–नीला एवं सफेद रंग का सलवार सूट पहनी हुई है।

उपरोक्त लापता महिला बेरोनिका परधिया उम्र–38 वर्श, (साथ में सुपुत्री अरियना परधिया), पति–सिलास परधिया, पता–अपना नगर, बिरसा चौक, थाना–जगरनाथपुर, जिला–राँची जो दिनांक–11.07.2025 को अपने घर से बगैर बताए कहीं चली गई जो आजतक अपने घर वापस नहीं आई है। जिसके संबंध में जगरनाथपुर थाना सनहा संख्या–17/2025, दिनांक–22.07.25 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।

अतः सभी जनसाधारण से अनुरोध है कि यदि उपरोक्त लापता महिला कहीं मिलती/दिखती है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।

**Email ID(rnc-dcb@jhpolice.gov.in)**
पुलिस उपाधीक्षक, हटिया, राँची। –9431706143
थाना प्रभारी जगरनाथपुर, राँची। –9431706169

पुलिस उप–महानिरीक्षक–सह–
वरीय पुलिस अधीक्षक, राँची।

PR 359822 (Police) 25-26 (D)



## JHARKHAND STATE SPORTS PROMOTION SOCIETY
(A CCL- State Govt. of Jharkhand Joint Initiative)
C/o Mega Sports Complex, Khelgaon, Hotwar, Ranchi- 835217

**Registration under Society Act No.519 Registration under GST No. 20AACAJ6436C1Z9 OUR MISSION- OLYMPIC GOLD**

No:- CEO/LMC/JSSPS/K/Civil/2025-26/600 Date : 14.08.2025

### निविदा सूचना
Notice Inviting Tender
**NIT 01 of 2025-26 (Civil Works)**

1. Tenders are invited on-line under two-part system (Cover I & Cover II) on the website **https://jharkhandtenders.gov.in** from the eligible bidders for the following work:

| Description of work | Location | Estimated Cost of Work (Including GST), (In Rs.) | Earnest Money (In Rs.) | Period of Completion (In Days) |
|---|---|---|---|---|
| AMC for day to day civil repair & maintenance for two years at Mega Sports Complex ,Khelgaon , Hotwar ,Ranchi under JSSPS. | Mega Sports Complex, JSSPS, Khelgaon, Ranchi | 8,43,89,034.54 | 10,55,000.00 | 730 days |

The bid documents will be available on the website(s) https://jharkhandtenders.gov.in and www.jharkhandcclsports.in and can be downloaded by the bidder up to the bid download end date. There is no Application Fee.

All documents relating to the Bid shall be in the Hindi/English language. Documents in other language should be accompanied with its notarized Hindi/English translation.

2. For Site visit of location of work, the prospective bidder(s) may contact Ms. Shikha Rani Bhagat, Overseer(Civil), JSSPS, Mobile No.:-9709111608

| Tender inviting authority | Contact Person(s)/Tender Dealing Officer(s) |
|---|---|
| Member (Civil) LMC, JSSPS Mob No. 8092466706 | Sri Vikash Kumar, Sr. Overseer (Civil), JSSPS Mob No. 7004838366 |

3. **Time Schedule of Tender:**

| Sl. No | Particulars | Date | Time |
|---|---|---|---|
| a. | Tender e-Publication date | 20.08.2025 | 15.00 Hours |
| b. | Document download start date | 20.08.2025 | 15.00 Hours |
| c. | Document download end date | 05.09.2025 | 17.00 Hours |
| d. | Bid Submission start date | 21.08.2025 | 10.00 Hours |
| e. | Bid submission end date | 05.09.2025 | 17.00 Hours |
| f. | Start date for seeking Clarification on-line | 20.08.2025 | 15.00 Hours |
| g. | Last date for seeking Clarification on-line | 25.08.2025 | 17.00 Hours |
| h. | Date of Pre-bid meeting (if any) | NA | NA |
| i. | Technical Bid (Cover I) opening date | 06.09.2025 | 17.00 Hours |
| j. | Price Bid (Cover II) Opening date | To be notified later | ---------- |

Sd/-
CEO, LMC, JSSPS
Khelgaon, Hotwar, Ranchi.

**PR 359853 Art Culture Sports and Youth Affairs(25-26)#D**



## Govt. of Jharkhand
## OFFICE OF THE EXECUTIVE ENGINEER
Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in

### e-Procurement very Short Notice
e-Tender Reference No .-RCD/FSD /AP/ RAN/**10**/25-26 Dated **18.08.2025**

| | | |
|---|---|---|
| 1- | Name of Work | Consultancy Services for Preparation of Detailed Project Report for Widening and Strengthening/Reconstruction of **1) NH-114 Rangasirsa chowk to Hirapur Main road via Gram-Aluwara, Lakhna, Khairwajori Road 2) NH-114 Simra more to Babhangama NH-114 via Devdhar bandh , Murkatta via Bara Pansari Road. 3) Sarath-Palajori main Road.4) Sarwan NH-114 to NH-114 via Ambanchania, Sura, Bhura, Karahia , Samlapur, Pakariya, Ahsana Road.** including replacement of culverts and bridges, proposal of new culverts and bridges etc., complete Land Acquisition Proposal including ownership details, Resettlement and Rehabilitation Proposal and Forest Diversion Proposal including clearance of all stages etc as required all complete as per latest guidelines, at Deoghar District in the state of Jharkhand from Consultants empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Tentative Length | 45 Km |
| 3- | Work completion time | 90 Days |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs 90,000/- (Rupees Ninety Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 21.08.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 28.08.2025, 12.30 PM |
| 7- | Date and Timing of Bid opening | 29.08.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

Executive Engineer
Field Survey Division,A.P
Road Construction Department,Ranchi

PR 359848 (Road) 25-26 (D)



## कार्यपालक अभियंता का कार्यालय,
## ग्रामीण कार्य विभाग, कार्य प्रमण्डल, चतरा

### ई–अतिअल्पकालीन् निविदा आमंत्रण सूचना
ई–अति अल्पकालीननिविदा संख्या– **01/2025-26/RWD/CHATRA**
दिनांक– **18.08.2025**

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा द्वारा जिला खनिज फाउण्डेशन ट्रस्ट (DMFT) मद अन्तर्गत् निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र. सं. | आईडेन्टिफिकेशन संख्या/ पैकेज संख्या | प्रखण्ड | पंचायत/ग्राम | कार्य का नाम | प्राक्कलित राशि (रूपये में) अंक में | प्राक्कलित राशि (रूपये में) अक्षर में | कार्य समाप्ति की अवधि | कॉल सं. |
|---|---|---|---|---|---|---|---|---|
| 1 | RWD/ CHATRA/01/ 2025-26 | टण्डवा | राहम/ नावाटांड | Construction of PCC Road from Chatar BT Road to Nawatanr (CH-0.0 to CH-1100M) | 9988600.00 | निन्यानबे लाख अट्ठासी हजार छः सौ मात्र | 06 माह | प्रथम |
| 2 | RWD/ CHATRA/02/ 2025-26 | टण्डवा | राहम/ नावाटांड | Construction of PCC Road from Chatar BT Road to Nawatanr (CH-1100 to CH-1990M) | 9430900.00 | चौरानबे लाख तीस हजार नौ सौ मात्र | 06 माह | प्रथम |
| 3 | RWD/ CHATRA/03/ 2025-26 | टण्डवा | राहम/ नावाटांड | Construction of RCC Culvert Size-2x6Mx3M in Chatar BT Road to Nawatanr Road Section | 6952400.00 | उनहत्तर लाख बावन हजार चार सौ मात्र | 06 माह | प्रथम |

2. वेबसाईट में निविदा प्रकाशन की तिथि :– **22.08.2025**
3. ई–निविदा प्राप्ति की अंतिम तिथि एवं समय :– **30.08.2025 अपराह्न 5.00 बजे तक।**
4. ई–निविदा खोलने की तिथि एवं समय :– **01.09.2025 अपराह्न 3.30 बजे।**
5. ई–निविदा आमंत्रित करनेवाले पदाधिकारी का नाम एवं पता :– **कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा, द्वितीय तल, विकास भवन, चतरा।**
6. ई–निविदा प्रकोष्ठ का दूरभाष संख्या :– 06541-296208
विस्तृत जानकारी के लिए वेबसाईट **www.jharkhandtenders.gov.in** में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल, चतरा

**PR 359834 (Rural Work Department)25-26*D**



## झारखण्ड स्टेट फॉरेस्ट डेवलपमेंट कॉरपोरेशन लिमिटेड
(झारखण्ड सरकार का उपक्रम)
का0: अपर प्रधान मुख्य वन संरक्षक–सह–प्रबन्ध निदेशक,
झारखण्ड राज्य वन विकास निगम लि0,
455/A, रोड नं0–5, अशोक नगर, राँची।
E-mail – md_jsfdc@yahoo.co.in / mdjsfdc@gmail.com TOLL FREE NO. 18008891131

ई–निविदा सूचना संख्या ल0 व0 प0 प0 (के0 प0)–01/2026
**वर्ष 2026 मौसम में झारखण्ड राज्य में संग्रहित होनेवाली केन्दू पत्ती की अग्रिम बिक्री हेतु ई–निविदा**

### अतिअल्पकालीन ई–निविदा सूचना

विगत वर्ष की भांति वर्ष 2026 मौसम में झारखण्ड में संग्रहित होने वाली केन्दू पत्ती की प्रचयवार "शुद्ध एक मुश्त राशि" के आधार पर अग्रिम बिक्री हेतु ऑनलाईन ई–निविदायें आमंत्रित की जाती हैं। निविदायें वेब पोर्टल www.jharkhandtenders.gov.in पर ऑनलाईन निम्न विवरण अनुसार प्राप्त की जायेंगी।

| निविदा चक्र (निविदा रिफरेन्स सं0) | समय | निविदा अभिलेख डाउनलोड एवं समर्पण की तिथि | निविदा खोलने की तिथि |
|---|---|---|---|
| प्रथम चक्र (KL/1/2026) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 11.09.2025 17.09.2025 | 19.09.2025 |
| द्वितीय चक्र (KL/2/2026) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 24.09.2025 05.10.2025 | 07.10.2025 |
| तृतीय चक्र (KL/3/2026) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 08.10.2025 14.10.2025 | 16.10.2025 |
| चतुर्थ चक्र (KL/4/2026) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 18.10.2025 29.10.2025 | 31.10.2025 |
| पाँचवा चक्र (KL/5/2026) | प्रारम्भ 11.00 बजे पूर्वा0 अन्त 5.00 बजे अप0 | 03.11.2025 09.11.2025 | 11.11.2025 |

क्रेता पंजीकरण पत्र, निविदा शुल्क, सत्यंकर राशि, निविदाकार का करारनामा, आयकर विभाग द्वारा निर्गत PAN की अभिप्रमाणित प्रति, पिछले तीन लेखा वर्षों के आयकर रिटर्न की अभिप्रमाणित प्रतियाँ, GST निबंधन संख्या के प्रमाण–पत्र की अभिप्रमाणित प्रति, विगत् लेखा वर्ष के GST रिटर्न की प्रति तथा अपलोड किये गये अन्य दस्तावेज की एक–एक प्रति निविदादाता निविदा खुलने की तिथि के एक दिन पूर्व (3.00 बजे अपराहन) तक प्रमण्डलीय प्रबन्धक के कार्यालय में जमा करेंगे। समस्त इच्छुक निविदाकारों को ऑनलाईन निविदा भरने हेतु Digital Signature Certificate प्राप्त करना अनिवार्य है।

विस्तृत जानकारी यथा निविदा प्रपत्र, लॉट सूची, निविदाकार का करारनामा, निविदा से संबंधित शर्तें एवं बंधेज आदि वेब साईट www.jharkhandtenders.gov.in पर देखा जा सकता है। ऑनलाईन निविदा समर्पित करने के पूर्व निविदा प्रक्रिया की पूर्ण जानकारी प्राप्त कर लें। अधिक जानकारी के लिये वन निगम के प्रमण्डलीय/अंचलीय कार्यालयों से तथा वन निगम मुख्यालय के निम्न पदाधिकारी/कर्मी से भी सम्पर्क कर सकते हैं :–
(1) उप निदेशक (विपणन), राँची, 8986653797
(2) उप निदेशक (मुख्यालय), राँची, 9431402051
(3) श्री प्रसून कुमार, FPI, राँची, 9153989366
(4) TOLL FREE NO. 18008891131

ह0/–
अपर प्रधान मुख्य वन संरक्षक–सह–प्रबन्ध निदेशक,
झारखण्ड राज्य वन विकास निगम लि0, राँची

**PR 359814 Jharkhand State Forest Development Corp Ltd(25-26).D**

ଓଡ଼ିଶା ଭାସ୍କର
ODISHA BHASKAR

# ବିବିଧବର୍ଣ୍ଣା





ପ୍ରାୟତଃ ବ୍ୟକ୍ତି ମାଛ ଖାଇବାକୁ ପସନ୍ଦ କରିଥାଆନ୍ତି । ଏହା ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଅଟେ । ଏହାର ସ୍ୱାଦ ମଧ ଭଲ ଅଟେ । କିନ୍ତୁ ଅଧିକାଂଶ ଲୋକ ମାଛ ଅପେକ୍ଷା ତାର ମୁଣ୍ଡ ଖାଇବାକୁ ଭଲ ପାଇଥାଆନ୍ତି । ମାଛ ମୁଣ୍ଡର ତରକାରୀ, ଛିଞ୍ଚଡା ଇତ୍ୟାଦି ପ୍ରସ୍ତୁତ କରି ଖାଆନ୍ତି । ମାଛ ମୁଣ୍ଡ ଖାଇବା ଶରୀର ପାଇଁ ଉପକାରୀ ମଧ । କିନ୍ତୁ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ବର୍ଷାଦିନେ ମାଛ ଖାଇବା ଅନେକ ରୋଗର କାରଣ ହୋଇଥାଏ । ବର୍ଷା ଋତୁରେ ପାଣି ଅଧିକ ଦୂଷିତ ହୋଇଥାଏ । ଫଳରେ ମାଛ ପାଣିରେ ରହୁଥିବାରୁ ମାଛରେ ମଧ ବ୍ୟାକ୍ଟେରିଆ ରହିଥାଆନ୍ତି । ଯାହାକି ସ୍ୱାସ୍ଥ୍ୟପକ୍ଷେ ହାନିକାରକ ବୋଲି କୁହାଯାଏ । କେତେକ ବ୍ୟକ୍ତିଙ୍କର କେତେକ ପ୍ରକାରର ମାଛ କିମ୍ବା ସାମୁଦ୍ରିକ ଖାଦ୍ୟ ପ୍ରତି ଆଲର୍ଜି ରହିଥାଏ । ମୌସୁମୀ ସମୟରେ ଏହି ଆଲର୍ଜି ଅଧିକ ଖରାପ ହୋଇପାରେ । ଯେତେବେଳେ ପ୍ରତିରକ୍ଷା ପ୍ରଣାଳୀ ଅଧିକ ଦୁର୍ବଳ ହୋଇଥାଏ, ସେତେବେଳେ ରୋଗ ଶୀଘ୍ର ଆକ୍ରାନ୍ତ କରିଥାଏ । ଫଳରେ ମୁହଁ, ଓଠ, ଜିଭ, କିମ୍ବା ଗଳା ଫୁଲିଯିବା, ନିଶ୍ୱାସ ନେବା ଅସୁବିଧା କିମ୍ବା ମୁଣ୍ଡ ବୁଲାଇବା, ପେଟ ଯନ୍ତ୍ରଣା, ବାନ୍ତି ଭଳି ଲକ୍ଷଣ ଦେଖାଯାଇଥାଏ । ବର୍ଷା ଜଳ ଶରୀରରେ ପରଜୀବୀମାନଙ୍କର ବିକାଶ ପାଇଁ ପରିବେଶକୁ ଅନୁକୂଳ କରିଥାଏ । ମାଛ ଏବଂ ସାମୁଦ୍ରିକ ଖାଦ୍ୟରେ ଏହି ପରଜୀବୀ ରହିପାରେ ଯେପରିକି ଟ୍ୟାପୱର୍ମ, ରାଉଣ୍ଡୱର୍ମ ଏବଂ ଫ୍ଲୁକ । ଏହି ସଂକ୍ରମଣ ହଜମ ପ୍ରକ୍ରିୟାକୁ ପ୍ରଭାବିତ କରିପାରେ । ସଂକ୍ରମିତ ସାମୁଦ୍ରିକ ଖାଦ୍ୟ ଖାଇବା ପରେ ଝାଡା, ଶରୀର ଫୁଲିବା କିମ୍ବା ଗ୍ୟାସ୍ ସମସ୍ୟା ଦେଖାଦେଇପାରେ । ଗୁରୁତର ଅବସ୍ଥାରେ ଅନ୍ୟ ଅଙ୍ଗ ମଧ ପ୍ରଭାବିତ ହୋଇପାରେ ।



## ସ୍କୁଲ ଖୋଲିବେ ମହାକୁମ୍ଭମେଳାର ଭାଇରାଲ ଗାର୍ଲ ମୋନାଲିସା !

ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭ ମେଳାକୁ ମାଳା ବ୍ୟବସାୟ କରିବାକୁ ଆସିଥିବା ମୋନାଲିସା ଯେ ରାତରାତି ଷ୍ଟାର ପାଲଟିଯିବେ ଏକଥା ସେ କି ତାଙ୍କ ପରିବାର ସ୍ୱପ୍ନରେ ସୁଦ୍ଧା ଭାବି ନଥିଲେ । ମହାକୁମ୍ଭରୁ ମୋନାଲିସାଙ୍କ ଫଟୋ ଓ ଭିଡିଓ ଭାଇରାଲ ହେବାପରେ ସେ ସାଉଁଟିଲେଣି ଅନେକଙ୍କ ଭଲପାଇବା, ଢ଼େରସାରା ଲୋକପ୍ରିୟତା ଓ ଚର୍ଚ୍ଚା । କେବଳ ଏତିକି ନୁହେଁ ଏହାପରେ ତାଙ୍କୁ ମିଳିଥିଲା ବଲିଉଡ ସିନେମାରେ କାମ କରିବାର ଅଫର । ନିର୍ଦ୍ଦେଶକ ସଜୋନ ମିଶ୍ରା ତାଙ୍କ ଆଗାମୀ ଫିଲ୍ମ 'ଦ ଡାଏରୀ ଅଫ୍ ମଣିପୁର'ରେ ମୋନାଲିସାଙ୍କୁ ଡେବ୍ୟୁ କରାଇବାକୁ ଯାଉଛନ୍ତି । ଏହା ପୂର୍ବରୁ ମୋନାଲିସାଙ୍କ ଅନେକ ମ୍ୟୁଜିକ ଭିଡିଓ ରିଲିଜ ହୋଇସାରିଲାଣି ।କେବଳ ଏତିକି ନୁହେଁ ବଲିଉଡ ସହିତ ମୋନାଲିସା ଆଗାମୀ ଦିନରେ ସାଉଥ ସିନେମାର ବି କାମ କରିବାକୁ ନେଇ ଯୋଜନା ରଖିଛନ୍ତି । କିଛିଦିନ ତଳେ ମୋନାଲିସା ତାଙ୍କ ମା'ଙ୍କୁ ଏକ ସୁନାର ଚେନ ଉପହାରରେ ଦେଇଛନ୍ତି । ଝିଅ ଠାରୁ ସୁନା ଉପହାର ପାଇ ମୋନାଲିସାଙ୍କ ମା' କାନ୍ଦି ପକାଇଥିଲେ । ମୋନାଲିସା ତାଙ୍କ ବ୍ୟସ୍ତବହୁଳ କାମ ମଧ୍ୟରୁ ସମୟ ବାହାର କରି ଏକ ସାକ୍ଷାତକାରରେ ଯୋଗ ଦେଇ କହିଛନ୍ତି, 'ମୁଁ ମୋ ଗାଁର ପିଲାଙ୍କ ପାଇଁ କିଛି କରିବାକୁ ଲକ୍ଷ୍ୟ ରଖିଛି । ଖୁବ ପରିଶ୍ରମ କରୁଛି ମନ ଦେଇ କାମ କରୁଛି । ହିରୋଇନ ହେବା ପାଇଁ ପ୍ରଶିକ୍ଷଣ ନେଉଛି । ଆଗକୁ ଭଲ ଦୁଇପଇସା ରୋଜଗାର କରି ପାରିଲେ ମୁଁ ଆମ ଗାଁରେ ସ୍କୁଲଟେ ଖୋଲିବି । ଯଦ୍ୱାରା ଆମ ଗାଁରେ ଆଉ କେହି ଅଶିକ୍ଷିତ ରହିବେ ନାହିଁ ।'




ବର୍ତ୍ତମାନ ବୃଦ୍ଧ ଠୁ ଯୁବକ ଯାଏଁ ସମସ୍ତଙ୍କୁ ଘାରିଛି ସେଲ୍ଫି ନିଶା । ତେବେ ପ୍ରତିବର୍ଷ ଏହି ସେଲ୍ଫି କ୍ରେଜ୍ ପାଇଁ ଅକାଳରେ ଶହ ଜୀବନ ଚାଲିଯାଇଥାଏ । ତଥାପି ସେଲ୍ଫି ପ୍ରେମୀମାନେ ନିଜକୁ ସାହସୀ ଏବଂ ଦୁଃସାହସିକ ଦର୍ଶାଇବା ପାଇଁ ବିଭିନ୍ନ ବିପଦପୂର୍ଣ୍ଣ ସ୍ଥାନରେ ସେଲ୍ଫି ନେଇଥାନ୍ତି, ଯାହା ସେମାନଙ୍କୁ ମୃତ୍ୟୁମୁଖକୁ ଟାଣିଥାଏ । ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ଅନେକ ବିପଦପୂର୍ଣ୍ଣ ସେଲ୍ଫି ପଏଣ୍ଟ ରହିଥିବାବେଳେ ସେଥିମଧ୍ୟରୁ ବ୍ରାଜିଲର ପେଡ୍ରା ଡା ଗାଭେଆ ଅନ୍ୟତମ । ପେଡ୍ରା ଡା ଗାଭେଆ ଏକ ବିଶାଳ ପର୍ବତ ହୋଇଥିବା ବେଳେ ଏହା ବ୍ରାଜିଲର ପ୍ରମୁଖ ସହର ରିଓ ଡି ଜେନିରୋରେ ଅବସ୍ଥିତ । ଏହି ପର୍ବତର ଉଚ୍ଚତା ସମୁଦ୍ର ପତ୍ତନଠାରୁ ୮୪୪ ମିଟର (୨,୭୬୯ ଫୁଟ୍) ରହିଛି । ଏହି ପର୍ବତ ନିଜର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ । ସେହିପରି ପେଡ୍ରା ଡା ଗାଭେଆର ଶିଖରରେ ରିଓ ଡି ଜେନିରୋ ସହରର ଅନେକ ଚମତ୍କାର ଦୃଶ୍ୟ ଦେଖିବାକୁ ମିଳିଥାଏ । ତେବେ ଉକ୍ତ ପର୍ବତ ଶିଖରରେ ସେଲ୍ଫି ନେବା ବିପଦକୁ ନିମନ୍ତ୍ରଣ କରିବା ସଦୃଶ ହୋଇଥାଏ । ପେଡ୍ରା ଡା ଗାଭେଆ ପର୍ବତଟି ସମୁଦ୍ର କୂଳରେ ଅବସ୍ଥିତ । ପର୍ବତର ଯେଉଁ ପାର୍ଶ୍ୱରେ ସମୁଦ୍ର ରହିଛି, ସେହି ପଟେ କୌଣସି ଢାଲ ନାହିଁ । ତେଣୁ ପର୍ବତ ଶିଖରର ଉକ୍ତ ପାର୍ଶ୍ୱରେ ଠିଆ ହୋଇ ସେଲ୍ଫି ନେବା ବେଳେ ସାମାନ୍ୟ ଅସାବଧାନତା ଘଟିଲେ ସମୁଦ୍ର ମଧ୍ୟକୁ ପଡ଼ିଯିବାର ସମ୍ଭାବନା ରହିଥାଏ । ପ୍ରତିବର୍ଷ ଏହି ପର୍ବତରେ ଏହିପରି ଅନେକ ଦୁର୍ଘଟଣା ଘଟିଥାଏ, ଯେଉଁଥିରେ ଅନେକ ଡଜନ୍ ଲୋକ ପ_ । ଣ ହରାଇଥାନ୍ତି । ନିଜର ଅତ୍ୟଧିକ ଉଚ୍ଚତା ଏବଂ ତୀକ୍ଷ୍ଣ ଧାର ଯୋଗୁ ପେଡ୍ରା ଡା ଗାଭେଆକୁ ବିଶ୍ୱର ଅନ୍ୟତମ ବିପଦପୂର୍ଣ୍ଣ ସେଲ୍ଫି ପଏଣ୍ଟ ଭାବେ ବିବେଚନା କରାଯାଇଥାଏ । ଏହି ପର୍ବତ ଶିଖରରେ କୌଣସି ସୁରକ୍ଷା ରେଲିଂ କିମ୍ବା ବାଡ଼ ନ ଥିବାରୁ ଏଠାରେ ସେଲ୍ଫି ନେବା ଅତ୍ୟନ୍ତ ବିପଜ୍ଜନକ । ପେଡ୍ରା ଡା ଗାଭେଆର ଶିଖରରେ ପହଞ୍ଚିବା ପାଇଁ ୬ରୁ ୮ ଘଣ୍ଟାର କଠିନ ପଦଯାତ୍ରା କରିବାକୁ ପଡ଼ିଥାଏ । ଏହି ଯାତ୍ରା ବେଳେ 'କାରାସ୍କୁଇରା' ନାମକ ଏକ ୩୦ ମିଟର ଉଚ୍ଚ ପଥରରେ ଚଢ଼ିବାକୁ ପଡ଼ିଥାଏ । ଉକ୍ତ ପଥରକୁ ଚଢ଼ିବା ଅତ୍ୟନ୍ତ ଚ୍ୟାଲେଞ୍ଜିଂ ଏବଂ କଷ୍ଟକର ହୋଇଥାଏ । ଏଥିପାଇଁ ପରିଦର୍ଶକମାନଙ୍କୁ ଦଉଡ଼ିର ବ୍ୟବହାର କରିବାକୁ ପଡ଼ିଥାଏ । ଏହି ପର୍ବତରେ ଚଢ଼ିବା ସମୟରେ ଲୋକମାନେ ସାଧାରଣତଃ ଥକାପଣ ଏବଂ ଅସାବଧାନତାବଶତଃ ନିଜର ସନ୍ତୁଳନ ହରାଇ ମୃତ୍ୟୁମୁଖରେ ପଡ଼ିଥାନ୍ତି । ତେଣୁ ଏହି ସ୍ଥାନକୁ ଭ୍ରମଣ କରିବା ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବା ନିତାନ୍ତ ଆବଶ୍ୟକ ।





## ହରର-କମେଡି ୟୁନିଭର୍ସରେ ରଶ୍ମିକା

ବଲିଉଡ୍‌ର ଅନ୍ୟତମ ବହୁପ୍ରତୀକ୍ଷିତ ଫିଲ୍ମ 'ଥାମା'କୁ ନେଇ ଦର୍ଶକ ଉତ୍ସାହିତ । ହରର-କମେଡି ୟୁନିଭର୍ସର ଏହି ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଆୟୁଷ୍ମାନ ଖୁରାନା ଓ ରଶ୍ମିକା ମନ୍ଦାନା । ଏଥିପାଇଁ ଦର୍ଶକଙ୍କ ଉତ୍ସାହ ଆହୁରି ବଢ଼ିଯାଇଛି । ଫିଲ୍ମକୁ ନେଇ ସିନେପ୍ରେମୀ ଉତ୍ସାହିତ ଥିବାବେଳେ ନିର୍ମାତା ଏହାର ଫାର୍ଷ୍ଟ-ଲୁକ୍ ପୋଷ୍ଟର ରିଲିଜ୍ କରିଛନ୍ତି । ଏଥିରେ ଆୟୁଷ୍ମାନ, ରଶ୍ମିକା, ପରେଶ ରାୱଲ ଓ ନୱାଜୁଦ୍ଦିନ ସିଦ୍ଦିକିଙ୍କ ଲୁକ୍ ଦେଖିବାକୁ ମିଳିଛି । ଏହାକୁ ନେଇ ଚର୍ଚ୍ଚା ମଧ ଆରମ୍ଭ ହୋଇଛି । ଫାର୍ଷ୍ଟଲୁକ୍ ପୋଷ୍ଟରରେ ନିର୍ମାତା ଆୟୁଷ୍ମାନ ଖୁରାନାଙ୍କ 'ଆଲୋକ' ଚରିତ୍ରକୁ ସାମ୍ନାକୁ ଆଣିଛନ୍ତି । ଏଥିସହ କ୍ୟାପ୍ସନ ଲେଖିଛନ୍ତି 'ଇନ୍ସାନିୟତ୍ କି ଆଖିରି ଉମ୍ମିଦ୍' । ରଶ୍ମିକାଙ୍କ 'ତାଡ଼କା' ଚରିତ୍ରର ଲୁକ୍ ଜାରି କରି ଲେଖିଛନ୍ତି 'ରୋଶ୍ନି କି ଏକ୍ ହି ପହେଲି କିରନ୍ ।' ସେହିପରି ରଶ୍ମିକା 'ଦ ଗର୍ଲଫ୍ରେଣ୍ଡ୍' ଓ 'କକ୍‌ଟେଲ୍-୨'ରେ ନଜର ଆସିବେ ।





## ମିସ୍ ୟୁନିଭର୍ସ ଇଣ୍ଡିଆ ମୁକୁଟ ପିନ୍ଧିଲେ ମନିକା

ଦେଶକୁ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫ ମିଳି ସାରିଛି । ରାଜସ୍ଥାନ ଜୟପୁରରେ ଅନୁଷ୍ଠିତ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫ ପ୍ରତିଯୋଗିତାରେ ମନିକା ବିଶ୍ୱକର୍ମା ମୁକୁଟ ପିନ୍ଧିଛନ୍ତି । ମିସ୍ ୟୁନିଭର୍ସ ଇଣ୍ଡିଆ ଟାଇଟଲ ଜିତିବା ପରେ ମନିକା ବିଶ୍ୱକର୍ମାଙ୍କ ମୁହଁରେ କେବଳ ହସ ଆଉ ହସ ଦେଖିବାକୁ ମିଳିଥିଲା । ରାଜସ୍ଥାନର ଗଙ୍ଗାନଗରର ବାସିନ୍ଦା ମନିକା ବିଶ୍ୱକର୍ମା ବର୍ତ୍ତମାନ ଦିଲ୍ଲୀରେ ମଡେଲିଂ କରୁଛନ୍ତି । ମିସ୍ ୟୁନିଭର୍ସ ଇଣ୍ଡିଆ ହେବା ପରେ ମନିକା ବିଶ୍ୱକର୍ମା ଏକ ଲମ୍ବା ଉଡ଼ାଣ ପାଇଁ ପ୍ରସ୍ତୁତ ହେଉଛନ୍ତି । ମନିକା ୭୪ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବେ । ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୫ ଟାଇଟଲ ଜିତିବା ପୂର୍ବରୁ ମନିକା ବିଶ୍ୱକର୍ମା ମିସ୍ ୟୁନିଭର୍ସ ରାଜସ୍ଥାନ ୨୦୨୪ର ମୁକୁଟ ପିନ୍ଧିଥିଲେ । ଏହା ପରେ, ସେ ଦିଲ୍ଲୀରେ ମଡେଲିଂରେ ଏଣ୍ଟ୍ରୀ କରିଥିଲେ । ଏବେ ମନିକା ବିଶ୍ୱକର୍ମାଙ୍କ ଦାୟିତ୍ୱ ବଢ଼ିଛି । ସେ ଚଳିତ ବର୍ଷ ଶେଷସୁଦ୍ଧା ଥାଇଲାଣ୍ଡରେ ଅନୁଷ୍ଠିତ ହେବାକୁ ଥିବା ୭୪ତମ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବେ । ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ୧୩୦ଟି ଦେଶର ସୁନ୍ଦରୀମାନେ ଅଂଶଗ୍ରହଣ କରିବେ । ମିସ୍ ୟୁନିଭର୍ସ ମୁକୁଟ ପିନ୍ଧିବା ପରେ ମନିକା କହିଛନ୍ତି,''ସଂଘର୍ଷ ଅପେକ୍ଷା ପ୍ରସ୍ତୁତିର ଏକ ଯାତ୍ରା ରହିଥାଏ । ମୋର ଏକ ଯାତ୍ରା ଥିଲା । ଗଙ୍ଗାନଗରରୁ ଦିଲ୍ଲୀ ଆସି ପ୍ରସ୍ତୁତି ଆରମ୍ଭ କରିଥିଲି । ସବୁଠୁ ବଡ଼ କଥା ହେଲା ଆତ୍ମବିଶ୍ୱାସ ଏବଂ ଉତ୍ସାହ ଆମକୁ ଆଗକୁ ନେଇଥାଏ । ସମସ୍ତଙ୍କର ବଡ଼ ଭୂମିକା ରହିଛି । ମୋ ମେଣ୍ଟରଙ୍କୁ ବହୁତ ଧନ୍ୟବାଦ । ଆଜି ମୁଁ ଯେଉଁଠି ପହଞ୍ଚିଛି ସେ ନେଇ ସମସ୍ତଙ୍କୁ ଧନ୍ୟବାଦ । ସୁନ୍ଦୀର ପ୍ରତିଯୋଗିତା କେବଳ ଏକ ଫିଲ୍ଡ ନୁହେଁ ଏହା ଏକ ଦୁନିଆ ଯାହା ଲୋକଙ୍କୁ ଗଢେ । ଏ ଯାତ୍ରା ମୋ ପାଇଁ ବହୁତ ସ୍ପେସାଲ ଥିଲା । ଏବେ ମୋର ଲକ୍ଷ୍ୟ ହେଉଛି ମୋର ସର୍ବୋତ୍ତମ କ୍ଷମତା ସହିତ ଭାରତକୁ ପ୍ରତିନିଧିତ୍ୱ କରିବା ଏବଂ ମିସ୍ ୟୁନିଭର୍ସ ମୁକୁଟ ଘରକୁ ଆଣିବା...' '।

## ନୀରବ ରହିବା ଦ୍ୱାରା ମିଳେ ବଡ ଫାଇଦା

*ଆମ ଚିନ୍ତା ଧାରା ଅନୁଯାୟୀ ଯିଏ ଅଧିକ କଥା ହୁଏ ସିଏ ଜ୍ଞାନବାନ, କିନ୍ତୁ ତାହା ନୁହେ ବିସ୍ତାର କଥାବାର୍ତ୍ତା ଠାରୁ ଅଳ୍ପ କଥାବାର୍ତ୍ତା ଶ୍ରେଷ୍ଠ ହୋଇଥାଏ ...*

■ ଜଣେ ବ୍ୟକ୍ତି କହୁଥିବା ସମୟରେ ଆମେ ନୀରବ ରହି ତାଙ୍କ କଥାକୁ ଶୁଣିଥାଉ , ତେବେ ସେ ବ୍ୟକ୍ତିର ଦୃଷ୍ଟିରେ ଆମର ମୂଲ୍ୟ ବଢିଥାଏ ।


■ ଆପଣ ଯେବେ ନୀରବ ରହିଲା ପରେ ଯାଇ ନିଜର ମତକୁ ରଖିଥାନ୍ତି , ତେବେ ଆପଣଙ୍କ କଥାର ଓଜନ ରହିଥାଏ ।

■ ଆପଣା ନୀରବ ରହି କଥା ଶୁଣିବା ସମୟରେ ଅନ୍ୟର ମନରେ କ'ଣ ରହିଛି ବା ତାହାର ମନକୁ ଆପଣ ପଢିପାରିଥାନ୍ତି ।



## ଦୁନିଆରୁ ବିଦାୟ ନେଲେ 'ଥ୍ରୀ-ଇଡିଅଟ୍ସ' ର ପ୍ରଫେସର

ଲୋକପ୍ରିୟ ଅଭିନେତା ଅଚ୍ୟୁତ ପୋତଦାରଙ୍କ ଦେହାନ୍ତ ହୋଇଛି । ୯୧ ବର୍ଷ ବୟସରେ ଥାଣେର ଜୁପିଟର ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି । ଅଭିନେତା ଅଚ୍ୟୁତ୍ ପୋତଦାରଙ୍କ ଫିଲ୍ମ କ୍ୟାରିୟର ୪ ଦଶକରୁ ଅଧିକ ଲମ୍ବା । ସେ ହିନ୍ଦୀ ଓ ମରାଠି ସିନେମା ନିଖୁଣ ଅଭିନୟ କରିଛନ୍ତି । ପ୍ରାୟ ୧୨୫ରୁ ଅଧିକ ଫିଲ୍ମରେ ନିଜର ଅଭିନୟର ଛାପ ଛାଡ଼ିଛନ୍ତି । ତାଙ୍କ ଅଭିନିତ ଲୋକପ୍ରିୟ ଫିଲ୍ମ ମଧ୍ୟରୁ ଆକ୍ରୋଶ, ତେଜାବ, ପରିଣିତା, ପରିନ୍ଦା, ବାସ୍ତବ, ଲଗେ ରହୋ ମୁନ୍ନା ଭାଇ, ଦବଙ୍ଗ-୨, ହମ୍ ସାଥ ସାଥ ହେ, ରଙ୍ଗିଲା, ରାଜୁ ବନଗେୟା ଜେଣ୍ଟଲମ୍ୟାନ୍ ଏବଂ ଥ୍ରୀ-ଇଡିଅଟ୍ସ ଭଳି ହିଟ୍ ଫିଲ୍ମରେ ଅଭିନୟ କରିଥିଲେ ଅଚ୍ୟୁତ୍ ପୋତଦାର । ସେହିପରି ଟିଭିରେ 'ଭାରତ ଏକ ଖୋଜ୍', 'ୱାଗଲେ କି ଦୁନିଆ', ପ୍ରଧାନମନ୍ତ୍ରୀ ଆଦି ପ୍ରୋଗ୍ରାମରେ କାମ କରିଛନ୍ତି । ସେ ଅଚ୍ୟୁତ୍ ପୋତଦାର ଅଭିନେତା ହେବା ପୂର୍ବରୁ ପ୍ରଥମେ ପ୍ରଫେସର ଭାବେ ପିଲାଙ୍କୁ ପାଠ ପଢ଼ାଉଥିଲେ । ପରେ ଭାରତୀ ସେନା ସହିତ ଜଡ଼ିତ ଥିଲେ । ୧୯୬୭ରେ



ସେ କ୍ୟାପଟେନ ପଦରୁ ଅବସର ନେଇଥିଲେ । ଏହା ପରେ ପ୍ରାୟ ୨୫ ବର୍ଷ ଇଣ୍ଡିଆନ୍ ଅଏଲରେ ଏକ୍ଜିକ୍ୟୁଟିଭ୍ ଭାବେ କାର୍ଯ୍ୟ କରିଥିଲେ ଏବଂ ୫୮ ବର୍ଷ ବୟସରେ ସେଥିରୁ ଅବସର ନେଇଥିଲେ । ଏହା ପରେ ୪୪ ବର୍ଷ ବୟସରେ ବଲିଉଡରେ ଏଣ୍ଟ୍ରି ମାରିଥିଲେ । ଥ୍ରୀ-ଇଡିଅଟ୍ସ ଫିଲ୍ମରେ ତାଙ୍କର ପ୍ରଫେସର ଭୂମିକାକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ । ଏଥିରେ ଏକ ଡାଇଲଗ୍ 'ଆଖିର କହେନା କ୍ୟା ଚାହାତେ ହୋ' ଖୁବ୍ ଭାଇରାଲ୍ ହୋଇଥିଲା ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ବେତନଟୀ, (ଭାସ୍କର ନ୍ୟୁଜ୍) : ବେତନଟୀନଟୀ ଏମ୍‌ପିସି ଉଚ୍ଚ ବିଦ୍ୟାଳୟର ୧୯୮୩ ମସିହା ମାଟ୍ରିକ ବ୍ୟାଚ ଛାତ୍ର ସଂଗଠନ ଆଲୋ-୮୩ ତରଫରୁ ସ୍ଥାନୀୟ ଜ୍ଞାନଦୀପ ପ୍ରେସ ପ୍ରାଙ୍ଗଣରେ ୭୯ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଅନୁଷ୍ଠାନର ସଭାପତି ସତୀଶ କୁମାର ସାହୁ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ସହଯୋଗ କରିଥିଲେ ସଂପାଦକ ସଞ୍ଜୟ କୁମାର ଭୂୟାଁ। ସମବେତ ସମସ୍ତ ସଦସ୍ୟଗଣ ଜାତୀୟ ସଂଗୀତ ଗାନ କରି ଜୟଧ୍ୱନୀ ଦେବା ପରେ ସଭାପତି ଆଜି ଦିନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ପରେ ପରେ ଅନୁଷ୍ଠାନ ତରଫରୁ ୨୦୦ ଟି ବିଭିନ୍ନ ପ୍ରକାର ଫଳ, ପୁଷ୍ପ ଓ ଔଷଧୀୟ ଚାରା ସମ୍ପୂର୍ଣ୍ଣ ମାଗଣାରେ ଜନସାଧାରଣ ତଥା ପରିବେଶବିତ୍ ମାନଙ୍କୁ ବଣ୍ଟନ କରାଯାଇ ଥିଲା। ଆଲୋ-୮୩ର ଉପସଭାପତି ରଞ୍ଜନ କୁମାର ମହାନ୍ତି ଓ ସୂର୍ଯ୍ୟାନନ୍ଦ ନାୟକ, କୋଷାଧ୍ୟକ୍ଷ ଶ୍ୟାମ ପ୍ରସାଦ ମହୁଆଳ, ସଦସ୍ୟ ସୁକାନ୍ତ କୁମାର ବେହେରା, କ୍ଷେତ୍ରମୋହନ ବେହେରା, ଅରବିନ୍ଦ ପାତ୍ର, ଗଣେଶ୍ୱର ସିହାରୀ, କରୁଣାକର ସାହୁ, ମନୋରଞ୍ଜନ ସାହୁ, ରୁଦ୍ରପ୍ରସାଦ ନାୟକ, କାଳିଶଙ୍କର ସାହା ପ୍ରମୁଖ ସହଯୋଗ କରିଥିଲେ। ବେତନଟୀ ରୋଟାରୀ କ୍ଲବର ସଭାପତି ଗିରିଧାରୀ ସାହୁ, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ କୁମାର ଓଡା, ପ୍ରକାଶ କୁମାର ବେହେରା, ପ୍ରାକ୍ତନ ଏବିଇଓ ରମାକାନ୍ତ ମହାନ୍ତ, ସାହିତ୍ୟିକ ସହଦେବ ଗିରି, ପଦ୍ମମାଳୀ କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳି ଭୂୟାଁ ପ୍ରମୁଖ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।

### ତତ୍ପରତା ଦେଖାଇଲେ ମଣ୍ଡଳ ଶିକ୍ଷାଧିକାରୀ
# ବନ୍ଦ ହେଲା ବେଆଇନ୍ ଶିଶୁ ମନ୍ଦିର




କଣାସ (ଭାସ୍କର ନ୍ୟୁଜ୍): କିଛି ଦିନ ପୂର୍ବରୁ କଣାସରେ ଏକ ବେଆଇନ୍ ଶିଶୁ ମନ୍ଦୀର ଦୀର୍ଘଦିନ ରୁ କଣାସ ବ୍ଲକ୍ ଗଡିସାଗୋଦା ପଞ୍ଚାୟତର ଜାମଲଗୋଦା ଅଞ୍ଚଳରେ ଚାଲୁଥିବା ନେଇ ଓଡ଼ିଶା ଭାସ୍କର ଖବର କାଗଜରେ ଖବର ପ୍ରକାଶ ପାଇଥିଲା। ଯାହାକୁ ନେଇ କଣାସ ମଣ୍ଡଳ ଶିକ୍ଷାଧିକାରୀ ରାମ ଚନ୍ଦ୍ର ବେହେରା ତତ୍ପରତା ଦେଖାଇଥିଲେ ଏବଂ ତାର ୨ଦିନ ପରେ ଅର୍ଥାତ୍ ଗତକାଲି ବେଆଇନ ଭାବେ ବିଦ୍ୟାଳୟଟି ଖୋଲିଥିବା ବ୍ୟକ୍ତିକୁ ନିଜ କାର୍ଯ୍ୟାଳୟକୁ ଡ଼କାଇ ଦୁଇ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରଧାନ ଓ ଗୋବର୍ଦ୍ଧନ ବେହେରାଙ୍କ ମାଧ୍ୟମରେ ତାର ସମ୍ପୂର୍ଣ୍ଣ କାଗଜ ପତ୍ର ଯାଞ୍ଚ କରିଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ଜୈନିକ ବ୍ୟକ୍ତି ଜଣକ କୌଣସି ସଠିକ୍ କାଗଜ ପତ୍ର ଦେଖାଇପାରିନଥିବାରୁ ସେହି ବିଦ୍ୟାଳୟକୁ ବେଆଇନ୍ ଘୋଷଣା କରି ତୁରନ୍ତ ବିଦ୍ୟାଳୟ ବନ୍ଦ୍ କରିବା ସହ ସେଠାରେ ପାଠ ପଢୁଥିବା ଛାତ୍ରଛାତ୍ରୀ ମାନଙ୍କୁ ଆଗାମୀ ୫ଦିନ ଭିତରେ ଅନ୍ୟ ବିଦ୍ୟାଳୟରେ ନାମ ଲେଖାଇ ତାହାର ସଂପୂର୍ଣ୍ଣ ତଥ୍ୟ ନେଇ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## କାରଖାନାରେ କାର୍ଯ୍ୟରତ ଗାଡ଼ି ଚାଳକଙ୍କ ହୃଦଘାତରେ ମୃତ୍ୟୁ

ବ୍ୟାସନଗର, (ଭାସ୍କର ନ୍ୟୁଜ୍): ମୃତ ଗାଡ଼ି ଚାଳକ ଯାଜପୁର ରୋଡ ଥାନା କୋପଣ୍ଡ ଗ୍ରାମର ସ୍ୱର୍ଗତ ଗଣେଶ୍ୱର ଦାଶଙ୍କ ପୁଅ ମନୋଜ ବୟସ ୪୫ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ମନୋଜ ଗତକାଲି ଅପରାହ୍ନରେ କାରଖାନାରେ ଡ୍ୟୁଟିରେ ଥିବା ସମୟରେ ହଠାତ୍ ଛାତିରେ ଭୀଷଣ ଯନ୍ତ୍ରଣା ଅନୁଭବ କରିଥିଲେ। ବାନ୍ତି ହେବା ସହିତ ଗୁରୁତର ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ କାରଖାନାରୁ ସ୍ଥାନୀୟ ଟାଟା ମେଡିକାଲ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇ ପ୍ରଥମେ ତାଙ୍କୁ ଭୁବନେଶ୍ୱର କେୟାର ହସ୍ପିଟାଲ ଓ ପରେ ସମ୍ ହସ୍ପିଟାଲକୁ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମନୋଜଙ୍କର ଗୋଟିଏ ପୁଅ ଦୁଇଟି ଝିଅ ଥିବାବେଳେ ପରିବାରରେ ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ମୃତ୍ୟୁରେ ସାରା ପରିବାରରେ ଶୋକର ଛାୟା ଖେଳିଯାଇଛି। ମନୋଜଙ୍କ ମୃତ୍ୟୁରେ ସାରା ଗାଁରେ ମଧ୍ୟ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଘରେ ବିଧବା ପତ୍ନୀ ଲିଲି ଦାଶ, ବଡ଼ପୁଅ ଆକାଶ, ଦୁଇ ଝିଅ ସ୍ୱାଗତିକା ଓ ସମ୍ପୂର୍ଣ୍ଣା ଓ ବିଧବା ମା ଭଗବତୀ ଥିବାବେଳେ ଦୁଇ ଜଣ ବେରୋଜଗାର ଭାଇ ମଧ୍ୟ ଅଛନ୍ତି। ମୃତଦେହ ଘରକୁ ଫେରିବା ପରେ ଏଠାରେ ଗାଁ ମଶାଣିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେମାନଙ୍କ ଅଧୀନ ଓ ପ୍ରତିଷ୍ଠାନ ପାଇଁ କାରଖାନା କର୍ତ୍ତୃପକ୍ଷ ସମସ୍ତ ପ୍ରକାର ସହାୟତା ପ୍ରଦାନ କରିବାକୁ ପରିବାର ଲୋକ ଓ ଗ୍ରାମବାସୀ ଆପତ୍ତି ଜଣାଇଛନ୍ତି। ସୂଚନା ଯୋଗ୍ୟ ଯେ ମନୋଜ ଟାଟାଷ୍ଟିଲ ଅଧୀନରେ କାର୍ଯ୍ୟ କରୁଥିବା ଜଣେ ଭେଣ୍ଡରଙ୍କ ଅଧୀନରେ ଜଣେ କାର ଚାଳକ ଭାବେ କାର୍ଯ୍ୟ କରୁଥିଲେ। ତେବେ ଡ୍ୟୁଟିରେ ଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବାରୁ କମ୍ପାନୀ କର୍ତ୍ତୃପକ୍ଷ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସଂପୃକ୍ତ ଭେଣ୍ଡର ଓ କମ୍ପାନୀ ଅଧିକାରୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରିବାର ସଦସ୍ୟ ଓ ଗ୍ରାମବାସୀ ଆପତ୍ତି ଜଣାଇଛନ୍ତି।

## ମୟୂରଭଞ୍ଜରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ
# ଭଞ୍ଜସେନା ପକ୍ଷରୁ ତାଲା ବନ୍ଦ ଆନ୍ଦୋଳନ



ବାରିପଦା, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇଥିବା ଅଭିଯୋଗ କରି ଭଞ୍ଜସେନା ପକ୍ଷରୁ ଆଜି ବାରିପଦାରେ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ) ଓ ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ) କାର୍ଯ୍ୟାଳୟକୁ ତାଲା ବନ୍ଦ କରି ଆନ୍ଦୋଳନ କରାଗଲା। ଭଞ୍ଜସେନା ପକ୍ଷର ଅଭିଯୋଗ ହେଉଛି, ମନମୁଖି ଶିକ୍ଷକ ବଦଳି, ରେସନାଲାଇଜେସନ୍ ନିୟମ ଅବହେଳା କରି ଅର୍ଥ ଆଦାୟ, ଅବସରପ୍ରାପ୍ତ ଶିକ୍ଷକଙ୍କ ପେନସନ୍ ଯୋଗାଣରେ ଅବ୍ୟବସ୍ଥା, ଓ ଶୁଳିଆପଦା ବ୍ଲକରେ ଦୁର୍ନୀତିରେ ଛନ୍ଦିହୋଇଥିବା ବିଇଓଙ୍କୁ ସୁରକ୍ଷା ପ୍ରଦାନ ପରି ଅନୈତିକ କାର୍ଯ୍ୟରେ ଦୁଇ ଅଧିକାରୀଙ୍କ ସହାଭାଗିତା ରହିଛି ଭଞ୍ଜସେନା ସଂସ୍ଥାପକ କଳିଙ୍ଗ କେଶରୀ ଜେନା କହିଛନ୍ତି, "ଜନପ୍ରତିନିଧିମାନେ ସବୁ ଜାଣିଥିଲେମଧ୍ୟ ଚୁପ୍ ରହିବାରେ ସହଭାଗିତା ହେଉଛନ୍ତି। ଯଦି ଉଚ୍ଚସ୍ତରୀୟ ତଦନ୍ତ ଓ ବେଆଇନ ବଦଳିକୁ ବାତିଲ କରାଯିବା ନାହିଁ, ତେବେ ଆଗାମୀଦିନରେ ପ୍ରତ୍ୟେକ ଏରିଆରେ ଜନପ୍ରତିନିଧି ଓ ଅଧିକାରୀମାନଙ୍କୁ ରାସ୍ତାରେ ବିରୋଧ କରାଯିବ।" ପୂର୍ବରୁ ମଧ୍ୟ ଡିଇଓ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ରାଜ୍ୟ ଓ ଜିଲ୍ଲା ସ୍ତରରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଏହି କାର୍ଯ୍ୟକ୍ରମ ପୁନର୍ବାର ଆୟୋଜନ କରାଗଲା। ଆଜିର ଆନ୍ଦୋଳନକୁ ଜିଲ୍ଲା ସଭାପତି ପିଣ୍ଟୁ ମାଝୀଙ୍କ ନେତୃତ୍ୱ ଦେଇଥିଲେ। ଏଥିରେ ଭଞ୍ଜସେନା ଅଧକ୍ଷ ସଂଜୀବ ରାଉତ, ଜିଲ୍ଲା ସଂଯୋଜକ ରାକେଶ ବେହେରା, ଆଦିବାସୀ ଶାଖା ସଭାପତି ବାବୁନ୍ ହାଁସଦା, ସଦର ସଭାପତି ରାକେଶ ମହାନ୍ତି ସହ ପ୍ରଶାନ୍ତ ମହାକୁଡ, ଜ୍ୟୋତିରଞ୍ଜନ ପୃଷ୍ଟି, ସୂର୍ଯ୍ୟବର୍ଦ୍ଧନ ସିଂଦେଓ, ଏସ୍ କେ ରାଜାଖାନ, ଗଣେଶ ମହାନ୍ତି ପ୍ରମୁଖ ସଦସ୍ୟ ମାନେ ଯୋଗଦେଇଥିଲେ। ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ସୂଚନା ଦେଇଛନ୍ତି ଯେ, ସମଗ୍ର ଜିଲ୍ଲାରୁ ପାଖାପାଖି ୧,୦୦୦ରୁ ଅଧିକ ଯୁବଛାତ୍ର ଓ ସଂଗଠକ ଏହି ଆନ୍ଦୋଳନରେ ସାମିଲ୍ ହୋଇଥିଲେ।

# ମଣ୍ଡି କାଗଜପତ୍ରରେ ହେରଫେର ନେଇ ଅଭିଯୋଗ



କଲ୍ୟାଣସିଂହପୁର, (ଭାସ୍କର ନ୍ୟୁଜ୍) : ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦରରେ ଥିବା ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି ଲିଃ ଠାରେ ଜଣଙ୍କ ମଣ୍ଡି କାଗଜ ଅନ୍ୟ ନାମରେ ହୋଇଥିବାରୁ ଅଶାନ୍ତି ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ବୁଡଗୁଡା ଗ୍ରାମର ମୃତ କାଦ୍ରାକା ରୁପା ନାମରେ ଥିବା ୧୨ଏକର ଜମି ରହିଛି। ତାହାକୁ ତାଙ୍କ ପୁଅ ମାଦନା କାଦ୍ରାକା ଚାଷ କରିଆସୁଛନ୍ତି। ସରକାର ନିୟମ ଅନୁଯାୟୀ ଆଜି ମୃତ କାଦ୍ରାକା ରୁପାଙ୍କ ନାତି ଆଚନା କାଦ୍ରାକା ଆଜି ମିନି ବ୍ୟାଙ୍କରେ ମଣ୍ଡି କାଗଜ କରିବା ପାଇଁ ଆସିଥିଲା। ସେଥିରେ ଡାଟା ପୂରଣ କରିବା ବେଳକୁ ସମ୍ପର୍କୀୟ ସୁତା କାଦ୍ରାକାଙ୍କ ନାମ ଆସୁଥିବା ଦେଖିବାକୁ ପାଇଥିଲେ। ଏହା ଶୁଣି ରାଗରେ ଏକ ଅସ୍ତ୍ର ଧରି ମାଝୀଗୁଡାରେ ଥିବା ମା ମଝିଗୌରୀ ମଡେନ ରାଇସ ମିଲ ଶ୍ରାବଣ କୁମାରକୁ ମାରିବା ପାଇଁ ଯାଉଥିଲା। ଉକ୍ତ ଖବର ବିଜେପି ମଣ୍ଡଳ ସଭାପତି ଅଜିତ ପାଣିଗ୍ରାହୀ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରି ଲ୍ୟାମ୍ପକୁ ଆଣିଥିଲେ। ଏଠାରେ ମିନି ବ୍ୟାଙ୍କ ପରିଚାଳକ ତାରିଣୀ ପ୍ରସାଦ ତ୍ରିପାଠୀ, ବିଜେପି ମଣ୍ଡଳ ସଭାପତି ଅଜିତ ପାଣିଗ୍ରାହୀ, ଜମି ମାଲିକର ନାତି ଆଚନା ଓ ଯେଉଁ ବ୍ୟକ୍ତିଙ୍କ ନାମରେ ମଣ୍ଡି କାଗଜ ହୋଇଛି ସୁତା କାଦ୍ରାକା ମିଳିତରେ ଏକ ଘଣ୍ଟା ଧରି ଆଲୋଚନା ହୋଇଥିଲା। ଏହାପରେ ଯେଉଁ ଲୋକର ପଟା ଜମି ରହିଛି ତାଙ୍କନାତି ଆଚନା କାଦ୍ରାକା ନାମରେ ୨୪ଘଣ୍ଟାପରେ ନାମ ପଞ୍ଜିକରଣ କରାଯିବ ବୋଲି ମିନି ବ୍ୟାଙ୍କ ଶାଖା ପରିଚାଳକ ଶ୍ରୀ ତ୍ରିପାଠୀ କହିଛନ୍ତି। ସେହିପରି ପ୍ରଧାନୀଗୁଡା ଗ୍ରାମର ସାବିତ୍ରୀ ସୁନାଙ୍କର ହୋଇଛି ବୋଲି ଶୁଣିବାକୁ ମିଳିଥିବା ବେଳେ ଏମିତି ବହୁତ ହୋଇଥିବା ଚାଷୀ ମହଲରେ ଆଲୋଚନା ହେଉଛି। ଏହାର ଭିଜିଲାନ୍ସ ତଦନ୍ତ କଲେ ସତ୍ୟାସତ୍ୟ ଖବର ପ୍ରକାଶ ପାଇବ ବୋଲି ଚାଷୀ ମହଲରେ ଦାବି ହୋଇଛି।

### ବର୍ଷାରେ ଭାଙ୍ଗିଲା କଲଭର୍ଟ
# ମରାମତି ପାଇଁ ଅଞ୍ଚଳବାସୀଙ୍କ ଦାବି



କାଲିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଭେଜାଙ୍ଗିୱାଡା ଗ୍ରାମପଞ୍ଚାୟତର ଏମପିଭି- ୭୧ ଗ୍ରାମକୁ ଯିବା ରାସ୍ତାରେ ଥିବା କଲଭର୍ଟ ଲଗାଣ ବର୍ଷାରେ ଭାଙ୍ଗିଯାଇଛି। କାଲିମେଳା ଠାରୁ ଭେଜାଙ୍ଗିୱାଡା ପଞ୍ଚାୟତକୁ ଯିବା ମୁଖ୍ୟ ରାସ୍ତା ଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ଗାଁ ଭିତର ରାସ୍ତାରେ ଥିବା କଲଭର୍ଟ ଭାଙ୍ଗିଯାଇଛି। ଏମପିଭି- ୭୧ ଗ୍ରାମବାସୀ ଏହି ରାସ୍ତା ଦେଇ ଭେଜାଙ୍ଗିୱାଡା ପଞ୍ଚାୟତକୁ ଯାଇଥାନ୍ତି। ମାର୍କେଟ ଠାରୁ ଆରମ୍ଭ କରି ଚାଷ ଜମିକୁ ପ୍ରତିଦିନ ଏହି ରାସ୍ତାରେ ହିଁ ଯାତାୟାତ କରିଥାନ୍ତି। ତେବେ କଲଭଟ ଭାଙ୍ଗିଯାଇଥିବାରୁ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପଟେ ଭେଜାଙ୍ଗିୱାଡା ସାପ୍ତାହିକ ହାଟ କ୍ରିଷ୍ଟିଆନ ସାହି ଓ କୁରକୁଣ୍ଡି ଗାଁକୁ ଯାଉଥିବା ରାସ୍ତା ଦେଇ ୩ ରୁ ୪ କିଲୋମିଟର ଅଧିକ ବାଟ ବୁଲିକି ଯିବାକୁ ପଡୁଛି। ସେଥିଲାଗି ତୁରନ୍ତ ଏହି ଭଙ୍ଗା କଲିଭର୍ଟ ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସରପଞ୍ଚ ସନ୍ତୋଷ କୁମାର କବାସୀ ସମ୍ପୃକ୍ତ ପଞ୍ଚାୟତ ଦାୟୀତ୍ୱ ରେ ଥିବା କନିଷ୍ଠ ଯନ୍ତ୍ରୀ ରାଜେଶ କୁମାର ସାମଲଙ୍କୁ ଜଣାଇବା ପରେ ସେ ଉକ୍ତ ଭଙ୍ଗା କଲଭର୍ଟ ସ୍ଥାନ ପରିଦର୍ଶନ କରି ମରାମତି କରାଯିବା କଥା କରିଛନ୍ତି। ଏନେଇ ସରପଞ୍ଚ ଶ୍ରୀ କବାସି ସୂଚନା ଦେଇଛନ୍ତି।

# ରସାୟନ ବିଭାଗରେ ଅନ୍ତର୍ଜାତୀୟ ଆଲୋଚନାଚକ୍ର



କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଧରଣୀଧର ବିଶ୍ୱବିଦ୍ୟାଳୟ ରସାୟନ ବିଭାଗ ଆନୁକୁଲ୍ୟରେ "ଶକ୍ତି ଓ ପରିବେଶ" ବିଷୟବସ୍ତୁକୁ ଆଧାର କରି ଏକ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଉଦ୍ଘାଟନୀ ସଭାରେମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଆଇଏମ୍ଏମ୍‌ଟିର ନିର୍ଦ୍ଦେଶକ ଡ଼କ୍ଟର ରାମାନୁଜ ନାରାୟଣ। ସେ ତାଙ୍କ ବକ୍ତବ୍ୟରେ କହିଲେ ପରିବେଶ ଓ ଶକ୍ତି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଓ ଉଭୟର ଭାରସାମ୍ୟ ରକ୍ଷା କରିବା ରସାୟନ ବିଭାଗର ପ୍ରମୁଖ କର୍ତ୍ତବ୍ୟ ହେବା ଦରକାର। ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ ଭି ଏସ୍ଏସ୍ୟୁଟି ବୁର୍ଲାର ପ୍ରଫେସର ଶରତ କୁମାର ସ୍ୱାଇଁ ସେ ତାଙ୍କ ବକ୍ତବ୍ୟରେ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ଼କ୍ଟର ପ୍ରଭୁ ପ୍ରସାଦ ଦାସ ସଭାପତିତ୍ୱ କରି ତାଙ୍କ ବକ୍ତବ୍ୟରେ କହିଥିଲେ ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ଗବେଷଣାକୁ ଗୁରୁତ୍ୱ ଦେଇ ବିଭିନ୍ନ ଆଲୋଚନା ଚକ୍ରମାନ କରୁଛି ଏହା ଉଭୟ ଛାତ୍ର ଛାତ୍ରୀ ଓ ଅଧ୍ୟାପକ ମାନଙ୍କର ବୌଦ୍ଧିକ ବିକାଶରେ ସହାୟତା ହୋଇ ପାରିବ। କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଦେଇଥିଲେ ଓ ସେ ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଡ଼କ୍ଟର ଶ୍ରୀଧର ସନ୍ୟାସୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଡ଼କ୍ଟର ଯୋଶବନ୍ତ ନାରାୟଣ ସିଂ ବାବୁ ଆଲୋଚନା ଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଡ଼କ୍ଟର ଡି ଗ୍ରହାଚାର୍ଯ୍ୟ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ଡ଼କ୍ଟର ଅନୁପମା ଦାସ। ହାଇବ୍ରିଡ ମୋଡରେ ଏହି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ଓ ଦେଶବିଦେଶରୁ ବିଷୟ ବିଶେଷଜ୍ଞ ମାନେ ଏଥିରେ ଯୋଗ ଦାନ କରିଥିଲେ। ଯୋଗଦେଇଥିବା ବିଷୟ ବିଶେଷଜ୍ଞ ମାନେ ହେଉଛନ୍ତି ଡ଼କ୍ଟର ସୁବାଷ ଚନ୍ଦ୍ର ମଲ୍ଲିକ, ଡ଼କ୍ଟର ନସିମ କୁମାର ଧଳ, ସୁରେଶ ଚନ୍ଦ୍ର ଖୋଟୋଇ ଓ ଡ଼କ୍ଟର ସୁଚିସ୍ମିତା ଆଚାର୍ଯ୍ୟ (ଟେକ୍ସାସ ୟୁଏସ୍ଏ)। ଆଜି ତିନୋଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡ଼କ୍ଟର ପ୍ରକାଶ ପଲ୍, ରୋନିତା ନାୟକ ତଥା ବିଭାଗର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ମାନେ।

### ଲଘୁଚାପ ପାଇଁ ସମୁଦ୍ର ଅଶାନ୍ତ.....
# ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ବାରଣ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ପଶ୍ଚିମ କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ଲଘୁଚାପ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଜାରି ରହିବ। କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ସମୁଦ୍ର ଅଶାନ୍ତ ରହିବ। ପବନର ବେଗ ମଧ୍ୟ ଅଧିକ ରହିବ। ଏଥିପାଇଁ ମତ୍ସ୍ୟଜୀବି ମାନଙ୍କୁ ଆସନ୍ତା ୨୧ତାରିଖ ପର୍ଯ୍ୟନ୍ତ ସମୁଦ୍ର ଯିବାକୁ ବାରଣ କରାଯାଇଛି। ଏହା ସହ ଯେଉଁମାନେ ସମୁଦ୍ର ମଧ୍ୟକୁ ଯାଇଛନ୍ତି ସେମାନେ ତୁରନ୍ତ ଫେରି ଆସିବା ପାଇଁ ମଧ୍ୟ ସାଗର ମିତ୍ର ମାନେ ସଚେତନତା କରିଛନ୍ତି। ସମୁଦ୍ରକୁ ଯିବା ପାଇଁ ବାରଣ ରହିଥିବାରୁ ବିଶେଷ ପ୍ରଭାବ ପଡିଛି ମତ୍ସ୍ୟଜୀବି ମାନଙ୍କ ଜୀବିକା ଉପରେ। ସେମାନେ ସମୁଦ୍ର ଭିତରକୁ ମାଛ ମାରିବା ପାଇଁ ଯାଇପାରୁନାହାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୨୨ଖଣ୍ଡ ମତ୍ସ୍ୟଜୀବି ଗାଁ ରହିଛି। ନଗର, କାଳିଆକଣ, ବାଲିଡିଆ, ନୂଆ କାଳିଆକଣ, ବାଲିପନ୍ତାଳ, ଦକ୍ଷିଣ ପନ୍ତାଳ, ବିରୁଡିପନ୍ତାଳ, ଆଳସାହି, ପାଟସୁନ୍ଦରପୁର, ନୂଆଗଡ, ମଧୁପୁର, ବିଲୁଆମଣ୍ଡୁଳି, ଝାଡ଼ଲିଙ୍ଗ, ଛୁରିଆନା, ଗୁଣ୍ଡଲବା, ଅଣକଣା, ଡ଼ାଲୁଅକଣି, ବଳଭଦ୍ରପୁର, ସୁଦିକେଶର, କୁସୁମ୍ବର, ଆଇସିଣିଆ ଓ ସହନ ଆଦି ଅଞ୍ଚଳର ମତ୍ସ୍ୟଜୀବି ମାନେ ସମୁଦ୍ର ଅଶାନ୍ତ ହେବା ଯୋଗୁଁ ସମୁଦ୍ରକୁ ମାଛ ମାରିବା ପାଇଁ ବାରଣ କରାଯାଇଛି। ଏ ନେଇ ନୂଆଗଡ ସମେତ ବିଭିନ୍ନ ଗାଁ ଗୁଡିକ ଓ ସମୁଦ୍ର କୂଳରେ ସାଗର ମିତ୍ର ମାନେ ମତ୍ସ୍ୟଜୀବି ମାନଙ୍କୁ ସଚେତନ କରିଛନ୍ତି। ଅନ୍ୟ ପଟେ ଏହାର ପ୍ରଭାବ ସିଧା ସଳଖ ମତ୍ସ୍ୟଜୀବି ମାନଙ୍କ ଉପରେ ପଡୁଛି, ମାଛ ଧରି ଆଣିଲେ ଏହାକୁ ବିକ୍ରି କରିଲେ ସେମାନଙ୍କ ପରିବାର ଚଳେ। ତେଣୁ ସରକାର ସେମାନଙ୍କୁ ସହାୟତା ପ୍ରଦାନ କରିବା ପାଇଁ ସେମାନେ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି।

## ଦୁର୍ଗା ମହାପାତ୍ର ହେଲେ ନୂତନ ଥାନାଧିକାରୀ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାରେ ଥାନାଅଧିକାରୀ ଭାବେ ଯୋଗଦେବେ ଦୁର୍ଗା ଚରଣ ମହାପାତ୍ର। ଖବର ମୁତାବକ ଗତ ଶୁକ୍ରବାର ଦିନ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାରେ କାର୍ଯ୍ୟରତ ଥିବା ଥାନାଅଧିକାରୀ ରାଜେଶ ବଳିୟାର ସିଂ ପଦ ପଦବୀର ଅପବ୍ୟବହାର ପାଇଁ ଡିଜିପି ୱାଇବି ଖୁରାନିଆ ତାଙ୍କୁ ନିଲମ୍ବନ କରିଥିଲେ। ଯାହା ଫଳରେ କି ଅସ୍ତରଙ୍ଗ ଥାନାରେ ଥାନାଅଧିକାରୀ ପଦବୀ ଖାଲି ପଡ଼ିଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଭୌଗୋଳିକ ସ୍ଥିତି ଓ ଅପରାଧିକ ଭିତ୍ତିଭୂମିକୁ ଦୃଷ୍ଟିରେ ରଖି ପୁରୀ ଏସ୍‌ପିଙ୍କ ଚିଠି ନମ୍ବର ୨୭୫୩/ଆରଓରେ ଅର୍ଡର ନମ୍ବର ୨୩୭୦ରେ ଜିଲ୍ଲା ମୁଖ୍ୟକାର୍ଯ୍ୟାଳୟ ଥିବା ଇନିସ୍ପେକ୍ଟର ଦୁର୍ଗା ଚରଣ ମହାପାତ୍ରଙ୍କୁ ଅସ୍ତରଙ୍ଗ ଥାନା ଅଧିକାରୀ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ସହ ପରବର୍ତ୍ତୀ ଅର୍ଡର ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ଅସ୍ତରଙ୍ଗ ଥାନାର ଦାୟିତ୍ୱରେ ରହିବେ ବୋଲି ସୂଚନା ମିଳିଛି। ଯାହା ପ୍ରାପ୍ତ ସୂଚନା ମିଳିଛି ଖୁବଶୀଘ୍ର ଥାନାରେ ଯୋଗ ଦେବେ ନୂତନ ଥାନା ଅଧିକାରୀ।

# ପୂଜାପର୍ବରେ ଶୃଙ୍ଖଳା ପାଳନ ପାଇଁ ଦାବିପତ୍ର



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ରାଷ୍ଟ୍ରୀୟ ଧର୍ମ ସୁରକ୍ଷା ମଞ୍ଚ, ମାଲକାନଗିରି ଶାଖାର ସଭ୍ୟ ମାନେ ଉପଜିଲ୍ଲାପାଳଙ୍କ ମାଧ୍ୟମରେ ସମସ୍ତ ସନାତନି ହିନ୍ଦୁ ପୂଜା ଉତ୍ସବରେ ନିମ୍ନ ଲିଖିତ କିଛି ବିଷୟ ପ୍ରତି ଧ୍ୟାନ ଦେବାକୁ ପୋଲିସ୍, ପ୍ରଶାସନ ଓ ପୂଜା କମିଟିକୁ ବିନମ୍ର ନିବେଦନ କରିଛନ୍ତି। ଏଥିରେ ଥିବା ୧୦ ଦଫା ଦାବି ଗୁଡ଼ିକ ବିଷୟରେ କମିଟିର ସଦସ୍ୟଙ୍କ ସହ ବର୍ତ୍ତମାନ ଦାୟିତ୍ୱରେ ଥିବା ପ୍ରକଳ୍ପ ପ୍ରଶାସକ ହଳଧର ଶବର ଆଲୋଚନା କରିଥିଲେ। କୌଣସି ଠାକୁରଙ୍କୁ ପାରମ୍ପରିକ ବେଶ (ପ୍ରକୃତ) ବ୍ୟତୀତ ଅନ୍ୟ କୌଣସି ବିକୃତ ରୂପ ପାଇଁ ବାରଣ କରାଯାଉ, ଯାହା ଆଇନ ଦୃଷ୍ଟିରୁ ଅପରାଧ ଅଟେ। ପୂଜା ମୁଣ୍ଡପ ନିକଟରେ ବା କମିଟି ତରଫରୁ କୌଣସି ଅଶ୍ଳିଳ ଓ ରୋମାଣ୍ଟିକ୍ ନୃତ୍ୟ ଉତ୍ସବର କାର୍ଯ୍ୟକ୍ରମ ଆୟୋଜନ ପାଇଁ ବାରଣ କରାଯାଉ। ପୂଜା କମିଟି ତରଫରୁ ଯେଉଁ ସଂଗୀତ ଡ଼ାକବାଜି (ସ୍ପିକର)ରେ ପ୍ରଚାରିତ ହେବ, ତାହା ଭକ୍ତି ଓ ଆଧ୍ୟାତ୍ମିକ ସଙ୍ଗୀତ ହେବା ଉଚିତ୍ ହେବ। ଏଥିରେ ଅନ୍ୟ କୌଣସି ଆଧୁନିକ ସଙ୍ଗୀତ ଓ ଦ୍ୱିଅର୍ଥ ବୋଧକ ଗୀତ ପରିବେଷଣକୁ ଅନୁମତି ଦିଆନଯାଉ। ପୂଜା ଶେଷରେ ହେଉଥିବା ବିସର୍ଜନ (ଭସାଣି) କାର୍ଯ୍ୟକ୍ରମରେ ମଧ୍ୟ କୌଣସି ଅଶ୍ଳିଳ ଓ ରୋମାଣ୍ଟିକ୍ ନୃତ୍ୟ ଉତ୍ସବର କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ରୁପେ ବାରଣ କରାଯାଉ। ଏହାସହ ଟ୍ରାଫିକ୍ ସମସ୍ୟା ନହେବା ପରି ବିଶେଷ ଦୃଷ୍ଟି ଦିଆଯାଉ। ବାଣ ଫୁଟାଇବା ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବାକୁ ପୂଜାକମିଟିକୁ ନିର୍ଦ୍ଦେଶ ଦିଆଯାଉ। ଡାକ ବାଜି ଯନ୍ତ୍ର (ମାଇକ୍) ଚାଲୁକରିବାର ସମୟ ସକାଳ ୫ ରୁ ରାତ୍ର ୧୦ ପର୍ଯ୍ୟନ୍ତ ଅନୁମତି ଦିଆଯାଉ। ଏହି ସମୟ ସୀମାକୁ ସମସ୍ତଙ୍କୁ ପାଳନ କରିବା କୁ ବାଧ୍ୟ କରାଯାଉ। ମେଲୋଡ଼ିରେ ମଧ୍ୟ ଭକ୍ତି ସଙ୍ଗୀତ ଓ ପିଲାମାନଙ୍କ ନୃତ୍ୟରେ ପୋଷାକ ଶାଳୀନତା ପ୍ରତି ବିଶେଷ ଧ୍ୟାନ ଦିଆଯାଉ। ମାଲକାନଗିରି ଜିଲ୍ଲାର ସମସ୍ତ ପୁରୋହିତ ଓ ବ୍ରାହ୍ମଣ ସମାଜକୁ ଅନୁରୋଧ କୌଣସି ଠାକୁରଙ୍କ ବିକୃତ ମୂର୍ତ୍ତି ଦେଖିଲେ, ସେଠାରେ ପୂଜା କରିବା ପାଇଁ ମନା କରନ୍ତୁ ଓ ସେମାନଙ୍କୁ କାରଣ ବୁଝାଇ ଦିଅନ୍ତୁ। ଆଗାମି ସମୟରେ ସମ୍ପୂର୍ଣ୍ଣ ମୁର୍ତ୍ତି (ଆଗ ଓ ପଛ ସମ୍ପୂର୍ଣ୍ଣ ରହିବ) ପ୍ରସ୍ତୁତ କରିବା ପାଇଁ ଜିଲ୍ଲାର ସମସ୍ତ ମୃତ୍ତିକା କଳାକାର ମାନଙ୍କୁ ସ୍ଥାନୀୟ ପ୍ରଶାସନ ତରଫରୁ ଆଗ୍ରହ କରାଯାଉ। ଏଥିପାଇଁ ଜିଲ୍ଲାପ୍ରଶାସନ ତରଫରୁ ନିର୍ଦ୍ଦେଶ ଜାରିକରାଯାଉ। ପୂଜା ମଣ୍ଡପ ପରିବେଶରେ ସହଭୋଜ (ଅନ୍ନ ପ୍ରସାଦ) ବ୍ୟବସ୍ଥା ଅନେକ ସ୍ଥାନରେ ପୂଜା କମିଟି ବା ଶ୍ରଦ୍ଧାଳୁମାନେ ଆୟୋଜନ କରୁଛନ୍ତି। ଏହା ଏକ ସୁନ୍ଦର ବ୍ୟବସ୍ଥା ଅଟେ, କିନ୍ତୁ ଭୋଜିପରେ ସେହି ପରିଶରରେ ଅଇଁଠା, ବ୍ୟବହୃତ ଖଲି, ପୋଲିଥିନ୍ ପାଣି ପାଉଚ୍ ଓ ଖାଲି ପାଣି ବୋତଲ୍ ଅନେକ ଦିନ ପର୍ଯ୍ୟନ୍ତ ଏଣେତେଣେ ପଡିରହୁଛି। ପୁଜାପରିଚଳନା କମିଟି ଓ ଆଞ୍ଚଳିକ ପ୍ରଶାସନ ଏଥିପ୍ରତି ଦୃଷ୍ଟିରଖି ଏହି ଆବର୍ଜନାର ସୁପରିଚାଳନା କରିବାକୁ ଅନୁରୋଧ। କାରଣ ପ୍ରାଣୀମାନେ ଏହି ଆବର୍ଜନା ଖାଇ ଅସୁସ୍ଥତା ହେବା ସହ ମୃତ୍ୟୁବରଣ କରୁଥିବା ତଥା ପରିବେଶରେ ପୋଚା ଦୁର୍ଗନ୍ଧ ଦ୍ୱାରା ପରିବେଶ ପ୍ରଦୂଷଣ ହେବ ଆମ୍ଭେ ଦେଖିବାକୁ ପାଉଛୁ। ମୁର୍ତ୍ତି ବିସର୍ଜନ ପାଇଁ ସ୍ୱତନ୍ତ୍ର କୃତ୍ରିମ ବନ୍ଧ ବା ପୋଖରୀ ସୃଷ୍ଟିକରି ସେଥିରେ ଛୋଟ ବଡ ସମସ୍ତ ମୁର୍ତ୍ତି ବିସର୍ଜନପାଇଁ ନିର୍ଦ୍ଦେଶ ଦିଆଯାଉ। ଜିଲ୍ଲାରେ ଥିବା ନଦୀ, ପୁଷ୍କରଣୀ ମାନଙ୍କୁ ଦୂଷିତ ନକରିବାକୁ ସମସ୍ତ ପୁଜାକମିଟି ଠାରୁ ଲିଖିତ ଘୋଷଣାନାମା ରଖାଯାଉ। ଯଦି କେହି ନିଜର ଜ୍ଞାତସାରରେ ଅବମାନନା କରେ, ତେବେ ସେମାନଙ୍କପ୍ରତି ଆଇନ ଦୃଷ୍ଟିରୁ ଦୃଢ଼ ପଦକ୍ଷେପ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିବେଦନ କରାଯାଇଛି। ଏହି ଦାବି ପ୍ରଦାନ ସମୟରେ ରାଷ୍ଟ୍ରୀୟ ଧର୍ମ ସୁରକ୍ଷା ମଞ୍ଚର ଜିଲ୍ଲା ଆବାହା ବାଲାରାଜୁ ପଡାଲ, ଭାଗିରଥି ଦଳାଇ, ଚୈତନ୍ୟ କର୍ମକାର, ଜଗନ୍ନାଥ ବୋଷ, ଅଭିଜିତ ମଣ୍ଡଳ, ଦିଲ୍ଲିପ କୁମାର ଦଣ୍ଡପାଟ, ସୁବୋଧ ଚିନ୍ତାପାତ୍ର ଓ ରାମ କୃଷ୍ଣ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସୁରକ୍ଷା ବାଡ଼ ନଥିବାରୁ ବିପଦସଙ୍କୁଳ ଅବସ୍ଥାରେ ଟ୍ରାନ୍ସଫର୍ମର

ଉମରକୋଟ, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ବୁର୍ଜା ଗ୍ରାମର ଜଙ୍ଗଲକୁ ଯିବା ରାସ୍ତା କଡ଼ରେ ରହିଛି ଏକ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମର। ଏହି ଟ୍ରାନ୍ସଫର୍ମର ଚାରି ପାଖରେ ତଳେ ଝୁଲି ରହିଛି ବିଦ୍ୟୁତ୍ ତାର। ଗ୍ରାମର ଅନ୍ୟ ଟ୍ରାନ୍ସଫର୍ମରରେ ପାଚେରୀ ଘେରା ଯାଇଥିବା ବେଳେ ଏଠାରେ କିନ୍ତୁ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ଟ୍ରାନ୍ସଫର୍ମର ଚାରିପାଖରେ ପାଚେରୀ ଘେରା ଯାଇ ନଥିବାରୁ ଏହା ବିପଦ ସଂକୁଳ ଅବସ୍ଥାରେ ପଡ଼ିରହିଛି। ସୂଚନା ଥାଉକି ଏହି ଉଚ୍ଚ ସମ୍ପନ୍ନ ଟ୍ରାନ୍ସଫର୍ମରଟି ରାସ୍ତା କଡ଼ରେ ପାଚେରୀ ଘେରା ନଥିବା ଯୋଗୁଁ ଗାଇ, ଛେଳି ଅନେକ ଥର ବିଦ୍ୟୁତ ଆଘତର ଶିକାର ହେଉଛନ୍ତି। ପ୍ରତିଦିନ ଏହି ରାସ୍ତାରେ ଶତାଧିକ ଗାଡ଼ି ମୋଟର ଯାତାୟତ କରୁଥିବା ବେଳେ ଏହି ରାସ୍ତା ଦେଇ ପ୍ରତିଦିନ ଲୋକେ ଚାଷ ଜମିକୁ ଓ ଗାଈ ଚରେଇବାକୁ ତଥା ଦୈନନ୍ଦିନ କାର୍ଯ୍ୟ ପାଇଁ ଯାତାୟାତ କରିଥାନ୍ତି। ସେହିପରି ମଣିଷ ଗାଈଗୋରୁଙ୍କ ସହ ବୁଲା କୁକୁରଙ୍କ ଜୀବନ ପ୍ରତି ମଧ୍ୟ ଏହି ମୁକୁଳା ଟ୍ରାନ୍ସଫର୍ମର ବିପଦ ସୃଷ୍ଟି କରୁଛି। ଯାହା ଫଳରେ କୌଣସି ମୁହୂର୍ତ୍ତରେ କିଛି ବଡ଼ ଅଘଟଣ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ଯଦି କୌଣସି କ୍ଷୟକ୍ଷତି ହୁଏ ସେଥିପାଇଁ କିଏ ଦାୟୀ ହେବ ବୋଲି ପ୍ରଶ୍ନ ଉଠୁଛି। ଏହା ପ୍ରତି ଦୃଷ୍ଟି ଦେବାକୁ ଗୁହାରି କରିଛନ୍ତି ଗ୍ରାମବାସୀ।

# ଉତ୍କଳ କଳା ସଂସଦର ଦୁର୍ଗା ପୂଜା କମିଟି ଗଠିତ



ଉମରକୋଟ, (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦର ଦଣ୍ଡକାରଣ୍ୟ ଡିଏନକେ ଠାରେ ଥିବା ଉତ୍କଳ କଳା ସଂସଦ ପକ୍ଷରୁ ନୂତନ କ୍ଲବ୍ କମିଟି ଓ ଦୁର୍ଗା ପୂଜା କମିଟି ଗଠନ କରାଗଲା। ଏଥିପାଇଁ ଏକ ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଥିଲା। ସର୍ବ ପ୍ରଥମେ ବହୁ ପୁରାତନ କ୍ଲବର ପୁରୁଣା କମିଟି ଭାଙ୍ଗି ନୂତନ କମିଟି ଗଠିନ କରାଯାଇଥିଲା। ସମସ୍ତଙ୍କ ସହମତି କ୍ରମେ କ୍ଲବର ନୂତନ କମିଟି ସଭାପତି ଭାବେ ବିପିନ କୁମାର ମାଝୀ, ଉପ ସଭାପତି ଭାବେ ସୁନିଲ କୁମାର ଜେନା, ସମ୍ପାଦକ ଭାବେ ସତ୍ୟନାରାୟଣ ଦାସ, ସହ ସମ୍ପାଦକ ଭାବେ ଜି ଗୋଲ୍ଡ ସ୍ମିତ, କୋଷାଧକ୍ଷ ଭାବେ ନକୂଳ ଚାନ୍ଦ ଚୟନ କରାଯାଇଥିଲେ। ଉପଦେଷ୍ଟା କମିଟିରେ ସଞ୍ଜୟ କୁମାର ପାଢ଼ୀ, ଅରୁଣ ବେହେରା, ନାରାୟଣ ସାହୁ , ଶୁଶିଲ ପଣ୍ଡା, ତପନ ଦାସ, ସଞ୍ଜିତ ମଣ୍ଡଲ, ଉଦୟ ଘୋଷ ରହିଛନ୍ତି। ଏକ୍‌ଜିକ୍ୟୁଟିଭ କମିଟିରେ କୁନା ସାହୁ, ପ୍ରମୋଦ ମଲ୍ଲିକ, ବିକ୍ରମ ସରକାର, ଅମିତ ହାଲଦାର, ହିମାଂଶୁ ବିଶ୍ୱାଳ, ବିଜୟ ଆଦିତ୍ୟ, ଜ୍ଞାନେନ୍ଦ୍ର ସ୍ୱାଇଁ, ଅଂଶୁମାନ ପାତ୍ର, ତ୍ରିଲୋଚନ ବେହେରା ଓ ଶଙ୍କର ତୁରୁକଙ୍କୁ ସମସ୍ତଙ୍କ ସହମତି କ୍ରମେ ଚୟନ କରା ଯାଇଥିଲା। ପରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଦଶହରା ପର୍ବ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ପ୍ରଥମେ ୨୦୨୪ ମସିହାର ଦଶହରା ପୂଜାର ସମସ୍ତ ହିସାବର ବିବରଣୀ ପାଠ କରାଯାଇଥିଲା। ପରେ ଚଳିତ ବର୍ଷ ମଧ୍ୟ ମହା ଆଡ଼ମ୍ବର ସହ ପାଳନ କରିବା ପାଇଁ ନୂତନ ପୂଜା କମିଟି ଗଠିତ ହୋଇଥିଲା। ଏହି ପୂଜା କମିଟି ର ସଭାପତି ଭାବେ ନକୂଳ ଚାନ୍ଦ, ଉପ ସଭାପତି - ପ୍ରମୋଦ ମଲ୍ଲିକ, ସମ୍ପାଦକ - ସୁଧାଂଶୁ ବିଶ୍ୱାଳ, ସହ ସମ୍ପାଦକ ଅଂଶୁମାନ ପାତ୍ର, କୋଷାଧକ୍ଷ ପ୍ରଦୀପ କୁମାର ନାୟକଙ୍କୁ ଚୟନ କରାଯାଇଥିଲା। ଡିଏନକେର ଦଶହରା ପୂଜା ବହୁ ପୁରାତନ ତଥା ୬୯ ବର୍ଷର ପୂଜା। ଉମରକୋଟ ଦଶହରା ପର୍ବ ଜିଲ୍ଲା ପାଇଁ ଏକ ନିଆରା ପର୍ବ ହୋଇଥାଏ। ଏହି ଅଞ୍ଚଳ ରେ ବଙ୍ଗୀୟ ରିତିନିତିରେ ପୂଜା ହୋଇଥାଏ। ବଙ୍ଗୀୟ ସମ୍ପ୍ରଦାୟର ମହିଳା ମାନେ ମାଁ ଦୁର୍ଗାଙ୍କ ସହ ସିନ୍ଦୂର ଖେଳ ଖେଳିଥାନ୍ତି। ଏହି ଦଶହରା ପୂଜା ପୂର୍ବ ପୁରୁଷରୁ ଚାଲିଥିବା ରୀତିନୀତି ଅନୁଯାୟୀ ପୂଜା ହୋଇଥାଏ। ଏହି ବୈଠକରେ ଚଳିତ ବର୍ଷ ଦୁର୍ଗାପୂଜାକୁ ଅଧିକରୁ ଅଧିକ ଯାକଯକୋମରେ ପାଳନ କରିବା ସହ ଶାନ୍ତି ଶୃଙ୍ଖଳାରେ ପୂଜା ହୋଇପାରିବ ସେଥିପାଇଁ କମିଟି ତରଫରୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ଉତ୍କଳ କଳା ସଂସଦର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର




ବୋଲଗଡ, (ଭାସ୍କର ନ୍ୟୁଜ୍): ତତ୍କାଳିନ ସରକାର ବୋଲଗଡ ଓ ବେଗୁନିଆ ସଦର ମହକୁମାକୁ ଏନଏସି ଘୋଷଣା କରିଥିଲେ। ଗତ ୨ ଦିନ ତଳେ ସରକାର ପୁଣି ନୂଆ ଭାବେ ୧୨ଗୋଟି ଏନଏସି ଘୋଷଣା କରିଥିବା ବେଳେ ବୋଲଗଡ, ବେଗୁନିଆ ଏନଏସିର ନାମ ନାହିଁ । ଏନେଇ ବେଗୁନିଆ ବିଜୁଜନତା ଦଳ ପକ୍ଷରୁ ବେଗୁନିଆ ଏନଏସି ଦାବିରେ ଅଗଷ୍ଟ ୨୨ ତାରିଖରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଘୋଷଣା ହୋଇଛି । ଏନେଇ ମଙ୍ଗଳବାର ବେଗୁନିଆ ସ୍ଥିତ ଡାକବଙ୍ଗଳା ଠାରେ ବିଧାୟକ ପ୍ରଦୀପ ସାହୁଙ୍କ ଉପସ୍ଥିତିରେ ସରପଞ୍ଚ ବେଗୁନିଆ ସତ୍ୟାନାରାୟଣ ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷଙ୍କ ପ୍ରତିନିଧି,ବ୍ଲକ ବିଜେଡି ସଭାପତି ବେଗୁନିଆ ଗ୍ରାମ୍ୟ କମିଟି ସଭାପତି, ସମ୍ପାଦକଙ୍କ ସହ ବେଗୁନିଆ ଗ୍ରାମପଞ୍ଚାୟତ ସମସ୍ତ ୱାର୍ଡ ମେମ୍ବର, ସାର୍ବଜନୀନ ଦୁର୍ଗା ପୂଜା କମିଟି ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷଙ୍କ ସହ ବେଗୁନିଆ ଗ୍ରାମପଞ୍ଚାୟତର ସମସ୍ତ ମୁରବି ଉପସ୍ଥିତ ରହି ଦୃଢ଼ ନିନ୍ଦା କରିବା ସହ ବେଗୁନିଆ ବନ୍ଦ ରହିବ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବେଗୁନିଆ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଦାବୀପତ୍ର ପ୍ରଦାନ କରାଯିବା ନେଇ ସ୍ୱାକ୍ଷର ହୋଇଛି ।



### ଦୁର୍ନୀତି ଅଭିଯୋଗରେ ଆକାଉଣ୍ଟାଣ୍ଟ୍ ଗିରଫ

## ପୌର ପରିଷଦରେ କୋଟିକୋଟି ଟଙ୍କା ଦୁର୍ନୀତି

ବେଲପାହାଡ, (ଭାସ୍କର ନ୍ୟୁଜ୍): ଝାରସୁଗୁଡା ଜିଲ୍ଲା ବେଲପାହାଡ ପୌରପରିଷଦରେ କୋଟି କୋଟି ଟଙ୍କା ହେରଫେର ହୋଇଥିବା ନେଇ ତଦନ୍ତ ଆରମ୍ଭ ହୋଇଛି। ବେଲପାହାଡ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅଭିଯୋଗ ପରେ ବେଲପାହାଡ ପୋଲିସ ତଦନ୍ତ କରିବା ସହ ପୌରପରିଷଦ ଆକାଉଣ୍ଟାଣ୍ଟ ବିଭୁତି ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ହୋଇଥିବା ଟଙ୍କା ହେରଫେରରେ ଆକାଉଣ୍ଟାଣ୍ଟ ବିଭୁତି ସାହୁ ଙ୍କ ସମ୍ପୃକ୍ତି ଥିବାରୁ ପୋଲିସ ତାଙ୍କୁ ଗିରଫ କରିଥିବା ଜଣାପଡିଛି। ବିଭୁତି ସାହୁ କିଛି ଦିନ ପୂର୍ବରୁ ଅଫିସ ଆସୁନଥିବାବେଳେ ଆକାଉଣ୍ଟ ବିଭାଗରେ ତାଲା ଝୁଲୁଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ଆକାଉଣ୍ଟ ବିଭାଗର ତାଲା ଭାଙ୍ଗି ନଗରପାଳ, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ କାଉନସିଲରଙ୍କ ଉପସ୍ଥିତିରେ ସମସ୍ତ କାଗଜପତ୍ର ତଦାରଖ କରାଯାଇଥିଲା।



ଅନ୍ୟପଟେ ଦୁଇ ଜଣିଆ ସ୍ୱତନ୍ତ୍ର ଅଡିଟ ଟିମ ବେଲପାହାଡ ପୌର ପରିଷଦ ପହଞ୍ଚି ୨୦୨୪-୨୫ ଆର୍ଥିକ ବର୍ଷର ଆୟ ବ୍ୟୟର ଅଡିଟ ଆରମ୍ଭ କରିଛନ୍ତି। ବିଭିନ୍ନ କର୍ମଚାରୀଙ୍କୁ ପଚରାଉଚୁରା, କାଗଜପତ୍ର ତଦାରଖ ସହ ବନ୍ଦ ଥିବା ବିଭିନ୍ନ କୋଠରୀ ଖୋଲି ତଦନ୍ତ ଆରମ୍ଭ କରିଛି ଏହି ସ୍ୱତନ୍ତ୍ର ଅଡିଟ ଟିମ। ଏହି ଅଡିଟ ଟିମରେ ଅଡିଟ ଅଫିସର ମନୋରଞ୍ଜନ ବେହେରା ଏବଂ ଅଡିଟର ଅରବିନ୍ଦ ସାମନ୍ତ ରହିଥିବା ଜଣାପଡିଛି। ୨୦୨୨-୨୫ ବର୍ଷର ଆୟ ବ୍ୟୟ ଓ ବିଭିନ୍ନ କାର୍ଯ୍ୟ ରେ ଖର୍ଚ୍ଚ ହୋଇଥିବା ଟଙ୍କା ବିଷୟରେ ୧୫ ଟି କାର୍ଯ୍ୟ ଦିବସ ଯାଏଁ ଅଡିଟ କରିବ। ଏହି ସମୟରେ ସମସ୍ତ କର୍ମଚାରୀଙ୍କୁ ଆବଶ୍ୟକ କାଗଜପତ୍ର ସହ ଉପସ୍ଥିତ ରହିବା ପାଇଁ ଅତିରିକ୍ତ ସଚିବଙ୍କ ପକ୍ଷରୁ ବେଲପାହାଡ ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଚିଠି କରାଯାଇଛି। ଅନ୍ୟପଟେ ବେଲପାହାଡ ପୌର ପରିଷଦର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ବେଲପାହାଡ ନଗରପାଳ ମଧ୍ୟ ଝାରସୁଗୁଡା ଜିଲ୍ଲାପାଳ ଏବଂ ବେଲପାହାଡ ପୋଲିସ ନିକଟରେ ଅଭିଯୋଗ ମଧ୍ୟ କରିଥିବା ପ୍ରକାଶ କରିଛନ୍ତି। ଅନ୍ୟପଟେ ଦୁର୍ନୀତିରେ ସାମିଲ ଥିବା ସମସ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବେଲପାହାଡବାସୀ ଦାବି କରିଛନ୍ତି।

## ଭୁଲ ଜମି ପଞ୍ଜିକରଣ ସୁଯୋଗ ନେଉଛନ୍ତି ଦଲାଲ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ୧୬ଟି ମଣ୍ଡିରେ ଚଳିତ ବର୍ଷ ଖରିଫ ଧାନ ବିକ୍ରୀ ପଞ୍ଜିକରଣ କରାଯାଉଛି। ଦଲାଲମାନଙ୍କ ଦ୍ୱାରା ତ୍ରୁଟିପୂର୍ଣ୍ଣ ପଞ୍ଜିକରଣ ରୋକିବା ପାଇଁ ସରକାର ବହୁ ପଦକ୍ଷେପ ଗ୍ରହଣ କରିଛନ୍ତି। ମାତ୍ର ମଣ୍ଡିସ୍ତରରେ ତଦାରଖ ବ୍ୟବସ୍ଥାର ବିଫଳତା ଯୋଗୁଁ ଦଲାଲମାନେ ଅନାୟାସରେ ଭୁଲଜମିକୁ ନିଜ ଅଥବା ସହଯୋଗୀଙ୍କ ନାମରେ ପଞ୍ଜିକରଣ କରି ପାର ଉତାର ହେଉଥିବା ଜଣାଯାଇଛି। ସରକାର ମଠ ମନ୍ଦିର ନାମରେ ଥିବା ଚାଷଜମି କେବଳ ପଟ୍ଟାମାଲିକଙ୍କ ଦ୍ୱାରା ହୋଇପାରିବ ବୋଲି ନିର୍ଦ୍ଦେଶାବଳୀ ଜାରିକରିଛନ୍ତି। ପଟ୍ଟାମାଲିକ ମୃତ ହୋଇଥିଲେ ଏହି ଧରଣର ଜମି ପଞ୍ଜିକରଣ ଆଦୌ ହୋଇପାରିବ ନାହିଁ। ମାତ୍ର ଚଳିତ ବର୍ଷ ଏକାଧିକ ମଣ୍ଡିରେ ପଟ୍ଟାଦାର ମୃତ ହୋଇଥିବା ମଠମନ୍ଦିର ଚାଷଜମି କେତେକ ମଣ୍ଡିରେ ପଞ୍ଜିକରଣ ହୋଇଥିବା ତଥ୍ୟ ହସ୍ତଗତ ହୋଇଛି। ପାରମ୍ପାରିକ ଭାବେ ମୋଟ ଚାଷଜମିର ୪୦ ପ୍ରତିଶତ ଓ ମୋଟ ଚାଷୀଙ୍କ ମଧ୍ୟରୁ ୩୦ ପ୍ରତିଶତ ପଞ୍ଜିକରଣ ଆଦୌ ହୁଏ ନାହିଁ। ପଞ୍ଜିକରଣ ପ୍ରକ୍ରିୟା ଠାରୁ ବିଭିନ୍ନ କାରଣ ପାଇଁ ଦୂରେଇ ରହୁଥିବା ଚାଷଜମିଗୁଡିକ ମାଲିକଙ୍କ ନାମ ସାଙ୍ଗିଆ ସମାନ ଥିବା ଦେଖି ଦଲାଲମାନେ ନିଜ ନାମରେ ପଞ୍ଜିକରଣ କରିନେଉଥିବା ଜଣାପଡିଛି। ଦଲାଲମାନେ ବିଭିନ୍ନ ମଣ୍ଡି ପରିଚାଳନା ସହ ସମ୍ପୃକ୍ତ ହୋଇଛନ୍ତି ଅଥବା ମଣ୍ଡି କର୍ମଚାରୀଙ୍କ ସହ ହାତମିଳାଇ ଧାନ କିଣାବିକାରୁ ବିପୁଳ ମୁନାଫା ଉଠାଉଥିବା ଜଣାଯାଇଛି। ଚାଷୀ ପଞ୍ଜିକରଣ ପାଇଁ ମଣ୍ଡିୱାରୀ ତଦାରଖ କମିଟି ନିଯୋଜିତ ଅଛନ୍ତି। ନେରଡା, ନାଆମୀ, ତେସିଙ୍ଗା, ନାରାୟଣପୁର, ବାଲିପୋଖରୀ ପାକ୍ସ ପଞ୍ଜିକରଣ ଯାଞ୍ଚ ଅଧିକାରୀ ଭାବେ ସମବାୟ ସମିତି ନିରୀକ୍ଷକ ରତ୍ନପୂର୍ଣ୍ଣା ସାହୁଙ୍କୁ ଦାଇତ୍ୱ ଅର୍ପଣ କରାଯାଇଛି। ସେହିପରି ଜଳମଣ୍ଡୁଆ, ରହଣିଆ, ମାଳଦା ପାକ୍ସ, ମା ଦୁର୍ଗା-୧, ମା ଦୁର୍ଗା-୨ ଏସ.ଏସ.ଜି. ମଣ୍ଡି ପଞ୍ଜିକରଣ ତଦାରଖ ପାଇଁ ମାର୍କେଟିଂ ନିରୀକ୍ଷକ ହିମାଂଶୁ ଦାସଙ୍କୁ ଓ ମା ବଡମ୍ବା, ମା ମନ୍ତ୍ରବାସିନୀ, ସିରିଡି ସାଇ, ଓମ ବାବାମଣି, ଆଦଶକ୍ତି ଓ ଶକ୍ତିସ୍ୱରୂପା ଏସ.ଏସ.ଜି. ମଣ୍ଡି ପଞ୍ଜିକରଣ ଦାଇତ୍ୱ ମିଶନଶକ୍ତି ବ୍ଲକ ସଂଯୋଜକ ଶ୍ରୀକାନ୍ତ ଜେନାଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ପୁନଶ୍ଚ ପ୍ରତ୍ୟେକ ମଣ୍ଡିର ଆବେଦନ ଫର୍ମ ଯାଞ୍ଚ ପାଇଁ ମଣ୍ଡି ସମ୍ପାଦକ, ମଣ୍ଡି ଅଞ୍ଚଳର ରାଜସ୍ୱ ନିରୀକ୍ଷକ ଓ ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ନେଇ ଯାଞ୍ଚ କମିଟି ଗଠନ କରାଯାଇଛି। ସ୍ଥାନୀୟ ତହସିଲଦାର ପଞ୍ଜିକରଣ ଯାଞ୍ଚର ନୋଡାଲ ଅଧିକାରୀ ଦାଇତ୍ୱରେ ରହିଛନ୍ତି। ଏହି ତ୍ରିସ୍ତରୀୟ ଯାଞ୍ଚ ବଳୟକୁ ଭେଦ କରି ଦଲାଲମାନେ ପଞ୍ଜିକରଣ ହେରଫେର କରିବା ବିଡମ୍ବନାର ବିଷୟ ହୋଇଛି। ପଞ୍ଜିକରଣରେ ହେଉଥିବା ବିପୁଳ ସଂଖ୍ୟକ ଜାଲିଯାତିକୁ ଅନୁମୋଦନ କରାଯିବା ଦ୍ୱାରା ବର୍ଷକୁ ବର୍ଷ ଦଲାଲମାନଙ୍କ ଦ୍ୱାରା ବେଆଇନ ପଞ୍ଜିକରଣ କାରବାର ବୃଦ୍ଧି ପାଉଛି। ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପ୍ରଶାସନିକ ଯାଞ୍ଚ କମିଟି ଗଠନ କରାଯାଇ ଯାଞ୍ଚ କରାଯିବାକୁ ଦାବି ହୋଇଛି। ପଞ୍ଜିକରଣ ଜନିତ ଅନ୍ୟ ତ୍ରୁଟି ସୁଧରା ଯାଇଛି। ୩ ଜଣିଆ ଯାଞ୍ଚ କମିଟି ଯାଞ୍ଚ ସରିବା ପରେ ସବୁ ଠିକ ହେବ ବୋଲି ବ୍ଲକ ମାର୍କେଟିଂ ଅଧିକାରୀ ହିମାଂଶୁ ଦାସ ମତଦେଇଛନ୍ତି।

## ଟେଲି-ମାନସ୍ ସଚେତନତା କାର୍ଯ୍ୟକ୍ରମ

ବାଲୁଗାଁ, (ଭାସ୍କର ନ୍ୟୁଜ୍): ବାଲୁଗାଁ ମହା ବିଦ୍ୟାଳୟରେ ୧୮ ଅଗଷ୍ଟ ୨୦୨୫ ତାରିଖ ସୋମବାର ଦିନ ଏକ ଟେଲି-ମାନସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି ଉଦ୍ଘାଟନ କରିଥିବା ବେଳେ ମୁଖ୍ଯ ଅତିଥି ଭାବରେ ଏସ୍. ସି.ବି ମେଡ଼ିକାଲ କଲେଜର କ୍ଲିନିକାଲ ସାଇକୋଲୋଜିଷ୍ଟ ମିସେସ୍ ଅନନ୍ୟା ଅସ୍ୱରୀଏବଂ ମିସ୍ ସୋନାଲି ସ୍ୱାଇଁ ଯୋଗ ଦେଇ ଟେଲି-ମାନସ୍ ସେବା କିପରି ଯୁବପୀଢ଼ିଙ୍କୁ ସହାୟତା କରିପାରିବ, ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରିବା ସହିତ ଭିଡ଼ିଓ ମାଧ୍ୟମରେ ସଚେତନ କରାଇ ଥିଲେ।ଦର୍ଶନ ବିଭାଗର ମୁଖ୍ୟ ତଥା ପ୍ରଶାସନିକ ଅଧିକାରୀ ଡ. କୈଳାଶଚନ୍ଦ୍ର ମହାରଣା ମଞ୍ଚ ପରିଚାଳନା କରି ଥିବାବେଳେ ମିସ୍ ରୋଜାଲିନ୍ ମିଶ୍ର ଏବଂ ବିମଳ କୁମାର ପଣ୍ଡା ସହଯୋଗ କରିଥିଲେ।

## ମହିଳା ହିଂସା ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ସାମ୍ପ୍ରତିକ ସ୍ଥିତିରେ ବୃଦ୍ଧି ପାଉଥିବା ମହିଳା ହିଂସା ରୋକିବାକୁ ସଦର ଥାନା, କେନ୍ଦୁଝର ତରଫରୁ ରାଇସୁଆଁ ମହାବିଦ୍ୟାଳୟ ଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଦିନ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ରବିନ୍ଦ୍ର କୁମାର ପରିଡା ସଭାପତିତ୍ୱ କରିଥିବାବେଳେ ସଦର ଥାନା ଅଧିକାରୀ ଅମିତ ଭୂୟାଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ମାନସିକ ଚାପ ଗ୍ରସ୍ତରୁ କିଭଳି ଦୂରେଇ ରହିବେ ସେ ନେଇ ସଚେତନ କରିଥିଲେ। ଅସହାୟ, ଚାପଗ୍ରସ୍ତ ମହିଳା ମାନଙ୍କ ପାଇଁ ରାଜ୍ୟ ସରକାର କିଭଳି ତତ୍ପରତା ପ୍ରକାଶ କରିବା ସହ ବିଭିନ୍ନ ପ୍ରକାର ଆଇନ ମାଧ୍ୟମରେ ସୁରକ୍ଷା ପ୍ରଦାନ କରୁଛନ୍ତି ଏବଂ ଏହାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ପୋଲିସ କିଭଳି କାର୍ଯ୍ୟ କରୁଛି ସେ ସମ୍ପର୍କରେ ଉପସ୍ଥିତ ଛାତ୍ରୀମାନଙ୍କୁ ବୁଝାଇଥିଲେ। ମହିଳାମାନେ ନିର୍ଭୟ ରହି ନିଜ ନିଜର କର୍ମକ୍ଷେତ୍ରରେ ଆଗକୁ ବଢିବା ଲାଗି ସବ୍‌ଇନ୍ସପେକ୍ଟର ସୂର୍ଯ୍ୟ ରାଉତରାୟ ଆହ୍ୱାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସଦର ଥାନାର ସିଡବ୍ଲୁପିଓ ସବ୍‌ଇନ୍ସପେକ୍ଟର ସୁସ୍ମିତା ହୋରୋ,କନେଷ୍ଟବଳ ମାଦ୍ରିମଣୀ ମହାନ୍ତ, ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ବିପିନ ବିହାରୀ ସାହୁ, ଡ଼ ଆଶିଷ କୁମାର ରାଉତ, ପୁନମ ମିଶ୍ର, ସଂଜିତା ଗିରି ସମେତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଉପସ୍ଥିତ ଛାତ୍ରୀମାନେ ଶପଥ ପାଠ ମାଧ୍ୟମରେ ଯଥା ସମ୍ଭବ ରୋକିବା ଅଭିଯାନରେ ସାମିଲ ହେବାକୁ ନିଷ୍ପତ୍ତି ନେଇଥିଲେ।

## ରଣପୁର ଏନ୍‌ଏସିରେ ଡ୍ରେନ ପାଲଟିଛି ମଶାଙ୍କ ଘର

ରଣପୁର, (ଭାସ୍କର ନ୍ୟୁଜ୍): ଗ୍ରାମ ପଞ୍ଚାୟତ ସହରୀକରଣ ହେଲେ ସାଧାରଣ ଜୀବନ ଜୀବିକାରେ ଉନ୍ନତି ହେବା ସହ ପରିମଳ ବ୍ୟବସ୍ଥାରେ ଉନ୍ନତି ହୋଇଥାଏ। ଯାହା ବାସିନ୍ଦାମାନେ କର ଦେବାକୁ ପଡୁଥିଲେ ମଧ୍ୟ ବାଧି ନଥାଏ। ଅନେକ ସମୟରେ କାଉନସିଲରମାନଙ୍କ ମଧ୍ୟରେ ରାଜନୈତିକ ଛକାପଞ୍ଝା ଲାଗି ରହିଲେ ବିକାଶ ରେ ବାଧା ସୃଷ୍ଟି ହୁଏ। ଯାହା ଫଳରେ ବିଜ୍ଞାପିତ ଅଞ୍ଚଳ ବାସିନ୍ଦା ମାନେ ହଇରାଣ ହରକତ ହୋଇଥାନ୍ତି। ସେଭଳି ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ। କାଉନସିଲରମାନେ ବିକାଶ କୁ ପଛରେ ପକାଇ ଗୋଡ଼ ଟଣାଟଣିରେ ବ୍ୟସ୍ତ ଥିବାବେଳେ ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଯାହା ସାଧାରଣ ବାସିନ୍ଦା ମାନେ ନାରଖାର ହେଉଥିବା ଅଭିଯୋଗ ହେଉଛି। ପନ୍ଦରଟି ୱାର୍ଡ ମଧ୍ୟରୁ ଅନେକ ସ୍ଥାନରେ ଡ୍ରେନ ଅଧାପନ୍ତରିଆ। ଯେଉଁ ସ୍ଥାନ ମାନଙ୍କରେ ଡ୍ରେନ ଉପରେ କଭର ନାହିଁ ସେଠାରେ ବୁଲା ଗାଈ ଗୋରୁ ପଡି ଜୀବନ ଯାଉଛି। ଯେଉଁ ସ୍ଥାନରେ ଡ୍ରେନ ଅଛି ସଫା ହେଉ ନଥିବାରୁ ପାଣି ଯିବାକୁ ରାସ୍ତା ନାହିଁ। ପଞ୍ଚୁଦୋଳ ପଡିଆ ଭଳି ଅନେକ ସ୍ଥାନରେ ପାଇଖାନା ମଳ ଡ୍ରେନକୁ ଛାଡିବା ଯୋଗୁ



ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଡ୍ରେନ ମଶାଙ୍କ ଚ୍ୟାମ୍ବର ପାଲଟିଛି। ଯାହାଫଳରେ ଲୋକମାନେ ମଶାଙ୍କ ଜନିତ ରୋଗରେ ପଡୁଛନ୍ତି। ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଡ୍ରେନରେ ମଶାମରା ତେଲ ପଡୁନାହିଁ କି ମଶା ଧୂଆଁ ଦିଆ ଯାଉନାହିଁ। ପରିମଳ ଦାୟିତ୍ୱରେ ଥିବା ନିରୀକ୍ଷକ ସୁଜିତ କୁମାର ସେଠୀ କୁହନ୍ତି ମଶା ଧୂଆଁ ଦେବା ପାଇଁ ଗୋଟିଏ ମେସିନ ଆସିଛି। ମଶା ତେଲ ଧୂଆଁ ଅଧଘଣ୍ଟା ଦେବା ପରେ ମେସିନ ଗରମ ହୋଇଯାଉଛି। ଆଉ ଅଧିକ ମେସିନ ଆସିଲେ ସାତ ଦିନରେ ଥରେ ଦୁଇଥର ସବୁ ୱାର୍ଡରେ ଧୂଆଁ ଦିଆଯିବ। ଉକ୍ତ ଅଧିକାରୀ ଖୋଲା ପଡିଥିବା ଡ୍ରେନରେ ଘୋଡଣୀ ପକାଇବା ସହ ଡ୍ରେନକୁ ପାଇଖାନା ମଳ ଛାଡିବା ବନ୍ଦ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଅନୁରୋଧ କରାଯାଇଛି।

## କୁମ୍ଭାରୀପୁଟ ଘାଟିରେ ପଥର ହଟିଲା

ଲକ୍ଷ୍ମୀପୁର/ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କୁମ୍ଭାରୀପୁଟ ଘାଟିରେ ପାହାଡ଼ରୁ ଏକ ବିରାଟ କାୟ ପଥର ଖସି ରାସ୍ତା ମଝିରେ ପଡି ରହିଥିଲା।ଘଟଣାଟି ମଙ୍ଗଳବାର ପାହାନ୍ତିଆରେ ଘଟିଥିବା ବେଳେ କୌଣସି ଅଘଟଣ ଘଟି ନଥିବା ଜଣା ପଡିଛି। ଉକ୍ତ ରାସ୍ତାରେ ଅଧିକାଂଶ ସମୟ ଯାନ ବାହାନ ଚଳ ପ୍ରଚଳ ଲାଗିରହିଥିବା ବେଳେ ପାହାନ୍ତିଆ ସମୟରେ ପଥର ଖସି ଏକ ବାଡ଼ଧରଣର ଅଘଟଣ ରକ୍ଷା ପାଇଯାଇଛି। ବର୍ତ୍ତମାନ ଉକ୍ତ ରାସ୍ତା କାର୍ଯ୍ୟ ଦାଇତ୍ୱ ପୂର୍ତ୍ତ ବିଭାଗ ନେଇଥିବାରୁ ଘଟଣା ସ୍ଥଳରେ ବିଭାଗୀୟ ଅଧିକାରୀ ପହଞ୍ଚି ରାସ୍ତାରୁ ପଥର ହଟାଇବା ବ୍ୟବସ୍ଥା କରିଥିଲେ। ହେଲେ ଏତେ ବଡ଼ ପଥର ହଟାଇବାକୁ ଏକ ପୋକଲିନର ସାହାଯ୍ୟ ନିଆଯାଇଥିଲା ହେଲେ ସକାଳୁ ରାତି ଯାଏଁ ଲାଗି ଶେଷରେ ରାତି ସାଢେ ଦଶଟାରେ ସଫଳ ମିଳିଥିଲା। ପଥର ରାସ୍ତାର ମଝିରେ ପଡି ଥିବାର ଛୋଟ ଯାନ ଚଳପ୍ରଚଳ ହେଉଥିଲା ହେଲେ ବଡ଼ ବଡ଼ ଯାନବାହାନ ଅଟକି ରହିଥିଲା। ରାତିରେ ପଥର ହଟାଯିବା ପରେ ସବୁ କିଛି ସ୍ୱାଭାବିକ ହୋଇଥିବା ଦେଖିବାକୁ ମିଳିଥିଲା।

## ଅସୁରାଳି ସ୍କିଲ୍ ଇଣ୍ଡିଆ ସେଣ୍ଟରରେ ରାଜ୍ୟପାଳ




ଧାମନଗର, (ଭାସ୍କର ନ୍ୟୁଜ୍): ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି ମଙ୍ଗଳବାର ଅପରାହ୍ନରେ ଧାମନଗର ବ୍ଲକ ଅସୁରାଳି ସ୍ଥିତ ସ୍କିଲ ଇଣ୍ଡିଆ ସେଣ୍ଟର ପରିଦର୍ଶନ କରିଥିଲେ। ରାଜ୍ୟପାଳ କମ୍ଭମପାଟି ଛାତ୍ରଛାତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ବିଭିନ୍ନ ବିଭାଗ ବୁଲି ଦେଖିଥିଲେ। ସ୍କିଲ ଇଣ୍ଡିଆ ସେଣ୍ଟରକୁ ଆସିବା ଅବସରରେ ରାଜ୍ୟପାଳ କହିଲେ ଯେ ଏହା ନିଯୁକ୍ତି କ୍ଷେତ୍ରରେ ଏକ ସୁନ୍ଦର ପଦକ୍ଷେପ ନେବାକୁ ଯାଉଛି। ଛାତ୍ରଛାତ୍ରୀ ମାନେ ଏଠାରେ ବିବିଧ ବିଭାଗରେ ଶିକ୍ଷା ଗ୍ରହଣ କରୁଛନ୍ତି। ସେମାନେ ସେମାନଙ୍କର ଦକ୍ଷତା ଓ ଆତ୍ମ ବିଶ୍ୱାସ ରଖିଲେ ସଫଳତା ନିଶ୍ଚିତ ମିଳିବ ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ। ରାଜ୍ୟପାଳଙ୍କ ସହିତ ଧାମନଗର ବିଧାୟକ ତଥା ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ପୂର୍ବାଞ୍ଚଳ ଆଇଜି ସତ୍ୟଜିତ ନାୟକ, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଶୁଭେନ୍ଦୁ କୁମାର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍କୃତି ବିଭାଗ ପକ୍ଷରୁ ନୃତ୍ୟ ପ୍ରଦର୍ଶନ ପୂର୍ବକ ରାଜ୍ୟପାଳଙ୍କୁ ସ୍ୱାଗତ କରାଯାଇ ଥିଲା। ପ୍ରାରମ୍ଭରେ ଧାମନଗର ବିଜେପି ପକ୍ଷରୁ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ବରିଷ୍ଠ ନେତା ଅଶୋକ ପୁହାଣ, ମନୋରଞ୍ଜନ ମଲ୍ଲିକ, ଚତୃଭୂଜ ନାୟକ, ରଘୁନାଥ ଲେଙ୍କା, ଦୀପ୍ତିରଞ୍ଜନ ଜେନା, ଅରବିନ୍ଦ ପତି, ହରେକୃଷ୍ଣ ପାଢ଼ୀ, ବୈକୁଣ୍ଠ ସାହୁ, ରାଜେନ୍ଦ୍ର ସାହୁ, ସୁରଜ ସାହୁ, ପ୍ରମୁଖ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ବେବସ୍ଥା କରାଯାଇ ଥିଲା।

### କାମ ଯୋଗାଇବାରେ ପ୍ରଶାସନ ବିଫଳ

## ଠାକୁରମୁଣ୍ଡା ବ୍ଲକରେ ଦୈନିକ ୪ ହଜାରରୁ ଉର୍ଦ୍ଧ୍ୱ ଯାଉଛନ୍ତି ଦାଦନ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଠାକୁରମୁଣ୍ଡା ବ୍ଲକରୁ ଦୈନିକ ୪ ହଜାରରୁ ଉର୍ଦ୍ଧ୍ୱ ଲୋକ ଭଦ୍ରକ ଓ କେନ୍ଦୁଝର ଜିଲ୍ଲାକୁ କାମ ଅନ୍ୱେଷଣରେ ଯାଉଛନ୍ତି। ଅତି ବିପଦଜନକ ଭାବେ ପିକଅପ ଭ୍ୟାନ ରେ ରାତି ୩ଟାରୁ ବନ୍ତ, ବସନ୍ତିଆ, ଛେନାପଦି, ସୋସ, ରାମଚନ୍ଦ୍ରପୁର ତଥା ଭଦ୍ରକ ଅଞ୍ଚଳକୁ ଯାଇ ବିଲ କାମ କରି ଅପରାହ୍ନ ୩ଟା ରୁ ୪ ଟା ରେ ଘରକୁ ଫେରୁଛନ୍ତି ପିକଅପ ଭ୍ୟାନରେ। ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଭଳି ଫ୍ଲାଗସିପ କାର୍ଯ୍ୟକ୍ରମ ଚଳାଉଥିବା ବେଳେ ଲୋକେ ଘର ପାଖରେ କାମ ନପାଇ ବାହାରକୁ ଦୈନିକ ଯାଇ କାମ କରୁଛନ୍ତି। ଯୋଜନାର ନିୟମ ମୁତାବକ ଶ୍ରମିକ କାମ ପାଇଁ ଦରଖାସ୍ତ କଲେ ସରକାର ୧୫ ଦିନ ମଧ୍ୟରେ ନିଶ୍ଚିତ କାମ ଯୋଗାଇ ଦେବେ। କାମ ଯୋଗାଇବାକୁ ବିଫଳ ହେଲେ ଭତ୍ତା ଯୋଗାଇବା ବ୍ୟବସ୍ଥା ରହିଛି। ମାତ୍ର ସାଧାରଣତଃ ଶ୍ରମିକ ଦରଖାସ୍ତ କରି କାମ ମାଗନ୍ତି ନାହିଁ। କାମ ଆରମ୍ଭ ହେଲେ କାର୍ଯ୍ୟ ନିର୍ବାହୀ ସଂସ୍ଥା ଏ -୧ ଫର୍ମ ପୂରଣ କରାଇଥାଏ। ଏ-୨ରେ କାମ ଯୋଗାଇବା ନୋଟିସ ମଧ୍ୟ କରାଯାଇଥାଏ। ମାତ୍ର



ପ୍ରଶାସନର ଲୋକଙ୍କୁ କାମ ଯୋଗାଇବାର କୌଣସି ଦାୟିତ୍ୱ ଥିବା ପରି ମନେ ହେଉ ନାହିଁ। ପ୍ରଶାସନ ଏକ ପ୍ରକାର ନିଘୋଡ଼ ନିଦରେ ଶୋଇଛି। ଲୋକେ ଦୈନିକ ମଜୁରିଆ ଭାବେ କାମ କରି ରୋଜଗାର କରିବା ପାଇଁ ରାତିରୁ ଉଠି ରୋଷେଇ ସାରି ନିଜେ ଖାଇ ଖାଦ୍ୟ ଧରି ରାତି ୩ ଟାରେ ପିକଅପରେ ଉଠୁଛନ୍ତି। ଗ୍ରାମର ସ୍ତ୍ରୀ ଲୋକ ଓ ପୁରୁଷ ଲୋକ ମିଶି ଗୋଟିଏ ପିକଅପରେ ୫୦ ରୁ ୬୦ ଲୋକ ଯାଉଛନ୍ତି। ଗାଡି ଭଡା ବାବଦକୁ ଦୈନିକ ୧୨୦ ଟଙ୍କା ଦେବାକୁ ପଡୁଛି। ଶ୍ରମିକଙ୍କୁ ମିଳୁଛି ୩୦୦ ଟଙ୍କା। ତେବେ ଅତି ବିପଦଜନକ ଭାବେ ଲୋକଙ୍କୁ ଯିବା ଆସିବା କରିବାକୁ ପଡୁଛି। ଅନେକ ସମୟରେ ଗାଡି ଦୁର୍ଘଟଣାଗ୍ରସ୍ତ ହେବା ମଧ୍ୟ ଦେଖିବାକୁ ମିଳୁଛି। ତେବେ ଯେଉଁମାନେ କାମ କରିବାକୁ ଯାଉନାହାନ୍ତି ସେମାନେ ଗାଁରେ ବେକାର ରହୁଛନ୍ତି। ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରେ ବ୍ୟାପକ କଟକଣା ହେତୁ କାମ କରିବା ପାଇଁ କୌଣସି ବିଭାଗ ଆଗ୍ରହ ପ୍ରକାଶ କରୁନାହାନ୍ତି। କାମ କଲେ ଠିକ ସମୟରେ ଶ୍ରମିକଙ୍କୁ ମଜୁରୀ ମିଳୁନି କ୍ଷ ଅନେକ ସମୟରେ ଆଦୌ ମଜୁରୀ ମିଳୁନି। ବିଭାଗୀୟ କାମ ଗୁଡିକରେ ଶ୍ରମିକ ଖାତାରେ ମଜୁରୀ ଡିପୋଜିଟ ହେଉଥିବାବେଳେ ଆଗୁଆ ମଜୁରୀ ନେଇଥିବା ଲୋକ ଅର୍ଥ ମିଳିବା ପରେ ଫେରସ୍ତ ଦେଉ ନାହାନ୍ତି। ମୋଟାମୋଟି ଭାବେ ଏତେ ବଡ଼ ଯୋଜନା ଯାହା ହଜାର ହଜାର ଲୋକଙ୍କୁ ନିଯୁକ୍ତି ଦେଇପାରୁଛି ତାହା ସମ୍ପୂର୍ଣ୍ଣ ବାଟବଣା ହୋଇଛି। ପ୍ରଶାସନର ଭୂମିକା ଏ କ୍ଷେତ୍ରରେ ଶୂନ ରହୁଛି। ଜଟିଳ ବ୍ୟବସ୍ଥା କିପରି ସରଳ ହେବ, ଲୋକଙ୍କ ମଧ୍ୟରେ କାମ କରିବାକୁ ଆଗ୍ରହ ସୃଷ୍ଟି କରିବା, କାମ ପ୍ରତି ବିରାଗ ବଦଳରେ ଅନୁରାଗ ସୃଷ୍ଟି ଦିଗରେ କୌଣସି ଉଦ୍ୟମ କରାଯାଇ ନାହିଁ। ଶ୍ରମିକ ମନରେଗା କାମରୁ ବିମୁଖ ହୋଇଥିବାବେଳେ ସେମାନଙ୍କୁ କିପରି ମୁଖ୍ୟ ସ୍ରୋତରେ ସାମିଲ କରାଯାଇ ପାରିବ ସେ ଦିଗରେ ପ୍ରଶାସନ ଉଦ୍ୟମ ଶୂନ ବୋଲି କୁହାଯାଉଛି। ଶ୍ରମିକଙ୍କୁ ଦେଶାନ୍ତର ବଦଳରେ କିପରି ସ୍ଥାନୀୟ ଅଞ୍ଚଳରେ କାମ ଯୋଗାଇ ଦିଆଯିବ ସେ ଦିଗରେ ଆଦୌ ପ୍ରୟାସ ଦେଖିବାକୁ ମିଳିନାହିଁ। ପ୍ରଶାସନ କେବେ ଲୋକଙ୍କୁ କାମ ଯୋଗାଇବ ତାହା ଦେଖିବାକୁ ବାକି ରହିଲା।

## ଏକକ ବ୍ୟବହାର ପ୍ଲାଷ୍ଟିକ ଉପରେ ସଚେତନତା

କାଲିମେଳା/ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ସଦର ବ୍ଲକ କଲୋନୀ ଉଚ୍ଚ ବିଦ୍ୟାଳୟରେ ଏକକ ବ୍ୟବହାର ପ୍ଲାଷ୍ଟିକ ଉପରେ ସଚେତନତା ସୃଷ୍ଟି ପାଇଁ ଏକ ରାଲି କରିବା ସହ ବିଭିନ୍ନ ନାରା ଦେଇଥିଲେ। ଆମର ପରିବେଶ ସୁରକ୍ଷା ପାଇଁ ପରିବେଶ ଶିକ୍ଷା କେନ୍ଦ୍ର ଭୁବନେଶର ତରଫରୁ ଏହି ଅଭିନବ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡକ୍ଟର ରାଜେଶ କୁମାର ମହାନ୍ତ, ପ୍ରୋଜେକ୍ଟ ଅଫିସର ପରିବେଶ ମନ୍ତ୍ରାଳୟ ଭୁବନେଶ୍ୱର, ସମ୍ମାନୀତ ଅତିଥି ଭାବେ ସୁଶାନ୍ତ ଲେଙ୍କା ପ୍ରୋଜେକ୍ଟ ଆସିଷ୍ଟାଣ୍ଟ ପରିବେଶ ମନ୍ତ୍ରାଳୟ ଭୁବନେଶ୍ୱର, ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ଜେନା, ସହକାରୀ ଶିକ୍ଷକ ଧ୍ରୁବ ଚରଣ ନାୟକ, ସହକାରୀ ଶିକ୍ଷୟିତ୍ରୀ ମିନତୀ ବଳା ଦତ୍ତ, ମମତା ମହାପାତ୍ର, ସାବିତ୍ରୀ ଲେଙ୍କା, ରାଧା ରାଣୀ ମହାପାତ୍ର ଓ ଖେଳ ଶିକ୍ଷକ ଭୀମା ପଡିଆମି ପ୍ରମୁଖ କାଯ୍ୟକ୍ରମରେ ଉପସ୍ଥିତ ଥିଲେ। ତେବେ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ମାଲକାନଗିରି ଜିଲାରେ ୪ଟି ବିଦ୍ୟାଳୟ ମନୋନୀତ ହୋଇଛନ୍ତି। ଉକ୍ତ ବିଦ୍ୟାଳୟଗୁଡିକ ବ୍ଲକ କଲୋନୀ ଉଚ୍ଚ ବିଦ୍ୟାଳୟ, ଜୱାନପାଲ୍ଲୀ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ ମାଲକାନଗିରି ଓ ସରକାରୀ ଆଶ୍ରମ ଉଚ୍ଚ ବିଦ୍ୟାଳୟ ପଦ୍ମଗିରି। ଏହି ବିଦ୍ୟାଳୟରେ ଏକକ ପ୍ଲାଷ୍ଟିକ ବ୍ୟବହାର ଫଳରେ ପରିବେଶ କିପରି ନଷ୍ଟ ହୋଇ ଜୀବଜଗତ ଉପରେ ତାର କୁପ୍ରଭାବ ପଡ଼ିବା ଦ୍ୱାରା ପ୍ରାଣୀ ଓ ଉଦ୍ଭିଦ ପ୍ରଭାବିତ ହୋଇଛି। ଏଥିରୁ ନିବୃତ୍ତ ରହିବା ପାଇଁ ପରିବେଶ ମନ୍ତ୍ରାଳୟ ବିଦ୍ୟାଳୟରେ ଭିଡିଓ ପ୍ରଦର୍ଶନ, ଚିତ୍ରାଙ୍କନ, ବକ୍ତୃତା, ରାଲି ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଏକକ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ସଚେତନତା ସୃଷ୍ଟି କରୁଛି। ପ୍ଲାଷ୍ଟିକ ମଣିଷ ଦୈନନ୍ଦିନ ଜୀବନରେ ଆବଶ୍ୟକତା ପୂରଣ କରୁଥିବାବେଳେ ତାରା ବିକଳ୍ପ ଆଜିଯାଏ ବାହାରି ପାରିନାହିଁ। ତଥାପି ପ୍ଲାଷ୍ଟିକ ମାଟିରେ ମିଶିବା ଦ୍ୱାରା ମାଟି ଦୂଷିତ ହେଉଛି। ପ୍ଲାଷ୍ଟିକକୁ ପୋଡ଼ିଲେ ବାୟୁ ପ୍ରଦୂଷଣ ହେଉଛି। ପ୍ଲାଷ୍ଟିକ ଏଣେ ତେଣେ ପଡ଼ିବା ଦ୍ୱାରା ଏହାକୁ ଜୀବଜନ୍ତୁ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। ମାଇକ୍ରୋ ପ୍ଲାଷ୍ଟିକ ମଣିଷ ଦେହରେ ଯାଇ କ୍ୟାନସର ଭଳି ମାରାତ୍ମକ ରୋଗ ସୃଷ୍ଟି କରୁଛି। ପ୍ୟାକେଟ୍ ପଲିଥିନରେ ପାନୀୟ ଜଳ ପିଇବା ଦ୍ୱାରା ମଣିଷ ଶରୀରରେ ନାନାଦି ରୋଗ ସୃଷ୍ଟି ହେଉଛି। ଯାହାକି ମଣିଷ ସାମାଜ ପାଇଁ ପ୍ଲାଷ୍ଟିକ ବିପଦ ସୃଷ୍ଟି କରୁଛି। ତେଣୁ ପ୍ଲାଷ୍ଟିକ ଠାରୁ ଦୁରେଇ ରହିବ ମଣିଷ ସାମାଜ ପାଇଁ ଜରୁରୀ ରହିଛି।

## ହିଣ୍ଡାଲ୍‌କୋ ପକ୍ଷରୁ ଦନ୍ତ ସଚେତନତା ଶିବିର




ସୁନ୍ଦରଗଡ଼, (ଭାସ୍କର ନ୍ୟୁଜ୍): ହିଣ୍ଡାଲ୍‌କୋ ମିନାକ୍ଷୀ କୋଇଲା ଖଣି ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦନ୍ତ ସ୍ୱାସ୍ଥ୍ୟ ସମ୍ପର୍କିତ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ସୁନ୍ଦରଗଡ଼ ଜିଲ୍ଲା ହେମଗିରି ସ୍ଥିତ ଦୂରୁବାଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ କିରିପସିରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଶିବିର ଆୟୋଜନ ହୋଇଛି। ଉକ୍ତ ଶିବିରରେ କମ୍ପାନୀ ମୋବାଇଲ ସ୍ୱାସ୍ଥ୍ୟ ୟୁନିଟ ସ୍ୱାସ୍ଥ୍ୟ ବିଶେଷଜ୍ଞ ଛାତ୍ରଛାତ୍ରୀଙ୍କୁ ଦାନ୍ତ ଯତ୍ନ, ଦାନ୍ତ ସଫେଇ କୌଶଳ ଓ ଦାନ୍ତ ସଫା ହେବ ଦ୍ୱାରା ଏହାର ସ୍ୱାସ୍ଥ୍ୟ ପ୍ରତି ଉପଦେୟତା ସମ୍ପର୍କରେ ବୁଝାଇଥିଲେ। ଏଥିସହିତ ଶିକ୍ଷାର୍ଥୀଙ୍କୁ ଦାନ୍ତ ସଫା ନିମନ୍ତେ ଆବଶ୍ୟକ ଉପକରଣ କିଟ ବିତାରଣ କରଯାଇଥିଲା। ଏହି ଶିବିରରେ ୭୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଉକ୍ତ ଶିବିରରେ କିରିପସିରା ପଞ୍ଚାୟତ ପୂର୍ବତନ ସରପଂଚଙ୍କ ସମେତ ବିଦ୍ୟାଳୟ ଶୀକ୍ଷକ ଓ କମ୍ପାନୀ ମାନବ ସମ୍ବଳ ପ୍ରମୁଖ ଶରଦ ହୁରକତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ହୁରକତ କହିଛନ୍ତି ଯେ, ଦୈନନ୍ଦିନ ଜୀବନରେ ଦାନ୍ତ ସ୍ୱାସ୍ଥ୍ୟ ପ୍ରତି ଶିକ୍ଷାର୍ଥୀମାନେ ଯତ୍ନବାନ ହେବା ଉଚିତ। ଯାହାଫଳରେ ନିଜେ ସୁସ୍ଥ ଜୀବନ ଅତିବାହିତ ସହିତ ଶିକ୍ଷାର୍ଥୀ ଜୀବନରେ ମଧ୍ୟ ଶୃଙ୍ଖଳିତ ହୋଇ ସଫଳତା ହାସଲ କରିପାରିବେ ବୋଲି ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ଏହି ଦାନ୍ତ ଶିବିର ସମ୍ପର୍କରେ ପ୍ରତିକ୍ରିୟା ଦେଇ ହିଣ୍ଡାଲ୍କୋ ଅଧ୍ୟକ୍ଷ କୈଳାଶ ପାଣ୍ଡେ ଏହାକୁ ଭୂୟସି ପ୍ରଶଂସା କରିଛନ୍ତି। ଉକ୍ତ ଶିବିର ନିହାରିକା ସାହୁଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ଅନ୍ୟ ସିଏସଆର ବିଭାଗ କର୍ମଚାରୀମାନେ ସହଯୋଗ କରିଥିଲେ।

## ଲିଙ୍ଗ ପ୍ରତ୍ୟାରୋପଣ ସମ୍ପର୍କରେ ଆଲୋଚନା

କଟକ, (ଭାସ୍କର ନ୍ୟୁଜ୍): ବିଭିନ୍ନପ୍ରକାର ସମସ୍ୟା ଏବେ ରୋଗ ଆକାର ରେ ମଣିଷ ଶରୀରରେ ଦେଖାଦେଉଛି। ସେଥିରୁ ଯୌନ ସମସ୍ୟା ଅନ୍ୟତମ। ଏଭଳି କେତେକ ସମସ୍ୟାର ସମାଧାନ ପାଇଁ ଏବେ ଲିଙ୍ଗ ପ୍ରତ୍ୟାରୋପଣର ଅବଶକ୍ୟତା ପଡୁଛି ବୋଲି ବରିଷ୍ଠ ମୂତ୍ରାଶଲ୍ୟ ଚିକିତ୍ସକ ଡାକ୍ତର ବିଶ୍ୱଜିତ ନନ୍ଦ ଏବଂ ଡାକ୍ତର ସରୋଜ କୁମାର ପଣ୍ଡା ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦେଇ ସେମାନେ କହିଥିଲେ ଯେ, ପୁରୁଷ ମାନଙ୍କର ଯୌନ ଦୃଷ୍ଟିର ଅସମର୍ଥତା ହେଉଛି ଏକ ସାଧାରଣ କିନ୍ତୁ ଗୁରୁତର ସମସ୍ୟା। ଯାହା ଦୁନିଆରେ ପ୍ରତି ୧୦ ଜଣ ପୁରୁଷଙ୍କ ମଧ୍ୟରୁ ୩ ଜଣଙ୍କୁ ପୀଡା ଦେଇଥାଏ। ମଧୁମେହ, ହର୍ମୋନ ଅସନ୍ତୁଳତା, ବୟସ, ଔଷଧ ଏବଂ ଡିକିପିଡିମିଆ ଏହି ରୋଗର ମୁଖ୍ୟ କାରଣ। ବହୁତ ଏହାକୁ ନେଇ ଲଜ୍ଜାବୋଧ କରୁଥିବାରୁ ଠିକ ସମୟରେ ଚିକିତ୍ସିତ ହୋଇପାରୁ ନାହାନ୍ତି ଓ ଜୀବନରେ ଦୁଃଖ, ମାନସିକ ଚାପଗ୍ରସ୍ତ ଏବଂ ପାରିବାରିକ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଅନେକ କ୍ଷେତ୍ରରେ ଏହାର ଚିକିତ୍ସା ଔଷଧ ଏବଂ ଇଞ୍ଜେକ୍ସନ ମାଧ୍ୟମରେ କରାଯାଇଥାଏ। କିନ୍ତୁ କେତେକ ରୋଗୀ ଉପୋରକ୍ତ ଚିକିତ୍ସାକୁ




ଆପଣାଇ ନଥାନ୍ତି ଏବଂ କିଛି ମଧ୍ୟ ଏହାଦ୍ୱାରା ଠିକ ହୋଇ ନଥାନ୍ତି। ଏହି ଭଳି ସମସ୍ୟାର ସମାଧାନ ଆଧୁନିକ ଚିକିତ୍ସା ପ୍ରଣାଳୀରେ ସମ୍ଭବ। ଯେଉଁଥିରେ ଏକ ପ୍ରକାର କୃତ୍ରିମ ଯନ୍ତ୍ରକୁ ଲିଙ୍ଗ ମଧ୍ୟରେ ଅସ୍ତ୍ରୋପଚାର ଦ୍ୱାରା ସ୍ଥାପିତ କରାଯାଇଥାଏ। ଏହି ଅସ୍ତ୍ରୋପଚାର ପାଇଁ ରୋଗୀ ଡାକ୍ତରଖାନାରେ ୨ରୁ ୩ଦିନ ରହିବାକୁ ପଡିଥାଏ। ଅପରେସନ ପରେ ରୋଗୀ ୩-୭ ଦିନ ମଧ୍ୟ ରେ ସ୍ୱାଭାବିକ ଅବସ୍ଥାକୁ ଆସିଯାଇଥାନ୍ତି। ରୋଗୀ ୪ରୁ ୬ ସପ୍ତାହ ପରେ ସହବାସ କରିପାରିବେ। ଏହି ଅପରେସନ ଦ୍ୱାରା ଲିଙ୍ଗ ଉପରେ କୌଣସି ମଧ୍ୟ ଦାଗ ରହେନାହିଁ। ପୁରୁଷମାନଙ୍କର ଯୌନ ସମସ୍ୟା ଦୂର କରିବା ପାଇଁ କୃତ୍ରିମ ଯନ୍ତ୍ର ଅସ୍ତ୍ରୋପଚାର ରାଜ୍ୟରେ ପ୍ରଥମ ଥର ପାଇଁ ୟୁରୋ କିଡ୍‌ନୀ କେୟାରରେ ସଫଳତାର ସହିତ କରାଯାଇଛି। ସର୍ଜରୀ ପରେ ରୋଗୀ ସୁସ୍ଥ ଅବସ୍ଥାରେ ଥିବାର ସୂଚନା ମଧ୍ୟ ମିଳିଛି। ଡା ବିଶ୍ୱଜିତ ନନ୍ଦ ଓ ଡା ସରୋଜ ପଣ୍ଡା କହିଛନ୍ତି କୃତ୍ରିମ ଯନ୍ତ୍ର ଅସ୍ତ୍ରୋପଚାର ସେହି ପୁରୁଷମାନଙ୍କ ପାଇଁ ଆଶାର ଆଲୋକ।


# ଆମ କଳାହାଣ୍ଡି

ପୃଷ୍ଠା-୧୧
Page-11
ବୁଧବାର, ୨୦ ଅଗଷ୍ଟ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର

## ଖାଦ୍ୟ ସୁରକ୍ଷା ସଚେତନତା ଶିବିର



ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଭବାନୀପାଟଣା ପୌରପାଳିକା ଅଧୀନରେ ଥିବା ଛୋଟ ଜଳଖିଆ ଦୋକାନୀ ଓ ହୋଟେଲ ମାଲିକ ମାନଙ୍କୁ ଖାଦ୍ୟ ସୁରକ୍ଷା ସମ୍ପର୍କରେ ଅଧିକରୁ ଅଧିକ ସଚେତନ କରିବା ନିମନ୍ତେ ଏକ ଖାଦ୍ୟ ସୁରକ୍ଷା ସଚେତନତା ଶିବିର ସ୍ଥାନୀୟ ଟାଉନ୍ ହଲ ଠାରେ ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା ପୌର ନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଚେତନତା ଶିବିରରେ ଖାଦ୍ୟ ସୁରକ୍ଷା ଅଧିକାରୀ ବିଶ୍ୱଜିତ ନାଇକ ଓ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଶ୍ରୀ ମହାପାତ୍ର ଉପସ୍ଥିତ ରହି ସହରରେ ଥିବା ବିଭିନ୍ନ ପ୍ରକାରର ଛୋଟ ଜଳଖିଆ ଦୋକାନୀ ଓ ହୋଟେଲ ମାଲିକମାନଙ୍କୁ ଗ୍ରାହକମାନଙ୍କ ସ୍ୱାସ୍ଥ୍ୟରକ୍ଷା ପାଇଁ କିଭଳି ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ ସେ ସମ୍ପର୍କରେ ବିଶଦ୍ ଆଲୋଚନା କରିଥିଲେ। ଜଳଖିଆ ଦୋକାନ ଓ ହୋଟେଲ ମାନଙ୍କରେ ଏକ ସୁସ୍ଥ ଓ ସ୍ୱାସ୍ଥ୍ୟକର ପରିବେଶ ବଜାୟ ରଖିବା, ଖାଦ୍ୟ ଗୁଡିକ ଉପଯୁକ୍ତ ଭାବେ ଘୋଡାଇ ରଖିବା, ଖାଦ୍ୟ ତିଆରି ସମୟରେ ଓ ପରିବେଷଣ ସମୟରେ ଏପ୍ରୋନ୍ ଓ ମାସ୍କ ବ୍ୟବହାର କରିବା, ଖାଦ୍ୟ ପାର୍ଶଲ କରିବାକୁ କୌଣସି ପ୍ରକାର ପଲିଥିନ୍ ବ୍ୟବହାର ନକରିବା କିମ୍ବା ଖବରକାଗଜରେ କୌଣସି ଖାଦ୍ୟ ବାନ୍ଧି ଗ୍ରାହକଙ୍କୁ ନଦେବା ପାଇଁ ଉପସ୍ଥିତ ମାଲିକ ମାନଙ୍କୁ ସଚେତନ କରାଯାଇଥିଲା। ଅନ୍ୟପକ୍ଷରେ କୌଣସି ଖାଦ୍ୟରେ ରାସାୟନିକ ରଙ୍ଗ ବ୍ୟବହାର ନ କରିବା, ଛଣାଯାଉଥିବା ଖାଦ୍ୟର ପୋଡା ତେଲକୁ ବାରମ୍ବାର ବ୍ୟବହାର ନକରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ବେଳେ ପତ୍ରରେ ତିଆରି ଖଲି ଦନା ମାଧ୍ୟମରେ ଗ୍ରାହକଙ୍କୁ ଖାଦ୍ୟ ପ୍ରଦାନ ସହ ସବୁବେଳେ ବିଶୁଦ୍ଧ ପାନୀୟ ଜଳ ଦେବାପାଇଁ ନିର୍ବାହୀ ଅଧିକାରୀ ଶ୍ରୀ ନାୟକ ଉପସ୍ଥିତ ଦୋକାନ ମାଲିକ ଓ କର୍ମଚାରୀ ମାନଙ୍କୁ ଅନୁରୋଧ କରିଥିଲେ।

## ବିଶ୍ୱବିଦ୍ୟାଳୟରେ ଆଣ୍ଟି ରାଗିଂ ସପ୍ତାହ ଉଦ୍‌ଯାପିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଆଣ୍ଟି ରାଗିଂ ସପ୍ତାହର ଉଦ୍‌ଯାପନୀ ଉତ୍ସବ ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ଚଳିତ ମାସ ଅଗଷ୍ଟ ୧୨ରୁ ଅଗଷ୍ଟ ୧୮ ପର୍ଯ୍ୟନ୍ତ ଆଣ୍ଟି ରାଗିଂ ସପ୍ତାହ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଭବାନୀପାଟଣାରେ ପାଳିତ ହୋଇଆସୁଥିଲା। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରେ ତଥା ସମସ୍ତ ହଷ୍ଟେଲରେ ଆଣ୍ଟି ରାଗିଂ ଉପରେ କର୍ମଶାଳା ଅନୁଷ୍ଠିତ ହେବା ସହ ପ୍ରବନ୍ଧ ଲିଖନ, ସ୍ଲୋଗାନ ଲିଖନ, ବକ୍ତୃତା, କୁଇଜ ଓ ପୋଷ୍ଟର ତିଆରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ସ୍ନାତକ ଓ ସ୍ନାତୋକତ୍ତର ଛାତ୍ରଛାତ୍ରୀମାନେ ଭାଗନେଇ ବିଶ୍ୱବିଦ୍ୟାଳୟକୁ ରାଗିଂ ମୁକ୍ତ କରିବାପାଇଁ ପ୍ରତିଜ୍ଞା କରିଥିଲେ। ଏହି ସପ୍ତାହର ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପଚାଶରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ଼ ନିବେଦିତା ନାଥ, କୁଳସଚିବ ଡ଼ ଗୁଣନିଧି ନାୟକ ଓ ଉପ-କୁଳସଚିବ ଡ଼ ମେହେର ଜୟଦେବ ସାହୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ରାଗିଂର ସଚେତନତା ନିମନ୍ତେ ଛାତ୍ରଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକାମାନେ ଏକ ବିଶାଳ ରାଲିରେ ବିଶ୍ୱବିଦ୍ୟାଳୟରୁ ବାହାରି ମାଣିକେଶ୍ୱରୀ ଛକ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଏଥିରେ ଦୁଇ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉକ୍ତ ଉଦ୍‌ଯାପନୀ ଉତ୍ସବରେ ଡ଼ ନିବେଦିତା ନାଥ ଛାତ୍ରଛାତ୍ରୀମାନଙ୍କୁ ନିଜର ଭବିଷ୍ୟତ ଗଢିବା ପାଇଁ କର୍ତ୍ତବ୍ୟ କରିବାକୁ ଉଦବୋଧନ ଦେଇଥିଲେ। କୁଳସଚିବ ଡ଼ ଗୁଣନିଧି ନାୟକ ରାଗିଂର କୁପ୍ରଭାବ ବିଷୟରେ ଆଲୋଚନା କରିଥିଲେ। ଉପ-କୁଳସଚିବ ମେହେର ଡକ୍ଟର ଜୟଦେବ ସାହୁ ଛାତ୍ରଛାତ୍ରୀମାନଙ୍କୁ ଶୃଙ୍ଖଳା ବଜାୟ ରଖି ସମସ୍ତଙ୍କ ସହ ବନ୍ଧୁତା ସ୍ଥାପନ କରିବାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବକୁ ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ଼ ସଞ୍ଜିବ କୁମାର ସାହୁ ପରିଚାଳନା କରିଥିଲେ। ଡ଼ ସୁବ୍ରତ କୁମାର ପାଣିଗ୍ରାହୀ, ଡ଼ କୁମୁଦ ଚନ୍ଦ୍ର ନାୟକ, ଡ଼ ନଳିନୀ ରଣା ଓ ବହୁ ଛାତ୍ରଛାତ୍ରୀ ଉକ୍ତ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିଲେ।

## ରିଷିଡା ଗ୍ରାମ ଉନ୍ନୟନ କମିଟିର ନୂତନ କର୍ମକର୍ତ୍ତା ଚୟନ



କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କର୍ଲାମୁଣ୍ଡା ବ୍ଲକର ପ୍ରମୁଖ ଗ୍ରାମ ରିଷିଡାର ଗ୍ରାମ ଉନ୍ନୟନ କମିଟିର ନୂତନ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି, ଉପଦେଷ୍ଟା କମିଟି ଗଠିତ ହୋଇଯାଇଛି। ସଭାପତି ନନ୍ଦକିଶୋର ରଣାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସମ୍ପାଦକ ନରୋତ୍ତମ ସେଲମା ଗତବର୍ଷର ଆୟ ବ୍ୟୟ ଉପସ୍ଥାପନ କରିଥିଲେ। ଏହାପରେ ଅନୁଷ୍ଠିତ କର୍ମକର୍ତ୍ତା ମନୋନୟନରେ ସର୍ବସମ୍ମତି କ୍ରମେ ନାରାୟଣ ରଣା ସଭାପତି, ଗୋବର୍ଦ୍ଧନ କୁମାର ଉପ ସଭାପତି, ପ୍ରେମାନନ୍ଦ ପାତ୍ର ସମ୍ପାଦକ, କରୁଣାକର ରଣା ସହ ସମ୍ପାଦକ ଭାବେ ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ କମିଟିରେ ସରପଞ୍ଚ ସେବତୀ ରଣା, ସମିତି ସଭ୍ୟ ନିମାଇଁ ଚରଣ ବେହେରା, ନାଏବ ସରପଞ୍ଚ ନରେଶ ଦାସ, ନରୋତ୍ତମ ସେଲମା, କମ୍ବୁପାଣି ସାହୁ, ସତ୍ୟନାରାୟଣ କୁମାର, ସଞ୍ଜୟ ଜୈନ, ହିମାଂଶୁ ରଣା, ସୀତାରାମ ରଣା, ରୋହିତ କୁମାର ରଣା, ଉତ୍କଳମଣି ସେଠ,ମାର୍କଣ୍ଡ ସାହୁ, ଉଦୟନାଥ ନାଏକ, ରଞ୍ଜନ ନାଏକ, ଯୁଗଳ କିଶୋର ରଣା, ଶିବାଲାଲ କେଡ଼ିଆ, ଶତ୍ରୁଘନ ରଣା, ସୁଶାନ୍ତ ମଲ୍ଲିକ, ଦେବେନ୍ଦ୍ର ଲେଙ୍କା, ତାରାଚନ ପୋଢ଼ ଓ ଉପଦେଷ୍ଟା ମଣ୍ଡଳୀରେ ନନ୍ଦକିଶୋର ରଣା, ପ୍ରମୋଦ ସାହୁ, ଲକ୍ଷ୍ମୀପ୍ରସାଦ ସେଠ, ଅନ୍ତର୍ଯ୍ୟାମୀ ସାହୁ, ଅଶୋକ କୁମାର ତ୍ରିପାଠୀ, କିଶୋର ଚନ୍ଦ୍ର ରଣା, ରାଜକିଶୋର ଜୈନ ମନୋନୀତ ହୋଇଥିଲେ। ଶେଷରେ ଅଶୋକ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗନ୍ନାଥ ସେବା ସମିତି ପକ୍ଷରୁ ୭୧ ମହିଳାଙ୍କୁ ମାଗଣା ଶାଢୀ ବଣ୍ଟନ



ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ ସେବା ସମିତି ପକ୍ଷରୁ ଅସହାୟ ଗରିବ ମହିଳାଙ୍କୁ ମାଗଣାରେ ଶାଢୀ ବଣ୍ଟନ କରାଯାଉଛି। ଆସନ୍ତା ନୂଆଖାଇରେ ଗରିବ ମହିଳାମାନେ ନୂଆ ଶାଢ଼ୀ ପିନ୍ଧି ଯେପରି ନୂଆଁ ଖାଇ ପାଳିବେ ତାହାକୁ ଦୃଷ୍ଟିରେ ରଖି ଜଗନ୍ନାଥ ସେବା ସମିତିର ଅଧକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଏଭଳି ଜନ କଲ୍ୟାଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ଧର୍ମଗଡ ବ୍ଲକ ଅନ୍ତର୍ଗତ ବିକ୍ରମଗୁଡା ଗ୍ରାମଠାରେ ପ୍ରାୟ ୭୧ଜଣ ମହିଳାଙ୍କୁ ଶାଢୀ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧର୍ମଗଡ ବିଡ଼ିଓ ସଦାଶିବ ନାୟକ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଘନଶ୍ୟାମ ଅଗ୍ରୱାଲ, ବରିଷ୍ଠ ସାମ୍ବାଦିକ ବିଦ୍ୟାଧର ସାହୁ, ସ୍ୱେଚ୍ଛାସେବୀ ମମତା କାଶ୍ୟପ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗରିବ ମହିଳା ମାନଙ୍କୁ ଶାଢୀ ପ୍ରଦାନ କରିଥିଲେ। ଆଇନଜୀବୀ ପ୍ରେମଲାଲ ସାଗର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଶ୍ଚିମ ଓଡ଼ିଶାର ଗଣ ପର୍ବ ନୂଆଖାଇ ଅବସରରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ଗରୀବ ମହିଳାଙ୍କୁ ମାଗଣାରେ ଶାଢୀ ବଣ୍ଟନ କରାଯିବା ପାଇଁ ଲକ୍ଷ ରଖାଯାଇଛି ବୋଲି ଜଗନ୍ନାଥ ସେବା ସମିତିର ଅଧକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ପ୍ରକାଶ କରିଛନ୍ତି।

## ଦୁର୍ଘଟଣାରେ ଜଣେ ଆହତ

ନର୍ଲା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅଧିନ ରୁପ୍ରାରୁ ପଲମକୁ ସଂଯୋଗ କରୁଥିବା ପିଡବ୍ଲୁଡି ରାସ୍ତାର ବେଙ୍ଗପୁଜା ଛକ ନିକଟରେ ସୋମବାର ରାତି ୮ଟାରେ ପୁଣି ଏକ ସ୍କୁଟି ଦୁର୍ଘଟଣାର ସମ୍ମୁଖୀନ ହେବାରୁ ଚାଳକ ରୁପ୍ରା ଗ୍ରାମର ବିନୋଦ ବିହାରୀ ସାହୁଙ୍କ ଏକମାତ୍ର ପୁଅ ସିଧୁ ସାହୁ ଗୁରୁତର ଆହତ ହୋଇ ଘଟଣାସ୍ଥଳରେ ପଡି ରହିଥିଲେ। ଦୁର୍ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ଖବର ପାଇ ୧୦୮କୁ ଫୋନ୍ କରିଥିଲେ ହେଁ ଆଜି ମଧ ଆମ୍ବୁଲାନ୍ସ ସେବା ମିଳିପାରି ନଥିଲା। ସୂଚନାଯୋଗ୍ୟ ଉକ୍ତ ସମାନ ସ୍ଥାନରେ ରବିବାର ଦିନ ମଧ ଏକ ବାଇକ୍ ଦୁର୍ଘଟଣାରେ ଚାଳକ ଗୁରୁତର ହୋଇଥିଲେ। ତେବେ ଆମ୍ବୁଲେନ୍ସ ସେବାରୁ ବାରମ୍ବାର ବଞ୍ଚିତ ହେଉଛନ୍ତି ଗୁରୁତର ଆହତ ବ୍ୟକ୍ତି, ଉକ୍ତ ଅଞ୍ଚଳରେ ଆମ୍ବୁଲେନ୍ସ ନ ଥିବାରୁ ଅନ୍ୟ ଅଞ୍ଚଳର ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବ ବୋଲି ଉତ୍ତର ମିଳିଥିଲା। ଫଳରେ ପରିବାର ଲୋକେ ଏକ ବୋଲେରୋ ଗାଡିରେ ଗୁରୁତର ଆହତ ଥିବା ସିଧୁ ସାହୁଙ୍କୁ ଭବାନୀପାଟଣା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ଜଣାପଡିଛି। ତେବେ ଉକ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ହେଉଥିବାରୁ ରାସ୍ତାରେ ମେଟାଲ୍ ପକାଇ ହମ୍ପସ୍ ଆକାରରେ ଥିବାରୁ ବାଇକ ଚାଳକ ମାନେ ଜାଣି ନ ପାରି ବାରମ୍ବାର ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ତେବେ ରାସ୍ତା ନିର୍ମାଣ ହୋଇଥିଲେ ହେଁ ଠିକାଦାର କୌଣସି ସୂଚନା ଫଳକ ଲଗାଇ ନାହାନ୍ତି। ସେଥିପାଇଁ ଦୁର୍ଘଟଣା ବୃଦ୍ଧି ପାଉଛି। ଏ ସମ୍ପର୍କରେ ପଲମ ଫାଣ୍ଡି ଅଧିକାରୀ ସୁବୋଧ ଫୁଲ ସୂଚନା ପାଇବା ପରେ ଠିକାଦାରଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବା ସହ ରାସ୍ତା ମରାମତି କରିବା ପାଇଁ ତାଗିଦ୍ କରିବାରୁ ଓ ସ୍ଥାନୀୟ ଲୋକେ ମଧ ଠିକାଦାରଙ୍କ କ୍ୟାମ୍ପକୁ ଯାଇ ରାସ୍ତା ମରାମତି ପାଇଁ ଦାବି କରିବାରୁ ଏବେ ମରାମତି ଚାଲିଥିବା ଜଣାପଡିଛି।

## ସଙ୍କଟରେ କଳାହାଣ୍ଡି କୁମ୍ଭକାରଙ୍କ ଜୀବନ ଜୀବିକା



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଥୁଆମୂଳା ରାମପୁର ବ୍ଲକ୍ ଗୁଣୁପୁର ପଞ୍ଚାୟତ ବାଲିସରା ଗାଁରେ କୁମ୍ଭକାରଙ୍କ ଜୀବନ ଜୀବିକା ବଡ଼ ସଙ୍କଟରେ। ୨୦୨୨ ମସିହାରେ ଓରମାସ୍ ଟେରାକୋଟା ୟୁନିଟ୍ ସ୍ଥାପନ କରାଯିବ କହି ସେମାନଙ୍କ ହାଣ୍ଡିଶାଳ ବୋଲାଉଥିବା ପୁରୁଣା କୁମ୍ଭାରଶାଳକୁ ପ୍ରଶାସନ ପକ୍ଷରୁ ଭଙ୍ଗା ଯାଇଥିଲା। ଇତି ମଧ୍ୟରେ ୩ ବର୍ଷ ବିତି ଯାଇଥିଲେ ବି ଏପର୍ଯ୍ୟନ୍ତ ଗାଁରେ ଟେରାକୋଟା ୟୁନିଟ୍ ସ୍ଥାପନ ହେଲା ନାହିଁ। ଏନେଇ ବାରମ୍ବାର ଥୁଆମୂଳା ରାମପୁର ବିଡିଓଙ୍କ ସମେତ ଜନ ଅଭିଯୋଗ ଶୁଣାଣି ଶିବିରରେ ଲିଖିତ ଅଭିଯୋଗ କଲେ ସୁଦ୍ଧା କେହି କର୍ଣ୍ଣପାତ କରୁ ନାହାଁନ୍ତି। ତେଣୁ ସୋମବାର ପଞ୍ଚାୟତର କୁମ୍ଭାରକାର ପରିବାର କଳାହାଣ୍ଡି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନାନୁଯାୟୀ, ବାଲିସରା ଗ୍ରାମବାସୀ ଟେରାକୋଟା ସଂରାମ ଉତ୍ପାଦକ ଗ୍ରୁପ୍ କରି ଗ୍ରାମର ସମସ୍ତ କୁମ୍ଭାରକାର ପରିବାର ମାଟି ସାମଗ୍ରୀ ତିଆରି କରି ପରିବାର ପ୍ରତିପୋଷଣ କରି ଆସୁଛନ୍ତି। ଗତ ୨୦୨୨ ମସିହାରେ ଓଡ଼ିଶା ଜୀବିକା ମିଶନ, ଓରମାସରୁ ଏହି ଗ୍ରାମରେ ଏକ ଟେରାକୋଟା ୟୁନିଟ୍ ସ୍ଥାପନ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଓଏଲଏମ୍‌ର ତତ୍କାଳୀନ ନିର୍ଦ୍ଦେଶକ ଜର୍ଜ କେରକେଟାଙ୍କ ପ୍ରୟାସ କ୍ରମେ ପଶ୍ଚିମ ଓଡ଼ିଶା ବିକାଶ ପାଣ୍ଠିରୁ ଏଥିପାଇଁ ଗତ ମାର୍ଚ୍ଚ ୧୬ ତାରିଖରେ ୨୫ଲକ୍ଷ ଟଙ୍କାର ଅନୁଦାନ ମଧ ଆସିଥିଲା। ପ୍ରଥମେ ଟେରାକୋଟା ୟୁନିଟ୍ ସ୍ଥାପନ ପାଇଁ ସ୍ଥାନ ଦେବାକୁ ଗ୍ରାମବାସୀଙ୍କୁ କୁହାଯାଇଥିଲା। ଗ୍ରାମବାସୀ ଆପୋଷ ବୁଝାମଣା କରିବା ପରେ ଗାଁର ନେପାଲ ନାଏକ ନିଜ ପୈତୃକ ଜମିରୁ ୧୦ ଡିସିମିଲ ଜମି ଦାନ ସୂତ୍ରରେ ସରକାରଙ୍କୁ ଦେଇଥିଲେ। ଯାହାକି ସରକାରଙ୍କ ନାଁରେ ପଞ୍ଜୀକୃତ ହୋଇସାରିଛି। ମାତ୍ର ପରବର୍ତ୍ତୀ ସମୟରେ ଟେରାକୋଟା ୟୁନିଟ୍ ସ୍ଥାପନ ନେଇ ବ୍ଲକ୍ ଉନ୍ନୟନ ଅଧିକାରୀ କିମ୍ବା ପ୍ରଶାସନ ଆନ୍ତରିକତା ଦେଖାଉନଥିବା ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ଦୀର୍ଘ ତିନି ବର୍ଷରୁ ହାଣ୍ଡିଶାଳ ଭାଙ୍ଗି ପଡ଼ିଥିବାରୁ କାମ ବାଧାପ୍ରାପ୍ତ ହୋଇଛି। ନିଜ ଘରେ ଯେଣୁ ତେଣୁ କାମ ଚଳାଇ ମାଟିପାତ୍ର ତିଆରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ବାରମ୍ବାର ବିଡିଓ ଓ ଅନ୍ୟ ଅଧିକାରୀମାନଙ୍କୁ ଗୁହାରି କରିଥିଲେ ସୁଦ୍ଧା ଫଳ ଶୂନ। ଗାଁର ଆନନ୍ଦ ଚଲାନ, ଜୟ ନାଏକ,ରତନ ଚଲାନ, ଗୋପାଳ ନାଏକ, ସଦନ ଚଲାନ, ଚନ୍ଦ୍ର ନାଏକ, ସଦା ଚଲାନ, ଅଶୋକ ନାଏକ ସମେତ ଅନ୍ୟ ଗ୍ରାମବାସୀ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଭାବେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି।

## ବିଶ୍ୱନାଥପୁର-ମୂଷାନାଳ ରାସ୍ତା ଶୋଚନୀୟ

## ନିଜସ୍ୱ ଉଦ୍ୟମରେ ରାସ୍ତା ମରାମତି କଲେ ଗ୍ରାମବାସୀ



ଲାଞ୍ଜିଗଡ୍, (ଭାସ୍କର ନ୍ୟୁଜ୍) : ଲାଞ୍ଜିଗଡ଼ ବ୍ଲକର ରାସ୍ତା ସମସ୍ୟାକୁ ନେଇ ଧିରେ ଧିରେ ଜନ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସାମ୍ବାଦିକ ସଂଗଠନ ଲାଞ୍ଜିଗଡ଼ ପ୍ରେସ କ୍ଲବର ଆବାହକତ୍ୱରେ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ଘେରାଉ କରିବାକୁ ପ୍ରସ୍ତୁତି ଚାଲିଥିବା ବେଳେ ବ୍ଲକ ବ୍ୟାପି ବିଭିନ୍ନ ସଂଗଠନ ଓ ଜନ ସାଧାରଣ ଏହି ଲଢ଼େଇରେ ସାମିଲ ହେବାକୁ ଆଗେଇ ଆସୁଛନ୍ତି। କିନ୍ତୁ ଏହା ସତ୍ୱେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର କୁମ୍ଭକର୍ଣ୍ଣ ନିଦ ଭାଙ୍ଗୁନାହିଁ। ଏପରିକି ଅସନ୍ତୁଷ୍ଟ ଲୋକେ ଆଜି ସମବେତ ହୋଇ ସବୁଠୁ ଖରାପ ହେବା ସହିତ ବିପର୍ଯ୍ୟସ୍ତ ହୋଇପଡିଥିବା ବିଶ୍ୱନାଥପୁର-ମୂଷାନାଳ ରାସ୍ତାର ଡୁମେରମୁଣ୍ଡା ନିକଟରେ ନିଜସ୍ୱ ଉଦ୍ୟମରେ ଜେସିବି ଲଗାଇ ମୁରୁମ ଓ ମେଟାଲ ପକାଇଛନ୍ତି। ସମାଜସେବୀ କିଶୋର ହରପାଲ, ହରିହର କୁମାର, ନବୀନ ବିଶ୍ୱାଳ, ଅଶୋକ ବିଭାର, ଫୁଲସର ହରିଜନ, ସାନ ମାଝୀ ପ୍ରମୁଖ ନେତୃତ୍ୱ ନେଇ ଏହି ରାସ୍ତାର ସବୁଠୁ ଅଧିକ କାଦୁଅ ହୋଇଥିବା ସ୍ଥାନରେ ମେଟାଲ ଓ ମୁରୁମ ପକାଇବା ସହିତ ଯାତାୟତ ଉପଯୋଗୀ କରିଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ ଏହି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅବହେଳାକୁ ନେଇ ଜନଆକ୍ରୋଶ ବଢ଼ିବାରେ ଲାଗିଛି। ଆଗାମୀ ଦିନରେ ଏହା ବିରାଟ ଜନ ଆନ୍ଦୋଳନର ରୂପ ନେବାକୁ ଯାଉଥିବାବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଡୁଆରେ ପଡ଼ିପାରେ ବୋଲି କୁହାଯାଉଛି।

## କାଠ ଚୋରାଚାଲାଣ: ଟ୍ରକ୍ ଜବତ, ଡ୍ରାଇଭର ଓ ହେଲପର କୋର୍ଟଚାଲାଣ




ଧର୍ମଗଡ,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବନାଞ୍ଚଳ ଅଧୀନରେ ଥିବା ବେହେରା ରେଞ୍ଜ ଡିଭିଜନ ଅନ୍ତର୍ଗତ ଗୋଡୋମୁଣ୍ଡା ରାଜୀବନଗର ଠାରେ ରବିବାର ବିଳମ୍ବିତ ରାତିରେ ବେଆଇନ ସ୍ଥାନୀୟ ଚାଷଜମିରୁ ଜଙ୍ଗଲ ବିଭାଗର ବିନା ଅନୁମତିରେ କାଠ ଚୋରା ଚାଲାଣ କରୁଥିବା ନେଇ ବନ ବିଭାଗ କୌଣସି ସୂତ୍ରରୁ ଖବର ପାଇ ସହକାରୀ ବନ ସଂରକ୍ଷକ ଓଁକାର ଦାସ, ଧର୍ମଗଡ଼ ରେଞ୍ଜର ଭବାନୀ ଶଙ୍କର କାଉର, ବେହେରା ଫରେଷ୍ଟର ରାଜେନ୍ଦ୍ର ନାଏକ ଏବଂ ବନ ବିଭାଗର କର୍ମଚାରୀଙ୍କ ସହଯୋଗରେ ଚଢାଉ କରି ଘଟଣାସ୍ଥଳରୁ କାଠ ଚୋରା ଚାଲାଣ କରୁଥିବା ଓଡ଼ି ୦୫ ଏ.ଏକ୍ସ ୫୧୬୯ ନମ୍ବର ବିଶିଷ୍ଟ ଏକ ଟ୍ରକ କାଠ ଲୋଡ଼ ସହ ଜବତ କରିବା ସହ ଡ୍ରାଇଭର ଜିତେନ୍ଦ୍ର ବିଶ୍ୱାଳ ଓ ହେଲ୍ପର ଶ୍ରୀମୟ ଦାସକୁ ଗିରଫ କରି କୋର୍ଟଚାଲାଣ କରିଥିବା ନେଇ ସୂଚନା ଦେଇଛନ୍ତି। ଜବତ କାଠର ମୂଲ୍ୟ ୧.୫ ଲକ୍ଷ ଟଙ୍କାର ବୋଲି ସୂଚନା ମିଳିଛି। ଏନେଇ ଧର୍ମଗଡ ରେଞ୍ଜ ପକ୍ଷରୁ ଏକ କାଠ ଚୋରା ଚାଲାଣ ମାମଲା କେଶ ନମ୍ବର ୩୪/୨୫ ରୁଜୁ କରି ୨ ଅଭିଯୁକ୍ତକୁ କୋର୍ଟଚାଲାଣ କରା ଯାଇଥିବା ନେଇ ଧର୍ମଗଡ ରେଞ୍ଜ ଅଧିକାରୀ ଭବାନୀ ଶଙ୍କର କାଉର ସୂଚନା ଦେଇଛନ୍ତି।


## ସ୍କୁଲ ଅନୁଦାନ ହେରଫେର ନେଇ ବିଇଓଙ୍କୁ ଦାବିପତ୍ର


କୋକସରା, (ଭାସ୍କର ନ୍ୟୁଜ୍) : କୋକସରା ବ୍ଲକ ଧନସରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଆସୁଥିବା ବିଭିନ୍ନ ଅନୁଦାନ ହେରଫେର ହୋଇଥିବା ନେଇ ସୋମବାର ସ୍କୁଲ ପରିଚାଳନା କମିଟି ପକ୍ଷରୁ ବିଇଓଙ୍କୁ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏବଂ ତଦନ୍ତ କରି ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନିରୁମଣୀ ବେମାଲ ଯୋଗଦେବା ଦିନଠାରୁ ସ୍କୁଲକୁ ଆସୁଥିବା ଉନ୍ନତି ଟଙ୍କାର ସୁବିନିଯୋଗ ହେଉ ନାହିଁ। ଏନେଇ ସ୍କୁଲ ପରିଚାଳନା କମିଟିର ସଭାପତି ଓ ସଭ୍ୟ ସଭ୍ୟାମାନେ ଖର୍ଚ୍ଚ ହୋଇଥିବା ଟଙ୍କାର ହିସାବ ମାଗିଲେ କଥାକୁ ଏଡ଼ାଇ ଦେଉଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଆଜି ସ୍କୁଲ ପରିଚାଳନା କମିଟି ସଭାପତି ହିତେଶ ଶତନାମୀ, ଉପସଭାପତି ନାରାୟଣ ବେମାଲ, ସଦସ୍ୟ ତ୍ରିଲୋକ୍ୟ ଶତନାମି, ଭଗବାନ ଶତନାମୀ ପ୍ରମୁଖ କୋକସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟିଙ୍କୁ ଲିଖିତ ଭାବେ ଅଭିଯୋଗ କରିବା ସହ ତଦନ୍ତ କରି କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ସ୍କୁଲରେ ତାଲା ପକାଇ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ଅନ୍ୟପଟେ ବିଇଓ ଶ୍ରୀଭାଟି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ କରାଯିବ ଏବଂ ରିପୋର୍ଟ ସଂଗ୍ରହ ପରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ରାଶିଫଳ


ବୁଧବାର, ୨୦ ଅଗଷ୍ଟ ୨୦୨୫


**ମେଷ:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ।


**ବୃଷ:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଲୋକମାନେ ଆପଣଙ୍କ ପରାମର୍ଶରୁ ଉପକୃତ ହେବେ।


**ମିଥୁନ:** ଶୀଘ୍ର କୈଣସି କାମ କରନ୍ତୁ ନାହିଁ। ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ।



**କର୍କଟ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ।


**ସିଂହ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ। ପେଟ ସମ୍ବନ୍ଧୀୟ ରୋଗ ହେବାର ସମ୍ଭାବନା ଅଛି।


**କନ୍ୟା:** ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଆପଣଙ୍କର ଭାବମୂର୍ତ୍ତିରେ ଉନ୍ନତି ଆଣିବାକୁ ଆପଣ ଏକ ସୁଯୋଗ ମଧ୍ୟ ପାଇପାରିବେ। ଚିନ୍ତା ସମାପ୍ତ ହୋଇପାରିବ। ଦିନଟି ଆପଣଙ୍କ ପାଇଁ ଉତ୍ସାହଜନକ ଏବଂ ମନୋରଞ୍ଜନ ଜାରି ରହିବ।


**ତୁଳା:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି।


**ବିଛା:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ। କାର୍ଯ୍ୟରେ ବାଧା ଯୋଗୁଁ ଆପଣଙ୍କ ମନୋବଳ ବିଚଳିତ ହୋଇପାରେ।


**ଧନୁ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ। ବସ୍ ସହିତ ସମ୍ପର୍କ ବିଷୟରେ ଆପଣ ଟିକିଏ ସଚେତନ ହେବା ଉଚିତ୍।


**ମକର:** ଆପଣ ଆଜି ଧର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ।


**କୁମ୍ଭ:** ଭାଗ୍ୟ ଆପଣଙ୍କ ସହିତ ରହିପାରେ। ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢିବାର ସମ୍ଭାବନା ମଧ୍ୟ ଅଧିକ।


**ମୀନ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ। ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ। ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ। ପିଲାମାନଙ୍କର ଅଗ୍ରଗତିରେ ଖୁସି ହେବେ।



ଗୁରୁ ଶ୍ରୀପତି

ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯